ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧୦/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Monday, January 10/2022 | ★★★★★★

୪୮ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଟମ୍ ଲଥାମଙ୍କ ପ୍ରଭାବୀ ବ୍ୟାଟିଂ**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଓପନର ଟମ୍ ଲଥାମ ୧୮୬ରନ କରି ଅପରାଜିତ ଅଛନ୍ତି।

୦୮

୦୪

**ଉର୍ଜିତ ପଟେଲ ଏଆଇଆଇବି ଉପାଧ୍ୟକ୍ଷ**

ଆରବିଆଇର ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କୁ ଏସିଆନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ ଏଆଇଆଇବି ଭାଇସ୍-ପ୍ରେସିଡେଣ୍ଟ ନିଯୁକ୍ତ କରାଯାଇଛି।





ଅବ୍ୟବହୃତ କୂଅରୁ ହାତୀ ଛୁଆକୁ ଉଦ୍ଧାର କରାଯାଉଛି।

# ୧୦ ଘଣ୍ଟା ପରେ କୂଅରୁ ହାତୀଛୁଆ ଉଦ୍ଧାର

**ବାରିପଦା ଅଫିସ,୯।୧**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ସୁରେଇଡିହୀ ଗ୍ରାମ ନିକଟସ୍ଥ ଚାକୁଣ୍ଡାପଦା ଅଞ୍ଚଳରେ ଥିବା କୂଅରେ ପଡ଼ିଥିବା ଏକ ହାତୀଛୁଆ ଉଦ୍ଧାର ହୋଇଛି। ଅଗ୍ନିଶମ ବାହିନୀ ଓ ବନ ବିଭାଗ ପକ୍ଷରୁ ୧୦ ଘଣ୍ଟାର ମିଳିତ ଅପରେଶନ ପରେ ଅକ୍ଷତ ଅବସ୍ଥାରେ ସେ ବାହାରକୁ ବାହାରିଥିଲା। ତେବେ ଛୁଆକୁ ଉଦ୍ଧାର କରିବା ପାଇଁ ହାତୀପଲ ପାଖ ଜଙ୍ଗଲରୁ ଡାଳ ଭାଙ୍ଗିଆଣି କୂଅରେ ପକାଉଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡରୁ ଆସିଥିବା ହାତୀପଲ ୩ ଭାଗରେ ବିଭକ୍ତ ହୋଇ ଚଳପ୍ରଚଳ କରୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ☞ପୃଷ୍ଠା-୪

# ପ୍ରବାସୀ ପୁଣି ଗାଁମୁହାଁ

***ଛଳଛଳ ଆଖି, ଅବଶ ପାଦ। ଲକ୍‌ଡାଉନ୍ ଜାରି ହେଲେ ଜୀବିକା ହରାଇବାର ଭୟ। କେବଳ ଜୀବିକା ନୁହେଁ, ସଂକ୍ରମିତ ହୋଇ ଜୀବନ ଯିବାର ଆଶଙ୍କା ବି କ୍ରମଶଃ ଦୃଢ଼ୀଭୂତ ହେବାରେ ଲାଗିଛି। ଏଥିଲାଗି ଜାତୀୟ ରାଜଧାନୀ ଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇ ସମେତ ବଡ଼ ସହରଗୁଡ଼ିକର ଷ୍ଟେଶନରେ ଲାଗିଛି ପ୍ରବାସୀ ଶ୍ରମିକଙ୍କ ଭିଡ଼। ସେମାନେ ଯେମିତି ବି ହେଉ ଗାଁକୁ ଫେରିଯିବାକୁ ବ୍ୟାକୁଳ। ନୂଆ ଭାରିଆଣ୍ଟ ଓମିକ୍ରନ୍ ଏବେ ଆଙ୍କିଛି ଏଭଳି ବିକଳ ଚିତ୍ର। ମହାମାରୀର ଲେଉଟାଣି ସହ ତୃତୀୟ ଲହର ଆଶଙ୍କା ଯୋଗୁ ବିଭିନ୍ନ ରାଜ୍ୟରେ କଟକଣା ଲାଗୁ ହେବା ପରେ ପୁଣି ଦେଖିବାକୁ ମିଳିଲାଣି ଦେଢ଼ବର୍ଷ ତଳର ସେହି ଦୃଶ୍ୟ।***



ଗାଁକୁ ପଳାୟନ କରୁଥିବା ଶ୍ରମିକମାନେ ରବିବାର ଅହମଦାବାଦ ରେଳ ଷ୍ଟେଶନରେ ଆଶ୍ରୟ ନେଇଛନ୍ତି।

**ମୁମ୍ବାଇ/ନୂଆଦିଲ୍ଲୀ,୯।୧**

୨୦୨୦ ମାର୍ଚ୍ଚ ୨୪ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହଠାତ୍ ଘୋଷଣା କରିଥିଲେ ୨୧ ଦିନିଆ ଜାତୀୟ ଲକ୍‌ଡାଉନ୍। ହୁ ହୁ ହୋଇ ବଢ଼ୁଥିବା କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ସେତେବେଳେ ନିଆଯାଇଥିବା ଏହି ପଦକ୍ଷେପ ୧୩୮ କୋଟି ଭାରତୀୟଙ୍କ ଗତିବିଧିରେ ବ୍ରେକ୍ ଲଗାଇଦେଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ପର୍ଯ୍ୟାୟରେ ତାଲାବନ୍ଦ ଅବଧିକୁ ବଢ଼ାଯାଇଥିଲା। ସରକାରୀ କଟକଣା ଯୋଗୁ କଳକାରଖାନା ଓ କାର୍ଯ୍ୟସ୍ଥଳଗୁଡ଼ିକରେ ତାଲା ଝୁଲିବା ପରେ କୋଟି କୋଟି ପ୍ରବାସୀ ଶ୍ରମିକ ଜୀବିକା ହରାଇଥିଲେ। ମୁମ୍ବାଇ ଓ ଦିଲ୍ଲୀ ସମେତ ଅନ୍ୟ ସହରଗୁଡ଼ିକରେ ଆୟର ପନ୍ଥା ନ ପାଇ ଖାଦ୍ୟ ସଙ୍କଟ ଭିତରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଜୋକୋଭିଚ୍ ବନାମ ଅଷ୍ଟ୍ରେଲିଆ




**୩୧ ଯାଏ ଆଖଣ୍ଡଳମଣି ମନ୍ଦିର ବନ୍ଦ**

ଆରଡ଼ି, (ଡି.ଏନ.ଏ.): ଭଦ୍ରକ ଜିଲା ଆରଡ଼ିର ଆଖଣ୍ଡଳମଣି ମନ୍ଦିର ରବିବାର ମଧ୍ୟରାତ୍ରରୁ ଆସନ୍ତା ୩୧ ତାରିଖ ରାତି ୧୨ଟା ଯାଏ ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ନଂ. ୫୩/ ୯।୧।୨୨ରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ସର୍ବସାଧାରଣ ଦର୍ଶନ ମନା। ପୂର୍ବପରି ସେବାୟତମାନେ ଦୈନନ୍ଦିନ ନୀତିକାନ୍ତି ଓ ସେବା ପୂଜା କରିପାରିବେ। ପୀଠରେ ଯେପରି ଶ୍ରଦ୍ଧାଳୁଙ୍କ ଭିଡ଼ ନ ହୁଏ ସେଥିପ୍ରତି ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ପୋଲିସକୁ ଦାୟିତ୍ୱ ଦିଆଯାଇଥିବା ଉପଜିଲାପାଳ ମନୋଜ କୁମାର ପାତ୍ର କହିଛନ୍ତି।

# ୯୭% ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବା ଦରକାର ପଡୁନି

ଭୁବନେଶ୍ୱର,୯।୧(ବ୍ୟୁରୋ)

**କୋଭିଡ୍ ସମୀକ୍ଷା**

- ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀଙ୍କୁ ବୁଷ୍ଟର ଡୋଜ୍ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ହେଲେ ୯୭% କୋଭିଡ୍ ସଂକ୍ରମିତଙ୍କ ପାଇଁ ହସ୍ପିଟାଲରେ ଭର୍ତ୍ତିହେବା ଦରକାର ପଡୁ ନାହିଁ। ରବିବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କରୋନା ସମ୍ପର୍କିତ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। ରାଜ୍ୟରେ କୋଭିଡ୍ ସଂକ୍ରମିତଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ବେଡ୍ ମଧ୍ୟରୁ କେବଳ ୩% ବେଡ୍, ୧୧% ଆଇସିୟୁ ଏବଂ ୩% ଭେଣ୍ଟିଲେଟର ବ୍ୟବହାର କରାଯାଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ମୋଟ୍ ୭୮୧ ଅକ୍ସିଜେନ୍ ବେଡ୍, ଶିଶୁ ରୋଗୀଙ୍କ ପାଇଁ ୧ ହଜାର ବେଡ୍, ୨୦୨୪ ଆଇସିୟୁ ଏବଂ ଏଚ୍‌ଡିୟୁ , ୮୭୪ ଭେଣ୍ଟିଲେଟର ଉପଲବ୍ଧ ରହିଛି। ୧୬,୧୧୭ ସକ୍ରିୟ ମାମଲା ରହିଥିବା ବେଳେ ୧୫,୬୪୦ଜଣ ସଂକ୍ରମିତ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି।

ରାଜ୍ୟରେ କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣକୁ ରୋକିବା ପାଇଁ ନିୟୋଜିତ ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପ୍ରାଥମିକତା ଭିତ୍ତିରେ ବୁଷ୍ଟର ଡୋଜ୍ ଦେବା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କରୋନା ସଂକ୍ରମିତ ପରିବାର ଲୋକଙ୍କ ପାଇଁ ସହାୟତା କେନ୍ଦ୍ର ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ହେଲ୍‌ପ ଡେସ୍କ ମାଧ୍ୟମରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପରିବାର ଲୋକେ ଯୋଗାଯୋଗ କରିପାରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବୈଠକରେ ଯୋଗ ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା କୋଭିଡ୍‌ର ଦ୍ୱିତୀୟ ଲହର ସମୟ ଭଳି ପ୍ରସ୍ତୁତି ତୁରନ୍ତ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଡାକ୍ତର ଅଭାବ ପୂରଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ଡାକ୍ତର ଓ ନର୍ସମାନଙ୍କୁ ନିଯୁକ୍ତି ଦେବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର, କେନ୍ଦ୍ରୀୟ ସଂସ୍ଥା ଏବଂ କୋଭିଡ୍ ହସ୍ପିଟାଲଗୁଡିକ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଉନ୍ନୟନ କମିଶନର ପ୍ରଦୀପ ଜେନା ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ସହାୟତା ସମ୍ପର୍କରେ ପଚାରି ବୁଝିବା ସହ ତାହାକୁ ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଲିନ ପଣ୍ଡିତ, ଅତିରିକ୍ତ ନିର୍ଦ୍ଦେଶକ ଉମାକାନ୍ତ ଶତପଥୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି।



ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମୀକ୍ଷା ବୈଠକ।

## ଭୁବନେଶ୍ୱରରେ ବିମାନ ଜରୁରୀ ଅବତରଣ

**ଜଣେ ଯାତ୍ରୀଙ୍କ ମୃତ୍ୟୁ**

ଭୁବନେଶ୍ୱର,୯।୧(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରବିବାର ସନ୍ଧ୍ୟାରେ ଏକ ବିମାନ ଜରୁରିକାଳୀନ ଅବତରଣ କରିଥିଲା। ବିମାନଟି ରାଞ୍ଚିରୁ ଚେନ୍ନାଇ ଯାଉଥିବାବେଳେ ଏଥିରେ ବସିଥିବା ଜଣେ ଯାତ୍ରୀ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଏ ନେଇ ପାଖରେ ବସିଥିବା ଯାତ୍ରୀମାନେ ବିମାନ କର୍ମଚାରୀଙ୍କୁ ସୂଚନା ଦେବା ପରେ ବିମାନଟିକୁ ଜରୁରିକାଳୀନ ଅବତରଣ କରାଯାଇଥିଲା। ସମ୍ପୃକ୍ତ ରୋଗୀ ଗୁରୁତର ଥିବାରୁ ତାଙ୍କୁ ବିମାନବନ୍ଦରରୁ ସିଧା କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆଙ୍କ ସୂଚନାନୁସାରେ, ରବିବାର ଏୟାର ଏସିଆର ଏକ ବିମାନ (ଆଇ୫-୧୫୩୧) ରାଞ୍ଚିରୁ ଚେନ୍ନାଇ ଯାଉଥିବାବେଳେ ବସନ୍ତ କୁମାର ପାଶ୍ୱାନ(୪୦) ନାମକ ଜଣେ ଯାତ୍ରୀଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଇଥିଲା। ଭୁବନେଶ୍ୱର ବିମାନବନ୍ଦର ନିକଟ ହୋଇଥିବାରୁ ଏଠାରେ ଜରୁରୀ ଅବତରଣ ପାଇଁ ପାଇଲଟ୍ ଏଟିସିଙ୍କ ଅନୁମତି ଲୋଡ଼ିଥିଲେ। ଅନୁମତି ପରେ ବିମାନଟି ରାତି ୭ଟା ୨୬ରେ ଅବତରଣ କରିଥିଲା। ଏହାପରେ ଯାତ୍ରୀ ଜଣଙ୍କୁ ସିଧା କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସହିତ ପରିବାରର ଆଉ ୩ ଜଣ ସଦସ୍ୟ ଥିଲେ।

## ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଶାନ୍ତ ରାଉତଙ୍କ ପରଲୋକ

ବରୀ,୯।୧(ଡି.ଏନ.ଏ.): ଚଳଚ୍ଚିତ୍ର ଓ ଧାରାବାହିକ ନିର୍ଦ୍ଦେଶକ ସୁଶାନ୍ତ ରାଉତଙ୍କ ଶନିବାର ପରଲୋକ ହୋଇଛି।



ମୃତ୍ୟୁବେଳକୁ ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ସେ ଯକୃତ ରୋଗରେ ପୀଡ଼ିତ ହୋଇ କୋଲକାତାରେ ଚିକିତ୍ସାଧୀନ ଥିଲେ। ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ମହାକାଳପଡ଼ା ପଞ୍ଚାୟତ ନିଳାପଦା ଗ୍ରାମର ସୁଶାନ୍ତ ଚଳଚ୍ଚିତ୍ରଠାରୁ ଆରମ୍ଭ କରି ଇଟିକିଲି ମିଟିକିଲି ଓ ଲିଟିଲ୍ ଷ୍ଟାର ସହ ବିଭିନ୍ନ ଧାରାବାହିକରେ ପ୍ରଯୋଜକ ଓ ନିର୍ଦ୍ଦେଶନା ଦେଇ ଓଡ଼ିଶାର ଘରେଘରେ ପରିଚିତ ହୋଇଥିଲେ। ରବିବାର ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଧାୟିକା ସୁନନ୍ଦା ଦାସ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବାଲେଶ୍ୱର ରେଳ ଡିଭିଜନ ପାଇଁ ରେଳମନ୍ତ୍ରୀଙ୍କୁ ପତ୍ର

ଭୁବନେଶ୍ୱର,୯।୧(ବ୍ୟୁରୋ)

**ନୀଳଗିରିରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ରେଳ ଲାଇନ ସମ୍ପ୍ରସାରଣ ପାଇଁ ଦାବି**



ବାଲେଶ୍ୱରରେ ରେଳ ଡିଭିଜନ ପ୍ରତିଷ୍ଠା ଓ ନୀଳଗିରିରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ରେଳ ଲାଇନ ସମ୍ପ୍ରସାରଣ କରିବାକୁ ଦାବି କରିଛି କଂଗ୍ରେସ। ଏନେଇ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟକୁ ପତ୍ର ଲେଖିଛି। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବାଲେଶ୍ୱର ଏବଂ ସମୁଦାୟ ଉତ୍ତର ଓଡ଼ିଶାର ଅର୍ଥନୈତିକ ବିକାଶ ନିମନ୍ତେ ବୃହତ୍ତର ଯୋଜନା ପ୍ରସ୍ତୁତ କରିବା ସମୟରେ ଏଠାରେ ରେଳ ଭିତ୍ତିଭୂମିର ବିକାଶକୁ ଏକ ଅଂଶ ଭାବରେ ସାମିଲ କରାଯିବା ଉଚିତ। ସମ୍ପ୍ରତି ବାଲେଶ୍ୱରରେ ରେଳ ବ୍ୟବସ୍ଥା ପରିଚାଳନା ଦାୟିତ୍ୱ ଖଡଗପୁର ଡିଭିଜନ ଅଧୀନରେ ରହିଛି। ଫଳରେ ରେଳ ମନ୍ତ୍ରଣାଳୟର ନୀତି ଏବଂ ନିବେଶ ସମ୍ପର୍କିତ ନିଷ୍ପତ୍ତିରେ ବାଲେଶ୍ୱର ଓ ଉତ୍ତର ଓଡ଼ିଶାର ସ୍ୱାର୍ଥ ସ୍ଥାନ ପାଇପାରୁନାହିଁ। ସେଥିପାଇଁ ବାଲେଶ୍ୱରରେ ଏକ ରେଳ ଡିଭିଜନ ଯଥାଶୀଘ୍ର ପ୍ରତିଷ୍ଠା କରାଗଲେ ମୃତ ଶିଳ୍ପଗୁଡିକର ସହର ଭାବରେ ପରିଚିତ ହେବାକୁ ଯାଉଥିବା ବାଲେଶ୍ୱରର ଦ୍ରୁତ ଅର୍ଥନୈତିକ ବିକାଶ ଘଟିବ।

ସେହିପରି ଉତ୍ତର ଓଡ଼ିଶାର ୮୦ କିଲୋମିଟର ଦୀର୍ଘ ବେଳାଭୂମି ସହିତ ନୀଳଗିରି ଏବଂ ମୟୂରଭଞ୍ଜ ପାର୍ବତ୍ୟାଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଏକାଠି କରିବା ପାଇଁ ନୀଳଗିରିରୁ ମୟୂରଭଞ୍ଜକୁ ରେଳ ଲାଇନ୍ ସଂଯୁକ୍ତ କରାଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ପର୍ଯ୍ୟଟନର ବିକାଶ ଘଟିବ। ତତ୍‌ସହିତ ଉଦୟପୁର ଦେଇ ଜଳେଶ୍ୱରରୁ ଦୀଘା ପର୍ଯ୍ୟନ୍ତ ଅଞ୍ଚଳରେ ଥିବା ପ୍ରସିଦ୍ଧ ଶୈବପୀଠଗୁଡିକୁ ରେଳପଥ ସଂଯୋଗ କରିବାକୁ ମଧ୍ୟ ସେ ଦାବି ରଖିବଛନ୍ତି। ସେ କହିଛନ୍ତି, ଦଶନ୍ଧି ଦଶନ୍ଧି ଧରି ଏଥିପାଇଁ କେବଳ ପ୍ରତିଶ୍ରୁତି ମିଳିଛି, କିନ୍ତୁ ତାହା ସାକାର ହୋଇପାରିନାହିଁ। ଅନୁରୂପ ଭାବରେ ରୂପ୍‌ସା-ବାଙ୍ଗିରପୋଷି ରେଳ ଲାଇନକୁ ଗୋରୁମହିଷାଣି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଅସରନ୍ତି ଆଲୋଚନା ଚାଲିଛି। ଏହା ନିର୍ମାଣ କରାଗଲେ ଜାମସେଦପୁର ସହିତ କମ୍ ଦୂରତା ବିଶିଷ୍ଟ ଯୋଗାଯୋଗ ସମ୍ଭବ ହେବ ଓ ଏହା ଏହି ଅଞ୍ଚଳର ଅର୍ଥନୀତି ପାଇଁ ବିଶେଷ ଫାଇଦା ପହଞ୍ଚାଇ ପାରିବ। ବାଲେଶ୍ୱର ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟିକରି ଅର୍ଥନୀତିକୁ ଆଗେଇ ନେବା ନିମନ୍ତେ ସୁଯୋଗ ରହିଛି। ଏ କ୍ଷେତ୍ରରେ ରେଳ ମନ୍ତ୍ରଣାଳୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ପଟ୍ଟନାୟକ କହିଛନ୍ତି।

## ଚଳନ୍ତା ଟ୍ରେନ୍‌ରୁ ଖସି ବର୍ତ୍ତିଲେ ମହିଳା, ଶିଶୁ

ବଲାଙ୍ଗୀର ଅଫିସ, ୯।୧

**ଭିଡିଓ ଭାଇରାଲ**

ରେଳଷ୍ଟେଶନରୁ ଗଡ଼ିବାକୁ ଆରମ୍ଭ କରିଥିବା ଏକ ଟ୍ରେନ୍‌ରେ ଚଢ଼ିବା ବେଳେ ଭାରସାମ୍ୟ ହରାଇ ଖସିପଡ଼ି ଜଣେ ମହିଳା ଓ ତାଙ୍କ ଶିଶୁ ବର୍ତ୍ତି ଯାଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭିଡିଓଟି ବଲାଙ୍ଗୀର ରେଳଷ୍ଟେଶନର ବୋଲି ଚର୍ଚ୍ଚା ହେଉଛି। ମହିଳା ଜଣକ ତାଙ୍କ ପିଲାକୁ କାଖେଇ ଚଳନ୍ତା ଟ୍ରେନ୍‌କୁ ଚଢ଼ିବା ଉଦ୍ୟମ କରୁଥିବାବେଳେ ପ୍ଲାଟ୍‌ଫର୍ମରେ ପଡିଯିବା ଓ ଜଣେ ସହଯାତ୍ରୀ ସେମାନଙ୍କୁ ପ୍ଲାଟ୍‌ଫର୍ମ ଉପରେ ଧରି ପକାଉଥିବା ଭାଇରାଲ ଭିଡିଓରେ ଦେଖାଯାଇଛି। ତେବେ ଟ୍ରେନ ନ ଅଟକି ଚାଲିଯାଉଥିବା ଉକ୍ତ ଭିଡିଓରେ ଦେଖାଯାଉଛି। ତେବେ ଭାଇରାଲ ଭିଡିଓଟି ଦିନେ ଦୁଇଦିନର ନ ହୋଇ ପୁରୁଣା ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ରେଳ ବିଭାଗ କର୍ମଚାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ପ୍ରତ୍ୟର୍ପଣ କଲା କୋଷ୍ଟଗାର୍ଡ



ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷୀରୁ ମତ୍ସ୍ୟଜୀବୀମାନଙ୍କୁ ହସ୍ତାନ୍ତର କରାଯାଉଛି।

ପାରାଦୀପ,୯।୧(ସ୍ୱ.ପ୍ର.)

ଗତ ଡିସେମ୍ବର ୨୬ରେ ଉଦ୍ଧାର କରାଯାଇଥିବା ୨୦ ଜଣ ବାଂଲାଦେଶୀ ମତ୍ସ୍ୟଜୀବୀ ଓ ସେମାନଙ୍କ ବୋଟ୍‌କୁ ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ରବିବାର ବାଂଲାଦେଶ କୋଷ୍ଟଗାର୍ଡ ଟିମ୍‌କୁ ପ୍ରତ୍ୟର୍ପଣ କରିଛି। କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ସରୋଜିନୀ ନାଇଡୁ ସେମାନଙ୍କୁ ନେଇ ଆଇଏମ୍‌ବିଏଲ୍(ଇଣ୍ଟରନ୍ୟାଶନାଲ ମେରିଟାଇମ ବର୍ଡର ଲାଇନ)ଠାରେ ବାଂଲାଦେଶ କୋଷ୍ଟଗାର୍ଡର ସ୍ୱାଧୀନ ବାଂଲା ଜାହାଜକୁ ହସ୍ତାନ୍ତର କରିଛି। ଏହି ସମୟରେ ସମସ୍ତ ମତ୍ସ୍ୟଜୀବୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଦର୍ଶାଯାଇଛି।

ପାରାଦୀପ-ଅସ୍ତରଙ୍ଗ ମଝି ସମୁଦ୍ର ସୀମାରେ ଉକ୍ତ ବାଂଲାଦେଶ ବୋଟ ଇତସ୍ତତଃ ବୁଲୁଥିବାବେଳେ ପାରାଦୀପର ୨ଟି ମାଛଧରା ଡଙ୍ଗା ତାକୁ ଉଦ୍ଧାର କରି ମାଛଧରା ବନ୍ଦର ପରିସରକୁ ଆଣିଥିଲା। ଉକ୍ତ ବୋଟ୍‌ରେ ଉପରୋକ୍ତ ମତ୍ସ୍ୟଜୀବୀମାନେ ଥିଲେ। ପରେ କୋଷ୍ଟଗାର୍ଡ ଓ ମେରାଇନ ପୋଲିସ ଏ ବିଷୟରେ ସବିଶେଷ ଯାଞ୍ଚ କରିଥିଲା। ଏଥିରୁ ଜଣାପଡ଼ିଥିଲା, ସମ୍ପୃକ୍ତ ବାଂଲାଦେଶ ବୋଟ୍‌ଟି ଯାନ୍ତ୍ରିକ ତ୍ରୁଟି ଯୋଗୁ ଭାରତୀୟ ସୀମାକୁପଶି ଆସିଥିଲା। ମତ୍ସ୍ୟଜୀବୀମାନଙ୍କୁ ମାନବିକତା ଆଧାରରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଥିଲା।

# ଶାଶୁଘର ଆଗରେ ଲକ୍ଷ୍ମୀପ୍ରିୟାଙ୍କ ଧାରଣା

ବ୍ରହ୍ମଗିରି, ୯।୧(ଡି.ଏନ୍.ଏ)

- ସ୍ୱାମୀଙ୍କ ସହ ରହିବା ପାଇଁ ଜିଦ୍
- ବିବାଦ ଯୋଗୁ ୫ବର୍ଷ ତଳେ ବାପଘରକୁ ଚାଲିଆସିଥିଲେ

ବ୍ରହ୍ମପୁରର ଚର୍ଚ୍ଚିତ ତପସ୍ୱିନୀ ଘଟଣା ଭଳି ପୁରୀ ଜିଲା ବ୍ରହ୍ମଗିରିରେ ରବିବାର ଏକ ଘଟଣା ଦେଖିବାକୁ ମିଳିଛି। ବିବାହର ୨୦ଦିନ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିଚ୍ଛେଦ ହୋଇଥିବା ବେଳେ ଦୀର୍ଘ ୫ବର୍ଷ ପରେ ଏବେ ସ୍ତ୍ରୀ ଅଧିକାର ଦାବି କରିବା ସହ ସ୍ୱାମୀଙ୍କୁ ନେଇ ସଂସାର ଗଢିବା ଆଶା ବାନ୍ଧି ଶାଶୁଘର ଆଗରେ ଧାରଣା ଦେଇଛନ୍ତି ଲକ୍ଷ୍ମୀପ୍ରିୟା ଦାସ।

ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ହରିଦାସ ଗ୍ରାମର ଦିବାକର ଦାସଙ୍କୁ ଲକ୍ଷ୍ମୀପ୍ରିୟା ୨୦୧୬ ମସିହାରେ ବୈଦିକ ରୀତିରେ ବିବାହ କରିଥିଲେ। ୨୦ ଦିନ ପରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଯୋଗୁ ଲକ୍ଷ୍ମୀପ୍ରିୟା ବାପଘରକୁ ଚାଲିଆସିଥିଲେ। ଏହି ସମୟରେ ଦିବାକରଙ୍କ ଘରେ ଏକ ଗାଈର ମୃତ୍ୟୁ ଘଟିଥିଲା ଓ ଶାଶୁଙ୍କ ସୁନାଗହଣା ହଜିଯାଇଥିଲା। ଏନେଇ ଲକ୍ଷ୍ମୀପ୍ରିୟାଙ୍କୁ ଦାୟୀ କରାଯାଇଥିଲା। ଶାଶୁଘର ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ଆଉ ଫେରାଇ ନେଇ ନ ଥିଲେ। ପରବର୍ତ୍ତୀ ସମୟରେ ବାରମ୍ବାର ବୈଠକ ଓ ଆଲୋଚନା ହୋଇ ୧ ବର୍ଷ ପରେ ଲକ୍ଷ୍ମୀପ୍ରିୟା ତାଙ୍କ ଶାଶୁଘରକୁ ଯାଇଥିଲେ। ତେବେ ସେଠାରେ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ଆଣି ପୁଣି ବାପଘରକୁ ଚାଲିଆସିଥିଲେ। ସେ ବାପଘରେ ରହି ଗତ ୫ବର୍ଷ ଧରି ନ୍ୟାୟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଶନିବାର ନିଜ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ତାଙ୍କୁ ମାଡ଼ ମାରି ଘରୁ ବାହାର କରିଦେବା ପରେ ସେ ରାତିସାରା ତାଙ୍କ ଦାଣ୍ଡଦୁଆରେ ଧାରଣାରେ ବସିରହିଛନ୍ତି। ଲକ୍ଷ୍ମୀପ୍ରିୟା କହିଛନ୍ତି, ସେ ତାଙ୍କ ସ୍ୱାମୀଙ୍କୁ ନେଇ ସଂସାର କରିବାକୁ ଚାହାନ୍ତି। ଯେତେଦିନ ପର୍ଯ୍ୟନ୍ତ ତାଙ୍କ ସ୍ୱାମୀ ତାଙ୍କୁ ଗ୍ରହଣ ନ କରିଛନ୍ତି, ସେତେଦିନ ଯାଏ ଏଠାରେ ଏମିତି ବସିରହିବେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଏପର୍ଯ୍ୟନ୍ତ ପୋଲିସ ପହଞ୍ଚି ନ ଥିବା ସୂଚନା ମିଳିଛି।



ଧାରଣାରେ ଲକ୍ଷ୍ମୀପ୍ରିୟା।

## ମା' ଆଖି ଆଗରେ ଭାସିଗଲେ ପୁଅ

ସମ୍ବଲପୁର,୯।୧(ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ବୁର୍ଲା ଶିବ ମନ୍ଦିରପଡା ନିକଟସ୍ଥ ପାୱାର ଚାନେଲରେ ମା' ଆଖି ଆଗରେ ଆଠ ବର୍ଷର ପୁଅ ରୋହନ ପଞ୍ଚବିହାର ଭାସିଯାଇଛନ୍ତି। ପୁଅକୁ ବଞ୍ଚାଇବା ପାଇଁ ମା' ଚୁମକି ମଧ୍ୟ ଚାନେଲକୁ ଡ଼େଇଁ ପଡ଼ିଥିଲେ। ହେଲେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗାଧୁଆ ତୁଠରେ ଥିବା ଅନ୍ୟ ଲୋକମାନେ ଚୁମକିଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ବୁର୍ଲା ଓ ସମ୍ବଲପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ରୋହନଙ୍କୁ ଖୋଜିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ନାବାଳକ ନିଖୋଜ ଥିଲେ। ଶିବ ମନ୍ଦିରପଡା ନିବାସୀ ରାଜେଶ ପଞ୍ଚବିହାରଙ୍କ ସ୍ତ୍ରୀ ଚୁମକି ଓ ରୋହନ ପାୱାର ଚାନେଲକୁ ପୂର୍ବାହ୍ନ ସାଢ଼େ ୧୦ଟାରେ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ରୋହନଙ୍କ ଗୋଡ଼ ଖସିଯାଇଥିଲା।




ବୁର୍ଲା ଶିବମନ୍ଦିରପଡା ନିକଟ ପାୱାର ଚାନେଲରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖୋଜୁଛନ୍ତି।

## ଅବଧି ବଢ଼ାଇ ଛୁଟିରେ ଡାକ୍ତର ସୁମିତ

ଆସିକା,୯।୧(ଡି.ଏନ୍.ଏ.)

**ତୁଟିଲାନି ପାରିବାରିକ ବିବାଦ**

ଡାକ୍ତର ସୁମିତ ସାହୁ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ଦାଶଙ୍କ ମଧ୍ୟରେ ଲାଗି ରହିଥିବା ପାରିବାରିକ ବିବାଦ ଥମିବାର ନାଁ ଧରୁନି। ଜିଲା ଜଜ୍ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ତପସ୍ୱିନୀ ଗତ ୬ ତାରିଖରୁ ବ୍ରହ୍ମପୁର ବ୍ରହ୍ମାନଗରସ୍ଥିତ ଶାଶୁଘରେ ରହିଥିଲେ ମଧ୍ୟ ସ୍ୱାମୀ ସୁମିତ ଘରକୁ ଫେରିନାହାନ୍ତି। ସେ ତାଙ୍କ କାର୍ଯ୍ୟସ୍ଥଳ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଡିସେମ୍ବର ୧୦ ତାରିଖ ଠାରୁ ଶାରୀରିକ ଅସୁସ୍ଥତା ଦର୍ଶାଇ ପର୍ଯ୍ୟାୟକ୍ରମେ ଛୁଟିରେ ରହିଥିଲେ। ଗତ ଶୁକ୍ରବାର ସେ କାର୍ଯ୍ୟରେ ଯୋଗ ଦେବାର ଥିଲା। ତେବେ ସେହିଦିନ ସୁମିତ ଆଉ ୧୫ ଦିନ ପାଇଁ ଛୁଟି ଅବଧିକୁ ବଢାଇଛନ୍ତି। ଏ ନେଇ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଏମ.ଭି. କେ ଅଶୋକଙ୍କୁ ପଚାରିବାରେ ଗତ ଶୁକ୍ରବାର ଡାକ୍ତର ସୁମିତ ଇ-ମେଲ ଯୋଗେ ଆଉ ୧୫ ଦିନ ଅର୍ଥାତ୍ ଆସନ୍ତା ୨୧ ତାରିଖଯାଏ ଛୁଟି ଆବେଦନ କରିଥିବା କହିଛନ୍ତି। ଉକ୍ତ ଆବେଦନକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ନିକଟକୁ ପଠାଇ ଦିଆଯାଇଥିବା ଡା. ଅଶୋକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଡିସେମ୍ବର ୩ ତାରିଖ ରାତିରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଏକାଠି ରହିବା ପାଇଁ ସୁମିତ ଓ ତପସ୍ୱିନୀ ଆସିକା ଆସିଥିଲେ। ପୋଲିସ ସୁରକ୍ଷା ମଧ୍ୟରେ ଏମାନେ ଚିନିଶିଳ୍ପ ଅତିଥି ଭବନରେ ରହିଥିବା ବେଳେ ସୁମିତ ରୀତିମତ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ କର୍ତ୍ତବ୍ୟ ସମ୍ପାଦନ କରି ଫେରୁଥିଲେ। ୭ ଦିନ ଅବଧି ସରିବାରେ ଡିସେମ୍ବର ୧୦ ତାରିଖରୁ ସୁମିତ ଆଉ ଅତିଥି ଭବନକୁ ଫେରି ନ ଥିଲେ। ସେବେଠାରୁ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଦର୍ଶାଇ ପର୍ଯ୍ୟାୟକ୍ରମେ ଛୁଟି ଆବେଦନ କରୁଛନ୍ତି।



ସୁମିତ ସାହୁ




For more information, please contact : +91 97792 14455, +91 73199 35154 (Whatsapp) / care@torquepharma.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୬୩,୬୭,୧୪୩ | ୫୫,୦୪,୧୨୧ | ୨୫,୯୧,୫୭,୬୮୨ |
| ଭାରତ | ୩,୫୫,୨୮,୦୦୪ | ୪,୮୩,୭୯୦ | ୩,୪୪,୫୩,୬୦୩ |
| ଓଡ଼ିଶା | ୧୦,୭୦,୮୬୯ | ୮୪୬୮(+୫୩) | ୧୦,୪୬,୬୧୭ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଜଳସମ୍ପଦ ମନ୍ତ୍ରୀଙ୍କୁ କରୋନା



**ଭୁବନେଶ୍ୱର, ୯।୧(ବ୍ୟୁରୋ):** ଜଳସମ୍ପଦ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି। ସେ ହୋମ୍ ଆଇସୋଲେସନରେ ରହିଛନ୍ତି ଏବଂ ଏଥି ସହିତ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କରୋନା ଟେଷ୍ଟ କରାଇ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

### ଇନ୍‌ଫର୍ମର ସନ୍ଦେହରେ ୨ ମାଓବାଦୀଙ୍କୁ ହତ୍ୟା

**ମାଲକାନଗିରି, ୯।୧ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ରେ ପୁଣି ମାଓବାଦୀଙ୍କ ବର୍ବରତା ଦେଖିବାକୁ ମିଳିଛି। ନିଜ ସଙ୍ଗଠନରେ ଥିବା ୨ ମାଓବାଦୀଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରିଛନ୍ତି। ମୃତ ଦୁଇ ମାଓବାଦୀ ହେଲେ ଭାଙ୍ଗି ପାୟାମ ଏବଂ କୁର୍ତ୍ତିବେଟି କୋୟେରାମି। ବିଜାପୁର ଜିଲା ଜଙ୍ଗଲା ଥାନା ଅଧୀନ ଜାତୀୟ ରାଜପଥଠାରୁ ୩ କି.ମି. ଦୂରରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଦୁଇ ମାଓବାଦୀ ପ୍ରଜାକୋର୍ଟରେ ପୋଲିସକୁ ସହାୟତା କରୁଥିବାରୁ ସେମାନଙ୍କୁ ହତ୍ୟା କରାଯାଇଥିବା ମାଓବାଦୀ ସଙ୍ଗଠନ ପକ୍ଷରୁ ଘଟଣାସ୍ଥଳରେ ରଖାଯାଇଥିବା ଏକ ହାତଲେଖା ଚିଠିରେ ସୂଚନା ଦିଆଯାଇଛି। ମୃତ ଦୁଇ ମାଓବାଦୀ ଦୀର୍ଘ ବର୍ଷ ଧରି ଦଘାରି ମାଓବାଦୀ ସଙ୍ଗଠନରେ ମିଲିଶିଆ ମାଓବାଦୀ ରୂପେ କାର୍ଯ୍ୟ କରୁଥିଲେ। ସେମାନଙ୍କ ନାମରେ ଅନେକ ମାମଲା ରହିଥିବା ବିଜାପୁର ଏସ୍‌ପି କମଳ ଲୋଚନ କଶ୍ୟପ ସୂଚନା ଦେଇଛନ୍ତି। ଘଟଣା ପରେ ବିଜାପୁର ପୋଲିସ ପକ୍ଷରୁ ଏହି ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋରଦାର କରାଯାଇଛି। ତେବେ ନିଜ ସଙ୍ଗଠନର ସଦସ୍ୟଙ୍କୁ ହତ୍ୟା କରିବା ପରେ ମାଓବାଦୀଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି ବୋଲି ଏସ୍‌ପି କହିଛନ୍ତି।

# ଚୂନପଥର ଉତ୍ତୋଳନକୁ ବିରୋଧ



ଏକାଠି ହୋଇଥିବା ଗ୍ରାମବାସୀ।

## ୫ ପଞ୍ଚାୟତବାସୀ ଏକାଠି

**ମାଲକାନଗିରି/ପଡ଼ିଆ, ୯।୧(ଡି.ଏନ୍.ଏ.)**

ଖଣିରୁ ଚୂନପଥର ଉତ୍ତୋଳନ ବିରୋଧରେ ମାଲକାନଗିରି ଜିଲା ସଦର ଥାନା ମାଟାପାକା ପଞ୍ଚାୟତର କତାମାଟେରୁ ଗ୍ରାମରେ ରବିବାର ୫ ପଞ୍ଚାୟତର ଦୁଇ ହଜାରରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ଅଞ୍ଚଳର ଜଳ, ଜମି ଓ ଜଙ୍ଗଲ କାହାକୁ ଦେବୁନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ମାଟାପାକା ଓ ନିଲିଗୁଡ଼ା ପଞ୍ଚାୟତର ୨୦୦ ଏକର ଜମି ମଧ୍ୟରେ ସିମେଣ୍ଟ ଖଣି କାରଖାନା ନିମନ୍ତେ ୨୦୧୫–୧୬ ରେ ଅଞ୍ଚଳବାସୀଙ୍କୁ ନ ଜଣାଇ ରାଜ୍ୟ ସରକାର ଖଣି ନିଗମ ମାଧ୍ୟମରେ ଚୂନପଥର ଖଣି ନିଲାମ କରିଥିଲେ। ନିଲାମ କରିବା ପୂର୍ବରୁ ଖଣି ନିଗମ, ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଖଣି ବିଷୟରେ କୌଣସି ଗ୍ରାମବାସୀଙ୍କୁ ଜଣାଇ ନାହାନ୍ତି କିମ୍ବା ପଲ୍ଲିସଭା କରିନାହାନ୍ତି। ବର୍ଷ ବର୍ଷ ଧରି ବସବାସ କରି ଆସୁଥିବା ଆଦିବାସୀମାନେ ଜଙ୍ଗଲ ଉପରେ ନିର୍ଭର କରିବା ସହ ସେହି ସବୁ ଅଞ୍ଚଳରେ ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ଏଭଳି ସ୍ଥିତିରେ ସରକାର ଖଣିରୁ ଚୂନପଥର ଉତ୍ତୋଳନ କରି ଗ୍ରାମବାସୀଙ୍କୁ ଏଠାରୁ ବିସ୍ଥାପିତ କରିବାକୁ ଚାହୁଁଛନ୍ତି। ଏଭଳି କଦାପି କରାଇ ଦେବୁନି ବୋଲି କାଲିମେଳା ବ୍ଲକ ଅଧ୍ୟକ୍ଷ ମାଲା ମାଡିଙ୍କ ସମେତ ବିଭିନ୍ନ ଗ୍ରାମର ମୁଖିଆ କହିଛନ୍ତି। ମାଲକାନଗିରି ଜିଲାରେ ପ୍ରଚୁର ପରିମାଣରେ ଲଘୁ ବନଜାତ ଦ୍ରବ୍ୟ ବାଦାମ, ରାଶି ଆଦି ଉତ୍ପାଦନ ହୋଇ ବାହାର ରାଜ୍ୟକୁ ରପ୍ତାନି ହେଉଥିବାବେଳେ ଏ ପର୍ଯ୍ୟନ୍ତ ସରକାର କିମ୍ବା ଜିଲା ପ୍ରଶାସନ ଏହି ଦ୍ରବ୍ୟକୁ ନେଇ କାରଖାନା କରି ପାରିଲେ ନାହିଁ। ଚାଷୀ କମ୍ ଦରରେ ବେପାରୀ ଓ ବାହାର ରାଜ୍ୟର ଲୋକଙ୍କୁ ଦେବାକୁ ବାଧ୍ୟ ହେଉଛନ୍ତି। ଚିତ୍ରକୋଣ୍ଡା ଜଳଭଣ୍ଡାର ସ୍ଥାପନ ପୂର୍ବରୁ ୯ ପଞ୍ଚାୟତର ଜନସାଧାରଣଙ୍କୁ ବିସ୍ଥାପିତ କରାଯାଇଥିଲା। ସେମାନଙ୍କୁ ଥଇଥାନ କରାଗଲା କିମ୍ବା କେଉଁଠି ଅଛନ୍ତି ତାହାର ତଥ୍ୟ ସରକାରଙ୍କ ନିକଟରେ ନାହିଁ। ସେହିପରି ଅନେକ ଗାଁକୁ ପକ୍କାରାସ୍ତା, ମୋବାଇଲ୍ ଟାୱାର ନ ଥିବାରୁ ପିଲାମାନେ ଅନ୍‌ଲାଇନ୍ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଚାଷୀ ଧାନ ବିକ୍ରି କରିବାରେ ଅସୁବିଧା ଭୋଗୁଛନ୍ତି। ଏସବୁ ସମସ୍ୟାର ସମାଧାନ ହୋଇପାରୁନାହିଁ। ତେଣୁ ରାଜ୍ୟ ସରକାର ନିଲାମ କରିଥିବା ଏହି ଖଣିକୁ ବିରୋଧ କରାଯିବା ସହ ଜଳ, ଜମି ଓ ଜଙ୍ଗଲ କାହାକୁ ଦେବୁନାହିଁ ବୋଲି ପଞ୍ଚାୟତବାସୀ କହିଛନ୍ତି। ଏଥିରେ ନିଲିଗୁଡ଼ା ସରପଞ୍ଚ ବୁଦ୍ରା କାର୍ତ୍ତାମୀ, ମାଟାପାକା ସରପଞ୍ଚ ବିନାୟକ ମାଡକାମି, ଗୋରାଖୁଣ୍ଟା ସରପଞ୍ଚ ଏରା ପଡିଆମି, ଆଇନଜୀବୀ ରାମ ପଟ୍ଟନାୟକଙ୍କ ସମେତ ମାଟେରୁ ଓ ତଣ୍ଡାପାଲ୍ଲୀ ସରପଞ୍ଚ ଉପସ୍ଥିତ ଥିଲେ।

# ୱାଣ୍ଟେଡ୍ ବ୍ରାଉନସୁଗାର ବେପାରି ପଶ୍ଚିମବଙ୍ଗରୁ ଗିରଫ

## ଟ୍ରାନ୍‌ଜିଟ ରିମାଣ୍ଡରେ ଓଡ଼ିଶା ଆଣୁଛି ଏସ୍‌ଟିଏଫ୍

**ଭୁବନେଶ୍ୱର,୯।୧(ବ୍ୟୁରୋ):** ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଜଣେ ଆନ୍ତଃରାଜ୍ୟ ବ୍ରାଉନସୁଗର ବେପାରୀଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ନଦିଆ ଜିଲା ପଲାଶୀପାର ଥାନା ଅନ୍ତର୍ଗତ ବରନାଲଦାହା ଗ୍ରାମର ଏସ୍‌କେ ଲାଲ୍ ମହମ୍ମଦ। ସେ ଓଡ଼ିଶା ଏସ୍‌ଟିଏଫ୍ ପାଇଁ ୱାଣ୍ଟେଡ୍ ଥିଲେ। ଗିରଫ ପରେ ତାଙ୍କୁ ତେହଟ୍ଟ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ୫ ଦିନିଆ ଟ୍ରାନ୍‌ଜିଟ ରିମାଣ୍ଡରେ ନେବାକୁ ଏସ୍‌ଟିଏଫ୍‌କୁ ଅନୁମତି ଦେଇଛନ୍ତି। ଅଭିଯୁକ୍ତଙ୍କୁ ଓଡ଼ିଶା ଅଣାଯିବା ପରେ କଟକ ଜିଲା ଡିଷ୍ଟ୍ରିକ୍ଟ ଏଣ୍ଡ ସିଜିନ୍ସ କୋର୍ଟରେ ହାଜର କରାଯିବ। ବ୍ରାଉନସୁଗାର ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ଆନ୍ତରାଜ୍ୟ ଚୋରା ଚାଲାଣରେ ଅଭିଯୁକ୍ତ ଏସ୍‌କେ ଲାଲ ମହମ୍ମଦଙ୍କ ହାତ ରହିଛି। ସେ ଅନେକ ଏଜେଣ୍ଟଙ୍କୁ ଓଡ଼ିଶା ପଠାଇ ବ୍ରାଉନସୁଗର ଚାଲାଣ କରୁଥିଲେ। ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ଏସ୍‌ଟିଏଫ୍ ଆଶା ରଖିଛି।

ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୦ ବିଳମ୍ବିତ ରାତିରେ କଟକ ଜିଲା ଟାଙ୍ଗୀ ଥାନା ୧୬ ନଂ. ଜାତୀୟ ରାଜପଥ ନିକଟରେ ଏସ୍‌ଟିଏଫ୍ ଚଢ଼ଉ କରି ପଶ୍ଚିମବଙ୍ଗ ମୁର୍ସିଦବାଦ୍ ଜିଲା ବେଲଡାଙ୍ଗ ଥାନା ଅଞ୍ଚଳର ବ୍ରାଉନସୁଗାର ବେପାରି ଏସ୍‌କେ ସଫିକୁଲ୍‌ଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଦେଢ଼ କୋଟି ଟଙ୍କାର ୧ କେଜି ୪୩ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା। ର୍‌ୟାକେଟର ମାଷ୍ଟରମାଇଣ୍ଡ ତଥା ଆନ୍ତଃରାଜ୍ୟ ବେପାରୀ ଏସ୍‌କେ ଲାଲ ମହମ୍ମଦଙ୍କଠାରୁ ବ୍ରାଉନସୁଗାର ଆଣିଥିଲେ ବୋଲି ସେ ପଚରାଉଚରାବେଳେ କହିଥିଲେ। ଏସ୍‌ଟିଏଫ୍ ଉଭୟଙ୍କ ନାମରେ (ନଂ.୩୫/୨୧) ମାମଲା ରୁଜୁ କରିଥିଲା। ତେବେ ଏସ୍‌କେ ସଫିକୁଲ୍ ଗିରଫ ହୋଇଥିବା ଖବର ପାଇ ମୁଖ୍ୟ ଅଭିଯୁକ୍ତ ଏସ୍‌କେ ଲାଲ ମହମ୍ମଦ ନିଜ ଅଞ୍ଚଳ ଛାଡ଼ି ଫେରାର ହୋଇଯାଇଥିଲେ। ଏସ୍‌ଟିଏଫ୍ ଏସ୍‌କେ ସଫିକୁଲଙ୍କଠାରୁ ଏସ୍‌ଟିଏଫ୍ ଠିକଣା ଆଣି ତାଙ୍କୁ ଧରିବାକୁ ସ୍ଥାନୀୟ ପୋଲିସ ସହ ନିୟମିତ ଯୋଗାଯୋଗରେ ଥିଲା। ଏସ୍‌କେ ଲାଲ ମହମ୍ମଦ ଶୁକ୍ରବାର ଘରେ ଥିବା ସୂଚନା ମିଳିବା ପରେ ସ୍ଥାନୀୟ ପୋଲିସ ସହାୟତାରେ ଏସ୍‌ଟିଏଫ୍ ବରନାଲଦାହା ଗ୍ରାମରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ବସ୍‌କୁ ଠେଲି ଗୋଡ଼ାଇଲା ଦନ୍ତା




ବସ୍‌କୁ ପଛପଟୁ ଆକ୍ରମଣ କରୁଛି ଦନ୍ତା।


**ବାରିପଦା ଅଫିସ,୯।୧**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଟିକପଦା ରାସ୍ତାରେ ରବିବାର ଯାଉଥିବା ଏକ ଯାତ୍ରୀବାହୀ ବସ୍ ପଛରେ ଦନ୍ତାହାତୀ ଗୋଡ଼ାଇବା ସହ ଠେଲି ଠେଲି ନେଇଥିଲା। ବସ୍‌ଟିର ପଛପାର୍ଶ୍ୱ ଆଂଶିକ ଭାଙ୍ଗିଯାଇଥିବା ବେଳେ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରକାଶ ଯେ, ବାଲେଶ୍ୱର ଜିଲା ଓଲମରାରୁ ଉକ୍ତ ବସ୍ ରାସଗୋବିନ୍ଦପୁର ଆସୁଥିବା ସମୟରେ ଟିକପଦାଠାରେ ଦନ୍ତାହାତୀଟି ଆକ୍ରମଣ କରିଥିଲା। ବସ୍ ପଛପାର୍ଶ୍ୱରୁ ପ୍ରାୟ ୫୦ରୁ ୧୦୦ ମିଟର ପର୍ଯ୍ୟନ୍ତ ହାତୀ ଠେଲିବାରେ ଲାଗିଥିଲା। ଏହା ଦେଖି ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିବା ସହ ଚିତ୍କାର କରିଥିଲେ। ତେବେ ବସ୍ ଡ୍ରାଇଭର ଚତୁରତାର ସହ ଗାଡ଼ିକୁ ନେଇ ପଳାଇଯିବାରୁ ଯାତ୍ରୀମାନଙ୍କର କିଛି ଅସୁବିଧା ହୋଇନାହିଁ। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ଆସୁଥିବା ହାତୀପଲ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ୍ ଦେଇ ପଡ଼ୋଶୀ ବାଲେଶ୍ୱର ଜିଲା ନୀଳଗିରି ପର୍ଯ୍ୟନ୍ତ ଯାଇଥା'ନ୍ତି। ଯିବାଆସିବା ରାସ୍ତାରେ ପଡୁଥିବା ଗ୍ରାମଗୁଡ଼ିକରେ ପ୍ରବେଶ କରି ବ୍ୟାପକ କ୍ଷତି ଘଟାଇଥାନ୍ତି। ଏପରିକି ଅନେକ ସମୟରେ ହାତୀ–ମଣିଷ ଲଢ଼େଇ ହେଉଥିବା ବେଳେ ଜୀବନ ହାନି ମଧ୍ୟ ଘଟୁଛି। ପୁଣି ଚାଷଜମି, ପରିବା ଚାଷ ଓ ଘରଦ୍ୱାର ଭାଙ୍ଗି ନଷ୍ଟ କରୁଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଜନଅସନ୍ତୋଷ ବୃଦ୍ଧି ପାଉଛି। ତେବେ ଜଙ୍ଗଲରେ ଯଥେଷ୍ଟ ଖାଦ୍ୟ ବ୍ୟବସ୍ଥା କରାଗଲେ ହାତୀ ପ୍ରବେଶକୁ ଅଟକାଯିବା ସମ୍ଭବ ହୋଇପାରନ୍ତା ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।

# ବଜ୍ରକାପ୍ତା ଶାବକ ଜନ୍ମ, ଗୁରାଣ୍ଡି ଶାବକ ମୃତ

**ବାରଙ୍ଗ,୯।୧(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନର ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ରହୁଥିବା ମାଈ ବଜ୍ରକାପ୍ତା ରବିବାର ଗୋଟିଏ ଶାବକ ଜନ୍ମ ଦେଇଛି। ତେବେ ମା'ଓ ଶାବକ ସୁସ୍ଥଥିବା ଜଣାପଡିଛି। ସେହିପରି ୩୭ନମ୍ବର(ଗ) ଏନକ୍ଲୋଜରରେ ରହୁଥିବା ଏକ ଗୁରାଣ୍ଡି ଶାବକର ମୃତ୍ୟୁ ହୋଇଛି। ମୃତ ଶାବକର ଲିଙ୍ଗ ଚିହ୍ନଟ ହୋଇ ନ ଥିବାବେଳେ ଅତ୍ୟାଧିକ ଥଣ୍ଡା ଯୋଗୁ ମୃତ୍ୟୁ ଘଟିଛି ବୋଲି ଜଣାପଡିଛି।



## ସୁପ୍ରିମକୋର୍ଟର ୪ ବିଚାରପତିଙ୍କୁ କରୋନା

ନୂଆଦିଲ୍ଲୀ,୯।୧: ସୁପ୍ରିମକୋର୍ଟର ୪ ବିଚାରପତି ଏବଂ ୫ ପ୍ରତିଶତ କର୍ମଚାରୀ କୋଭିଡ୍-୧୯ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସର୍ବୋଚ୍ଚ ଅଦାଲତର ୩୨ ବିଚାରପତିଙ୍କ ମଧ୍ୟରୁ ୪ ଜଣ ଏବଂ ୩,୦୦୦ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୧୫୦ ଜଣ କରୋନା ଆକ୍ରାନ୍ତ ହୋଇଥିବା ଜଣେ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି। କୋଭିଡ୍ ସଂକ୍ରମଣ ଭଳି କୌଣସି ଲକ୍ଷଣ ଦେଖାଦେଲେ ସୁପ୍ରିମକୋର୍ଟର ରେଜିଷ୍ଟ୍ରି କର୍ମଚାରୀ, ସହକାରୀ ଏଜେନ୍ସି କର୍ମଚାରୀ, ଆଇନଜୀବୀ ଏବଂ ସେମାନଙ୍କ କର୍ମଚାରୀମାନେ ତୁରନ୍ତ ପରୀକ୍ଷା କରାଇନେବାକୁ ପରାମର୍ଶ ଦିଆଯାଇଛି। ସଂକ୍ରମଣ ବଢ଼ୁଥିବାରୁ ଜାନୁୟାରୀ ୩ରୁ ୨ ସପ୍ତାହ ଲାଗି ଭର୍ଚୁଆଲ ମୋଡ଼୍‌ରେ ସମସ୍ତ ମାମଲାର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................

ବୟସ:............................................

ଜନ୍ମ ତାରିଖ: ....................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭେକ ଥିଲେ
ଭିକ ମିଳେ।**

ପୋଷାକ ହିଁ ବ୍ୟକ୍ତିତ୍ୱର ପରିପ୍ରକାଶ କରାଇଥାଏ। ବେଶଭୂଷାରୁ ବ୍ୟକ୍ତି ବିଷୟରେ ସ୍ୱତଃ ସମ୍ୟକ ଧାରଣା ସୃଷ୍ଟି ହୋଇଥାଏ। ପରୋକ୍ଷରେ ଯୋଗ୍ୟତା ଥିଲେ କାମର ଅଭାବ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭଉଣୀ ଘରେ ଭାଇ,
ଶ୍ୱଶୁର ଘରେ ଜୋଇଁ,
ପର ଅଇଁଠା ଖାଇ।**

ବିବାହିତା ଭଉଣୀ ଘରେ ଭାଇ ଓ ଶ୍ୱଶୁର ଘରେ ରହୁଥିବା ଜୋଇଁଙ୍କୁ କେବେ ଉପଯୁକ୍ତ ସମ୍ମାନ ମିଳି ନ ଥାଏ। ଆମ ସମାଜରେ ଏପରି ବ୍ୟକ୍ତିଙ୍କୁ ଅନ୍ୟମାନେ ଅତ୍ୟନ୍ତ ନ୍ୟୂନ ଦୃଷ୍ଟିରେ ଦେଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ମନ୍ତବ୍ୟ

"ଓମିକ୍ରନ ଆସିବା ପରେ କୋଭିଡ୍ ଚାଲିଯିବ ବୋଲି ଯଦି କେହି ମନେକରୁଥାଆନ୍ତି ତେବେ ତାଙ୍କ ଧାରଣା ଭୁଲ୍। **-ରାଜୀବ ଜୟଦେବନ, ଆଇଏମ୍‌ଏର ପୂର୍ବତନ ମୁଖ୍ୟ**

# ଉର୍ଜିତ ପଟେଲ ଏଆଇଆଇବି ଉପାଧ୍ୟକ୍ଷ

ବେଜିଂ,୯।୧

ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କୁ ଏସିଆନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ (ଏଆଇଆଇବି) ଭାଇସ୍-ପ୍ରେସିଡେଣ୍ଟ ଭାବେ ନିଯୁକ୍ତି ମିଳିଛି। ସେ ଆସନ୍ତା ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଏହି ଗୁରୁଦାୟିତ୍ୱ ତୁଲାଇବେ। ଉକ୍ତ ବହୁପାକ୍ଷିକ ଫଣ୍ଡିଂ ପ୍ରତିଷ୍ଠାନ ପକ୍ଷରୁ ଏନେଇ ରବିବାର ସୂଚନା ଦିଆଯାଇଛି। ଚାଇନା ପରେ ଭାରତ ହେଉଛି ଏଆଇଆଇବିର ଦ୍ୱିତୀୟ ସର୍ବାଧିକ ଭୋଟିଂ ଶେୟାରଧାରୀ ତଥା ପାଣ୍ଠି ଯୋଗାଣକାରୀ ସଦସ୍ୟ। ଚାଇନାର ପୂର୍ବତନ ଅର୍ଥ ଉପମନ୍ତ୍ରୀ ଜିନ୍ ଲିକୁନ୍ ଏହାର ଅଧ୍ୟକ୍ଷ ଥିବାବେଳେ ଅନ୍ୟ ୫ ଜଣ ଉପାଧ୍ୟକ୍ଷ ଅଛନ୍ତି। ବିଦାୟୀ ଭାଇସ୍-ପ୍ରେସିଡେଣ୍ଟ ଡି.ଜେ. ପାଣ୍ଡିଆନ୍‌ଙ୍କ ସ୍ଥାନରେ ଉର୍ଜିତଙ୍କୁ ଏହି ନିଯୁକ୍ତି ମିଳିଛି। ଦକ୍ଷିଣ ଏସିଆ, ପାସିଫିକ୍ ଆଇଲାଣ୍ଡସ ଏବଂ ଦକ୍ଷିଣ-ପୂର୍ବ ଏସିଆର ସୋଭରିନ୍ ଓ ନନ୍-ସୋଭରିନ୍



ଉର୍ଜିତ ପଟେଲ

ଋଣପ୍ରଦାନ ଦାୟିତ୍ୱରେ ଥିବା ଗୁଜରାଟର ପୂର୍ବତନ ମୁଖ୍ୟ ସଚିବ ଚଳିତ ମାସରେ ଭାରତକୁ ଫେରିବେ। ୨୦୧୬ ସେପ୍ଟେମ୍ବର ୫ରେ ରଘୁରାମ ରାଜନ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ପଦରୁ ଇସ୍ତଫା ଦେବା ପରେ ଉର୍ଜିତ ପଟେଲ ୨୪ତମ ଗଭର୍ନର ଭାବେ ଦାୟିତ୍ୱ ନେଇଥିଲେ। ୨୦୧୮ ଡିସେମ୍ବରରେ ଉର୍ଜିତ ବ୍ୟକ୍ତିଗତ କାରଣ ଦର୍ଶାଇ ହଠାତ୍ ଗଭର୍ନର ପଦ ଛାଡ଼ିଥିଲେ। ଉର୍ଜିତ ଏହା ପୂର୍ବରୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍), ବୋଷ୍ଟନ୍ କନ୍‌ସଲ୍ଟିଂ ଗ୍ରୁପ୍ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜରେ ମଧ୍ୟ କାର୍ଯ୍ୟ କରିଥିଲେ। ଭାରତ ୨୮ ପ୍ରକଳ୍ପ ପାଇଁ ୬.୭ ବିଲିୟନ୍ ଡଲାର ପାଣ୍ଠି ହାସଲ କରିବା ସହ ଏଆଇଆଇବିର ସବୁଠୁ ବଡ଼ ହିତାଧିକାରୀ ଭାବେ ଉଭା ହୋଇଥିବାବେଳେ ଉର୍ଜିତଙ୍କ ନିଯୁକ୍ତି ବିଶେଷ ଗୁରୁତ୍ୱ ବହନ କରିବ ବୋଲି ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ପାଣ୍ଡିଆନ୍ କହିଛନ୍ତି। ଏହାବାଦ୍ ଏଆଇଆଇବି ଏବଂ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି) ମିଳିତ ଭାବେ ଭାରତକୁ କୋଭିଡ୍-୧୯ ଭାକ୍ସିନ କିଣିବା ପାଇଁ ୨ ବିଲିୟନ୍ ଡଲାର ଋଣ ପ୍ରଦାନ କରିବାକୁ ପ୍ରକ୍ରିୟା ଚଳାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପ୍ରବାସୀ ପୁଣି ...

ନିଜ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇଯାଇଥିଲେ ଶ୍ରମିକ ଓ ସେମାନଙ୍କ ପରିବାର। ସରକାର ସେମାନଙ୍କୁ ଜରୁରୀ ସାମଗ୍ରୀ ଯୋଗାଇବା ପ୍ରତିଶ୍ରୁତି ଦେଇଥିଲେ ହେଁ ବଣ୍ଟନ ବ୍ୟବସ୍ଥା ଭୁଶୁଡ଼ିପଡ଼ିଥିବାରୁ ଅତି ଦୟନୀୟ ଭାବେ କାଳାତିପାତ କରିଥିଲେ। ହାତରେ କାମ ନାହିଁ କି ପକେଟରେ ଟଙ୍କା ନାହିଁ। ଏଭଳି ଅବସ୍ଥା ପ୍ରବାସୀଙ୍କୁ ବାଧ୍ୟ କରିଥିଲା ନିଜ ନିଜ ଗାଁକୁ ଫେରିଯିବା ପାଇଁ। ବହୁସଂଖ୍ୟକ ଶ୍ରମିକ ଶତାଧିକ କିଲୋମିଟର ଚାଲି ଚାଲି ଯାଇଥିବାବେଳେ ଅନେକେ ସାଇକେଲରେ ଘରକୁ ଫେରିଥିଲେ। ଫେରିବାବେଳେ କିଏ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗିରଫ ହୋଇଥିଲେ ତ କେହି କେହି ବାଟରେ ପ୍ରାଣ ହରାଇଥିଲେ। ବିକଳରେ ଗଣପଳାୟନର ଏହି ହୃଦୟ ବିଦାରକ ଦୃଶ୍ୟ ସେତେବେଳେ ସମସ୍ତଙ୍କୁ ବ୍ୟଥିତ କରିଥିଲା। ପଳାୟନକାରୀ ଓ ମୃତକଙ୍କ ସଂଖ୍ୟାର ହିସାବ କିନ୍ତୁ ସରକାରଙ୍କ ପାଖରେ ନ ଥିଲା। ଏବେ ଓମିକ୍ରନ୍ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ ପୁଣି ସେହି ଦୃଶ୍ୟ ଦେଖିବାକୁ ମିଳିଛି। ରବିବାର ଦେଶରେ ୧୫୯,୬୩୨ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ୨୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୫୫୨ ଓମିକ୍ରନ୍ ସଂକ୍ରମିତଙ୍କ ସହ ଦକ୍ଷିଣ ଆଫ୍ରିକୀୟ ନୂଆ ଭାରିଆଣ୍ଟରେ ଆକ୍ରାନ୍ତଙ୍କ ସଂଖ୍ୟା ୩,୬୨୩ରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଦେଶର କୋଭିଡ୍ ସ୍ଥିତିକୁ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ସ୍ଥିତି ସମୀକ୍ଷା କରିଛନ୍ତି। ସୋମବାର ପୁନଃ ସମୀକ୍ଷା ପରେ ଲକ୍‌ଡାଉନ୍ ଜାରି କରାଯିବ କି ନାହିଁ ସେନେଇ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦେଇଛନ୍ତି। ମହାରାଷ୍ଟ୍ରର ଉଦ୍ଧବ ଠାକ୍‌ରେ ସରକାର ଲକ୍‌ଡାଉନ୍ ଜାରି କରି ନ ଥିଲେ ହେଁ ଲକ୍‌ଡାଉନ୍ ଭଳି କଟକଣା ଲଗାଇଛନ୍ତି। ଏହି ସବୁ କଟକଣା ଦିଲ୍ଲୀବାସୀ ଓ ମୁମ୍ବାଇବାସୀଙ୍କ ମନରେ ଭୟ ସୃଷ୍ଟି କରିଛି। ବିଶେଷକରି ବାହାରୁ ଆସି ସେଠାରେ ମୂଲ ଲାଗୁଥିବା ଲୋକେ ବେଶି ଆତଙ୍କିତ ହୋଇପଡ଼ିଛନ୍ତି। ଯେଉଁମାନେ ପୂର୍ବ ଲକ୍‌ଡାଉନ୍‌କୁ ଅଙ୍ଗେ ନିଭାଇଛନ୍ତି ସେମାନେ ଏବେ ନିଜ ଗାଁକୁ ଫେରିବା ପାଇଁ ବାହାରିଛନ୍ତି। ଉତ୍ତର ପ୍ରଦେଶର ହେମନ୍ତ ମୌର୍ଯ୍ୟ ଦିଲ୍ଲୀରୁ ଗତ ୬ ତାରିଖରେ ଘରକୁ ଫେରିଯାଇଛନ୍ତି। ଗତଥର ଭଳି ଅବସ୍ଥା ନ ଭୋଗିବା ପାଇଁ ସେ ଫେରିଯାଇଥିବା କହିଛନ୍ତି। କେବଳ ହେମନ୍ତ ନୁହନ୍ତି, ୟୁପିର ଗୋଣ୍ଡା ଜିଲା ବାସିନ୍ଦା ୩୩ ବର୍ଷୀୟ ରାଜୁ ମଧ୍ୟ ଅର୍ଥାଭାବରେ ପିଲାଛୁଆଙ୍କୁ ଧରି ଗାଁକୁ ଫେରିଛନ୍ତି। କର୍ଫ୍ୟୁ ଅବଧି ନ ବଢ଼ିଲେ ଦିଲ୍ଲୀକୁ କାମ କରିବା ପାଇଁ ଯିବେ ବୋଲି ସେ କହିଛନ୍ତି। ବିହାରର ମୋତିହାରି ବାସିନ୍ଦା ଅଶୋକ ତିୱାରୀ ଦିଲ୍ଲୀରେ ଅଟୋ ଚଳାଉଥିଲେ। ସେ ବି ଲକ୍‌ଡାଉନ୍ ଭୟରେ ଅଟୋରେ ପରିବାର ଧରି ଫେରିଗଲେ। ମହାରାଷ୍ଟ୍ରରେ ଲକ୍‌ଡାଉନ୍ ଲାଗିବ ବୋଲି ଗୁଜବ ସୃଷ୍ଟି ହେଉଥିବାରୁ ଲୁଗା ଓ ପ୍ଲାଷ୍ଟିକ୍ ଫ୍ୟାକ୍ଟ୍ରିଗୁଡ଼ିକରେ କାମ କରୁଥିବା ୟୁପି ଏବଂ ବିହାରର ବହୁସଂଖ୍ୟକ ଶ୍ରମିକ ନିଜ ରାଜ୍ୟକୁ ଫେରିଗଲେଣି। ମୁମ୍ବାଇର ଏକ କାରଖାନାରେ ପୁଅ କାମ କରୁଥିବାରୁ ବିହାରର ଅରୱାଲ ଜିଲା ରାମପୁର ନିବାସୀ ଦୟାମୁନି ଦେବୀ କହିଛନ୍ତି, ଆଉ ଥରେ ଲକ୍‌ଡାଉନ୍ ନ ହେଉ। ପୁଅ ଭଲରେ ଥାଉ। ମୁଁ ବୋହୂ ଖୋଜୁଛି।

### ଭାରତରେ ଲକ୍‌ଡାଉନ୍

ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ୍ ଏପ୍ରିଲ୍ ୧୪ରେ ଶେଷ ହୋଇଥିବାବେଳେ ୧୫ ତାରିଖରୁ ମେ' ୩ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି କରାଯାଇଥିଲା। ସେହିପରି ମେ' ୪ରୁ ୧୭ ତାରିଖ ତୃତୀୟ ଓ ମେ' ୧୮ରୁ ୩୧ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି କରାଯାଇଥିଲା। ୨୦୨୦ରେ ସମୁଦାୟ ୬୮ ଦିନ ଲକ୍‌ଡାଉନ୍ ରହିଥିଲା। ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ଅନେକ ପର୍ଯ୍ୟାୟରେ ଅନ୍‌ଲକ୍ କରାଯାଇଥିଲା। ୨୦୨୧ରେ ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣ ଭୟାବହ ରୂପ ଧାରଣ କରିଥିବାବେଳେ ଫେବୃୟାରୀ ଶେଷରୁ ଜୁନ୍ ୧୫ ମଧ୍ୟରେ ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଲକ୍‌ଡାଉନ୍ ଜାରି କରିଥିଲେ। ଫଳରେ ଆର୍ଥିକ ଗତିବିଧି ବହୁଳ ଭାବେ ପ୍ରଭାବିତ ହୋଇଥିଲା।

### ୧୦ ଘଣ୍ଟା ପରେ ...

ବାହାରିଥିବା ଏକ ୫ ଟିକିଆ ହାତୀପଲରେ ଗୋଟିଏ ଦନ୍ତା, ୨ଟି ମାଈ ଓ ଦୁଇଟି ଛୁଆହାତୀ ଥିଲେ। ଶନିବାର ବିଳମ୍ବିତ ରାତିରେ ହାତୀପଲ ସୁରେଇଡିହୀ ଗାଁ ଭିତର ଦେଇ ଯାଉଥିବା ବେଳେ ଭୁଟା ପାତ୍ରଙ୍କ ଘର ପାଖରେ ଖୋଳା ଯାଇଥିବା କୂଅରେ ୬ ମାସର ହାତୀଛୁଆଟି ଖସିପଡ଼ିଥିଲା। ଛୁଆକୁ ଉଦ୍ଧାର କରିବା ପାଇଁ ହାତୀପଲଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିଲା। ଭୁଟା ପାତ୍ରଙ୍କ ସହ ଲକ୍ଷ୍ମଣ ମହାନ୍ତ, କାମେଶ୍ୱର ମହାନ୍ତ, ଦଶରଥ ମହାନ୍ତ, ନୀଳକଣ୍ଠ ପାତ୍ର, ଜନନୀ ପାତ୍ର ଓ ବୈକୁଣ୍ଠ ପାତ୍ରଙ୍କ ଘରକୁ ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି କରିଥିଲେ। ହାତୀଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଜୀବନ ବିକଳରେ ଘର ଛାଡ଼ି ପଳାଇଥିଲେ। ସୁରକ୍ଷିତ ସ୍ଥାନକୁ ଯାଇ ସେମାନେ ବନ ବିଭାଗକୁ ଖବର ଦେବା ପରେ ବିଭାଗୀୟ କର୍ମଚାରୀଙ୍କ ସମେତ ବାରିପଦା ଓ ଚିତ୍ରଡ଼ାରୁ ଦୁଇଟି ଦମକଳ ବାହିନୀ ପହଞ୍ଚିଥିଲେ। ହାତୀପଲ ଛୁଆକୁ ନ ପାଇ ଉଗ୍ରରୂପ ଧାରଣ କରିଥିଲେ। ଉଦ୍ଧାର ଲାଗି ଯାଉଥିବା ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇବା ସହ ସେମାନଙ୍କ ଗାଡ଼ିକୁ ଭାଙ୍ଗିରୁଜି ରାସ୍ତାତଳକୁ ଖସାଇ ଦେଇଥିଲେ। ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାରୁ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲା। ରବିବାର ସକାଳ ପର୍ଯ୍ୟନ୍ତ ହାତୀପଲ ସେଠାରୁ ନ ଯାଇ ଛୁଆକୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଥିଲେ। କିଛି ସମୟ ପାଇଁ ହାତୀପଲ ସେଠାରୁ ଚାଲିଯିବା ପରେ ଦମକଳ ବାହିନୀ କୂଅରେ ପାଣି ଭର୍ତ୍ତି କରିଥିଲା। ପାଣି ଭର୍ତ୍ତି ହେବା ସମୟରେ ହାତୀପଲ ପହଞ୍ଚି ଛୁଆକୁ ଶୁଣ୍ଢରେ ଟାଣି ନେଇଥିଲେ। ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ, ଏସିଏଫ୍ ରବୀନ୍ଦ୍ର ନାଥ ମହାନ୍ତି, ରାସଗୋବିନ୍ଦପୁର ରେଞ୍ଜର ଓ ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ଖୋଳା ଯାଇଥିବା କୂଅରେ ମାଟି ଭର୍ତ୍ତି କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ତେବେ ହାତୀ ଓ ମଣିଷଙ୍କ ସୁରକ୍ଷା ନିମନ୍ତେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ଚନ୍ଦ୍ର ଦ୍ୱାଦଶସ୍ଥ ହେତୁ ମନରେ ବିଭିନ୍ନ ଆଶଙ୍କା ଓ ସନ୍ଦେହ ଉଙ୍କି ମାରିବ। ସଭାସମିତିରେ ବନ୍ଧୁମାନଙ୍କୁ ସୁଚିନ୍ତିତ ପରାମର୍ଶ ଦେଇ ପ୍ରଶଂସିତ ହେବେ। ଶନିଙ୍କ କୁପ୍ରଭାବରୁ ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ବିତର୍କର ସମ୍ଭାବନା ରହିଛି। ଯାନବାହନ, ନିର୍ମାଣ, ଘର ସାଜସଜ୍ଜା କିମ୍ବା ମରାମତି କାମରେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ।

**ବୃଷ**: ଏକାଦଶ ଚନ୍ଦ୍ର ହେତୁ ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। ପାରିବାରିକ ଓ କର୍ମକ୍ଷେତ୍ରରେ ଅସ୍ଥିରତା ସହ ବିବାଦୀୟ ପରିସ୍ଥିତି ସୃଷ୍ଟି ସମ୍ଭାବନା ରହିଛି। ସ୍ୱାସ୍ଥ୍ୟହାନି, ଖର୍ଚ୍ଚାନ୍ତ, ବୃଥାଭ୍ରମଣଜନିତ ଅଶାନ୍ତି ସୃଷ୍ଟି କରିପାରେ। ପ୍ରକାଶନ, ପ୍ରଶାସନ, ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନରେ ସମର୍ଥ ହେବେ।

**ମିଥୁନ**: ବୁଧଗ୍ରହ ବନ୍ଧୁଙ୍କ ସହ ମତାନ୍ତର ସହ ସ୍ନାୟବିକ ଦୁର୍ବଳତା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ସୁଚାରୁରୂପେ ସମ୍ପାଦନ କରିବେ। ସଭାସମିତିରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ପରିମାଣ ବଢିଯିବାରୁ ମାନସିକ ସ୍ଥିତି ବିଗିଡି ଯାଇପାରେ।

**କର୍କଟ**: କର୍ମସ୍ଥାନରେ ଚନ୍ଦ୍ରଙ୍କ ଅବସ୍ଥିତି ଦୈହିକ ଓ ମାନସିକ ସ୍ଥିତିକୁ ସ୍ଥିରତା ପ୍ରଦାନ କରିବ। ପ୍ରତ୍ୟେକ କାମ ବିନା ବାଧାବିଘ୍ନରେ ସମାପନ କରିବେ। ପ୍ରଶାସନିକ ସ୍ତରରେ ଉଚ୍ଚପଦବୀ, ସମାଜରେ ପ୍ରତିଷ୍ଠା, ବନ୍ଧୁବର୍ଗରେ ଆଦର ସମ୍ମାନ ପ୍ରାପ୍ତି ହୋଇପାରେ। ଆର୍ଥିକ ଅନଟନଜନିତ କୌଣସି ସମସ୍ୟାର ସମ୍ମୁଖୀନ ହେବାର ସୂଚନା ରହିଛି।

**ସିଂହ**: ବିବାଦୀୟ ଘଟଣାର କୌଣସି ନିଷ୍କର୍ଷ ବାହାରି ପାରିବ ନାହିଁ। ଅତି ଭଲ ସମ୍ପର୍କ ଥିଲେ ମଧ୍ୟ ଆତ୍ମୀୟମାନେ ଚେର କାଟିଲା ଭଳି କାମ କରିପାରନ୍ତି। ଅର୍ଥ ସମ୍ପର୍କିତ କଥାବାର୍ତ୍ତା, ବ୍ୟବସାୟିକ ସମ୍ପର୍କ, ଗବେଷଣା, ଅନୁସନ୍ଧାନ ଓ ବିଦେଶଯାତ୍ରା ସୁଯୋଗ ପାଇପାରନ୍ତି। ସମସ୍ୟା ମୁକାବିଲାରେ ସମର୍ଥ ହେବେ।

**କନ୍ୟା**: ଆଜି ଅର୍ଥଲାଭ ସାଙ୍ଗକୁ ବନ୍ଧୁଙ୍କ ସହ ସଦ୍‌ଭାବ ବୃଦ୍ଧି ପାଇବ। କୌଣସି କର୍ମଚାରୀଙ୍କୁ କଟୁ କଥା କହି ନିଜେ ହିଁ ସମାଲୋଚିତ ହୋଇପାରନ୍ତି। ପାରିବାରିକ ସମସ୍ୟା, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ। କଳା, କାରିଗରି, ସାହିତ୍ୟଚର୍ଚ୍ଚା, ସଙ୍ଗୀତ ସମାରୋହ ପ୍ରଭୃତି କ୍ଷେତ୍ରରେ ସଫଳତାର ସୂଚନା ମଧ୍ୟ ରହିଛି।

**ତୁଳା**: କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତ ଫଳ ପାଇବେ। ପାରିବାରିକ ଓ ପରିବହନରେ ଝଗଡା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଆଦି ବ୍ୟତିକ୍ରମକୁ ସୁଧାରି ନେବେ। ଗୁପ୍ତ ଶତ୍ରୁମାନେ ଖାଲରେ ପକାଇବାକୁ ଚେଷ୍ଟା କଲେ ମଧ୍ୟ କିଛି କରିପାରିବେ ନାହିଁ।

**ବିଛା**: ସନ୍ଦେହଜନିତ ଭୁଲ ବୁଝାମଣା, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟ ଓ ପରିବହନରେ ଝଗଡାରୁ ରକ୍ଷା ମିଳିବ ନାହିଁ। ଆର୍ଥିକ ସ୍ଥିତି ଦୁର୍ବଳ ରହିଲେ ମଧ୍ୟ କୌଣସି କାମ ବାଧାପ୍ରାପ୍ତ ନ ହୋଇପାରେ। ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ସମୟ ଅତିବାହିତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଆଇନ ଅଦାଲତ ଓ ପ୍ରତିଯୋଗିତାରେ ସଫଳତା ପାଇବେ।

**ଧନୁ**: ଆଜି ଆନୁଷ୍ଠାନିକ କାମ, ଗଠନମୂଳକ କାର୍ଯ୍ୟ ଓ ରାଜନୈତିକ ସ୍ଥିତି ବେଶ୍ ଅନୁକୂଳ ରହିବ। ଗୃହ, ଭୂମି, ଗାଡିମୋଟର ସମ୍ବନ୍ଧୀୟ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମାଧାନ ହୋଇଯିବ। ଭାବପ୍ରବଣବଶତଃ ମାନସିକ ଦୁର୍ବଳତା ପ୍ରତ୍ୟେକ କ୍ଷେତ୍ରକୁ ମନ୍ଥର କରିବ। ଶେୟାରବଜାର, ରପ୍ତାନି ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**ମକର**: ପାରିବାରିକ ଜୀବନ, ସାମାଜିକ ସ୍ଥିତି, ଯାନବାହନ, ଲୋକସମ୍ପର୍କ କ୍ଷେତ୍ର ଭଲ ରହିବ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ବନ୍ଧୁଙ୍କ ସାହାଯ୍ୟ ଅନୁଭବ କରିବେ। ପୂର୍ବପରିକଳ୍ପିତ ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ଆବଶ୍ୟକତାନୁସାରେ ଘରର ବରାଦାନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**କୁମ୍ଭ**: ଦୈହିକ ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିଲେ ମଧ୍ୟ କର୍ମକ୍ଷେତ୍ର ଓ ଲୋକସମ୍ପର୍କରେ ଅବନତି ପରିଲକ୍ଷିତ ହେବ। ଭୁଲ ବୁଝାମଣାଜନିତ ପାରିବାରିକ ଓ ସାମାଜିକ ସ୍ଥିତି ଦୁର୍ବଳ ହେବ। ମାଲିମକଦ୍ଦମା, ପ୍ରଶାସନିକ ସ୍ତର, କଳା, ସାହିତ୍ୟରେ ସୁଫଳ ପାଇବେ। ପ୍ରଶାସନ, ପ୍ରକାଶନ, ନିର୍ମାଣ, ଆମଦାନୀ,ରେଷ୍ଟୁରାଣ୍ଟ, ହୋଟେଲ ଶିଳ୍ପ ବହୁତ ଭଲ ରହିବ।

**ମୀନ**: ବନ୍ଧୁ ଓ ଆତ୍ମୀୟଙ୍କ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଲେ ସଫଳତା ଅବଶ୍ୟ ପାଇବେ। ରାଜନୈତିକ ସ୍ଥିତି ଉନ୍ନତ ମାନର ରହିବା ସହ ପ୍ରଶାସନିକ ସ୍ଥିରତା ଆଣିବାରେ ସଫଳ ହେବେ। ଦକ୍ଷତାଭିତ୍ତିକ କୃତୀ ଓ କୃତିତ୍ୱରୁ ମଧ୍ୟ ପ୍ରଶଂସିତ ହେବାର ଆଶା କରାଯାଇପାରେ।


# classifieds Everyday
0674-2580101, 2549302

real estate

**SALE**

Plot for sale at Chhatabar per sq.ft @99/-. 8249017091, 9937816565. D-22771

ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166. D-71767

Property for sale at Badambadi Cuttack, commercial building (total built-12300 Sqft., 32 rooms with attached Bath) Land-3500 sqft. Contact: P. Swain 08249436455. D- 22747

**Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952.** D-71772

**ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର Oxford College ଛକ ମୁଖ୍ୟ ପିଚୁରାସ୍ତାକୁ ଲାଗି residential/ commercial ଘରବାଡ଼ି ପ୍ଲଟ୍ sqft.- 800/- ବିକ୍ରିହେବ। 6370025920, 9937674302.** D-71774

ଭୁବନେଶ୍ୱର ଉତ୍ତରା କୃପାଜଳ କଲେଜ ପାଖରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-71927

**ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 500 Mtr. ଦୂରରେ 30' Road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ sqft. 330/- 630/- ମିଳୁଛି । 8249243709, 7894433357.** D-71756

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**20 Gharabari developed plots, 30' internal road, Deras Dam 1k.m. Vikash Residential School side sqft.- 800/- with registration, mutation 5' boundary. Contact: 7008105759.** D-71768

Bhubaneswar CRPରୁ ୧୨ କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ ୬୫୦/-, ୯୦୦/-, ୧୫୫୦/-, ୪୦୦/- ବିକ୍ରିହେବ। 9938016295. D-71770

Duplex Ready to move near Vani Vihar University. 1.03 Crore, Visit: tinyurl.com/ BBSR2 or call 943-731-3333, 943-887-4333. D-22773

construction

**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71843

Newly open herbal full body massage center (expert therapist). 8280782273. D-71466

Newly opening SPA positively health benefits with expert therapist. 8917332216. D-71928

Ayurvedic full body massage, refresh your mind relaxed by expert lady therapist. Contact: 8480939300. D-22667

Newly Open Saikrupa Panchakarma Spa positively health benefits with expert. 8984068077. D-22723

Newly open full body massage ladies and gents. 8327740003, 8455985899. D-71845

Newly open Spa New Year Dhamaka @699/, smart therapist. 7846814019. D-71464

Newly open Spa Offer Price 599/-, positively health benefits. 8455987557. D-71463

One hour any therapy by expert therapist @999 only. 9078484455. D-71465

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

### ନୋଟିସ୍

ମାନ୍ୟବର ଅତିରିକ୍ତ ଆୟୁକ୍ତ
ରାଜସ୍ୱ ପର୍ଷଦ, ଓଡ଼ିଶା,
ଭୁବନେଶ୍ୱର ମହୋଦୟ
ଅଦାଲତ ନଂ.- ୩ ଇଜିଲାସ୍,
୪ର୍ଥ ମହଲା, ହେଡ୍ସ ଅଫ୍
ଡ଼ିପାର୍ଟମେଣ୍ଟ ବିଲ୍ଡିଙ୍ଗ୍,
ଭୁବନେଶ୍ୱର OSS Case
No.- 602 of 2015

ବିବିମଣି ଦେବୀ, ପିତା: ୰ଗଙ୍ଗାଧର ପଣ୍ଡା, At/PO.- ବିମାନ ବଡୁ ସାହି, ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଓଡ଼ିଶା

ବାଦୀ....

ବନାମ

୧୧. ବେଙ୍ଗ ବେହେରା, ସ୍ୱାମୀ: ୰ମନି ବେହେରା, ୧୬. ଭୋଳା ବେହେରା, ପିତା: ୰ଗଙ୍ଗା ବେହେରା

....ପ୍ରତିବାଦୀ

ଏତଦ୍ୱାରା ପ୍ରତିବାଦୀ ନଂ.- ୧୧ ଓ ୧୬ ମାନଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯେଉଁ ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.- ୩ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା ୧୦।୦୫।୨୦୨୨ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ:

ମୌଜା: ଜୟଦେବ ବିହାର, ସହର ୟୁନିଟ୍ ନଂ.- ୧୬, ହାଲ୍ ଥାନା: ନିୟୁ କ୍ୟାପିଟାଲ୍, ନଂ.- ୩୩

ସାବକ ଖାତା ନଂ.- ୨୬୨, ପ୍ଲଟ୍ ନଂ.- ୭୫୯ (ଅଂଶ), ଏରିଆ ଏ୦.୦୨୩ଡ଼ି, ସମୁଦାୟ ୦.୩୮୦ଡ଼ି, ସ୍ୱତ୍ୱ: ସ୍ଥିତିବାନ୍, ହାଲ୍ ଖାତା ନଂ.- ୩୫୮, ପ୍ଲଟ୍ ନଂ.- ୨୪୯, ଏରିଆ: ଏ୦.୦୨୩ ଡ଼ି, ସମୁଦାୟ ୦.୧୪୨ଡ଼ି, ସ୍ୱତ୍ୱ: ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀ ନଂ.- ୧୧ ଓ ୧୬ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ମାନ୍ୟବର ଅତିରିକ୍ତ ଆୟୁକ୍ତ
ଡିଭିଜନ୍ ଅଦାଲତ ନଂ.-୩
ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର

ଧ-୨୨୭୯୨

### ନୋଟିସ୍

ମାନ୍ୟବର ଅତିରିକ୍ତ ଆୟୁକ୍ତ
ରାଜସ୍ୱ ପର୍ଷଦ, ଓଡ଼ିଶା,
ଭୁବନେଶ୍ୱର ମହୋଦୟ
ଅଦାଲତ ନଂ.- ୩ ଇଜିଲାସ୍,
୪ର୍ଥ ମହଲା, ହେଡ୍ସ ଅଫ୍
ଡ଼ିପାର୍ଟମେଣ୍ଟ ବିଲ୍ଡିଙ୍ଗ୍,
ଭୁବନେଶ୍ୱର OSS Case
No.- 603 of 2015

ବିବିମଣି ଦେବୀ, ପିତା: ୰ଗଙ୍ଗାଧର ପଣ୍ଡା, At/PO.- ବିମାନ ବଡୁ ସାହି, ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଓଡ଼ିଶା

ବାଦୀ....

ବନାମ

୧. ବାଞ୍ଛାନିଧି ଭୋଇ, ପିତା: ୰ବୀର ଭୋଇ,

....ପ୍ରତିବାଦୀ

ଏତଦ୍ୱାରା ପ୍ରତିବାଦୀ ନଂ.- ୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯେଉଁ ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.- ୩ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା ୧୦।୦୫।୨୦୨୨ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ:

ମୌଜା: ଜୟଦେବ ବିହାର, ସହର ୟୁନିଟ୍ ନଂ.- ୧୬, ହାଲ୍ ଥାନା: ନିୟୁ କ୍ୟାପିଟାଲ୍, ନଂ.- ୩୩

ସାବକ ଖାତା ନଂ.- ୧୮୮, ପ୍ଲଟ୍ ନଂ.- ୭୫୪ (ଅଂଶ), ଏରିଆ ଏ୦.୦୧୩ଡ଼ି, ସମୁଦାୟ ଏ ୨.୦୭୫ଡ଼ି, ସ୍ୱତ୍ୱ: ସ୍ଥିତିବାନ୍, ହାଲ୍ ଖାତା ନଂ.- ୨୪୬, ପ୍ଲଟ୍ ନଂ.- ୨୪୩, ଏରିଆ: ଏ୦.୦୧୩ ଡ଼ି, ସମୁଦାୟ ଏ ୦.୩୫୨ଡ଼ି, ସ୍ୱତ୍ୱ: ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀ ନଂ.- ୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ମାନ୍ୟବର ଅତିରିକ୍ତ ଆୟୁକ୍ତ
ଡିଭିଜନ୍ ଅଦାଲତ ନଂ.-୩
ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର

ଧ-୨୨୭୯୩

# ମୁଖ୍ୟମନ୍ତ୍ରୀ ଚେହେରା ବିନା ଲଢ଼ିବ କଂଗ୍ରେସ

## ୫ ରାଜ୍ୟ ବିଧାନସଭା ନିର୍ବାଚନ

ନୂଆଦିଲ୍ଲୀ,୯।୧

୫ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ବିଗୁଲ ବାଜିସାରିଛି। ଏଥିପାଇଁ ସବୁ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ହେଲେ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆରେ ବିନା ମୁଖ୍ୟମନ୍ତ୍ରୀ ଚେହେରାରେ କଂଗ୍ରେସ ନିର୍ବାଚନ ଲଢ଼ିବାକୁ ଯାଉଛି।

ରିପୋର୍ଟ ଅନୁସାରେ ନିର୍ବାଚନ ହେବାକୁ ଥିବା ୫ଟି ଯାକ ରାଜ୍ୟରେ ଭୋଟ ସରିଲେ କଂଗ୍ରେସ ଯେଉଁଠି କ୍ଷମତାକୁ ଆସିବ ସେଇଠି ମୁଖ୍ୟମନ୍ତ୍ରୀ ବାଛିବ। ଅର୍ଥାତ୍ ଦଳୀୟ ହାଇକମାଣ୍ଡଙ୍କ ସମ୍ମତି କ୍ରମେ ବିଧାୟକ ଦଳ ଏହାର ନେତା ବାଛିବ। ପଞ୍ଜାବ ଓ ଉତ୍ତରାଖଣ୍ଡର କଂଗ୍ରେସ ନେତାମାନେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଉ ବୋଲି ଚାହାନ୍ତି। ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ୍‌ଙ୍କ ସମର୍ଥକ ତାଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା କରାଯାଉ ବୋଲି ଦାବି କରୁଛନ୍ତି। ସେହିପରି ପଞ୍ଜାବ କଂଗ୍ରେସ ନବଜୋତ୍ ସିଂ ସିଦ୍ଧୁଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା କରାଯାଉ ବୋଲି ଚାହୁଁଛି। କିନ୍ତୁ ଗୋଷ୍ଠୀ କନ୍ଦଳ ଲାଗିରହିଥିବାରୁ ନିର୍ବାଚନ ପୂର୍ବରୁ ଏଆଇସିସି ରିସ୍କ ନେବାକୁ ଚାହୁଁନାହିଁ। ପଞ୍ଜାବରେ କ୍ଷମତା ବଜାୟ ରଖିବା ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥିବାବେଳେ ୟୁପି, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ଭାଜପାକୁ ଟକ୍କର ଦେବା ସେତେଟା ସହଜ ହେବ ନାହିଁ। ୟୁପି ବ୍ୟତୀତ ଅନ୍ୟ ୩ ରାଜ୍ୟରେ କଂଗ୍ରେସ ଭାଜପା ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ପଞ୍ଜାବରେ ଶିରୋମଣି ଅକାଳୀ ଦଳ (ଏସ୍ଏଡି), ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ମୁକାବିଲା କରିବ। ୟୁପିରେ କଂଗ୍ରେସ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇ ନ ଥିଲେ ହେଁ ବିଏସ୍‌ପିଠାରୁ ଆଗରେ ରହିବାକୁ ଚାହୁଁଛି।

ସେହିପରି ଗୋଆରେ କଂଗ୍ରେସର ପ୍ରାୟ ସମସ୍ତ ବିଧାୟକ ଦଳ ଛାଡ଼ିଛନ୍ତି। ଏଠାରେ କଂଗ୍ରେସର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଛନ୍ତି। ସେମାନେ ହେଲେ ଫ୍ରାନ୍ସିସ୍କୋ ସର୍ଦିନହା, ଦିଗାମ୍ବର କାମାଥ ଏବଂ ପ୍ରତାପ ସିଂ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଦୌଡ଼ରେ ଫ୍ରାନ୍ସିସ୍କୋ ସବୁଠୁ ଆଗରେ ଥିବାରୁ କଂଗ୍ରେସ ନିର୍ବାଚନ ପୂର୍ବରୁ କାହାର ନାମ ଘୋଷଣା କରିବ ନାହିଁ। ମଣିପୁରରେ ମଧ୍ୟ ନିର୍ବାଚନ ପୂର୍ବରୁ ସମସ୍ତ ବିଧାୟକ କଂଗ୍ରେସ ତ୍ୟାଗ କରିଛନ୍ତି। ତେବେ ଦଳ କ୍ଷମତାକୁ ଆସିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓକ୍ରାମ ଇବୋବି ସିଂଙ୍କୁ ଆଉ ଥରେ ସୁଯୋଗ ଦିଆଯାଇପାରେ। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଉପରେ କଂଗ୍ରେସ ବିଶେଷ ଗୁରୁତ୍ୱ ଦେଉଥିବାରୁ ଅନୁଭବୀ ନେତା ଜୟରାମ ରମେଶଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛି। ଗତ ନିର୍ବାଚନରେ ମଣିପୁରରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିବା ସତ୍ତ୍ୱେ ସରକାର ଗଠନ କରିପାରି ନ ଥିଲା।


ହରିଶ ରାୱତ୍


ନବଜୋତ୍ ସିଂ ସିଦ୍ଧୁ


ପଣ୍ଡିଚେରୀରେ ରବିବାର ଭାଜପା ପକ୍ଷରୁ କବାଡ଼ି ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ପଣ୍ଡିଚେରୀ ଗୃହମନ୍ତ୍ରୀ ଏ. ନମଶିବାୟ ଏବଂ ବିଧାନସଭା ବାଚସ୍ପତି ଏମ୍ବାଲାମ୍ ଆର୍. ସେଲଭମ୍ ଏଥିରେ ଭାଗ ନେଇଛନ୍ତି।

# ୫ ରାଜ୍ୟରେ ଟିକା ସାର୍ଟିଫିକେଟରୁ ହଟିଲା ମୋଦିଙ୍କ ଫଟୋ

ନୂଆଦିଲ୍ଲୀ,୯।୧

ଫେବୃୟାରୀ-ମାର୍ଚ୍ଚରେ ବିଧାନସଭା ନିର୍ବାଚନ ହେବାକୁ ଥିବା ୫ ରାଜ୍ୟରେ କୋଭିଡ୍ ଟିକା ସାର୍ଟିଫିକେଟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ହଟାଇ ଦିଆଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଉକ୍ତ ରାଜ୍ୟଗୁଡ଼ିକରେ ଟିକା ସାର୍ଟିଫିକେଟରୁ ପ୍ରଧାନମନ୍ତ୍ରୀଙ୍କ ଫଟୋ ହଟାଇବା ପାଇଁ କୋୱିନ୍ ପ୍ଲାଟଫର୍ମରେ ଫିଲ୍ଟର ବ୍ୟବହାର କରାଯାଇଛି। ଗତବର୍ଷ ଏପ୍ରିଲ-ମେ'ରେ କେତେକ ରାଜ୍ୟ ବିଧାନସଭା ନିର୍ବାଚନବେଳେ ଟିକା ସାର୍ଟିଫିକେଟରେ ମୋଦିଙ୍କ ଫଟୋକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରତିବାଦ କରିବା ପରେ ଅନୁରୂପ ଉପାୟରେ ଏହାକୁ ହଟାଯାଇଥିଲା। ଲୋକଙ୍କ ଜୀବନ ବଞ୍ଚାଇବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟକ୍ତିଗତ ପ୍ରଚାର ପାଇଁ ଟିକାଦାନ ପ୍ରକ୍ରିୟାକୁ ବ୍ୟବହାର କରାଯାଉଥିବା କଂଗ୍ରେସ ଅଭିଯୋଗ କରିଥିଲା।



# ଅଣକଂଗ୍ରେସ ବିଧାୟକ ହୋଇନାହାନ୍ତି ମନ୍ତ୍ରୀ

ବ୍ରହ୍ମପୁର ଅଫିସ,୯।୧

**ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ**

**କଂଗ୍ରେସ ଶାସନରେ ୩ ମନ୍ତ୍ରୀ ହୋଇଥିଲେ**

ଗଞ୍ଜାମ ଜିଲା ରାଜନୀତିରେ ବ୍ରହ୍ମପୁରର ଗୁରୁତ୍ୱ ରହିଛି। ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବପୁରାତନ ଦଳ କଂଗ୍ରେସ ଅପେକ୍ଷା ଅଣକଂଗ୍ରେସ ବିଧାୟକଙ୍କ ସଂଖ୍ୟା ଅଧିକ। ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ରୁ ୨୦୧୯ ମଧ୍ୟରେ ହୋଇଥିବା ୧୬ ନିର୍ବାଚନର ତଥ୍ୟାନୁସାରେ କଂଗ୍ରେସରୁ ୬ ବିଧାୟକ ହୋଇଥିବା ବେଳେ ଅଣକଂଗ୍ରେସ ଜନତା ଦଳ, ବିଜେଡି ଓ ସ୍ୱାଧୀନରୁ ୧୦ ଜଣ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ତେବେ କଂଗ୍ରେସର ୩ ମନ୍ତ୍ରୀ ହୋଇଥିବା ବେଳେ ଅଣକଂଗ୍ରେସରୁ ଜଣେ ବି ମନ୍ତ୍ରୀ ପଦ ପାଇନାହାନ୍ତି। ଏହା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ ୧୯୫୧-୫୨ ପ୍ରଥମ ନିର୍ବାଚନରେ ଏହି ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ରାମଚନ୍ଦ୍ର ମିଶ୍ର ନିର୍ବାଚିତ ହୋଇଥିଲେ। ଏକ ମାମଲାରେ ଛନ୍ଦି ହୋଇ ସେ ପଦ ହରାଇଥିଲେ। ୧୯୫୭ ନିର୍ବାଚନରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିରୁ ଅବସର ନେବା ପରେ ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀ ରାଜନୀତିକୁ ଆସିଥିଲେ। ସେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ କଂଗ୍ରେସରୁ ଜିତି ମନ୍ତ୍ରୀ ହୋଇ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଥିଲେ। ୧୯୬୧ ନିର୍ବାଚନରେ ମହୁରୀ ରାଜା ସ୍ୱର୍ଗତ ଶିଶିର କୁମାର ନରେନ୍ଦ୍ର ଦେବ ସ୍ୱାଧୀନ ଭାବେ ଲଢ଼ି ବିଧାୟକ ହୋଇଥିଲେ। ପରବର୍ତ୍ତୀ ୧୯୬୭, ୭୧ ଓ ୭୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟ ଲଗାତର ଭାବେ ୩ ଥର ନିର୍ବାଚିତ ହୋଇ ନନ୍ଦିନୀ ଶତପଥୀଙ୍କ ୨ଟି ଯାକ ସରକାରରେ କ୍ୟାବିନେଟ ମନ୍ତ୍ରୀ ପଦ ପାଇଥିଲେ। ସ୍ୱଳ୍ପକାଳ ପାଇଁ ସେ ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଥିଲେ।

୧୯୭୭ ନିର୍ବାଚନରେ ମହୁରୀ ରାଣୀ ରତ୍ନ ମଞ୍ଜରୀ ଦେବୀ ସ୍ୱାଧୀନ ବିଧାୟିକା ହୋଇଥିଲେ। ସେହି ନିର୍ବାଚନରେ ସେ ବିନାୟକ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ। ୧୯୮୦ ନିର୍ବାଚନରେ କଂଗ୍ରେସରୁ ସ୍ୱର୍ଗତ କୃଷ୍ଣ ଚରଣ ପଟ୍ଟନାୟକ ବିଧାନସଭାକୁ ନିର୍ବାଚିତ ହୋଇ ମନ୍ତ୍ରୀ ପଦ ପାଇଥିଲେ। ୧୯୮୫ ନିର୍ବାଚନରେ ତତ୍କାଳୀନ ଯୁବ କଂଗ୍ରେସର ଟାଣୁଆ ନେତା ଶିବ ଶଙ୍କର ସାହାଣୀ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଆସନରୁ ଶିବ ଶଙ୍କର ଶେଷ କଂଗ୍ରେସ ବିଧାୟକ। ଏବେ ସେ ବିଜେଡିରେ ଅଛନ୍ତି।

ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରହ୍ମପୁର ରାଜନୀତି ବଦଳି ଯାଇଛି। ୧୯୯୦ ନିର୍ବାଚନରେ ଜନତା ଦଳରୁ ସ୍ୱର୍ଗତ ବିନାୟକ ମହାପାତ୍ର ବିଧାୟକ ହୋଇଥିଲେ। ୧୯୯୫ ନିର୍ବାଚନରେ ଜନତା ଦଳରୁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଜିତିବା ପରେ ୨୦୦୦ରୁ ୨୦୧୪ ଚାରି ନିର୍ବାଚନରେ ସେ ଲଗାତର ଭାବେ ବିଜେଡିରୁ ନିର୍ବାଚିତ ହୋଇଥିଲେ। ଚ୍ୟାଉ ପଟ୍ଟନାୟକ ୫ ଥର ଅଣକଂଗ୍ରେସ ବିଧାୟକ ହୋଇଥିଲେ ମଧ୍ୟ ଥରେ ବି ମନ୍ତ୍ରୀ ହୋଇନାହାନ୍ତି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା ବିଧାୟକ ହୋଇଛନ୍ତି। ବ୍ରହ୍ମପୁର ବିଧାୟକଙ୍କୁ ଦୀର୍ଘ ୪ ଦଶନ୍ଧି ହେବ ମନ୍ତ୍ରୀ ପଦ ମିଳୁ ନ ଥିବା ରାଜନୈତିକ ଚର୍ଚ୍ଚା ପରିସରକୁ ଆସିଯାଇଛି।

# ଏଠାରେ କରୋନା ନାହିଁ: ଶିବକୁମାର

ବେଙ୍ଗାଲୁରୁ,୯।୧: ଭାଜପା ଶାସନାଧୀନ କର୍ନାଟକରେ ୮,୯୦୬ ନୂଆ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବାର ଦିନକ ପରେ କଂଗ୍ରେସ ପକ୍ଷରୁ ୧୦ ଦିନିଆ ବିକ୍ଷୋଭ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ବିରୋଧୀ ଦଳ ନେତା ସିଦ୍ଧାରାମାୟା ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଡି.କେ. ଶିବକୁମାରଙ୍କ ନେତୃତ୍ୱରେ ରବିବାର ରାମନଗରରେ ଏକ ପାନୀୟ ଜଳ ପ୍ରକଳ୍ପ ବିରୋଧରେ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ କୋଭିଡ୍ କଟକଣାକୁ ଉଲ୍ଲଂଘନ କରି ହଜାର ହଜାର ସମର୍ଥକ ସାମିଲ ହୋଇଥିଲେ। ଏନେଇ ଶିବକୁମାରଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଥିଲେ, ଏଠାରେ କରୋନା ଭାଇରସ୍ ନାହିଁ। ଭାଜପା ବାଲା ଗହଳି କମାଇବା ପାଇଁ ୧୪୪ ଧାରା ଜାରି କରି କେହି ଆସିପାରିବେ ନାହିଁ ବୋଲି କହୁଛନ୍ତି।



# ବିଶୃଙ୍ଖଳାକୁ ବରଦାସ୍ତ କରିବନି ଯୁବ କଂଗ୍ରେସ

ଭୁବନେଶ୍ୱର,୯।୧(ବ୍ୟୁରୋ)

- ପ୍ରାଥମିକ ସଦସ୍ୟ ପଦରୁ ପୂର୍ବତନ ଯୁଗ୍ମ ସମ୍ପାଦକ ନିଲମ୍ବିତ
- ପଞ୍ଚାୟତ ନିର୍ବାଚନରେ ଚିଟ୍‌ଫଣ୍ଡ ଦୁର୍ନୀତି ମୁଖ୍ୟ ପ୍ରସଙ୍ଗ

ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ଯୁଗ୍ମ ସମ୍ପାଦକ ଦେବବ୍ରତ ମହାନ୍ତିଙ୍କୁ ବିଶୃଙ୍ଖଳିତ ଆଚରଣ ପାଇଁ ନିଲମ୍ବିତ କରାଯାଇଛି। ଏଥିସହ ପ୍ରାଥମିକ ସଦସ୍ୟ ପଦରୁ ହଟାଇ ଦିଆଯାଇଥିବା ରବିବାର ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାରତୀୟ ଜାତୀୟ କଂଗ୍ରେସ ହେଉଛି ଦେଶର ସର୍ବପୁରାତନ ଦଳ। ଦଳୀୟ ସଂଗଠନରେ ବିଶୃଙ୍ଖଳାକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ।

ଅପରପକ୍ଷରେ ଆଗାମୀ ନିର୍ବାଚନ ପ୍ରସ୍ତୁତି ସଂକ୍ରାନ୍ତରେ ଲେଙ୍କା କହିଛନ୍ତି, ରାଜ୍ୟର ଗରିବ ଜନସାଧାରଣଙ୍କ କଷ୍ଟ ଉପାର୍ଜିତ ଟଙ୍କାକୁ ଚିଟ୍‌ଫଣ୍ଡ୍ ଜରିଆରେ ବହୁ ଦଲାଲ ଲୁଟି ନେଇଛନ୍ତି। ପୋଲିସ, ପ୍ରଶାସନ ତ ଦୂରର କଥା ସିବିଆଇ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଲାସୁତରାରେ ସିବିଆଇ ତଦନ୍ତକୁ ଶିଥିଳ କରିଦିଆଯାଇଛି। ଚିଟ୍‌ଫଣ୍ଡ ଦଲାଲମାନେ ନିର୍ଭୟରେ ବୁଲୁଥିବା ବେଳେ ଗରିବ ଜମାକାରୀମାନେ ଟଙ୍କା ଫେରି ପାଇବାକୁ ଚାହିଁ ବସିଛନ୍ତି। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଚିଟ୍‌ଫଣ୍ଡକୁ ଯୁବ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରି ତୃଣମୂଳସ୍ତରରେ ଗରିବ ଜନସାଧାରଣଙ୍କ ପାଖରେ ପହଞ୍ଚିବ। ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ପର୍ଯ୍ୟନ୍ତ ଲଢ଼େଇ କରିବ। ଏହି ପ୍ରସଙ୍ଗକୁ ନେଇ ସିବିଆଇ ଅଫିସ ଘେରାଉ କରାଯିବ ବୋଲି ଲେଙ୍କା ଚେତାବନୀ ଦେଇଛନ୍ତି।

# ଧାନକିଣାରେ ଚାଷୀଙ୍କୁ ଲୁଟ୍

ବରଗଡ଼ ଅଫିସ୍,୯।୧

- ଦଳୀୟ ପାଣ୍ଠି ସଂଗ୍ରହ କରୁଛି ବିଜେଡି: ଭାଜପା କୃଷକ ମୋର୍ଚ୍ଚା
- ଅଭିଯୋଗକୁ ଖଣ୍ଡନ କଲା ବିଜେଡି

ରାଜ୍ୟ ସରକାର ଧାନ କିଣାବିକା ଦାୟିତ୍ୱ ମିଲର୍ସଙ୍କ ହାତରେ ଲଦି ଦେଇଛନ୍ତି। ମିଲର୍ସମାନେ ନିଜ ମନ ମୁତାବକ କଟନୀଛଟନୀ କରୁଛନ୍ତି। ଫଳରେ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ମିଳୁନାହିଁ। ଅନ୍ୟପଟେ କଟନୀଛଟନୀ କରି ପ୍ରତି ଧାନ ସଂଗ୍ରହରେ ଚାଷୀଙ୍କର ପ୍ରାୟ ୫୦୦ରୁ ୬୦୦କୋଟି ଟଙ୍କା ପର୍ଯ୍ୟନ୍ତ ଲୁଟ୍ ହେଉଛି। ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଶାସକ ବିଜେଡି ଏଭଳି ଭାବେ ଦଳୀୟ ପାଣ୍ଠି ସଂଗ୍ରହ କରୁଛି ବୋଲି ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ରବିବାର ବରଗଡ଼ ସାମ୍ବାଦିକ ସଂଘ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏଭଳି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, କେନ୍ଦ୍ର ସରକାର ଚାଉଳ ନେଉନାହାନ୍ତି। ଫଳରେ ବହୁ ରାଜ୍ୟ ଧାନ କିଣାବିକା ପ୍ରକ୍ରିୟାରୁ ଓହରି ଗଲେଣି। ତଥାପି ଓଡ଼ିଶା ସରକାର ବ୍ୟବସ୍ଥିତ ଭାବେ ଧାନ କିଣାବିକା କରୁଛନ୍ତି। ସେହିପରି କର୍ପୋରେଟ୍ ହାଉସରୁ ଦଳୀୟ ପାଣ୍ଠି କିଏ ଯୋଗାଡ଼ କରୁଛି, ସାଧାରଣ ଲୋକେ ତାହା ଭଲ ଭାବେ ଜାଣି ସାରିଲେଣି। ଧାନ କିଣାବିକା ସୁରୁଖୁରୁରେ ଚାଲିଛି। ଭାଜପା ଏଭଳି ଶସ୍ତା ରାଜନୀତି କରିବାରୁ ଦୂରେଇ ରହୁ ବୋଲି ବିଧାୟକ ଆଚାର୍ଯ୍ୟ କହିଛନ୍ତି।

ଖବରଦାତା ସମ୍ମିଳନୀରେ ପୁରୋହିତ କହିଥିଲେ, ଭାଜପା କୃଷକ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଗତ ୩ଦିନ ଧରି ବରଗଡ଼, ସୋନପୁର, ବୌଦ୍ଧ ଆଦି ଜିଲାର ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲା। ଧାନ ଏଫଏକ୍ୟୁ ମାନର ଥିବା ସତ୍ତ୍ୱେ ମଣ୍ଡି ଗୁଡ଼ିକରେ ମିଲର୍ସମାନେ କୁଇଣ୍ଟାଲ ପ୍ରତି ୩ରୁ ୪କିଗ୍ରା ଲେଖାଏଁ କଟନୀଛଟନୀ କରୁଥିବା ସେ ଅଭିଯୋଗ କରିଛନ୍ତି। ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟରେ ୬୪ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ଲକ୍ଷ୍ୟ ରହିଛି। କୁଇଣ୍ଟାଲ ପ୍ରତି ଯଦି ଏଭଳି କଟନୀଛଟନୀ କରାଯାଏ, ତେବେ ୧ଲକ୍ଷ ୯୨ହଜାର ମେଟ୍ରିକ ଟନ ଧାନକୁ କଟନୀଛଟନୀ ଦର୍ଶାଇ ଚାଷୀଙ୍କ ୪୧୦କୋଟି ୯୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହେବ ବୋଲି ପୁରୋହିତ ଅଭିଯୋଗ କରିଛନ୍ତି। କଟନୀଛଟନୀ ହେଲେ ମିଲର୍ସଙ୍କୁ ଗିରଫ କରାଯିବ ବୋଲି ଖୋଦ୍ ଯୋଗାଣ ମନ୍ତ୍ରୀ କହିଛନ୍ତି। ମାତ୍ର କଟନୀଛଟନୀ ହେଉଥିଲେ ମଧ୍ୟ ଏଯାଏ ମିଲର୍ସଙ୍କ ଉପରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେହିପରି ରାଜ୍ୟରେ ଅଖା ଦୁର୍ନୀତି ଉପରେ ସରକାର ନୀରବ ରହିଥିବା ସେ ଅଭିଯୋଗ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।



ଧରିତ୍ରୀ
DHARITRI
ସୋମବାର, ୧୦ ଜାନୁୟାରୀ, ୨୦୨୨



“ଯେଉଁମାନେ ଶାସନକ୍ଷମତାର ଅଧିକାରୀ– ସେମାନଙ୍କର ସାମାଜିକ ସ୍ଥିତିର ଉଚ୍ଚତା ଯାହା ହେଉନା କାହିଁକି– ସେମାନଙ୍କୁ ଯଥାର୍ଥ ସତ୍ୟଦ୍ରଷ୍ଟାମାନଙ୍କ ନିକଟରୁ ଅନୁପ୍ରେରଣା ଗ୍ରହଣ କରିବାକୁ ହେବ। ସେହି ସତ୍ୟ ଦ୍ରଷ୍ଟାମାନଙ୍କ ସଂକଳ୍ପ ଏବଂ ଭଗବତ୍ ସଂକଳ୍ପ ଏକ। –ଶ୍ରୀମା

# ଜୋକୋଭିଚ୍ ବନାମ ଅଷ୍ଟ୍ରେଲିଆ

ଭାରତରେ ସରକାରୀ ବ୍ୟବସ୍ଥାରେ ନିତିଦିନିଆ ଏପଟସେପଟ ନିଷ୍ପତ୍ତି ଦେଖି ସମସ୍ତେ ବିରକ୍ତ ହେବା ସ୍ୱାଭାବିକ। ରାଜନୈତିକ କିମ୍ବା ଅମଲାତାନ୍ତ୍ରିକ ଚାପରେ ସରକାରୀ କଳ ଏପାଖ ନ ହେଲେ ସେପାଖ ଛବି ଦର୍ଶାଏ। ସରକାରୀ ନୀତି ସବୁବେଳେ ଜନସାଧାରଣଙ୍କ ହିତ ନିମନ୍ତେ ହେବା କଥା। ଭାରତରେ ଏହା କ୍ୱଚିତ୍ ଦେଖିବାକୁ ମିଳିଥାଏ। ଦୁଇଟି ସାଧାରଣ ଉଦାହରଣ ଦେଖିଲେ ଏହାର ଅର୍ଥ ବୁଝିହେବ। ଜଣେ ଅଫିସର ଇଚ୍ଛା କଲେ ବୋଲି ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟାନଙ୍କୁ ବିନା ପ୍ରମାଣରେ ଗିରଫ କରି ଜେଲରେ ରଖାଇପାରିଲେ। ସେହିଭଳି ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପାଇଁ ତାଙ୍କ ବାନ୍ଧବୀ ରିୟା ଚକ୍ରବର୍ତ୍ତୀଙ୍କୁ ଦୀର୍ଘଦିନ ଜେଲରେ ରଖିପାରିଲେ। ଏହି ଅମଲାତାନ୍ତ୍ରିକ କାର୍ଯ୍ୟାନୁଷ୍ଠାନ ପଛରେ ନିଶ୍ଚୟ ସକ୍ରିୟ ରାଜନୈତିକ ସମର୍ଥନ ଥିଲା। ସେହିଭଳି ରାଜନୈତିକ ଚାପରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରା ‘ଟେନି’ଙ୍କ ପୁତ୍ର ଆଶିଷ ମିଶ୍ରା ତାଙ୍କ ଏସ୍‌ୟୁଭି ଗାଡ଼ିକୁ ଚାଷୀଙ୍କ ଉପରେ ମଡ଼ାଇ ଅନେକଙ୍କୁ ଜୀବନରେ ମାରିଦେବା ସତ୍ତ୍ୱେ ବହୁଦିନ ପର୍ଯ୍ୟନ୍ତ ପୋଲିସ ଦ୍ୱାରା ଗିରଫ ହେଲେ ନାହିଁ। ଏହା ହେଉଛି ‘ମୋ ଇଚ୍ଛା’ ସରକାରର କାର୍ଯ୍ୟପ୍ରଣାଳୀ।

ଅନ୍ୟପଟେ ଅଷ୍ଟ୍ରେଲିଆରେ ସର୍ବିୟା ଖେଳାଳି ତଥା ବିଶ୍ୱର ୧ ନମ୍ବର ଟେନିସ୍ ପ୍ଲେୟାର ନୋଭାକ୍ ଜୋକୋଭିଚ୍‌ଙ୍କ ବିବାଦକୁ ଦେଖାଯାଉ। ଟେନିସ୍ ଅଷ୍ଟ୍ରେଲିଆ ସଙ୍ଗଠନ ତରଫରୁ ଜୋକୋଭିଚ୍‌ଙ୍କୁ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଚାମ୍ପିୟନଶିପ୍‌ରେ ଖେଳିବାକୁ ନିମନ୍ତ୍ରଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଜୋକୋଭିଚ୍ ଗତଥର ଅଷ୍ଟ୍ରେଲିଆନ୍ ଓପନ୍‌ର ଚାମ୍ପିୟନ ହୋଇଥିଲେ। ନିଜର ସ୍ଥିତିକୁ ବଜାୟ ରଖିବା ପାଇଁ ଜୋକୋଭିଚ୍‌ଙ୍କ ସକାଶେ ଏହି ଟୁର୍ନାମେଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତ ଡିସେମ୍ବର ଆରମ୍ଭରେ ତାଙ୍କୁ କୋଭିଡ୍–୧୯ ହୋଇଥିଲା। ତେଣୁ ଜୋକୋଭିଚ୍ ଟିକା ନେବା ସମ୍ଭବପର ନୁହେଁ ବୋଲି କେତେକ ମହଲରୁ କୁହାଯାଉଛି। ସେଥିପାଇଁ ଯେତେବେଳେ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ ଉଡ଼ାଜାହାଜ ପଡ଼ିଆରେ ଜୋକୋଭିଚ୍ ବିମାନରୁ ଓହ୍ଲାଇ ଅଷ୍ଟ୍ରେଲିଆରେ ପ୍ରବେଶ କରିବାକୁ ଚେଷ୍ଟା କଲେ ସେତେବେଳେ ସେଠାରେ ଥିବା ସରକାରୀ ଇମିଗ୍ରେଶନ ଅଧିକାରୀ ତାଙ୍କୁ ଅଟକାଇଲେ। ଭିକ୍ଟୋରିଆ ରାଜ୍ୟରେ ଉଭୟ ଟିକା ନେଇ ନ ଥିବା ବ୍ୟକ୍ତିଙ୍କୁ ପ୍ରବେଶ ନିଷେଧ ଆଇନକୁ ଦର୍ଶାଇ ଏଭଳି କଠୋର ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଟେନିସ୍ ଅଷ୍ଟ୍ରେଲିଆ ଜୋକୋଭିଚ୍‌ଙ୍କୁ ଟିକା ନେଇ ନ ଥିବା ସତ୍ତ୍ୱେ ପ୍ରବେଶ ଅନୁମତିପତ୍ର ଦେଇଥିଲେ। ଏହା ସତ୍ତ୍ୱେ ଇମିଗ୍ରେଶନ ଅଧିକାରୀ ତାଙ୍କ ପ୍ରବେଶ କେମିତି ବନ୍ଦ କଲେ ବୋଲି ବିଶ୍ୱବ୍ୟାପୀ ଆଲୋଚନା ଆରମ୍ଭ ହୋଇଛି। ମନେହେଉଛି ଭାରତ ସରକାରଙ୍କ ଭଳି ଅଷ୍ଟ୍ରେଲିଆ ସରକାରର ବାମହାତ ଜାଣେ ନାହିଁ ଡାହାଣ ହାତ କ’ଣ କରୁଛି। ଉଲ୍ଲେଖ କରିବା ଠିକ୍ ହେବ ଯେ, ଜୋକୋଭିଚ୍‌ଙ୍କୁ ବେଆଇନ ଭାବେ ଅଷ୍ଟ୍ରେଲିଆ ପ୍ରବେଶ କରିଥିବା ଶରଣାର୍ଥୀଙ୍କ ସହିତ ରଖାଯାଇଛି।

ଅଷ୍ଟ୍ରେଲିଆ କେନ୍ଦ୍ର ସରକାର ଓ ଭିକ୍ଟୋରିଆ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବ ରହିଥିଲା ଭଳି ଚିତ୍ର ପଦାକୁ ଆସୁଛି। ଏଥିସହିତ ଜୋକୋଭିଚ୍‌ଙ୍କ ସମ୍ପର୍କରେ ମଧ୍ୟ କିଛି କହିହେବ। ଏଠାରେ କୌଣସି ସନ୍ଦେହ ନାହିଁ ଯେ ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରୀୟ ଟେନିସ୍ ଖେଳାଳିଙ୍କ ମଧ୍ୟରୁ ଜୋକୋଭିଚ୍ ଅନ୍ୟତମ। ତାଙ୍କର ବିଚକ୍ଷଣ ଗତି ଅଧିକାଂଶ ଦର୍ଶକଙ୍କୁ ଆକର୍ଷିତ କରିଥାଏ। ସେଥିପାଇଁ ସହଜରେ କହିହେବ ଯେ, ଏହି ଅଷ୍ଟ୍ରେଲିଆନ୍ ଟେନିସ୍ ଟୁର୍ନାମେଣ୍ଟରେ ମଧ୍ୟ ଜୋକୋଭିଚ୍‌ଙ୍କ ଜିତିବାର ଅଧିକ ସମ୍ଭାବନା ରହିଥିଲା। କିନ୍ତୁ ସ୍ଥିତି ଆମିଳିଆ ହୋଇଯାଇଛି। ଏଠାରେ ଭାବିବା ସ୍ୱାଭାବିକ ଯେ, ଜୋକୋଭିଚ୍‌ଙ୍କ ସମ୍ଭାବ୍ୟ ବିଜୟକୁ ଭଣ୍ଡୁର କରିବା ପାଇଁ ଏକ ବିରାଟ ମସୁଧା କରାଯାଇଛି। ଏଥିସହିତ ଏହା ମଧ୍ୟ କହିବାକୁ ହେବ ଯେ, ଜୋକୋଭିଚ୍ ତାଙ୍କ ଖେଳ ଜୀବନରେ କୌଣସି ଶୂନ୍ୟସ୍ଥାନ ଛାଡ଼ିବାକୁ ଚାହୁଁ ନାହାନ୍ତି। ଅବଶ୍ୟ ଏଠାରେ ପ୍ରବଳ ଲୋଭର ଭୂମିକା ମଧ୍ୟ ଥାଇପାରେ। କାରଣ ଟେନିସ୍‌ରେ ଜିତୁଥିବା ଅନ୍ତର୍ଜାତୀୟ ସ୍ତରର ଖେଳାଳି ଏହିଭଳି ଗୋଟେ ଟୁର୍ନାମେଣ୍ଟରୁ ଅନେକ ମିଲିୟନ ଆମେରିକୀୟ ଡଲାରର ଅଧିକାରୀ ହୋଇଥାଆନ୍ତି।

୧୦ ଜାନୁୟାରୀ (ଆଜି) ଜୋକୋଭିଚ୍ ଟେନିସ୍ କୋର୍ଟ ପରିବର୍ତ୍ତେ ଆଇନ କୋର୍ଟରେ ଖେଳିବେ। ନ୍ୟାୟାଳୟର ବିଚାର ପରେ ତାଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଏହା କେବଳ ୨୦୨୨ ଅଷ୍ଟ୍ରେଲିଆନ୍ ଓପନ୍ ପାଇଁ ନୁହେଁ। ମାମଲାରେ ପରାଜିତ ହେଲେ ଜୋକୋଭିଚ୍ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପ୍ରବେଶ କରିପାରିବେ ନାହିଁ। ଅର୍ଥାତ୍ ଆସନ୍ତା ୩ ବର୍ଷର ଅଷ୍ଟ୍ରେଲିଆନ୍ ଓପନ୍ ମଧ୍ୟ ଖେଳିପାରିବେ ନାହିଁ। ଏହା ଫଳରେ ଜୋକୋଭିଚ୍‌ଙ୍କ ପାଇଁ ଆସନ୍ତା ୩ ବର୍ଷବ୍ୟାପୀ ଗ୍ରାଣ୍ଡସ୍ଲାମ ଜିତିବା ଅସମ୍ଭବ ହୋଇପଡ଼ିବ।

ମନକୁ ଚିନ୍ତା ଆସେ ଏଠାରେ ଭୂରାଜନୈତିକ ଖେଳ ମଧ୍ୟ ହୋଇଥାଇପାରେ। ଧରିନିଆଯାଉ ଜୋକୋଭିଚ୍ ସର୍ବିୟା ଭଳି କ୍ଷୁଦ୍ର ଦେଶର ନାଗରିକ ପରିବର୍ତ୍ତେ ବ୍ରିଟେନ, ଆମେରିକା କିମ୍ବା ରୁଷିଆର ଖେଳାଳି ହୋଇଥାଆନ୍ତେ। ସେଭଳି ସ୍ଥିତିରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଏଭଳି ଦମ୍ଭୋକ୍ତି ଦେଖାଇ ଜୋକୋଭିଚ୍‌ଙ୍କୁ ଅନ୍ୟ ସମସ୍ତ ସାଧାରଣ ଲୋକଙ୍କ ଭଳି ବ୍ୟବହାର କରିବାର ଆସ୍ପର୍ଦ୍ଧା ରଖିଥାଆନ୍ତେ କି ? ପୃଥିବୀର ଏତେବଡ଼ ଖେଳାଳିଙ୍କୁ ଏକ ସାଧାରଣ ଶରଣାର୍ଥୀ କେନ୍ଦ୍ରରେ ରଖାଯାଇଥାଆନ୍ତା କି ? ଏସବୁ ପ୍ରଶ୍ନର ଉତ୍ତର ଖୋଜିବା କଷ୍ଟକର ନୁହେଁ। ଏଥିରୁ ବୁଝିବାକୁ ହେବ ଯେ, ସବୁ ଖେଳାଳିଙ୍କୁ ନିଜ ଦେଶର ବୋଝ ଅନ୍ତର୍ଜାତୀୟ ସ୍ତରରେ ମୁଣ୍ଡାଇବାକୁ ପଡ଼ିଥାଏ।

# ସ୍କୁଲ ରୂପାନ୍ତରଣ



ଡ. ସୁବାସ ଚନ୍ଦ୍ର ପାତ୍ର

ଏବେ ଓଡ଼ିଶାରେ ଶିକ୍ଷା କହିଲେ ଗଣଶିକ୍ଷାକୁ ବା ସ୍କୁଲ ଶିକ୍ଷାକୁ ଲୋକେ ବୁଝୁଛନ୍ତି। କାରଣ ଯାହା କିଛି ରୂପାନ୍ତରଣ, ପଦବୀ ଭର୍ତ୍ତି, ପ୍ରଧାନଶିକ୍ଷକ ନିଯୁକ୍ତି ସବୁ ସ୍କୁଲସ୍ତରରେ ଚାଲିଛି। ବିନା ଅଧ୍ୟକ୍ଷ, ବିନା ନିୟମିତ ଅଧ୍ୟାପକ, ବିନା ସହଯୋଗୀ କର୍ମଚାରୀ, ବିନା ଆବଶ୍ୟକୀୟ ଭିତ୍ତିଭୂମିରେ ନାମକୁମାତ୍ର ଖାଲି ସୂଚନା ଫଳକରେ ଉଚ୍ଚଶିକ୍ଷା ସୀମିତ। ଓଡ଼ିଶାରେ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ତଥା ଅପ୍ରାସଙ୍ଗିକ ହୋଇପଡ଼ିଛି। ଏହି ବ୍ୟବସ୍ଥା କେତେ ନିମ୍ନମାନର ମାନବ ସମ୍ବଳ ସୃଷ୍ଟି କରୁଛନ୍ତି, ତା’ର ପ୍ରମାଣ ନିକଟରେ ୧୦ ହଜାର ହାଇସ୍କୁଲ ଶିକ୍ଷକ ପଦବୀ ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ପାଖାପାଖି ୪ ହଜାର ଶିକ୍ଷକ ଅନୁପଯୁକ୍ତ ବିବେଚିତ ହେବା। ଏମାନେ କାହାର ଉତ୍ପାଦ ? ଏବେ ପୁଣି ଶୁଣାଯାଏ ୧୧ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ପ୍ରବେଶିକା ପରୀକ୍ଷାର ମାନଦଣ୍ଡକୁ କିଛିଟା କୋହଳ କରି। ଶିକ୍ଷକ ନିଯୁକ୍ତି ପାଇଁ ମାନଦଣ୍ଡ କୋହଳ କରିବା ପରୀକ୍ଷାରେ ଫେଲ୍ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅନୁକମ୍ପା ମାର୍କ ଦେବା ସହ ସମାନ। ତେବେ କାହାର ତ୍ରୁଟିଯୋଗୁ ବି.ଏ., ଏମ୍.ଏ. ପାସ୍ କରିଥିବା ଛାତ୍ରୀଛାତ୍ରମାନେ ହାଇସ୍କୁଲ ଶିକ୍ଷକ ହେବା ପାଇଁ ଅନୁପଯୁକ୍ତ ପ୍ରମାଣିତ ହେଉଛନ୍ତି ? ଏବେ ସ୍କୁଲ ରୂପାନ୍ତରଣର ବର୍ତ୍ତମାନ ତଥା ଭବିଷ୍ୟତ କଥା ବିଚାର କରାଯାଉ।

ଓଡ଼ିଶା ସରକାର ନିକଟରେ ୧୧୦୦ ସ୍କୁଲର ଭିତ୍ତିଭୂମି ରୂପାନ୍ତରିତ କରିଛନ୍ତି। ଆମ୍ଭେମାନେ ଯେଉଁ ସ୍କୁଲରେ ପଢୁଥିଲୁ ତାହାର ଚେହେରା ପରିବର୍ତ୍ତନ ଦେଖି ଖୁସି ଲାଗୁଛି। ତେବେ ଏ ଆଙ୍ଗିକ ପରିବର୍ତ୍ତନରୁ କ’ଣ ମିଳିବ, ଯଦି ଅନୁଷ୍ଠାନର ଆତ୍ମିକ ପରିବର୍ତ୍ତନ ନ ହୁଏ ? ସରକାର ସ୍କୁଲ ଶିକ୍ଷାକୁ ଏକ ଦ୍ୱୀପର ସମସ୍ୟା ବୋଲି ଭାବୁଛନ୍ତି। ଏହା ଯେ ଏକ ବ୍ୟବସ୍ଥାର ଅଂଶ ବା ଅଙ୍ଗ, ସେ ପ୍ରକାର ସଂହତିପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ଏ ରୂପାନ୍ତରଣ ପଛରେ ଥିଲା ଭଳି ଜଣା ପଡୁନାହିଁ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ, ସ୍କୁଲ ଶିକ୍ଷା ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଲମ୍ବିତ। ବିଡ଼ମ୍ବନାର କଥା, ସରକାର ଇତିମଧ୍ୟରେ ଯୁକ୍ତ ଦୁଇ କଲେଜର ନାମ ଉଚ୍ଚ ମାଧ୍ୟମିକ ସ୍କୁଲ ହେବ ବୋଲି ସାଇନ୍‌ବୋର୍ଡ଼ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦେଇ ଚୁପ୍ ହୋଇ ଯାଇଛନ୍ତି। ଅଶୀ ଦଶକରୁ ଯୁକ୍ତ ଦୁଇ ଶ୍ରେଣୀ, କଲେଜରୁ ବିଚ୍ଛିନ୍ନ ହୋଇ ପୃଥକ୍ ପରିସରଭୁକ୍ତ ହେବ ବୋଲି ଜାତୀୟ ଶିକ୍ଷାନୀତି ପ୍ରଣିତ ହୋଇଥିଲା ବେଳେ ୪୨ ବର୍ଷ ହେଲା ତାହା କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। ଏବେ କେଉଁଠି ଉଚ୍ଚ ମାଧ୍ୟମିକ ସ୍କୁଲ କଲେଜର ଲାଞ୍ଜ ତ କେଉଁଠି କଲେଜ, ସ୍କୁଲର ଲାଞ୍ଜ ହୋଇ ଦୁହେଁ ଖାଲି ଅଣନିଃଶ୍ୱାସୀ ହେଉଛନ୍ତି। ନା ହେଉଛି ସ୍କୁଲର ବିକାଶ, ନା ହେଉଛି କଲେଜର ଅଗ୍ରଗତି। ସ୍କୁଲ ରୂପାନ୍ତରଣ କଥା ଭାବିଲାବେଳେ କର୍ତ୍ତୃପକ୍ଷ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଯେ ସ୍କୁଲର ଅଂଶ ଏବଂ ତାହା ମଧ୍ୟ ଅନୁରୂପ ଭାବରେ ରୂପାନ୍ତରିତ ହେବା ଦରକାର, ତାହା କ’ଣ ଭୁଲିଗଲେ ? ଯାହା ବି ହେଉ ଆପାତତଃ ଆଖିକୁ ସୁନ୍ଦର ଦେଖାଯାଉଥିବା ଏକ ରୂପାନ୍ତରିତ ଅନୁଷ୍ଠାନରୁ ପିଲାଟି ଯେତେବେଳେ ତଥାକଥିତ ଉଚ୍ଚ ମାଧ୍ୟମିକ ସ୍କୁଲରେ ପହଞ୍ଚିବ ସେ ଦେଖିବ କ’ଣ ? ସବୁଯାକ କଲେଜ ରୋଗ ତା’ ଭିତରେ। ନାହାନ୍ତି ନିୟମିତ ଅଧ୍ୟକ୍ଷ, ନାହାନ୍ତି ନିୟମିତ ଅଧ୍ୟାପକ, ନାହାନ୍ତି ଲାଇବ୍ରେରିଆନ୍, ପରୀକ୍ଷାଗାର ସହାୟକ ତଥା ଅନ୍ୟାନ୍ୟ ଆବଶ୍ୟକ କର୍ମଚାରୀ। କାଁ ଭାଁ କେତୋଟି ଅନୁଷ୍ଠାନକୁ ଛାଡ଼ିଦେଲେ ଅଧିକାଂଶ ଉଚ୍ଚ ମାଧ୍ୟମିକ ସ୍କୁଲ ଏବେ ବି ଆଜ୍‌ବେଷ୍ଟସ ଘରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କି ପ୍ରକାର ପ୍ରତିକ୍ରିୟା ହେବ ସେ ରଙ୍ଗିନ ସ୍କୁଲରୁ ଆସିଥିବା ପିଲାମାନଙ୍କର ?

ରଙ୍ଗିନ ବାତାବରଣର କିଛି ମାନେ ନାହିଁ, ଯଦି ତା’ର ଶୈକ୍ଷିକ ପରିଚାଳନା ପାଇଁ ଉଚ୍ଚ ମାନର ସମର୍ପିତ ମାନବ ସମ୍ବଳ ନଥା’ନ୍ତି। ତେବେ ମାନ ଅପେକ୍ଷା ବେଳେବେଳେ ଉତ୍ସର୍ଗୀକୃତ ମନୋଭାବ ଅଧିକ ଫଳପ୍ରଦ ହୁଏ, ଯାହା ପଚାଶରୁ ଅଶୀ ଦଶକ ପର୍ଯ୍ୟନ୍ତ ସ୍କୁଲ ଶିକ୍ଷାରେ ଦେଖାଯାଉଥିଲା। ସେତେବେଳେ ସ୍କୁଲ ସବୁ ଛପର ବା ଟାଇଲ ଘର, ଶିକ୍ଷକମାନେ ସେତେ ଉଚ୍ଚଶିକ୍ଷିତ ବା ଉଜ୍ଜ୍ୱଳ ନ ଥିଲେ ; ଥିଲେ କିନ୍ତୁ ଶିକ୍ଷକତା ପ୍ରତି ଶତ ପ୍ରତିଶତ ଅଙ୍ଗୀକାରବଦ୍ଧ। ନିଜର ସୀମିତ ଜ୍ଞାନକୁ ଉତ୍ସର୍ଗୀକୃତ ମନୋଭାବ ମାଧ୍ୟମରେ ଉନ୍ନୀତ କରି ସେମାନେ ଛାତ୍ରୀଛାତ୍ରମାନଙ୍କର ଶ୍ରଦ୍ଧାଭାଜନ ହେବା ସହ ସେମାନଙ୍କ ସଫଳତାର ଚାବିକାଠି ପାଲଟିଥିଲେ। ତେଣୁ ଖାଲି ଭିତ୍ତିଭୂମିର ପରିବର୍ତ୍ତନ, ଆଶାନୁରୂପ ଫଳଦେବ ବୋଲି ଭାବିବା ଠିକ୍ ନୁହେଁ।

ଯୁକ୍ତ ଦୁଇର ଏ ପ୍ରକାର ଅବ୍ୟବସ୍ଥା ଡେଇଁ ପିଲାଟି ଯେତେବେଳେ ଉଚ୍ଚ ଶିକ୍ଷାରେ ପ୍ରବେଶ କରିବ, ସେ ଦେଖିବ କ’ଣ ? ସେହି ଯୁକ୍ତ ଦୁଇ ଅବ୍ୟବସ୍ଥାର ପୁନରାବୃତ୍ତି। ତେଣୁ ସ୍କୁଲ ରୂପାନ୍ତରଣକୁ ଏକ ଏକକ ପ୍ରସଙ୍ଗ ନ ଭାବି ସାମୂହିକ ଭାବରେ ଉଚ୍ଚ ମାଧ୍ୟମିକ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଶିକ୍ଷାକୁ ଗୋଟିଏ ସରଳରେଖାରେ ରଖି ସୃଷ୍ଟ ସମସ୍ୟାକୁ ସମାଧାନ ନ କଲେ, ସ୍କୁଲ ରୂପାନ୍ତରଣ ଫଳପ୍ରସୂ ହେବନାହିଁ। ତେବେ ଭିତ୍ତିଭୂମି ଏବଂ ଉଚ୍ଚ ମାନବ ସମ୍ବଳର ପୃଷ୍ଠଭୂମିରେ ଅନ୍ୟ ଏକ ସମସ୍ୟା ରହିଛି, ଯାହା ସ୍କୁଲ ରୂପାନ୍ତରଣକୁ ଠିକଣା ସ୍ଥଳରେ ପହଞ୍ଚିବାରେ ପ୍ରତିବନ୍ଧକ ସୃଷ୍ଟି କରିବ। ତାହା ହେଲା ସରକାରୀ ସ୍କୁଲ ପ୍ରତି ଜନମନରେ ଥିବା ବିଶ୍ୱାସ ଓ ଭରସାର ସଙ୍କଟ। ବର୍ଷ ବର୍ଷ ଧରି ସ୍କୁଲ ଓ କଲେଜ ଶିକ୍ଷା ଅବହେଳିତ ତଥା ବିପର୍ଯ୍ୟସ୍ତ ଅବସ୍ଥାକୁ ଚାଲିଯିବା କ୍ରମରେ ସେମାନଙ୍କ ସ୍ଥାନ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଯେପରି ମାଡ଼ି ବସିଛନ୍ତି ଏବଂ ଜନମାନସରେ ସେମାନଙ୍କ ଗ୍ରହଣୀୟତା ଯେପରି ପ୍ରତିଷ୍ଠା କରିଛନ୍ତି, ମାତ୍ର ୧୧୦୦ ସରକାରୀ ସ୍କୁଲକୁ ରୂପାନ୍ତରିତ କରି ପ୍ରାଦେଶିକ ସ୍ତରରେ ଏହି ଭୟଙ୍କର ସମସ୍ୟାର ସମାଧାନ ସମ୍ଭବ ନୁହେଁ। ତା’ଛଡ଼ା ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଘରୋଇକରଣ ଯେପରି ଆସ୍ଥାଭାଜନ ହୋଇ ପ୍ରଚଳିତ ସରକାରୀ ବ୍ୟବସ୍ଥାକୁ ଦ୍ୱିତୀୟ ଶ୍ରେଣୀକୁ ଠେଲିଦେଲାଣି, ହଠାତ୍ ଜନସାଧାରଣଙ୍କ ମନୋଭାବର ପରିବର୍ତ୍ତନ ଆଶା କରିବା ବୃଥା। ଦିନକୁ ଦିନ ‘ସରକାର’, ‘ସରକାରୀ ବ୍ୟବସ୍ଥା’ ଏତେ ବଦନାମ ଗୋଟାଇଛି ଏବଂ ସରକାରୀ ବ୍ୟବସ୍ଥାର ଗତି ଓ ପ୍ରଗତି ଏତେ ଅନନୁମେୟ ଯେ, ସବୁଜ ଓ ଧଳା ରଙ୍ଗ ବୋଲି ଆସନ୍ତାକାଲି ଏକ ନୂତନ ସୂର୍ଯ୍ୟୋଦୟ ଘଟିବ ବୋଲି କହିଲେ ଲୋକେ ବିଶ୍ୱାସ କରିବେ ତ ? ଦିନଥିଲା ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ସରକାରୀ ଶିକ୍ଷାନୁଷ୍ଠାନ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ବଞ୍ଚିବା ପାଇଁ ସେମାନେ ପେସାଦାର ମାନବସମ୍ବଳ ଉପଯୋଗ କରି ଘର ଘର ବୁଲି ଛାତ୍ରୀଛାତ୍ର ସଂଗ୍ରହ କରୁଥିଲେ। ଆଜି ସେମାନଙ୍କ ସଂଖ୍ୟା ଏତେ ବଢ଼ିଗଲାଣି ଏବଂ ସେମାନେ ଏତେ ସୁଦୃଢ଼ ହୋଇଗଲେଣି ଯେ, ଏବେ ସରକାରୀ ସ୍କୁଲଗୁଡ଼ିକ ସ୍କୁଲ ଉଠିଯିବା ଭୟରେ ସେହି ପ୍ରକାର ପନ୍ଥା ଯେ ନ ଆପଣାଇବେ ସେ କଥା କହିହେବ ନାହିଁ। ଜନସାଧାରଣଙ୍କ ସରକାରୀ ସ୍କୁଲ ପ୍ରତି ମନ ପରିବର୍ତ୍ତନ ପରିପ୍ରେକ୍ଷୀରେ ଆମେ କହିପାରିବା କି ଉଚ୍ଚବର୍ଗର କର୍ମଚାରୀ ଓ ଜନପ୍ରତିନିଧିମାନେ ସେମାନଙ୍କ ପିଲାମାନଙ୍କୁ ଉଦାହରଣ ସୃଷ୍ଟି କରିବା ପାଇଁ ରୂପାନ୍ତରିତ ସ୍କୁଲକୁ ପଠାଇବେ ?

ଶିକ୍ଷାନୁଷ୍ଠାନ ରୂପାନ୍ତରିତ ହେଲା, ବ୍ୟବସ୍ଥା ରୂପାନ୍ତରିତ ହେଲା ବୋଲି କୁହାଯିବ, ଯେତେବେଳେ ଆମେ ଶିକ୍ଷକ ଓ ଅଧ୍ୟାପକମାନଙ୍କୁ ଆଉ ଭୁବନେଶ୍ୱର ପିଏମ୍‌ଜି ଛକରେ ଦେଖିବୁ ନାହିଁ। ପିଏମ୍‌ଜି ଛକରେ ସେମାନଙ୍କ ଉପସ୍ଥିତି ରୂପାନ୍ତରଣ ପ୍ରତି ବିରାଟ ପ୍ରଶ୍ନବାଚୀ ଛିଡ଼ା କରେଇବ ଏବଂ ଫେରି ଆସୁଥିବା ଜନସମର୍ଥନ ପୁଣି ହାତଛଡ଼ା ହେବ। ଲୋକେ ରୂପାନ୍ତରିତ ସ୍କୁଲର ରଙ୍ଗ ଏବଂ ବିକ୍ଷୋଭରତ ହଜାର ହଜାର ଶିକ୍ଷକଙ୍କୁ ଏକା ସଙ୍ଗରେ ଦେଖିବାକୁ ପସନ୍ଦ କରିବେ ନାହିଁ।

ସରକାର ଯଦି ସ୍କୁଲଶିକ୍ଷାର ଉନ୍ନତୀକରଣ ଗମ୍ଭୀରତାର ସହ ଚାହାନ୍ତି, ତାହେଲେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟକୁ ଏକା ନୟନରେ ଦେଖି, ଏକ ସୁସଂହତ ନୀତି ପ୍ରସ୍ତୁତ କରି ରୂପାନ୍ତରଣ ଦିଗରେ ଅଗ୍ରସର ହୁଅନ୍ତୁ। ଜନ ସମର୍ଥନ ବଜାୟ ରଖିବା ପାଇଁ ନିଆଯାଉଥିବା ପଦକ୍ଷେପର ଧାରାବାହିକତା ରହୁ ଏବଂ ସମାଜର ପ୍ରତିନିଧିସ୍ତରୀୟ ଅଭିଭାବକମାନଙ୍କ ପିଲା ସରକାରୀ ସ୍କୁଲ ବା କଲେଜ ପ୍ରତି କିମିତି ଆକୃଷ୍ଟ ହେବେ, ତା’ର ପନ୍ଥା ନିର୍ଦ୍ଧାରଣ କରନ୍ତୁ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର
ମୋ: ୯୪୩୭୩୭୬୨୧୯

# ଉଇଗରଙ୍କୁ ନିର୍ଯାତନା



ପଞ୍ଚାନନ ଅଗ୍ରୱାଲା

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଗତ ଡିସେମ୍ବର ୨୩ ରେ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ସ୍ୱାକ୍ଷର କରିଛନ୍ତି। ଚାଇନାର ଶିଆନ ପ୍ରଦେଶରେ ସଂଖ୍ୟାଲଘୁ ଉଇଗର ସମ୍ପ୍ରଦାୟ ଉପରେ ହେଉଥିବା ଅତ୍ୟାଚାର ଏବଂ ମାନବାଧିକାର ଉଲ୍ଲଂଘନ ପ୍ରସଙ୍ଗରେ ବେଜିଂକୁ ଦଣ୍ଡିତ କରିବା ପାଇଁ ଏହି ଆଇନ ଉଦ୍ଦିଷ୍ଟ ବୋଲି କୁହାଯାଇଛି। ଗତ ସପ୍ତାହରେ ଏହା ସିନେଟର ଉଭୟ ଗୃହରେ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ଶିଆନ ଅଞ୍ଚଳରୁ ଆମଦାନୀ କରାଯାଇଥିବା ସାମଗ୍ରୀ ଉତ୍ପାଦନରେ ଗୋତି ଶ୍ରମିକଙ୍କୁ ନିୟୋଜିତ କରାଯାଇ ନ ଥିବା ନେଇ କମ୍ପାନୀଗୁଡ଼ିକ ପ୍ରମାଣ ନ ଦେବା ପର୍ଯ୍ୟନ୍ତ ସେଗୁଡ଼ିକ ଆମେରିକାକୁ ଆସିପାରିବ ନାହିଁ । ଉଇଗର ଫୋର୍ସଡ ଲେବର ପ୍ରିଭେନ୍‌ସନ୍ସ ଆକ୍ଟ ନାମରେ ଅଣାଯାଇଥିବା ନୂଆ ଆଇନ ଫଳରେ ଉଇଗର ଓ ମୁସଲମାନ ସଂଖ୍ୟାଲଘୁ ଉପରେ ଚାଇନାର ବର୍ବରତାକୁ ହ୍ରାସ କରାଯାଇପାରିବ ବୋଲି ଆମେରିକା ମନେକରୁଛି। ଦାସ ଶ୍ରମିକମାନଙ୍କ ବ୍ୟବହାର ପାଇଁ ଚାଇନାର କମ୍ୟୁନିଷ୍ଟ ପାର୍ଟିକୁ ଆମେରିକା ଉତ୍ତରଦାୟୀ କରିବ।

ଶିନଜିୟାଙ୍ଗ ଅଞ୍ଚଳରେ ମାନବିକତା ଅଧିକାର ହନନ କରିବା ମାମଲାରେ ଚାଇନା ନିଜକୁ ଦୋଷମୁକ୍ତ କହି ଖସିଯାଉଥିଲା। କାନଡ଼ାସ୍ଥିତ ଏକ ଥିଙ୍କଟ୍ୟାଙ୍କ ଅନୁସାରେ ଚାଇନା ଦୀର୍ଘବର୍ଷ ଧରି ଶିନଜିୟାଙ୍ଗ ସମ୍ବନ୍ଧରେ ପଶ୍ଚିମ ଦେଶମାନଙ୍କ ରିପୋର୍ଟକୁ ଏକ ଷଡ଼ଯନ୍ତ୍ର ତଥା ଅପପ୍ରଚାର କହି ଆସୁଥିଲା। ଇଣ୍ଟରନ୍ୟାଶନାଲ ଫୋରମ ଫର୍ ରାଇଟ ଏଣ୍ଡ ସିକ୍ୟୁରିଟି ଅନୁସାରେ ୧୦ ଡିସେମ୍ବର ଦିନ ଲଣ୍ଡନସ୍ଥିତ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲଙ୍କ ପକ୍ଷରୁ କୁହାଯାଇଛି କି ଚାଇନା ଶିନଜିୟାଙ୍ଗ ପ୍ରାନ୍ତରେ ଉଇଗର ସମେତ ଅନ୍ୟ ଅଳ୍ପ ସଂଖ୍ୟକମାନଙ୍କୁ ନରସଂହାର କରିଛି। ଉଇଗର କାର୍ଯ୍ୟକର୍ତ୍ତାମାନଙ୍କ ଆଗ୍ରହ ପରେ ଏକ ଅଣ ସରକାରୀ ସଂଗଠନର ସ୍ଥାପନାବର୍ଷ ୨୦୨୦ରେ ବ୍ରିଟିଶ୍ ନାଗରିକ ଏବଂ ଅନ୍ତର୍ଜାତୀୟ ମାନବାଧିକାର ଓକିଲ ଜେଫ୍ରିନସ୍ ମାମଲାକୁ ଉଠାଇଥିଲେ। ଆଇଏଫଏଫଆରଏସର ରିପୋର୍ଟରେ କୁହାଯାଇଛି ଚାଇନା, ଶିନଜିୟାଙ୍ଗ ପ୍ରାନ୍ତରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆଉ ସାମ୍ବାଦିକଙ୍କୁ ପ୍ରବେଶ ପାଇଁ ଅନୁମତି ଦେଉନାହିଁ।

ଚାଇନାର ଦମନକାରୀ ନୀତି ଯୋଗୁ ତିବ୍ବତ, ଦକ୍ଷିଣ ମଙ୍ଗୋଲିଆ, ତାଇୱାନ, ହଂକଂ, ଉଇଗର ଅଞ୍ଚଳର ଲୋକମାନେ ଅତିଷ୍ଠ ହୋଇ ସାରିଲେଣି। ସେମାନେ ଚାଇନା ସେନାଙ୍କ ଜୋତା ତଳେ ଦଳି ହୋଇ ସାରିଲେଣି। ଚାଇନାରେ କରୋନା ଭାକ୍‌ସିନର ପରୀକ୍ଷା ପାଇଁ ପଶୁଙ୍କ ସ୍ଥାନରେ ଉଇଗରମାନଙ୍କ ଉପରେ ଜବରଦସ୍ତ ପରୀକ୍ଷା କରାଯାଇଥିଲା। ହ୍ୟୁମାନ ରାଇଟ ୱାଚର ସୋଫି ରିଚାର୍ଡସନ କହିଛନ୍ତି: ଚାଇନା ସରକାର ଉଇଗରମାନଙ୍କୁ ଗୋତି ଶ୍ରମିକ ଭଳି ଖଟାଉଛନ୍ତି। ବିଶେଷ କରି ଫ୍ୟାଶନ ଡିଜାଇନ ତଥା କପଡ଼ା ଶିଳ୍ପଗୁଡ଼ିକରେ ଉଇଗରମାନଙ୍କୁ ଗୋତି ଶ୍ରମିକ ରୂପେ ନିୟୋଜିତ କରାଯାଉଛି। ଚାଇନାର ମାଲ ଶସ୍ତାରେ ମିଳୁଥିବାର କାରଣ ବିନା ପାରିଶ୍ରମିକରେ ସେଠାରେ ଉଇଗରମାନଙ୍କୁ ଖଟାଯାଉଛି। ଅନ୍ୟ ଦିଗରେ ଉଇଗରମାନଙ୍କୁ ଅଧିକ ନିର୍ଯାତନା ଦିଆଯାଉଛି।

ଗୋଟିଏ ଖବରର ତଥ୍ୟ ଅନୁସାରେ ସିକିୟାଙ୍ଗରେ ୧କୋଟି ୩୦ଲକ୍ଷ ଉଇଗର ଏବଂ ତାତାରୀ ମୁସଲମାନମାନେ ବହୁତ ନିର୍ଯାତନାର ଶିକାର ହୋଇଛନ୍ତି । ଚାଇନାର ଶିନ୍‌ଜିୟାଙ୍ଗ ପ୍ରାପ୍ତ ପାକିସ୍ତାନ ତୁଳନାରେ ଦେଢ଼ଗୁଣ ଆଉ ବଙ୍ଗଳା ଦେଶରୁ ୧୨ ଗୁଣ ବଡ଼ ପ୍ରାନ୍ତ। ଏଠାକାର ପ୍ରାୟ ଅଧାରୁ ଅଧିକ, ଲୋକସଂଖ୍ୟା ହାନବଂଶୀ ଚାଇନା ଅଧିବାସୀ। ୧୯୪୯ ପର୍ଯ୍ୟନ୍ତ ଏଠାକାର ୯୦ଭାଗ ଲୋକ ତୁର୍କୀର ମୂଳ ମୁସଲମାନ ଥିଲେ, ବାକି ୪ଭାଗ ଲୋକ ହାନବଂଶର ଥିଲେ। ଗତ ୭୦ବର୍ଷ ଧରି ଏଠାକାର ଉଇଗର ମୁସଲମାନମାନଙ୍କ ଉପରେ ଦମନ ଲୀଳା ଚାଲିଛି। ଏମାନେ ପ୍ରାୟ ସମସ୍ତେ କଏଦୀ ଭଳି ଜୀବନ ବିତାଉଛନ୍ତି। ସେମାନଙ୍କୁ ରମଜାନ ପର୍ବରେ ରୋଜା ରଖିବାକୁ ମଧ୍ୟ କଟକଣା ଲାଗୁ ହୋଇଛି। ଦାଢ଼ି ରଖିବା ଆଉ ବୁର୍ଖା ପିନ୍ଧିବାକୁ ମନା କରାଯାଇଛି। ଉଇଗରମାନେ ପ୍ରାର୍ଥନା କରୁଥିବା ମସଜିଦ୍ ଗୁଡ଼ିକୁ ଜବରଦସ୍ତ ଭଙ୍ଗାଯାଇ ସେମାନଙ୍କ ପରିଚୟ ସମାପ୍ତ କରିବାର ପ୍ରୟାସ ଚାଲୁରହିଛି। ଉଇଗର ପୁରୁଷମାନଙ୍କୁ ଜବରଦସ୍ତ ନପୁଂସକ କରିଦିଆଯାଉଛି। ମହିଳାମାନଙ୍କ ଉପରେ ବାରମ୍ବାର ବଳାତ୍କାର କରାଯାଉଛି। ତାଙ୍କ ଶିଶୁମାନଙ୍କୁ ଅଭିଭାବକମାନଙ୍କଠାରୁ ଦୂରରେ ରଖାଯାଉଛି। ବନ୍ଦୀ ଆଉ ଯାତନା ଶିବିରଗୁଡ଼ିକୁ ରି–ଏଜୁକେଶନ କ୍ୟାମ୍ପ କୁହାଯାଉଛି।

ଚାଇନାର ଉଇଗର ମୁସଲମାନମାନଙ୍କୁ ଯେଭଳି ବ୍ୟବହାର କରାଯାଉଛି ତାହାର ତଥ୍ୟ ଜଣେ ପୂର୍ବତନ ପୋଲିସ ଅଧିକାରୀ ସାମ୍ବାଦିକମାନଙ୍କ ଆଗରେ ପ୍ରକାଶ କରିଛନ୍ତି। ଶିନ୍‌ଜିୟାଙ୍ଗ ପ୍ରାନ୍ତରେ ଡିଟେସନ ସେଣ୍ଟରରେ ଉଇଗର ମୁସଲମାନଙ୍କ ପ୍ରତି ଅମାନବୀୟ ଅତ୍ୟାଚାର କରାଯାଉଛି। ସେମାନଙ୍କୁ ଚଉକିରେ ବାନ୍ଧି ରଖାଯାଉଛି, ଚାବୁକଦ୍ୱାରା ମାଡ଼ ମରାଯାଉଛି, ବିଦ୍ୟୁତ କରେଣ୍ଟର ଶକ୍ ଦିଆଯାଉଛି। ଡେଲିମେଲରେ ଜନୈକ ଚାଇନା ପୂର୍ବ ପୋଲିସ ଅଧିକାରୀ କହିଛନ୍ତି ଯେ, ଉଇଗରମାନଙ୍କୁ ପ୍ରବଳ ମାଡ଼ଦ୍ୱାରା ବେହୋସ କରିଦିଆଯାଉଛି, ଏଥିରେ ୧୪ବର୍ଷର ବାଳିକା ବାଳକଙ୍କୁ ମଧ୍ୟ ସାମିଲ କରାଯାଉଛି। ଲୋକଙ୍କ ଗୁପ୍ତାଙ୍ଗରେ କରେଣ୍ଟ ଦିଆଯାଉଛି। ମହିଳାମାନଙ୍କ ହାତରେ ହାତକଡ଼ି ଲଗାଯାଇ ମାଡ଼ ଦିଆଯାଉଛି।

ଅଷ୍ଟ୍ରେଲିୟାର ଖବରକାଗଜରେ ପ୍ରକାଶ ପାଇଛି ଯେ ଚାଇନା ଉଇଗର ମୁସଲମାନମାନଙ୍କ ଅଙ୍ଗ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛି। ହେରାଲଡସନ ରିପୋର୍ଟ ଅନୁସାରେ ଚାଇନା ପ୍ରାୟ ଦେଢ଼ଲକ୍ଷ ଉଇଗର ମୁସଲମାନମାନଙ୍କୁ ବନ୍ଦୀ ରଖିଛି। ଜବରଦସ୍ତ ସେମାନଙ୍କ କିଡ୍‌ନୀ, ଲିଭର କାଢ଼ି ବିକ୍ରି କରି ବାହାର ଦେଶମାନଙ୍କୁ ଚାଲାଣ କରୁଛି। ଜଣେ ସୁସ୍ଥ ଲୋକର ଲିଭର ବିକ୍ରିକରି ଚାଇନା ପ୍ରାୟ ୧କୋଟି ୨୦ଲକ୍ଷ ଟଙ୍କା ପ୍ରାପ୍ତ କରୁଛି। ଏହି ବ୍ୟବସାୟରେ ସେ ବର୍ଷକୁ ୭୫ଲକ୍ଷ କୋଟି ଟଙ୍କା ପାଉଛି। ଡାକ୍ତରଖାନାରୁ ଡିଟେନସନ କ୍ୟାମ୍ପ ବେଶି ଦୂର ନୁହେଁ।

ଉଇଗରମାନେ ମଙ୍ଗୋଲିଆରୁ ଆସିଥିବା ଜଣାଯାଏ। ଏହାଙ୍କ ଇତିହାସ ୮ମରୁ ୯ମ ଶତାବ୍ଦୀର ପାଖାପାଖି। ଗୋଟିଏ ପଥର ଗୁମ୍ଫାରେ ଉଇଗର ଜାତି ରାଜାଙ୍କ କଳାକୃତି ଦେଖିବାକୁ ମିଳିଛି। ଏମାନେ ଦୀର୍ଘବର୍ଷ ଧରି ଶିନଜିୟାଙ୍ଗ କ୍ଷେତ୍ରରେ ରହିଆସୁଛନ୍ତି। ୧୯୧୨ରେ ଚାଇନାକୁ କୁଇଙ୍ଗ ରାଜବଂଶରୁ ମୁକ୍ତି ମିଳିଥିଲା। ପରେ ଚାଇନାକୁ ଗଣରାଜ୍ୟ ଘୋଷଣା କରାଗଲା। ଏହାପରେ ଚାଇନା ଏହି ଇଲାକାରେ ତୁର୍କୀର ଏକ ଇସଲାମ ଶାସନ କବ୍‌ଜା କରିବାକୁ ପ୍ରୟାସ କରିଥିଲା। ଏହାପରେ ଚାଇନାର ଯୋଦ୍ଧା ଜେଙ୍ଗସକ୍ସିନ ଶିନଜିୟାଙ୍ଗକୁ ମୁକ୍ତ କରିବାପାଇଁ କଠିନ ବଳ ପ୍ରୟୋଗ କରିଥିଲା। ଚାଇନା ସରକାରଙ୍କ କହିବା ଅନୁସାରେ ପୂର୍ବେ ଏଠାରେ ହନବଂଶୀ ରହୁଥିଲେ, ପରେ ସେମାନଙ୍କୁ ମାରପିଟ୍ କରି ତଡ଼ିଦିଆଗଲା। ୧୯୩୩ରୁ ୧୯୪୪ ମଧ୍ୟରେ ଶିନଜୟାଙ୍ଗ ଏକ ସ୍ୱାଧୀନ ମୁଲକ ରୂପେ ସ୍ଥାପିତ ହୋଇଥିଲା, ପରେ କମ୍ୟୁନିଷ୍ଟ ନେତା ଜୋସେଫ ଷ୍ଟାଲିନଙ୍କ ସାହାଯ୍ୟରେ ୧୯୪୪ରୁ ୧୯୪୯ ମଧ୍ୟରେ ଚାଇନା ଗଣରାଜ୍ୟରେ ମିଶାଇବାକୁ ପ୍ରସ୍ତାବ ଦିଆଗଲା। ଶିନଜିୟାଙ୍ଗ କ୍ଷେତ୍ରକୁ ଚାଇନା ୨୦୧୬ଠାରୁ ସୁରକ୍ଷା ଅଧିକ ବୃଦ୍ଧି କରିଛି। ପ୍ରତି ଶହେମିଟରରେ ସିସିଟିଭି ଖଞ୍ଜା ଯାଇଛି। ଉଇଗରମାନଙ୍କୁ ବନ୍ଦୀକରି ଚାଇନା ସେମାନଙ୍କ ଅଧିକାରଗୁଡ଼ିକ କ୍ଷୁଣ୍ଣ କରାଯାଇଛି। ଏହା ପ୍ରତି ବିଶ୍ୱର ମୁସଲମାନ ରାଷ୍ଟ୍ରମାନେ ସବୁଜାଣି ଶୁଣି ଚୁପ୍ ହୋଇ ରହିଛନ୍ତି।

ରାଧିକା ଟାୱାର, ଟଙ୍କପାଣି ରୋଡ,
ଭୁବନେଶ୍ୱର
ମୋ–୯୭୭୭୭୪୦୭୧

## ଏଇ ଭାରତରେ

କାର୍‌କୁ ମୋବାଇଲ୍ କ୍ଲିନିକ୍ କରି ରୋଗୀ ସେବାର ଉଦାହରଣ ସୃଷ୍ଟି କରିଛନ୍ତି ଡ. ସୁନୀଲ କୁମାର ହେବି। ବେଙ୍ଗାଲୁରୁ ଓ ଏହାର ଆଖପାଖ ଅଞ୍ଚଳରେ ୧୦ ବର୍ଷ ମଧ୍ୟରେ ୮୦୦ ମେଡିକାଲ କ୍ୟାମ୍ପ କରି ୧.୨ ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରିବାକୁ ସକ୍ଷମ ହୋଇପାରିଛନ୍ତି। ବେଙ୍ଗାଲୁରୁର ମାଲ୍ଲେଶ୍ୱରମ୍‌ରେ ରହନ୍ତି ଡ. ସୁନୀଲ। ୨୦୧୦ରେ ସଡ଼କ ଦୁର୍ଘଟଣାଗ୍ରସ୍ତ ଜଣେ ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବାର ବ୍ୟବସ୍ଥା କରି ତାଙ୍କୁ ସୁସ୍ଥ କରିବା ପରେ ତାଙ୍କ ମନ ବଦଳି ଯାଇଥିଲା। ଏହି ଘଟଣା ପରେ ୨୦୧୧ରେ ବିଜିଏସ୍ ଗ୍ଲୋବାଲ ହସ୍ପିଟାଲରୁ ସେ ଚାକିରି ଛାଡ଼ି ତାଙ୍କ କାର୍‌କୁ ମୋବାଇଲ୍ କ୍ଲିନିକ୍ କରି ବୁଲି ବୁଲି ରୋଗୀ ସେବା କରିବା ଆରମ୍ଭ କରିଥିଲେ। ଏହି କାର୍ଯ୍ୟ ସୁଚାରୁ ରୂପେ କରିବା ଲାଗି ସେ ‘ମାତୃ ଶ୍ରୀ ଫାଉଣ୍ଡେସନ’ ଗଠନ କରିଛନ୍ତି। ମୋବାଇଲ୍ କ୍ଲିନିକ୍‌ରେ ସେବା ଦେୟ ବାବଦରେ କାହାଠାରୁ କିଛି ବି ଗ୍ରହଣ କରନ୍ତିନି। କିନ୍ତୁ ଅନେକେ ତାଙ୍କୁ ବାଧ୍ୟକରି ଅର୍ଥ ଦିଅନ୍ତି। ଡ. ସୁନୀଲ ଏହି ଅର୍ଥ ତଥା ତାଙ୍କ ବନ୍ଧୁ ଓ ଅନ୍ୟମାନଙ୍କ ଦାନରେ ସେବାକୁ ଆଗକୁ ନେଇପାରିଛନ୍ତି। କୋଭିଡ୍ ସମୟରେ ଏହାକୁ ବହୁ ସତର୍କତାର ସହ ଚଳାଇଥିଲେ ମଧ୍ୟ ତାଙ୍କ ସାନଭାଇଙ୍କ ମୃତ୍ୟୁ ହେବା ପରେ ଅନେକେ ତାଙ୍କୁ ମୋବାଇଲ୍ ବନ୍ଦ କରିବାକୁ କହିଥିଲେ। ହେଲେ ରୋଗୀମାନଙ୍କ ଫୋନ୍ ପାଇବା ପରେ ସେ ଘରେ ନ ରହି ପୁଣି ରୋଗୀଙ୍କ ପାଖରେ ପହଞ୍ଚିଗଲେ, ଯାହା ଏବେ ପୂର୍ବପରି ଚାଲିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜାନୁୟାରୀ ୧୯୯୭

- ଶ୍ରୀଲଙ୍କାର ଉତ୍ତର କଲିନୋଚିଚି ଏବଂ ଜାଫନା ଉପଦ୍ୱୀପ ଅଞ୍ଚଳରେ ଶ୍ରୀଲଙ୍କା ସୈନ୍ୟବାହିନୀ ଓ ତାମିଲ ଗେରିଲାଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ଘଟି ୮୦୦ ନିହତ।
- ଲାହୋରର ଏକ ଜନବସତିରେ ଆମୋନିଆ ଗ୍ୟାସ ନିର୍ଗତ ହୋଇ ୨୬ ଜଣଙ୍କ ମୃତ୍ୟୁ।
- ଭାରତ ଓ ବ୍ରିଟେନ ମଧ୍ୟରେ ରହିଥିବା ଅଂଶୀଦାର କ୍ଷେତ୍ରକୁ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଦୁଇ ଦେଶ ମଧ୍ୟରେ ଯୌଥ ଉଦ୍ୟୋଗ କ୍ଷେତ୍ରରେ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ।
- ଦଳବିରୋଧୀ କାର୍ଯ୍ୟ ପାଇଁ ତତ୍କାଳୀନ କଂଗ୍ରେସ ସଭାପତି ପି.ଭି. ନରସିଂହ ରାଓଙ୍କ ଦ୍ୱାରା ଦଳରୁ ବହିଷ୍କୃତ ହୋଇଥିବା ଏନ୍.ଡି. ତିୱାରୀ ଏବଂ ଅର୍ଜୁନ ସିଂ ପୁଣି କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 5 | | 2 | | |
| 9 | | | 4 | | | 5 | | |
| | | | 6 | | | 7 | 9 | |
| 3 | | | | 2 | | | | |
| | | | 1 | | | | | |
| | 2 | | | 8 | | | 4 | |
| 6 | | 5 | | 3 | | | | |
| | | 3 | | | | | 8 | 2 |
| | 9 | 7 | | | | | 1 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 2 | 6 | 9 | 1 | 5 | 8 | 3 |
| 8 | 3 | 6 | 5 | 2 | 4 | 7 | 9 | 1 |
| 1 | 5 | 9 | 7 | 8 | 3 | 6 | 2 | 4 |
| 5 | 8 | 4 | 9 | 1 | 7 | 2 | 3 | 6 |
| 6 | 9 | 7 | 4 | 3 | 2 | 8 | 1 | 5 |
| 2 | 1 | 3 | 8 | 6 | 5 | 9 | 4 | 7 |
| 3 | 2 | 8 | 1 | 7 | 6 | 4 | 5 | 9 |
| 9 | 6 | 5 | 3 | 4 | 8 | 1 | 7 | 2 |
| 7 | 4 | 1 | 2 | 5 | 9 | 3 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଚାନକ ଚଢ଼ାଉ କରାଯାଉ

ମହାଶୟ,

ଦୁର୍ନୀତି ବର୍ତ୍ତମାନ ଲୋକଙ୍କ ରକ୍ତରେ ମିଶିଗଲାଣି। ସରକାରୀ ଚାକିରିଆଙ୍କୁ ଦୃଷ୍ଟାନ୍ତରେ ନେଲେ ସେମାନେ ଦରମା ସହିତ ଉପୁରି କରିବାରେ ବ୍ୟସ୍ତ। ଏସବୁ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ସରକାର ପ୍ରତି କ୍ଷେତ୍ରରେ ଯେତେଟଙ୍କା ବିନିଯୋଗ କରୁଛନ୍ତି ସେଥିରୁ ଅଧାରୁ ଅଧିକ ଟଙ୍କା ଚାକିରିଆଙ୍କ ପକେଟକୁ ଉପୁରି ଆକାରରେ ଚାଲିଯାଉଛି। ସେଥିପାଇଁ ସରକାରଙ୍କୁ ବିନମ୍ର ଅନୁରୋଧ ପ୍ରତି ଜିଲାରେ ଚେକିଂ ଅଫିସ ଖୋଲାଯାଉ। ଯେଉଁମାନେ ଅଳ୍ପ ଟଙ୍କାଠାରୁ ବେଶି ଟଙ୍କା ସରକାରଙ୍କଠାରୁ ଦରମା ହିସାବରେ ପାଉଛନ୍ତି ସେମାନଙ୍କର ସାର୍ଟିଫିକେଟ ଯାଞ୍ଚ କରାଯାଉ। ଭିଜିଲାନ୍ସ ଅଫିସର ଯୋଗାଯୋଗ ନମ୍ବର ସବୁ ସ୍ଥାନରେ ମରାଯାଉ ଓ ପ୍ରତି ଖବର କାଗଜମାନଙ୍କରେ ଏହା ପ୍ରକାଶ କରାଯାଉ। ଯେମିତି କି ସବୁଲୋକମାନେ ଏହା ଜାଣିପାରିବେ। ଏ କାମ ନିୟମିତ ଭାବେ କରାଯାଉ। ଯେଉଁ ବିଭାଗକୁ ସରକାର ଅର୍ଥ ଦେଉଛନ୍ତି ବା ସରକାର ରାଜସ୍ୱ ପାଉଛନ୍ତି ସେସବୁ କାର୍ଯ୍ୟାଳୟର କର୍ମଚାରୀଙ୍କ ସମ୍ପତ୍ତିକୁ ଭିଜିଲାନ୍ସ ବିଭାଗ ଦ୍ୱାରା ଅଚାନକ ତଦାରଖ କରାଯାଉ। ଅନେକ ଅଫିସ ଅଛି, ଯେଉଁମାନେ ସରକାରଙ୍କ ଅର୍ଥକୁ ଚଳୁ କରିଦେଉଛନ୍ତି। ଭିଜିଲାନ୍ସ ଅଫିସ ଏସବୁକୁ ଆଖିଆଗରେ ରଖି ଅଭିଯୋଗ ନ ପାଇଲେ ମଧ୍ୟ ଅଚାନକ ଚଢ଼ାଉ କରନ୍ତୁ ଓ ଏଥିରେ ପ୍ରତିବନ୍ଧକ ସାଜୁଥିବା ନୀତିନିୟମକୁ ଉଚ୍ଛେଦ କିମ୍ବା ବଦଳାଇ ଦେଇ ନିୟମିତ ଚଢ଼ାଉ କରି ସମ୍ପତ୍ତି ବାଜ୍ୟାପ୍ତି କଲେ ଧୀରେ ଧୀରେ ଦୁର୍ନୀତି କମିବ। ଏହାଦ୍ୱାରା ସରକାର ବିନିଯୋଗ କରୁଥିବା ଅର୍ଥ ଠିକ୍ ଦିଗରେ ଖର୍ଚ୍ଚ ହେବ, ଲୋକମାନେ ଏହାଦ୍ୱାରା ବହୁ ଉପକାର ପାଇପାରିବେ।

–ଚକ୍ରଧର ରାଉତ, ପଡ଼ୁଆଁପଦା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧନୀ ସାଉ ଦୋକାନରୁ
ଦି’ଅଣା ହୋଇଛି ବାକି
ସେଥିଲାଗି ଫୁସୁଲାଏ
ଦେବା ପାଇଁ ମିଛ ସାକ୍ଷୀ।
–(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମୋଦିଙ୍କ ସୁରକ୍ଷାରେ ତ୍ରୁଟି: ଆଜି ଶୁଣାଣି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟି ଅଭିଯୋଗର ଶୁଣାଣି ସୋମବାର ସୁପ୍ରିମକୋର୍ଟରେ ଅନୁଷ୍ଠିତ ହେବ। ସିଜେଆଇ ଏନ୍.ଭି. ରମନା, ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ପିଟିଶନକୁ ଶୁଣାଣି କରିବେ। ଲୟର୍ସ ଭଏସ ପକ୍ଷରୁ ପିଟିଶନ ଦାଏର ହୋଇଥିଲା। ଗସ୍ତ ସମୟର ସୁରକ୍ଷା ବ୍ୟବସ୍ଥାର ସମସ୍ତ ରେକର୍ଡ ସୁରକ୍ଷିତ ରଖିବା ଲାଗି ସୁପ୍ରିମକୋର୍ଟ ଶୁକ୍ରବାର ପଞ୍ଜାବ ଓ ହରିୟାଣା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ପାର୍ଲାମେଣ୍ଟର ୪୦୦ କର୍ମଚାରୀ କୋଭିଡ୍ ପଜିଟିଭ୍

ନୂଆଦିଲ୍ଲୀ,୯।୧: ପାର୍ଲାମେଣ୍ଟର ବଜେଟ ଅଧିବେଶନ ପୂର୍ବରୁ ୪୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜାନୁୟାରୀ ୪ରୁ ୮ ତାରିଖ ମଧ୍ୟରେ ପାର୍ଲାମେଣ୍ଟର ୧,୪୦୯ କର୍ମଚାରୀଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ଏଥିରୁ ୪୦୨ ଜଣଙ୍କର ରିପୋର୍ଟ ପଜିଟିଭ୍ ଆସିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେମାନେ ଓମିକ୍ରନ ଭାରିଆଣ୍ଟ ଦ୍ୱାରା ଆକ୍ରାନ୍ତ କି ନୁହେଁ, ଜାଣିବା ଲାଗି ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଉଭୟ ଗୃହର ଅନେକ ଅଫିସର ଓ କର୍ମଚାରୀଙ୍କୁ ଆଇସୋଲେସନରେ ରଖାଯାଇଛି। ତେବେ ପାର୍ଲାମେଣ୍ଟ ପରିସର ବାହାରେ କେତେଜଣ କର୍ମଚାରୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ତାହା ଜଣାପଡ଼ିନାହିଁ।

### ବଜେଟ ଉପସ୍ଥାପନରେ ହସ୍ତକ୍ଷେପ କରିବେନି ଇସି

ନୂଆଦିଲ୍ଲୀ,୯।୧: ୫ ରାଜ୍ୟ ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହୋଇସାରିଥିଲେ ମଧ୍ୟ କେନ୍ଦ୍ର ବଜେଟ ଉପସ୍ଥାପନରେ ହସ୍ତକ୍ଷେପ କରିବେ ନାହିଁ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁଶୀଲ ଚନ୍ଦ୍ରା କହିଛନ୍ତି। ନିର୍ବାଚନ ବେଳେ ବାର୍ଷିକ କାର୍ଯ୍ୟରେ ବାଧା ଦିଆଯିବ ନାହିଁ ବୋଲି ସିଇସି ସ୍ପଷ୍ଟ କରିଦେଇଛନ୍ତି। ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ଫେବୃୟାରୀ ୧୦ରୁ ମତଦାନ ଆରମ୍ଭ ହେବ। ଫେବୃୟାରୀ ୧ କେନ୍ଦ୍ର ବଜେଟ ଓ ଏହା ପୂର୍ବରୁ ପାର୍ଲାମେଣ୍ଟର ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ନିର୍ବାଚନକୁ ପ୍ରଭାବିତ କରିବ ନାହିଁ କି ବୋଲି ପ୍ରଶ୍ନ ଉଠିଥିଲା। ଏହାର ଜବାବରେ ଚନ୍ଦ୍ରା କହିଥିଲେ, ବଜେଟ ବାର୍ଷିକ ଆୟବ୍ୟୟ ସମ୍ପର୍କିତ ବିବୃତି ଯାହାକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବାକୁ ପଡ଼ିଥାଏ। ଏହା ସାରା ଦେଶ ପାଇଁ, ୫ ରାଜ୍ୟରେ ସୀମାବଦ୍ଧ ନୁହେଁ। ତେଣୁ ନିର୍ବାଚନ କମିଶନ ଏଥିରେ ହସ୍ତକ୍ଷେପ କରିବାକୁ ଚାହାନ୍ତି ନାହିଁ ବୋଲି ସିଇସି କହିଛନ୍ତି।

### ମେକ୍ସିକୋ ଜେଲରେ ସଂଘର୍ଷ: ୫୬ ଆହତ

ମେକ୍ସିକୋ ସିଟି,୯।୧: ବଟି ଅର୍ଥକୁ ନେଇ ମେକ୍ସିକୋର ଏକ ଜେଲରେ କଏଦୀମାନଙ୍କ ମଧ୍ୟରେ ଦଙ୍ଗା ସୃଷ୍ଟି ହୋଇଛି। ଏଥିରେ ୫୬ ଅନ୍ତେବାସୀ ଆହତ ହୋଇଛନ୍ତି। ମୋଣ୍ଟେରି ସହର ଉପକଣ୍ଠରେ ଥିବା ଆପୋଡାକା ଜେଲ୍‌ରେ ଶୁକ୍ରବାର ଦଙ୍ଗା ଆରମ୍ଭ ହୋଇଥିଲା। ବନ୍ଦୀମାନେ ପରସ୍ପରକୁ ମାଡ଼ମାରି କିମ୍ବା କୌଣସି ଶକ୍ତ ବସ୍ତୁରେ ପିଟି କ୍ଷତାକ୍ତ କରିଛନ୍ତି। ସୂଚନା ଅନୁଯାୟୀ ଜେଲ୍‌ର ଅଧିକାଂଶ ଅନ୍ତେବାସୀ କଳାକାରଖାନାରେ କାମ କରିଥାନ୍ତି ଓ ଶୁକ୍ରବାର ସେମାନଙ୍କୁ ଟଙ୍କା ମିଳିଥାଏ। ସେଠାରେ ଥିବା ୫ଟି ଗ୍ୟାଙ୍ଗ ବନ୍ଦୀମାନଙ୍କଠାରୁ ଜବରଦସ୍ତ ବଟି ଅସୁଲ କରିଥାନ୍ତି।

# ୨୨୪ ଦିନରେ ସର୍ବାଧିକ ସଂକ୍ରମଣ

### ଦିନକରେ ୧.୫୯ ଲକ୍ଷ ଆକ୍ରାନ୍ତ

ନୂଆଦିଲ୍ଲୀ,୯।୧

ଭାରତରେ ୨୪ ଘଣ୍ଟା ମଧ୍ୟରେ ୧,୫୯,୬୩୨ ନୂଆ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୫୫,୨୮,୦୦୪ରେ ପହଞ୍ଚିଛି। ଗତ ୨୨୪ ଦିନ ମଧ୍ୟରେ ଏହା ସର୍ବାଧିକ ଦୈନିକ ସଂକ୍ରମଣ। ସେହିପରି ସକ୍ରିୟ ମାମଲା ସଂଖ୍ୟା ୫,୯୦,୬୧୧କୁ ବୃଦ୍ଧି ପାଇଛି। ୧୯୭ ଦିନ ମଧ୍ୟରେ ଏହା ସର୍ବାଧିକ ସକ୍ରିୟ ମାମଲା। ଗତବର୍ଷ ମେ' ୨୯ରେ ଦେଶରେ ଦୈନିକ ସଂକ୍ରମଣ ୧,୬୫,୫୫୩ ଥିଲା। ରବିବାର ୩୨୭ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ୪,୮୩,୭୯୦ରେ ପହଞ୍ଚିଛି। ରବିବାର ୨୭୬ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ମୋଟ ମାମଲା ୩,୬୨୩ରେ ପହଞ୍ଚିଛି। ନୂଆ ଭାରିଆଣ୍ଟ ଏବେ ଦେଶର ୨୭ ଜିଲ୍ଲା ଓ କେନ୍ଦ୍ରଶାସିତ ଅଞ୍ଚଳକୁ ବ୍ୟାପିଲାଣି। ମହାରାଷ୍ଟ୍ରରେ ସର୍ବାଧିକ ୧,୦୦୯ ଜଣ ଓମିକ୍ରନ୍ ସଂକ୍ରମିତ ହୋଇଥିବାବେଳେ ଦିଲ୍ଲୀରେ ୫୧୩ ମାମଲା ରହିଛି। ମୋଟ ଓମିକ୍ରନ୍ ଆକ୍ରାନ୍ତଙ୍କ ମଧ୍ୟରୁ ୧,୪୦୯ ଜଣ ସୁସ୍ଥ ହେଲେଣି। ସକ୍ରିୟ ମାମଲା ମୋଟ ସଂକ୍ରମଣର ୧.୬୬ ପ୍ରତିଶତ ରହିଛି। ଜାତୀୟ ସ୍ତରରେ କୋଭିଡ୍-୧୯ ଆରୋଗ୍ୟ ହାର ୯୭.୮ ପ୍ରତିଶତକୁ ହ୍ରାସ ପାଇଛି। ଏଥିସହିତ ୨୪ ଘଣ୍ଟା ମଧ୍ୟରେ ସକ୍ରିୟ ମାମଲାରେ ୧,୧୮,୪୪୨ ଆକ୍ରାନ୍ତ ସାମିଲ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦୈନିକ ସଂକ୍ରମଣ ହାର ୧୦.୨୧ ଓ ସାପ୍ତାହିକ ପଜିଟିଭିଟି ହାର ୬.୭୭% ରହିଛି। ଦେଶରେ କୋଭିଡ୍ ଟିକାକରଣ ୧୫୧.୫୮ କୋଟି ଡୋଜ୍‌ରେ ପହଞ୍ଚିଥିବାବେଳେ ୧୫ରୁ ୧୮ ବର୍ଷ ବୟସବର୍ଗର ୨ କୋଟି ପିଲା ପ୍ରଥମ ଡୋଜ୍ ଟିକା ନେଲେଣି।

## 'ଓ ମାସରେ କମିବ'




ପୁଣେ,୯।୧

ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ଭାରତରେ ଯେଉଁଭଳି ଦ୍ରୁତବେଗରେ ସଂକ୍ରମଣ ବଢ଼ିଲାଣି, ସେହିପରି ଶୀଘ୍ର ହ୍ରାସ ପାଇବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ଗତ ୫ ସପ୍ତାହର ବିଶ୍ୱ ସଂକ୍ରମଣ ତଥ୍ୟ ଏବଂ ଅଭିଜ୍ଞତାରୁ ଜଣାପଡ଼ିଛି ଯେ, ଓମିକ୍ରନ୍ ସଂକ୍ରମିତଙ୍କଠାରେ କୌଣସି ଲକ୍ଷଣ ଦେଖାଯାଉ ନାହିଁ କିମ୍ବା ସାମାନ୍ୟ ଲକ୍ଷଣ ପ୍ରକାଶ ପାଉଛି। ଯେଉଁ କେତେକଣ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି, ସେମାନଙ୍କର ବହୁବିଧ ରୋଗ ରହିଛି କିମ୍ବା ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ। ଓମିକ୍ରନ୍ ଆକ୍ରାନ୍ତ ହସ୍ପିଟାଲରେ ଭର୍ତ୍ତି ହେବା ହାର ୧ରୁ ୨ ପ୍ରତିଶତ ମଧ୍ୟରେ ରହିଛି, ଯାହା ଡେଲ୍ଟା ଭାରିଆଣ୍ଟ ସଂକ୍ରମଣ ତୁଳନାରେ ବହୁତ କମ୍ ବୋଲି ଟିକାକରଣ ପାଇଁ ଜାତୀୟ ବୈଷୟିକ ଉପଦେଷ୍ଟା ଗୋଷ୍ଠୀର ଅଧ୍ୟକ୍ଷ ଡ. ଏନ୍.କେ. ଅରୋରା କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୯୧ ପ୍ରତିଶତ ସାବାଳକ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଏବଂ ୬୬ ପ୍ରତିଶତରୁ ଅଧିକ ଦ୍ୱିତୀୟ ଡୋଜ୍ ନେଇସାରିଲେଣି। ତେଣୁ ଏବେ ବଢ଼ୁଥିବା ସଂକ୍ରମଣ ବେଶୀଦିନ ରହିବ ନାହିଁ ବୋଲି ଡ. ଅରୋରା କହିଛନ୍ତି। ୫୦ ପ୍ରତିଶତରୁ ଅଧିକ ସଂକ୍ରମଣ ଭାରତର ବୃହତ୍ ସହରଗୁଡ଼ିକରେ ହେଉଛି। ୩ ମାସ ମଧ୍ୟରେ ସଂକ୍ରମଣ ହ୍ରାସ ପାଇବ ବୋଲି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍)ର ଅତିରିକ୍ତ ମହାନିର୍ଦ୍ଦେଶକ ଡ. ସମିରନ୍ ପଣ୍ଡା କହିଛନ୍ତି।

## ମିଶନ ମୋଡ୍‌ରେ ପିଲାଙ୍କୁ ଟିକାକରଣ ନିର୍ଦ୍ଦେଶ

### କୋଭିଡ୍ ସ୍ଥିତି ସମୀକ୍ଷା କଲେ ମୋଦି



ନୂଆଦିଲ୍ଲୀ,୯।୧

ଡେଲ୍ଟା ଏବଂ ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ଦେଶରେ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମହାମାରୀ ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ୧୫ରୁ ୧୮ ବର୍ଷ ପିଲାଙ୍କ ଟିକାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପିଲାମାନଙ୍କୁ ମିଶନ ମୋଡ୍‌ରେ ଟିକାଦାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, କ୍ୟାବିନେଟ ସଚିବ, ସ୍ୱରାଷ୍ଟ୍ର ସଚିବ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ, ରେଳୱେ ବୋର୍ଡ ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୁନିଶ୍ଚିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ଭୂତାଣୁ ବାରମ୍ବାର ରୂପ ବଦଳାଉଥିବାରୁ ପରୀକ୍ଷା, ଟିକା, ଜିନୋମ ସିକ୍ୱେନ୍ସିଂ ସମେତ ଚିକିତ୍ସା ଉପରେ ଲଗାତାର ବୈଜ୍ଞାନିକ ଗବେଷଣା ଆବଶ୍ୟକ। କୋଭିଡ୍ ଚିକିତ୍ସା ବେଳେ ଅଣକୋଭିଡ୍ ରୋଗୀଙ୍କ ସେବା ଯେପରି ଜାରି ରହେ ତାହା ସୁନିଶ୍ଚିତ କରିବା ଏବଂ ଟେଲିମେଡିସିନ୍‌ର ସହାୟତା ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମହାମାରୀ ବିରୋଧରେ ଲଢ଼େଇ ପାଇଁ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ବଜାୟ ରଖିବା ଆଦି କୋଭିଡ୍ ଆଚରଣବିଧିକୁ ଜନଆନ୍ଦୋଳନରେ ପରିଣତ କରିବାକୁ ହେବ ବୋଲି ମୋଦି କହିଛନ୍ତି।



ନୂଆଦିଲ୍ଲୀରେ ସପ୍ତାହାନ୍ତ ଲକ୍‌ଡାଉନ ଯୋଗୁ ଜନଶୂନ୍ୟ ବାବା ଖରକସିଂହ ମାର୍ଗରେ ପାରାମାନଙ୍କ ସମାଗମ।

## ୨୦% ବିମାନ ବାତିଲ କଲା ଇଣ୍ଡିଗୋ

ନୂଆଦିଲ୍ଲୀ,୯।୧

ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ଦେଶରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଇଣ୍ଡିଗୋ ଏହାର ୨୦% ବିମାନ ଉଡ଼ାଣ ବାତିଲ କରିବ ବୋଲି ରବିବାର କହିଛି। ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଚେଞ୍ଜ ଫି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଛାଡ଼ କରିବାକୁ ଇଣ୍ଡିଗୋ ନିଷ୍ପତ୍ତି ନେଇଛି। ବିମାନ ଯାତ୍ରା ତାରିଖ ବଦଳାଇବା ଲାଗି ଯାତ୍ରୀମାନଙ୍କୁ ଚେଞ୍ଜ ଫି ପୈଠ କରିବାକୁ ପଡ଼ିଥାଏ। ଦେଶରେ କୋଭିଡ୍ ସଂକ୍ରମଣ ବଢ଼ୁଥିବାରୁ ବହୁସଂଖ୍ୟାରେ ଇଣ୍ଡିଗୋ ଯାତ୍ରୀ ସେମାନଙ୍କ ଗସ୍ତ ଯୋଜନା ପରିବର୍ତ୍ତନ କରୁଛନ୍ତି। ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମସ୍ତ ନୂଆ ଏବଂ ପୂର୍ବରୁ ବୁକିଂ କରିଥିବା ଗ୍ରାହକମାନଙ୍କ ଚେଞ୍ଜ ଫି ଛାଡ଼ କରିଦିଆଯାଉଛି। ଏଥିସହିତ ଚାହିଦା କମିଥିବାରୁ ଏୟାରଲାଇନ୍ସ ଏହାର କେତେକ ରୁଟ୍‌ରେ ବିମାନ ସେବା ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଫ୍ଲାଇଟ୍ ଉଡ଼ାଣର ୭୨ ଘଣ୍ଟା ପୂର୍ବରୁ ବାତିଲ ସମ୍ପର୍କରେ ଘୋଷଣା କରାଯିବ। ଫଳରେ ଯାତ୍ରୀମାନେ ସେମାନଙ୍କ ଗସ୍ତ ଯୋଜନା ପରିବର୍ତ୍ତନ କରି ପରବର୍ତ୍ତୀ ଫ୍ଲାଇଟ୍‌ର ସୁଯୋଗ ନେଇପାରିବେ।

## ୧୧ କି.ମି. ପଶି ଆସିଛି ପାକ୍ ବୋଟ୍

ନୂଆଦିଲ୍ଲୀ,୯।୧

ଭାରତୀୟ ଜଳରାଶିର ୧୧ କିଲୋମିଟର ଭିତରକୁ ପଶିଆସିଥିବା ପାକିସ୍ତାନର ଏକ ବୋଟ୍‌କୁ ତଟରକ୍ଷୀ ଯବାନମାନେ ଜବତ କରିବା ସହ ଏଥିରେ ଥିବା ୧୦ ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଶନିବାର ରାତିରେ ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ ଅଙ୍କିତ୍ ଗୁଜରାଟ ଉପକୂଳରେ 'ୟାସିନ' ନାମକ ପାକିସ୍ତାନୀ ବୋଟ୍‌କୁ ପିଛା କରି ଏହାକୁ ଧରିଥିଲା। ଅଧିକ ତଦନ୍ତ ଲାଗି ବୋଟ୍‌କୁ ପୋରବନ୍ଦରକୁ ଅଣାଯାଇଛି। ଗତବର୍ଷ ସେପ୍ଟେମ୍ବର ୧୫ରେ ତଟରକ୍ଷୀ ବାହିନୀ ଗୁଜରାଟ ଉପକୂଳରୁ ପାକିସ୍ତାନୀ ଅନ୍ୟ ଏକ ବୋଟ୍‌କୁ ଜବତ କରିଥିଲା। ସେଥିରେ ୧୨ ଜଣ କର୍ମଚାରୀ ଥିଲେ।

### ଇଚ୍ଛାମୃତ୍ୟୁ ପୂର୍ବରୁ ଶେଷକଥା

## 'ଖୁବ୍‌ଶୀଘ୍ର ଦେଖା ହେବ'

ବୋଗୋଟା, ୯।୧



ଦୀର୍ଘ ଦିନ ହେଲା ଫୁସଫୁସ୍ ଜନିତ ଜଟିଳ ରୋଗରେ ପଡ଼ିଥିବା ଥିବା କଲମ୍ବିଆର ୬୦ ବର୍ଷୀୟ ଭିକ୍ଟର ଏସ୍କୋବର୍ ଶୁକ୍ରବାର ଇଚ୍ଛାମୃତ୍ୟୁ ବରଣ କରିଛନ୍ତି। ଦେଶରେ ଇଚ୍ଛାମୃତ୍ୟୁ ଆଇନ ଲାଗୁ ହେବା ପରେ ଏପରି କରିବାରେ ସେ ଲାଟିନ୍ ଆମେରିକାର ପ୍ରଥମ ବ୍ୟକ୍ତି। 'ମୃତ୍ୟୁକୁ ବାଛି ଶାନ୍ତି ଅନୁଭବ କରୁଛି। ଏଥିପାଇଁ ସେ ଭୟଭୀତ ନୁହନ୍ତି। ଦିନେ ସମସ୍ତଙ୍କ ପାଳି ଆସିବ। ତେଣୁ କାହାରିକୁ ବିଦାୟ କହିବି ନାହିଁ। ଖୁବଶୀଘ୍ର ସମସ୍ତଙ୍କ ସହ ଦେଖାହେବ' ବୋଲି ମୃତ୍ୟୁ ପୂର୍ବରୁ ସେ କହିଥିଲେ। ଏଥିସହ ଜୀବନର ଶେଷ ମୁହୂର୍ତ୍ତ ସେ ତାଙ୍କ ପରିବାର ସହ ବିତାଇଥିଲେ। ଡାକ୍ତରଙ୍କ ଉପସ୍ଥିତିରେ ତାଙ୍କୁ ମୃତ୍ୟୁର ଇଞ୍ଜେକ୍ସନ ଦିଆଯାଇଥିବା ତାଙ୍କ ଓକିଲ ଲୁଇସ୍ କହିଛନ୍ତି। ଏଥିରେ ତାଙ୍କୁ ପରିବାର ଲୋକ ମଧ୍ୟ ସମର୍ଥନ ଦେଇଥିଲେ। ୧୯୯୭ରେ କଲମ୍ବିଆ ଇଚ୍ଛାମୃତ୍ୟୁକୁ ଦଣ୍ଡବିହୀନ କରାଯାଇଥିଲା। ଗତ ଜୁଲାଇରେ ଦୁରାରୋଗ୍ୟରେ ପଡ଼ିତ ଥିବା ବ୍ୟକ୍ତିଙ୍କୁ ଇଚ୍ଛାମୃତ୍ୟୁ ପାଇଁ ସ୍ଥାନୀୟ ଅଦାଲତ ଅନୁମତି ଦେଇଥିଲେ।

## କାଜାଖସ୍ତାନ ହିଂସା: ଗଲାଣି ୧୬୪ ଜୀବନ

ନୁର-ସୁଲତାନ, ୯।୧

ଏଲ୍‌ପିଜି ଦର ବୃଦ୍ଧିକୁ ନେଇ କେନ୍ଦ୍ରୀୟ ଏସିଆ ଦେଶ କାଜାଖସ୍ତାନରେ ଆନ୍ଦୋଳନ ହିଂସାର ରୂପ ନେଇଛି। ଗତ ୨ ତାରିଖରୁ ବିକ୍ଷୋଭ ଜାରିଥିବାବେଳେ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଓ ସେନା ପକ୍ଷରୁ ବଳପ୍ରୟୋଗ କରାଯାଉଥିବା ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ରାଷ୍ଟ୍ରପତି କାସ୍ୟମ-ଜୋମାର୍ଟ ତୋକାୟେଭ୍ ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ଚଳାଇବାକୁ ସେନାକୁ ନିର୍ଦ୍ଦେଶ ଦେବାପରଠାରୁ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ରିପୋର୍ଟ ଅନୁସାରେ ପୋଲିସ ଏବଂ ଆନ୍ଦୋଳନକାରୀ ମୁହାଁମୁହିଁ ହେବା ଫଳରେ ଏ ପର୍ଯ୍ୟନ୍ତ ପ୍ରାୟ ୧୬୪ ଜଣଙ୍କ ଜୀବନ ଯାଇଛି। ୧୦୩ ମୃତକ କେବଳ ଆଲ୍‌ମାଟି ସହର ବାସିନ୍ଦା ବୋଲି ଜଣାପଡ଼ିଛି। ଏଥିସହ ପ୍ରାୟ ୫,୮୦୦ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ରାଷ୍ଟ୍ରପତି ତୋକାୟେଭ୍ ରବିବାର କହିଛନ୍ତି। ଦଙ୍ଗାରେ ଏ ପର୍ଯ୍ୟନ୍ତ ପ୍ରାୟ ୧୭୫ ମିଲିୟନ ୟୁରୋ (ପ୍ରାୟ ୧୫ଶହ କୋଟି ଟଙ୍କା)ର ସମ୍ପତ୍ତି ନଷ୍ଟ ହୋଇଥିବା ଆଭ୍ୟନ୍ତରୀଣ ମନ୍ତ୍ରୀ କହିଛନ୍ତି। ଶତାଧିକ ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ ଲୁଟ୍ ହେବା ସହ ୪ଶହରୁ ଊର୍ଦ୍ଧ୍ୱ ଗାଡ଼ିକୁ ଜାଳି ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ହିଂସା ଯୋଗୁ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ କେତେକ ସ୍ଥାନରେ ଖାଦ୍ୟସଙ୍କଟ ସ୍ଥିତି ଉପୁଜିଛି।

## ୧୧ ଥର ଟିକା ନେଇଥିବା ବୃଦ୍ଧଙ୍କ ବିରୋଧରେ ମାମଲା



ବ୍ରହ୍ମଦେବ ମଣ୍ଡଳ

ପାଟନା,୯।୧

ବିହାରର ମାଧେପୁରା ଜିଲ୍ଲାରେ ୧୧ ଥର କୋଭିଡ୍ ଟିକା ନେବା ପରେ ଧରାପଡ଼ିଥିବା ୮୪ ବର୍ଷୀୟ ବ୍ରହ୍ମଦେବ ମଣ୍ଡଳଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ମାଧେପୁରା ଜିଲ୍ଲାର ପୁରୈନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ବିନୟ କୃଷ୍ଣ ପ୍ରସାଦଙ୍କ ବୟାନ କ୍ରମେ ମଣ୍ଡଳଙ୍କ ବିରୋଧରେ ଆଇପିସିର ଧାରା ୧୮୮, ୪୧୯ ଏବଂ ୪୨୦ରେ ଜାମିନ ବିହୀନ ମାମଲା ଦାଏର ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲେ ଏଭଳି ଅନ୍ୟମାନେ ମଧ୍ୟ ଦ୍ରୁତରୁ ଅଧିକ ଟିକା ନେଇଥାନ୍ତେ ବୋଲି ମାଧେପୁରା ସିଭିଲ୍ ସର୍ଜନ ଡା. ଅମରେନ୍ଦ୍ର ପ୍ରତାପ ଶାହି କହିଛନ୍ତି। ସୂଚନାଯୋଗ୍ୟ, ଓରେ ଗ୍ରାମର ମଣ୍ଡଳ ଗତ ୧୦ ମାସ ମଧ୍ୟରେ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଭୁଲ୍ ପରିଚୟ ଦେଇ ୧୧ ଥର କୋଭିଡ୍ ଟିକା ନେଇଥିଲେ। ଦ୍ୱାଦଶ ଥର ଟିକା ନେବାକୁ ଆସିଥିବାବେଳେ ସେ ଧରାପଡ଼ିଥିଲେ। ପ୍ରତିଥର ସରକାରଙ୍କ ଏହିମାଗଣା ଟିକା ନେବା ପରେ ସେ ଅଧିକ ସୁସ୍ଥ ଅନୁଭବ କରୁଥିଲେ ବୋଲି କହିଛନ୍ତି।

## ନ୍ୟୁୟର୍କରେ ହୋଟେଲ କିଣିଲେ ମୁକେଶ ଅମ୍ବାନୀ

ନୂଆଦିଲ୍ଲୀ,୯।୧

ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ (ଆରଆଇଏଲ) ଖୁବଶୀଘ୍ର ବିଶ୍ୱ ଆପଲର ମାନହାଟାନ୍‌ରେ ଥିବା ମାଣ୍ଡାରିନ୍ ଓରିଏଣ୍ଟାଲ ନ୍ୟୁୟର୍କ ହୋଟେଲର ମାଲିକ ହେବାକୁ ଯାଉଛି। ଆରଆଇଏଲର ରିଲାଏନ୍ସ ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ହୋଲ୍ଡିଂସ୍ ଲିଃ (ଆରଆଇଆଇଏଚ୍‌ଏଲ୍) ଉକ୍ତ ହୋଟେଲର ୭୩.୩୭% ଅଂଶଧନ ୯୮.୧ ନିୟୁତ ଡଲାରରେ କିଣିଛି। ମୁକେଶଙ୍କ କମ୍ପାନୀ ହସ୍ପିଟାଲିଟି ସେକ୍ଟରରେ ନୂଆ ଗୁହାଁ ପୂର୍ବରୁ ଓବେରଏ ହୋଟେଲ୍‌ର ପ୍ରମୁଖ କମ୍ପାନୀ ଇଆଇଏଚ୍‌ଲିରେ ରିଲାଏନ୍ସର ୧୯ ପ୍ରତିଶତ ଅଂଶଧନ ରହିଛି। ନୀତା ଅମ୍ବାନୀ ଏହାର ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି। ଏହା ବ୍ୟତୀତ ବ୍ରିଟେନର ଷ୍ଟୋକ ପାର୍କ ଲିମିଟେଡ୍‌ରେ ରିଲାଏନ୍ସ ପୁଞ୍ଜିନିବେଶ କରିଛି। ମୁମ୍ବାଇ ବିକେସିରେ ରିଲାଏନ୍ସ ଏକ କନ୍‌ଭେନ୍‌ସନ ସେଣ୍ଟର, ହୋଟେଲ୍ ଓ ପରିଚାଳିତ ବାସଗୃହ ନିର୍ମାଣ କରୁଛି। ନ୍ୟୁୟର୍କ ଓ ଲଣ୍ଡନରେ ଭାରତର ବଡ଼ ହୋଟେଲ କମ୍ପାନୀଗୁଡ଼ିକର ଉପସ୍ଥିତି ରହିଛି। କଲମ୍ବସ୍ ସେଣ୍ଟର କର୍ପୋରେଶନ ପକ୍ଷରୁ ଇସ୍ତ୍ୟୁ କରାଯାଉଥିବା ସମସ୍ତ ଅଂଶଧନ କିଣିବା ପାଇଁ ଶନିବାର ଆରଆଇଆଇଏଚ୍‌ଏଲ୍ ଚୁକ୍ତିନାମା ସ୍ୱାକ୍ଷର କରିଛି। ୨୦୦୩ରେ ନିର୍ମିତ ବିଳାସପୂର୍ଣ୍ଣ ହୋଟେଲ ମାଣ୍ଡାରିନ୍ ଓରିଏଣ୍ଟାଲ ନ୍ୟୁୟର୍କରେ କଲମ୍ବସ୍ ସେଣ୍ଟର କର୍ପୋରେସନର ୭୩.୩୭% ଅଂଶଧନ ରହିଛି। ମାର୍ଚ୍ଚ ଶେଷ ସୁଦ୍ଧା ରିଲାଏନ୍ସ ଉକ୍ତ ହୋଟେଲକୁ ଅଧିଗ୍ରହଣ କରିବ ବୋଲି ସୂଚନା ମିଳିଛି। ଏଥିସହିତ ସମାନ ମୂଲ୍ୟରେ ହୋଟେଲର ଅବଶିଷ୍ଟ ୨୬.୬୩ ପ୍ରତିଶତ ଅଂଶଧନକୁ ରିଲାଏନ୍ସ ଅଧିଗ୍ରହଣ କରିପାରିବ।



## ନାଇଜେରିଆରେ ନରସଂହାର

# ୨ ଶହ ଜଣଙ୍କୁ ଗୁଳି

### ସେନା କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ନେଲେ ଦସ୍ୟୁ

ଆବୁଜା, ୯।୧


ନାଇଜେରିଆର ଉତ୍ତର-ପଶ୍ଚିମ ରାଜ୍ୟ ଜାମ୍‌ଫରାରେ ବନ୍ଧୁକଧାରୀ ନରସଂହାର ରଚିଛନ୍ତି। ଗତ ସପ୍ତାହରେ ନାଇଜେରିଆ ସେନା ସେମାନଙ୍କ ଅଡ୍ଡା ଉପରେ ଚଢ଼ାଉ କରିବା ପରେ ଏହାର ପ୍ରତିଶୋଧ ନେବାକୁ ଯାଇ ବନ୍ଧୁକଧାରୀମାନେ ସାଧାରଣ ଲୋକଙ୍କ ଉପରେ ଅନ୍ଧାଧୁନ୍ଦ ଗୁଳି ଚଳାଇଛନ୍ତି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଆତତାୟୀମାନେ ଅନେକଙ୍କ ଘରେ ପଶିପଶି ଲୁଟ୍ କରିଛନ୍ତି। ୧୦ ହଜାରରୁ ଅଧିକ ଲୋକ ଘର, ଗାଁ ଛାଡ଼ି ପଳାୟନ କରିଛନ୍ତି। ବହୁ ସଂଖ୍ୟାର ଲୋକ ନିଖୋଜ ଅଛନ୍ତି। ସେନା ଏବଂ ପୋଲିସ ସହାୟତାରେ ଅନ୍ୟୂନ ୨ ଶହ ଜଣଙ୍କ ମୃତଦେହକୁ କବର ଦିଆଯାଇଥିବା ମାନବୀୟ ବ୍ୟାପାର ମନ୍ତ୍ରୀ ସାଦିୟା ଉମର ଫାରୁକ୍‌ଙ୍କ ଜଣେ ମୁଖପାତ୍ର କହିଛନ୍ତି। କାମ୍‌ଫରାର ଗୁସାମୀ ଜଙ୍ଗଲ ଏବଂ ସାମ୍ବରେ ଗ୍ରାମରେ ଗତ ସୋମବାର ନାଇଜେରିଆ ସେନା ଆତତାୟୀ ଲୁଚି ରହିଥିବା ସ୍ଥାନଗୁଡ଼ିକରେ ଏୟାର ଷ୍ଟ୍ରାଇକ୍ କରିଥିଲା। ଏଥିରେ ଉକ୍ତ ଗ୍ରୁପର ୨ ଲିଡରଙ୍କୁ ମିଶାଇ ଶତାଧିକ ନିହତ ହୋଇଥିଲେ। ସେନାର ଏହି କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ନେବାକୁ ଗତ ମଙ୍ଗଳବାର ଅଙ୍କା ଅଞ୍ଚଳରେ ଥିବା ୮ଟି ଗ୍ରାମରେ ୩ଶହରୁ ଊର୍ଦ୍ଧ୍ୱ ବନ୍ଧୁକଧାରୀ ବାଇକ୍ ଯୋଗେ ପଶିଆସିଥିଲେ। ସେମାନଙ୍କ ଅନ୍ଧାଧୁନ୍ଦ ଗୁଳିରେ ପ୍ରାୟ ୩୦ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ଏବଂ ଗୁରୁବାର ମଧ୍ୟ ଆତତାୟୀମାନେ ଅଙ୍କା ଏବଂ ବୁକ୍କୁୟମ୍ ଜିଲ୍ଲାରେ ପ୍ରାୟ ୧୦ ଗ୍ରାମରେ ପଶି ଲୋକଙ୍କ ଉପରକୁ ଗୁଳି ଚଳାଇବା ସହ ଧନ ସମ୍ପତ୍ତି ଲୁଟ୍ କରି ଘରଗୁଡ଼ିକରେ ନିଆଁ ଲଗାଇଦେଇଥିଲେ। ଏଥିରେ ନିହତ ହୋଇଥିବା ପ୍ରାୟ ୧୪୦ ଜଣଙ୍କୁ କବର ଦିଆଯାଇଛି। ନିଖୋଜଙ୍କ ସନ୍ଧାନ ଚାଲିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ହତ୍ୟାକାରୀ ଗ୍ୟାଙ୍ଗକୁ ପ୍ରତିହତ କରିବାକୁ ସେନାକୁ ଅଧିକ ଅସ୍ତ୍ରଶସ୍ତ୍ର ଯୋଗାଯାଉଥିବା ରାଷ୍ଟ୍ରପତି ମହମ୍ମଦୁ ବୁହାରି ଶନିବାର କହିଛନ୍ତି। ଉତ୍ତର-ପଶ୍ଚିମ ନାଇଜେରିଆରେ ୨୦୨୦ ଶେଷ ଆଡ଼କୁ ଅପହରଣ, ହିଂସାକାଣ୍ଡ, ହତ୍ୟା ଆଦି ଅପରାଧ ସଂଖ୍ୟା ବହୁମାତ୍ରାରେ ବୃଦ୍ଧି ପାଇଛି। ଦେଶରେ ଆଇନଶୃଙ୍ଖଳା ବଜାୟ ରଖିବାରେ ସରକାରଙ୍କ ଅପାରଗତାକୁ ଏଥିପାଇଁ ଦାୟୀ କରାଯାଉଛି। ଗତ ବର୍ଷ ଏକାଧିକ ସ୍କୁଲ ଏବଂ କଲେଜରୁ ବନ୍ଧୁକଧାରୀମାନେ ଶତାଧିକ ଛାତ୍ରୀଛାତ୍ରଙ୍କୁ ଅପହରଣ କରିନେଇଥିଲେ। ଅପହୃତଙ୍କ ମଧ୍ୟରୁ ଅଧିକାଂଶ ମୁକୁଳିଥିବାବେଳେ ଏବେ ଅନେକେ ସେମାନଙ୍କ କବଳରେ ରହିଛନ୍ତି। ସୁରକ୍ଷାବଳ ଏହି ଗ୍ୟାଙ୍ଗଗୁଡ଼ିକୁ ମୁକାବିଲା କରିବାକୁ ସଂଘର୍ଷ କରୁଛି। ଯାଯାବର ଗୋପାଳକ ଏବଂ ସ୍ଥାୟୀ କୃଷକଙ୍କ ମଧ୍ୟରେ ଚାରଣ ଭୂମି ଏବଂ ସମ୍ବଳକୁ ନେଇ ଦୀର୍ଘ ବର୍ଷ ହେଲା ବିବାଦ ଲାଗିରହିଛି। ଯାଯାବର ଗୋପାଳକଙ୍କ ଫୁଲାନି ଗ୍ରୁପ୍ ଏବଂ ହାଉସା କୃଷକ ସମୁଦାୟ ମଧ୍ୟରେ ଥିବା ଏହି ଝଗଡ଼ା ହିଂସାର ରୂପ ନେଇଛି। ବିଶେଷ କରି ଫୁଲାନି ଗ୍ରୁପର ଯୁବଗୋଷ୍ଠୀ ବନ୍ଧୁକ ଧରି ଏଭଳି ହତ୍ୟାକାଣ୍ଡରେ ମାତିଛନ୍ତି।



ଲାଗୋସର ଜଣେ ବାସିନ୍ଦା ଜଳିଯାଇଥିବା ଘରୁ ଆସବାବପତ୍ର ଖୋଜୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧୦/୨୦୨୨ Bhubaneswar, Monday, January 10/ 2022

# ପରାଜୟରୁ ଅଳ୍ପକେ ବର୍ତ୍ତିଲା ଇଂଲଣ୍ଡ


ସିଡ୍ନୀ କ୍ରିକେଟ ଗ୍ରାଉଣ୍ଡରେ ରବିବାର ମ୍ୟାଚ ଶେଷ ହେବାପରେ ନିଜ ପିଲାମାନଙ୍କ ସହ ଖେଳୁଛନ୍ତି ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

**ସିଡ୍ନୀ, ୯।୧**

ସିଡ୍ନୀ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଚଳିତ ଆଶେସ ସିରିଜର ୪ର୍ଥ ଟେଷ୍ଟରେ ଇଂଲଣ୍ଡ ଅଳ୍ପକେ ପରାଜୟରୁ ବର୍ତ୍ତି ଯାଇଛି। ୩୮୮ ରନ ବିଜୟ ଲକ୍ଷ୍ୟନେଇ ଦ୍ୱିତୀୟ ଇନିଂସ ଖେଳିଥିବା ଇଂଲଣ୍ଡ ୨୭୦ ରନ ମଧ୍ୟରେ ୯ ଉଇକେଟ ହରାଇଥିବାବେଳେ ରବିବାର ୫ମ ତଥା ଅନ୍ତିମ ଦିବସ ଖେଳ ଶେଷ ହୋଇଯାଇଥିଲା। ଫଳରେ ସିରିଜରେ କ୍ରମାଗତ ୪ର୍ଥ ବିଜୟରୁ ବର୍ତ୍ତି ଯାଇଥିଲା ଭ୍ରମଣକାରୀ ଦଳ। ଅଷ୍ଟ୍ରେଲିଆର ୨ଟି ଯାକ ଇନିଂସରେ ଶତକ ହାସଲ କରିଥିବା ଉସମାନ ଖ୍ୱାଜା ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୪୧୬ ରନ କରିଥିବାବେଳେ ଇଂଲଣ୍ଡ ୨୯୪ ରନରେ ଅଲ୍ଆଉଟ ହୋଇଯାଇଥିଲା। ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଇନିଂସକୁ ୨୬୫/୬ରେ ଘୋଷଣା କରିଥିଲା। ଚଳିତ ସିରିଜର ପ୍ରଥମ ୩ ଟେଷ୍ଟ ଜିତି ଅଷ୍ଟ୍ରେଲିଆ ସିରିଜ କବ୍ଜା କରିସାରିଛି। ପୂର୍ବ ଦିନର ଅସମାପ୍ତ ସ୍କୋର ୩୦/୦ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ୫ମ ଦିବସରେ ଆଉ ୧୬ ରନ ଯୋଗ କରିବାପରେ ଓପନର ହସିବ ହମିଦ (୯)ଙ୍କ ଉଇକେଟ ହରାଇଥିଲା। ଦାୱିଦ ମଲନ ମାତ୍ର ୪ ରନ କରିବାକୁ ସକ୍ଷମ ହୋଇଥିଲେ। ଅଧିନାୟକ ଜୋ ରୁଟ୍ ୨୪ ରନ କରି ପ୍ୟାଭିଲିୟନ ଫେରିବାରୁ ଇଂଲଣ୍ଡ ପାଇଁ ଶକ୍ତ ଝଟକା ଲାଗିଥିଲା। ଓପନର ଜ୍ୟାକ କ୍ରଲି ୭୭ ଓ ମିଡିଲ ଅର୍ଡରରେ ବେନ୍ ଷ୍ଟୋକ୍ସ ୬୦ ରନ କରି ଇନିଂସ ସମ୍ଭାଳିଥିଲେ। ଜନି ବେୟାରଷ୍ଟୋ ୪୧ ଓ ଜ୍ୟାକ୍ ଲିଚ୍ ୨୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ୧୦୦ତମ ଓଭରରେ ଇଂଲଣ୍ଡ ୯ମ ଉଇକେଟ ହରାଇଥିଲା। ଷ୍ଟୁଆର୍ଟ ବ୍ରଡ୍ ଓ ଜେମ୍ସ ଆଣ୍ଡରସନ ପରବର୍ତ୍ତୀ ୨ ଓଭର ଅତି ସତର୍କତାର ସହ ଖେଳି କୌଣସି ରନ୍ କରି ନ ଥିଲେ ଏବଂ କ୍ଷତି ହେବାକୁ ଦେଇ ନ ଥିଲେ। ଫଳରେ ଅଷ୍ଟ୍ରେଲିଆର ବିଜୟ ଆଶା ସଫଳ ହୋଇ ନ ଥିଲା। ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ସ୍କଟ ବୋଲାଣ୍ଡ ୩ଟି, ଅଧିନାୟକ ପ୍ୟାଟ୍ କମିନ୍ସ ଓ ନାଥାନ ଲିୟନ ୨ଟି ଲେଖାଏ ଏବଂ କାମେରନ ଗ୍ରୀନ୍ ଓ ଷ୍ଟିଭ୍ ସ୍ମିଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୧୬। ଇଂଲଣ୍ଡ ପ୍ରଥମ ଇନିଂସ: ୨୯୪। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୬୫/୬। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୭୦/୯(ଜ୍ୟାକ କ୍ରଲି-୭୭, ବେନ୍ ଷ୍ଟୋକ୍ସ-୬୦, ଜନି ବେୟାରଷ୍ଟୋ-୪୧, ସ୍କଟ ବୋଲାଣ୍ଡ-୩/୩୦, ପ୍ୟାଟ୍ କମିନ୍ସ-୨/୮୦, ନାଥାନ ଲିୟନ-୨/୨୮, କାମେରନ ଗ୍ରୀନ୍-୧/୩୮, ଷ୍ଟିଭ୍ ସ୍ମିଥ-୧/୧୦)।


# ଆଡିଲେଡ୍ ଓପନ ଜିତିଲେ ବୋପାନ୍ନା-ରାମକୁମାର


ଟ୍ରଫି ସହ ରୋହନ ବୋପାନ୍ନା ଓ ରାମକୁମାର ରମାନାଥନ।

**ଆଡିଲେଡ୍, ୯।୧ (ପି.ଟି.):** ଭାରତର ରୋହନ ବୋପାନ୍ନା ଓ ରାମକୁମାର ରମାନାଥନ ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଡବଲ୍ସ ଟ୍ରଫି ହାସଲ କରିଛନ୍ତି। ଫାଇନାଲରେ ସେମାନେ ଟପ୍ସିଡ୍ ଇଭାନ ଡୋଗିଗ୍ ଓ ମାର୍ସେଲୋ ମେଲୋଙ୍କୁ ୭୦୬ (୬) ୬-୧ ସେଟ୍ରେ ହରାଇ ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ବୋପାନ୍ନାଙ୍କ ଚମତ୍କାର ସର୍ଭିସ ରିଟର୍ନ ଓ ରାମକୁମାରଙ୍କ ଅଲ୍ରାଉଣ୍ଡ ପ୍ରଦର୍ଶନ ଯୋଗୁ ଏହି ବିଜୟ ସମ୍ଭବ ହୋଇଥିଲା। ୧ ଘଣ୍ଟା ଓ ୨୧ ମିନିଟ୍ ଧରି ଅନୁଷ୍ଠିତ ଏହି ମ୍ୟାଚରେ ଭାରତୀୟ ଯୋଡ଼ି ସମସ୍ତ ୪ ବ୍ରେକ୍ ପଏଣ୍ଟ ସେଭ୍ କରିବାରେ ସକ୍ଷମ ହୋଇଥିଲେ। ବିପକ୍ଷ ଦଳର ସେମାନେ ଦୁଇଥର ବ୍ରେକ୍ କରିଥିଲେ। ଏଟିପି ଟୁର୍ରେ ବୋପାନ୍ନା ଓ ରାମକୁମାର ପ୍ରଥମ ଥର ପାର୍ଟନରଶିପ୍ରେ ଖେଳିଥିଲେ। ବୋପାନ୍ନାଙ୍କର ଏହା ୨୦ତମ ଏଟିପି ଡବଲ୍ସ ଟାଇଟଲ ହୋଇଥିବା ବେଳେ ରାମକୁମାରଙ୍କ ପାଇଁ ଏହା ପ୍ରଥମ ଥିଲା। ରାମକୁମାରଙ୍କର ଏହି ସ୍ତରରେ ଏହାଥିଲା ଦ୍ୱିତୀୟ ଟାଇଟଲ ମୁକାବିଲା। ୨୦୧୮ ହଲ୍ ଅଫ୍ ଫେମ୍ ଟେନିସ ଚାମ୍ପିୟନଶିପ୍ରେ ସେ ରନର୍ସ ଅପ୍ ହୋଇଥିଲେ।

# ଜୋକୋଭିଚ୍ଙ୍କ ସମ୍ପର୍କରେ କୋର୍ଟ ଶୁଣାଣି ଆଜି

**ମେଲବୋର୍ନ, ୯।୧ (ଏପି):** ଟେନିସ୍ ଷ୍ଟାର ନୋଭାକ୍ ଜୋକୋଭିଚ୍ଙ୍କ ସମର୍ଥକମାନେ ସ୍ଥାନୀୟ ପାର୍କ ହୋଟେଲ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସର୍ବୀୟ ଖେଳାଳି ଜଣକ ଏହି ହୋଟେଲରେ ଅଷ୍ଟ୍ରେଲିଆର ଇମିଗ୍ରେଶନ କର୍ମଚାରୀଙ୍କ ଦ୍ୱାରା ଅଟକ ରହିଛନ୍ତି। ବିକ୍ଷୋଭକାରୀଙ୍କ ନିକଟରେ ସର୍ବୀୟ ପତାକା ଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ବାଦ୍ୟର ତାଳେ ତାଳେ ନାଚଗୀତ କରିଥିଲେ। ଜୋକୋଭିଚ୍ ସୋମବାର କୋର୍ଟଙ୍କ ରାୟକୁ ଅପେକ୍ଷା କରିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ କରାଯାଉଛି କିମ୍ବା ଅଷ୍ଟ୍ରେଲିଆନ ଓପନ ଟାଇଟଲ ବଜାୟ ରଖିବା ଲାଗି ସୁଯୋଗ ମିଳୁଛି ତାହା ସ୍ପଷ୍ଟ ହେବ। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆର ପାଣ୍ଡେମିକ୍ ବର୍ଡର ରୁଲ୍ ଅନୁସାରେ ବିଦେଶାଗତଙ୍କ ଲାଗି ଡବଲ ଭ୍ୟାକ୍ସିନ କିମ୍ବା ଡାକ୍ତରୀ ଛାଡ଼ ସାର୍ଟିଫିକେଟ ଜରୁରୀ। ବିଦେଶୀମାନେ ଅନ୍ଲାଇନରେ ଭିଜା ଆବେଦନ କରି ଅଷ୍ଟ୍ରେଲିଆ ଆସିପାରିବେ। ହେଲେ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଇମିଗ୍ରେଶନ ଓ ବହିଃଶୁଳ୍କ କର୍ମଚାରୀଙ୍କ ଯାଞ୍ଚ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ଟିକାକରଣକୁ ବିରୋଧ କରିଆସୁଥିବା ଜୋକୋଭିଚ୍ଙ୍କୁ ଅଷ୍ଟ୍ରେଲିଆ ଓପନରେ ଖେଳିବା ଲାଗି ଭିକ୍ଟୋରିଆ ଷ୍ଟେଟ୍ ଠାରୁ ଡାକ୍ତରୀ ଛାଡ଼ ସାର୍ଟିଫିକେଟ ମିଳିଥିଲା। ମାତ୍ର ୩୪ବର୍ଷୀୟ ଷ୍ଟାର୍ ଖେଳାଳି ଗତ ବୁଧବାର ବିଳମ୍ବିତ ରାତିରେ ଯେତେବେଳେ ମେଲବୋର୍ନରେ ପହଞ୍ଚିଲେ ଅଷ୍ଟ୍ରେଲିଆର ସଂଘୀୟ ସରକାର ଭିଜାକୁ ବାତିଲ କରିଦେଇଥିଲେ। ଜୋକୋଭିଚ୍ ନିକଟରେ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥିବାରୁ ସେ କୋଭିଡ୍ ଟିକା ନେଇପାରି ନାହାନ୍ତି। ତେଣୁ ତାଙ୍କ ପାଇଁ ନିୟମ କୋହଳ କରାଯିବା ଲାଗି ତାଙ୍କ ଓକିଲମାନେ କୋର୍ଟରେ ନିବେଦନ କରିଛନ୍ତି। ଗତ ଡିସେମ୍ବର ୧୬ରେ ଜୋକୋଭିଚ୍ଙ୍କ ପିସିଆର ଟେଷ୍ଟ ହୋଇଥିଲା। କିନ୍ତୁ ଅଷ୍ଟ୍ରେଲିଆ ସରକାର ଦର୍ଶାଇଛନ୍ତି କେବଳ ଦେଶର ନାଗରିକମାନଙ୍କୁ ଏହି ରିହାତି ପ୍ରଦାନ କରାଯାଇ ପାରିବ। ଜୋକୋଭିଚ୍ଙ୍କ ଲାଗି ଅଷ୍ଟ୍ରେଲିଆନ ଓପନ ଗୁରୁତ୍ୱ ବହନ କରୁଛି। କାରଣ ଏଥିରେ ଚାମ୍ପିୟନ ହେଲେ ୨୧ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ରେକର୍ଡର ଅଧିକାରୀ ହେବେ।


ନୋଭାକ୍ ଜୋକୋଭିଚ

# ଟମ୍ ଲଥାମଙ୍କ ଅଧିନାୟକ ଇନିଂସ

**ଖ୍ରୀଷ୍ଟଚର୍ଚ୍ଚ, ୯।୧ (ଏପି):** ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି। କେନ୍ ୱିଲିୟମସନଙ୍କ ଅନୁପସ୍ଥିତିରେ କାମଚଳା ଅଧିନାୟକ ଦାୟିତ୍ୱ ତୁଲାଇଥିଲେ ଟମ୍ ଲଥାମ। ହାଗ୍ଲେ ଓଭାଲର ଗ୍ରୀନ୍ ପିଚ୍ରେ ସେ ପ୍ରଭାବୀ ବ୍ୟାଟିଂ କରି ୧୮୬ ରନ କରି ଅପରାଜିତ ରହିଛନ୍ତି। ୱିଲ ୟଙ୍ଗ ୫୪ ଓ ଡେଭନ କନୱେଙ୍କ ଅପରାଜିତ ୯୯ ରନ ଯୋଗୁ ନ୍ୟୁଜିଲାଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୧ ଉଇକେଟ ବିନିମୟରେ ୩୪୯ ରନ କରି ଏକ ବିଶାଳ ସ୍କୋର ଆଡକୁ ଅଗ୍ରସର ହେଉଛି। ପ୍ରଥମ ଟେଷ୍ଟରେ ବିଶ୍ୱର ୯ମ ର୍ୟାଙ୍କିଂପ୍ରାପ୍ତ ଦଳ ହୋଇ ଦୁଇ ନମ୍ବର ର୍ୟାଙ୍କିଂ ଦଳକୁ ପରାସ୍ତ କରି ବାଂଲାଦେଶ ବିଶ୍ୱ କ୍ରିକେଟରେ ଚହଳ ସୃଷ୍ଟି କରିଥିଲା। କେବଳ ସେତିକି ନୁହେଁ ଲମ୍ବା ଫର୍ମାଟରେ ବିଶ୍ୱଚାମ୍ପିୟନ ଦଳକୁ ସେମାନଙ୍କ ଦେଶରେ ପରାସ୍ତ କରିବା ସହଜ ନ ଥିଲା। ସେତେବେଳେ ନ୍ୟୁଜିଲାଣ୍ଡ କ୍ରମାଗତ ୧୭ଟି ଟେଷ୍ଟରେ ଅପରାଜେୟ ରହିଥିଲା। ପ୍ରଥମ ଦିବସରେ ଲଥାମ ପୂରା ୯୦ ଓଭର ବ୍ୟାଟିଂ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସେ ୨୮ ଚୌକା ମାରିସାରିଥିଲେ। କେବଳ ବାଉଣ୍ଡରିରୁ ସେ ୧୧୨ ରନ ସଂଗ୍ରହ କରିଛନ୍ତି। ଲଥାମ ୬୫ ବଲ୍ରୁ ତାଙ୍କ ଅର୍ଦ୍ଧ ଶତକ, ୧୩୩ ବଲ୍ରୁ ଶତକ ଏବଂ ୧୯୯ବଲ୍ରୁ ୧୫୦ରନ ସଂଗ୍ରହ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୯୦ ଓଭରରେ ୩୪୯/୧ (ଟମ୍ ଲଥାମ-୧୮୬*, ଡେଭନ କନୱେ-୯୯*, ୱିଲ ୟଙ୍ଗ୍-୫୪; ସୋରିଫୁଲ୍ ଇସ୍ଲାମ-୧/୫୦)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧୦/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Monday, January 10/2022 | ପୃଷ୍ଠା-୧



**କବିର ସିଙ୍ଗଲ୍ସ, ଡବଲ୍ସ ଚାମ୍ପିୟନ**


କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି କବିର ହଂସ।

୦୮

୦୭

**ଶ୍ରୀକାନ୍ତଙ୍କ ବାୟୋପିକ୍‌ରେ ରାଜକୁମାର**

ଦୃଷ୍ଟିବାଧିତ ଶିଳ୍ପପତି ଶ୍ରୀକାନ୍ତ ବୋଲାଙ୍କ ବାୟୋପିକ୍ ନଜର ଆସିବେ ବଲିଉଡ୍ ଅଭିନେତା ରାଜକୁମାର ରାଓ।





# ବୋଟ ଉପରେ ଭୁଶୁଡ଼ିଲା ଶିଳା ପାଚେରି: ୭ ମୃତ

ବେଲୋ ହୋରିଜୋଣ୍ଟେ,୯।୧

ବ୍ରାଜିଲର ସୁଲ୍ ମିନାସ୍‌ସ୍ଥିତ ଏକ ଜଳପ୍ରପାତରେ ଶିଳା ପାଚେରି ଭୁଶୁଡ଼ି ଦୁଇଟି ମୋଟର ବୋଟ୍ ଉପରେ ପଡ଼ିବାରୁ ୭ ଜଣଙ୍କର ମୃତ୍ୟୁ ଘଟିବା ସହ ୯ ଜଣ ଆହତ ହୋଇଛନ୍ତି। ଅନ୍ୟ ୩ ଜଣ ନିଖୋଜ ଥିବା ଜଣାପଡିଛି। ମିନାସ ଗେରାଇସ୍ ରାଜ୍ୟର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ କ୍ୟାପିଟୋଲିଓ କାନ୍ୟୋନ୍‌ସରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆହତଙ୍କ ମଧ୍ୟରୁ ଜଣେ ଗୁରୁତର ଥିବାବେଳେ ଅନ୍ୟମାନଙ୍କର ହାଡ଼ ଭାଙ୍ଗିଛି। ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଅଞ୍ଚଳରେ ୨ ସପ୍ତାହ ହେଲା ଲଗାଣ ବର୍ଷାରେ ଶିଳା ପାଚେରି ଦୁର୍ବଳ ହୋଇପଡ଼ିଥିବା କୁହାଯାଇଛି।

# ଆଜିଠୁ ବୁଷ୍ଟର ଡୋଜ୍

ଭୁବନେଶ୍ୱର, ୯।୧(ବ୍ୟୁରୋ)

ଓଡ଼ିଶା ସମେତ ସାରା ଦେଶରେ କରୋନା ସ୍ଥିତି ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି। ସରକାର ଟିକାକରଣ ସମେତ ଟ୍ରାକିଂ, ଟ୍ରେସିଂ ଓ ଟେଷ୍ଟିଂକୁ ଗୁରୁତ୍ୱ ଦେଉଥିଲେ ମଧ୍ୟ ସଂକ୍ରମଣ ରୋକିବାର ନାଁ ଧରୁନି। ଏପରିକି ଡବଲ୍ ଡୋଜ୍ ଟିକା ନେବା ପରେ ବି ଲୋକେ କରୋନାରେ ଆକ୍ରାନ୍ତ ହେଉଛନ୍ତି। ଟିକାର ପ୍ରଭାବ ୬ ମାସ ରହୁଥିବା ଗବେଷଣା କହୁଛି। ଏପରି ସ୍ଥଳେ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଟିକାର ବୁଷ୍ଟର ଡୋଜ୍ ବା ପ୍ରିକସନ ଡୋଜ୍ ବର୍ତ୍ତମାନ ସମୟରେ କରୋନା ଲଢ଼େଇର ବିକଳ୍ପ ଅସ୍ତ୍ର ହୋଇଛି। ତ୍ୱରିତ ପଦକ୍ଷେପ ସ୍ୱରୂପ ସୋମବାରଠାରୁ ସାରା ଦେଶରେ ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ ହେଉଥିବାବେଳେ ଏଥିପାଇଁ ରବିବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟତଃ ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଥିବାବେଳେ ଅନ୍ୟ ସମ୍ମୁଖ ଯୋଦ୍ଧା ଓ ବରିଷ୍ଠ ☞ପୃଷ୍ଠା-୨



## ନିୟନ୍ତ୍ରଣ ବାହାରେ ସଂକ୍ରମଣ

ଭୁବନେଶ୍ୱର, ୯।୧(ବ୍ୟୁରୋ)

**୨୪ ଘଣ୍ଟାରେ ୪,୭୧୪ ଆକ୍ରାନ୍ତ ଚିହ୍ନଟ**

- ଖୋର୍ଦ୍ଧାରୁ ସର୍ବାଧିକ ୧,୬୧୯
- ୟେଲୋ ଜୋନ୍‌ରେ ଆଉ ୨ ଜିଲା
- ୧୪ ଓମିକ୍ରନ ଆକ୍ରାନ୍ତଙ୍କ ତଥ୍ୟ ରଖିଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ମାତ୍ର ୯ ଦିନରେ ଦୈନିକ ସଂକ୍ରମଣ ୧୫ଗୁଣ ବୃଦ୍ଧି ହୋଇଥିବାରୁ ଏଭଳି ଆଶଙ୍କା ଦେଖାଦେଲାଣି। ଗତ ୧ ତାରିଖରେ ରାଜ୍ୟରେ ମୋଟ ୨୯୮ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ହେଲେ ଏବେ ଦୈନିକ ସଂକ୍ରମଣ ୫ ହଜାର ମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ୭୦,୨୦୦ ନମୁନା ପରୀକ୍ଷା କରାଯାଇଥିବାବେଳେ ୩୦ ଜିଲାରୁ ମୋଟ ୪,୭୧୪ ଜଣ କରୋନା ପଜିଟିଭ୍ ବାହାରିଛି। ଫଳରେ ଦୈନିକ ସଂକ୍ରମଣ ହାର ୫.୧୫%ରୁ ୬.୭୧%କୁ ବୃଦ୍ଧି ପାଇଛି। ସେପଟେ ସମ୍ବଲପୁର ଓ କଟକ ଜିଲା ୟେଲୋ ଜୋନ୍‌କୁ ଚାଲି ଆସିଛି। ପୂର୍ବରୁ ଖୋର୍ଦ୍ଧା ଜିଲା ରେଡ୍ ଜୋନ୍‌ରେ ଥିବାବେଳେ ସୁନ୍ଦରଗଡ଼ ଜିଲା ୟେଲୋ ଜୋନ୍‌ରେ ରହିଛି। ତେବେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧,୬୧୯ ଜଣ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼ରୁ ୬୬୨, ସମ୍ବଲପୁର ୪୩୭, କଟକ ୩୬୦, ଝାରସୁଗୁଡ଼ା ୧୫୪, ବାଲେଶ୍ୱର ୧୨୩, ପୁରୀ ୧୧୯, ମୟୂରଭଞ୍ଜ ୧୧୩, ବଲାଙ୍ଗୀର ୯୯, ବରଗଡ଼ ୫୬ଜଣ ଚିହ୍ନଟ ହୋଇଥିବାବେଳେ ବାକି ସବୁ ଜିଲାରେ ☞ପୃଷ୍ଠା-୨

## ‘ସୁଲ୍ଲି ଡିଲ୍ସ’ ଆପ୍ ନିର୍ମାତା ଗିରଫ



ଓମ୍‌କାରେଶ୍ୱର ଠାକୁର

ନୂଆଦିଲ୍ଲୀ, ୯।୧: ସୁଲି ଡିଲ୍ସ ଆପ୍‌ରେ ମୁସଲମାନ ମହିଳାଙ୍କ ଫଟୋ ଅପ୍‌ଲୋଡ୍ କରି ସେଗୁଡ଼ିକୁ ନିଲାମ ପାଇଁ ବିଜ୍ଞାପନ ଦେବା ମାମଲାରେ ଦିଲ୍ଲୀ ପୋଲିସ ରବିବାର ଏହି ଆପ୍ଲିକେଶନ ନିର୍ମାତାଙ୍କୁ ଗିରଫ କରିଛି। ସେ ହେଲେ ମଧ୍ୟପ୍ରଦେଶର ବିସିଏ ଛାତ୍ର ଓମ୍‌କାରେଶ୍ୱର ଠାକୁର(୨୬)। ଗତ ବର୍ଷ ଏହି ଆପ୍‌କୁ ଲଞ୍ଚ କରାଯାଇଥିଲା। ଠାକୁର ଏହି ଆପ୍ଲିକେଶନ ନିର୍ମାଣ କରି ତାହାକୁ ଗିଟ୍‌ହବ୍ ପ୍ଲାଟଫର୍ମରେ ଛାଡ଼ିବା ସହ ଟୁଇଟରରେ ମଧ୍ୟ ଶେୟାର କରିଥିଲେ ବୋଲି ପୋଲିସ କହିଛି। ତାଙ୍କୁ ଇନ୍ଦୋରରୁ ଗିରଫ କରାଯାଇଛି। ସୁଲ୍ଲି ଡିଲ୍ସ ମାମଲାରେ ଏହା ହେଉଛି ପ୍ରଥମ ଗିରଫଦାରି। ସୂଚନା ଅନୁସାରେ, ଠାକୁର ୨୦୨୦ ଜାନୁୟାରୀରେ ଗ୍ୟାଙ୍ଗସିଓନ ଟୁଇଟର ହ୍ୟାଣ୍ଡେଲ ଯୋଗେ ‘ଟ୍ରେଡ୍ ମହାସଭା’ ଗ୍ରୁପ୍‌ରେ ସାମିଲ ହୋଇଥିଲେ। ଏହି ଗ୍ରୁପ୍‌ରେ ମୁସଲମାନ ମହିଳାଙ୍କୁ କିପରି ଟ୍ରୋଲ କରାଯାଇପାରିବ ସେ ବିଷୟରେ ଚର୍ଚ୍ଚା ହେଉଥିଲା। ସୁଲ୍ଲି ଡିଲ୍ସ ଆପ୍ ଆସିବା ପରେ ଏହି ଗ୍ରୁପ୍‌ର ସଦସ୍ୟମାନେ ଜଣାଶୁଣା ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମୁସଲମାନ ମହିଳାଙ୍କ ଫଟୋ ଅପ୍‌ଲୋଡ୍ କରିଥିଲେ। ଘଟଣା ସାମ୍ନାକୁ ଆସିବା ପରେ ଠାକୁର ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକ ଡିଲିଟ୍ କରିଦେଇଥିଲେ। ତେବେ ଏହି ମାମଲାରେ ଓମ୍‌କାରେଶ୍ୱରଙ୍କୁ ଫସାଯାଇଥିବା ତାଙ୍କ ବାପା ଅଖିଲେଶ ଠାକୁର କହିଛନ୍ତି। ☞ପୃଷ୍ଠା-୨

## ୧୨ରୁ ଏନ୍‌ଇଇଟି-ପିଜି କାଉନ୍‌ସେଲିଂ

ନୂଆଦିଲ୍ଲୀ,୯।୧(ପି.ଟି.)

ଜାତୀୟ ଯୋଗ୍ୟତା/ପ୍ରବେଶିକା ପରୀକ୍ଷା ସ୍ନାତକୋତ୍ତର (ଏନ୍‌ଇଇଟି-ପିଜି) ଅଧୀନରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ କାଉନ୍‌ସେଲିଂ ବୁଧବାର ଆରମ୍ଭ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଲବ୍ୟ ରବିବାର ଏହି ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟ ଶୁକ୍ରବାର ଡାକ୍ତରୀ ଶିକ୍ଷାରେ ନାମଲେଖା ଲାଗି ଓବିସି ଏବଂ ଇଡବ୍ଲୁଏସ୍ ବର୍ଗଙ୍କ ନିମନ୍ତେ ଯଥାକ୍ରମେ ୨୭ ଏବଂ ୧୦ ପ୍ରତିଶତ ସଂରକ୍ଷଣକୁ କାଏମ ରଖିବା ସହ କାଉନ୍‌ସେଲିଂକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ଦୂର କରିଥିଲେ। ଏହା ପରେ ମେଡିକାଲ କାଉନସେଲିଂ କମିଟି (ଏମ୍‌ସିସି) ଆସନ୍ତା ୧୨ ତାରିଖରୁ ☞ପୃଷ୍ଠା-୨

## ଜୀବିକା ଯିବାରୁ ଜୀବନ ହାରିଲେ

### ମାର୍କେଟ ବିଲ୍ଡିଂ ଉଠା ଦୋକାନୀଙ୍କ କରୁଣ କାହାଣୀ

ଭୁବନେଶ୍ୱର,୯।୧(ବ୍ୟୁରୋ)



ଅଜିତ୍ ସାହାଣୀ

କରୋନା କାଳରେ ଜୀବନଜୀବିକା ପାଇଁ ସମସ୍ତେ ସଂଘର୍ଷ କରୁଥିବାବେଳେ ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂର ଜଣେ ଉଠା ଦୋକାନୀ ରବିବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍ ରାଧିକା ଟାୱାର ପାଖରେ ରହୁଥିବା ବିହାର ବୈଶାଳୀ ଅଞ୍ଚଳର ଅଜିତ୍ ସାହାଣୀ(୪୫)। ମାର୍କେଟ ବିଲ୍ଡିଂରୁ ତାଙ୍କ ଦୋକାନକୁ ଉଠାଇ ଦିଆଯିବା ପରେ ମାନସିକ ଭାରସାମ୍ୟ ହରାଇ ଅଜିତ୍ ଜୀବନ ହାରିଥିବା ସ୍ତ୍ରୀ ରୀନା ଦେବୀ ଅଭିଯୋଗ କରିଛନ୍ତି। ଏନେଇ ବଡ଼ଗଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଅଜିତ ୩୦ ବର୍ଷ ତଳୁ ବାପାଙ୍କ ସହ ବିହାରରୁ ଭୁବନେଶ୍ୱରକୁ ଆସିଥିଲେ। ପ୍ରାୟ ୨୫ବର୍ଷ ହେବ ସେ ମାର୍କେଟ ବିଲ୍ଡିଂର ବୟନିକା ଶୋ'ରୁମ୍ ସାମ୍ନାରେ ବେଡ୍‌ଶିଟ୍ ବେପାର କରୁଥିଲେ। ବାପାଙ୍କ ଦେହାନ୍ତ ହୋଇଯାଇଥିବାବେଳେ ସେ ସ୍ତ୍ରୀ, ୨ପୁଅ ଓ ଗୋଟିଏ ଝିଅଙ୍କ ସହ ଟଙ୍କପାଣି ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। କେତେବେଳେ ଅଜିତ୍ ତ ଆଉ କେତେବେଳେ ତାଙ୍କ ସ୍ତ୍ରୀ ଓ ପିଲାମାନେ ସେଠାରେ ବସି ବେପାର କରୁଥିଲେ। ଗତବର୍ଷ କରୋନା ପାଇଁ କଟକଣା ଯୋଗୁ ଦୀର୍ଘଦିନ ଧରି ହାତବାନ୍ଧି ବସିବାରୁ ପରିବାରରେ ଆର୍ଥିକ ସମସ୍ୟା ଉପୁଜିଥିଲା। ସ୍ଥିତି ସୁଧୁରିବା କ୍ଷଣି ପୁଣି ନିଜ ବ୍ୟବସାୟକୁ ସଜାଡ଼ିବାରେ ଲାଗିଥିଲେ। ବିଭିନ୍ନ ବ୍ୟାଙ୍କରୁ ସେ ୩ ଲକ୍ଷରୁ ଅଧିକ ଟଙ୍କାର ଋଣ ଆଣିଥିଲେ। ଏଥିସହ ହୋଲ୍‌ସେଲରଙ୍କଠାରୁ ମଧ୍ୟ ସେ ଲକ୍ଷାଧିକ ଟଙ୍କାର ମାଲ୍ ବାକିରେ ଆଣିଥିଲେ। ଏପରି ସ୍ଥିତିରେ ଗତ ମଙ୍ଗଳବାର ଉଠାଦୋକାନୀଙ୍କୁ ଉଚ୍ଛେଦ ଜିଦ୍‌ରେ ମାର୍କେଟ ବିଲ୍ଡିଂ ବ୍ୟବସାୟୀ ସଂଘ ବଜାର ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଥିଲା। ☞ପୃଷ୍ଠା-୨

DSPL-355

**ଆପଣ ସ୍ୱପ୍ନ ଦେଖୁଛନ୍ତି କି,**
**ଓଡିଶାର ଆଗାମୀ କ୍ରୀଡା ତାରକା ହେବାକୁ ?**

ODISHA
INDIA'S BEST KEPT SECRET.

**କ୍ରୀଡ଼ା ପ୍ରତିଭା ଅନ୍ୱେଷଣ**

- ୮ ରୁ ୧୮ ବର୍ଷ ବୟସର ଛାତ୍ରଛାତ୍ରୀଙ୍କ ଠାରୁ ୱେବସାଇଟ୍ (www.department.sportsodisha.gov.in) ମାଧ୍ୟମରେ ନାମ ପଞ୍ଜିକରଣ କରିବା ପାଇଁ ଆହ୍ୱାନ କରାଯାଉଅଛି
- କ୍ରୀଡ଼ା ଶିକ୍ଷକ/ପ୍ରଶିକ୍ଷକମାନେ ନିଜ ନାମ ପଞ୍ଜିକରଣ କରାଇ, ଓଡ଼ିଶା ପାଇଁ ଭବିଷ୍ୟତର କ୍ରୀଡ଼ା ତାରକା ଅନ୍ୱେଷଣ କରିବା କାର୍ଯ୍ୟରେ ସରକାରଙ୍କର ସହଭାଗୀ ହେବାକୁ ଆହ୍ୱାନ କରାଯାଉଅଛି

**ପଞ୍ଜିକରଣ ପାଇଁ ଶେଷ ତାରିଖ - ଜାନୁୟାରୀ ୧୫, ୨୦୨୨**

କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କରୁଅଛନ୍ତି । ସେଥିପାଇଁ ଛାତ୍ରଛାତ୍ରୀ ତଥା ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା କ୍ରୀଡ଼ା ଶିକ୍ଷକ/ପ୍ରଶିକ୍ଷକଙ୍କୁ ପଞ୍ଜିକୃତ ହେବାପାଇଁ ଆହ୍ୱାନ କରୁଅଛନ୍ତି ।

ବିଭିନ୍ନ ପର୍ଯ୍ୟାୟରେ ଉପଯୁକ୍ତ ପରୀକ୍ଷଣ ମାଧ୍ୟମରେ କ୍ରୀଡ଼ା ପ୍ରତିଭା ଚୟନ କରାଯିବ ।

ଚିହ୍ନିତ ପ୍ରତିଭାମାନେ କ୍ରୀଡ଼ା ଛାତ୍ରାବାସରେ ଅବସ୍ଥାନ କରିପାରିବେ ବା କ୍ରୀଡ଼ା ଛାତ୍ରାବାସ ବାହାରେ ରହି ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଶୃଙ୍ଖଳାରେ ପ୍ରଶିକ୍ଷଣ ଲାଭ କରିପାରିବେ ।



“କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ ଭବିଷ୍ୟତ ପାଇଁ ବଡ଼ ଶକ୍ତି”

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ - odsportstalenthunt@gmail.com**




sports_odisha sports.odisha

OIPR-29001/13/0014/2122

# ରାଜ୍ୟ ଋଣ ଭାର ବଢ଼ୁଛି

**କୋଭିଡ୍ ମହାମାରୀ ରାଜ୍ୟ ରାଜକୋଷକୁ ଦୋହଲାଇ ଚାଲିଛି। ଲୋକମାନଙ୍କର ସ୍ୱାସ୍ଥ୍ୟ ଏବଂ ଜୀବନ ଜୀବିକା ବଞ୍ଚାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଗତ ୨ ବର୍ଷ ହେବ ଲୋକମାନଙ୍କର ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇଥିବାବେଳେ ସରକାରଙ୍କ ରାଜସ୍ୱ କ୍ଷତି ବଢ଼ିଚାଲିଛି। ରାଜ୍ୟ ସରକାର ନିଜ ଯୋଜନା ସହିତ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଖର୍ଚ୍ଚ ତୁଲାଇବା ପାଇଁ ଋଣ ଉପରେ ଭରସା କରିଛନ୍ତି। ଫଳରେ ଋଣ ଭାର ବଢ଼ି ଚାଲିଛି।**

**ଖଣି, ଋଣକୁ ଭରସା**

**ମାର୍ଚ୍ଚ ଶେଷ ସୁଦ୍ଧା ଋଣ ଭାର ୧.୨୫ ଲକ୍ଷ କୋଟି ଟପିବ**

ଭୁବନେଶ୍ୱର,୯।୧(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ର ଅକ୍ଟୋବର ଶେଷ ବେଳକୁ ରାଜ୍ୟର ଋଣ ଭାର ୧,୦୩,୮୨୦.୭୧ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ତାହା ମାର୍ଚ୍ଚ ଶେଷ ସୁଦ୍ଧା ୧,୨୫,୦୦୫.୩୧ କୋଟି ଟଙ୍କାରେ ପହଞ୍ଚିବ ବୋଲି ରାଜ୍ୟ ସରକାର ଆକଳନ କରିଛନ୍ତି। କେବଳ ସେତିକି ନୁହେଁ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଘରୋଇ ଉତ୍ପାଦନ (ଜିଏସ୍‌ଡିପି) ମଧ୍ୟ ବିପରୀତମୁହାଁ ହେବ। ଗତ ଆର୍ଥିକ ବର୍ଷ ତୁଳନାରେ ରାଜ୍ୟର ଅଭିବୃଦ୍ଧି ହାର ୪.୯୨ ପ୍ରତିଶତ କମ୍ ରହିବା ନେଇ ଆକଳନ କରାଯାଇଛି।

କୋଭିଡ୍ ପ୍ରଭାବରେ ରାଜ୍ୟର ଟିକସ ମଧ୍ୟ ହ୍ରାସ ପାଇଛି। ରାଜ୍ୟ ସରକାର ୨୦୨୧ ନଭେମ୍ବର ୬ରୁ ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ ହ୍ରାସ କରିଛନ୍ତି। ଏଥିଯୋଗୁ ସରକାରଙ୍କୁ ପ୍ରାୟ ୨୦୦୯ କୋଟି ଟଙ୍କା ରାଜସ୍ୱ ହରାଇବାକୁ ପଡ଼ିଚି। ଏଥିସହିତ ରାଜ୍ୟ ସରକାର ଯୋଜନା ଏବଂ ଅଣଯୋଜନା ଖର୍ଚ୍ଚ ମଧ୍ୟ ବଢ଼ାଇଛନ୍ତି। ଶିକ୍ଷକମାନଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ଦେବାଠାରୁ ଆରମ୍ଭ କରି କନିଷ୍ଠ ଶିକ୍ଷକମାନଙ୍କର ଦରମା ବୃଦ୍ଧି, ମିଶନ ଶକ୍ତି, ଅଙ୍ଗନୱାଡି କର୍ମୀଙ୍କ ଭତ୍ତା ବୃଦ୍ଧି, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି, ପାନୀୟ ଜଳ, କୃଷି , ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣ ଯୋଜନା କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷରେ ସରକାରଙ୍କୁ ଅଧିକ ଖର୍ଚ୍ଚ ବହନ କରିବାକୁ ପଡ଼ିବ।

ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ଅତିରିକ୍ତ ବଜେଟ ଆକାର ବଢ଼ିଛି। ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ୧୯ ହଜାର ୮୩୩ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷର ମୂଳ ବଜେଟ ୧.୭୦ଲକ୍ଷ କୋଟି ଟଙ୍କା ହୋଇଥିବା ବେଳେ ଅତିରିକ୍ତ ବଜେଟର ଆକାର ମୂଳ ବଜେଟର ୧୧.୬୭% ହୋଇଛି। ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ☞ପୃଷ୍ଠା-୨

## ପ୍ଲାଣ୍ଟରେ ପୋଡ଼ି ହୋଇ ଶ୍ରମିକଙ୍କ ମୃତ୍ୟୁ

ବଡବିଲ, (ସ୍ୱ.ପ୍ର.): କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ ଧନୁର୍ଜୟପୁର ଗ୍ରାମସ୍ଥିତ ଏକ ପ୍ଲାଣ୍ଟରେ ଶନିବାର ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଶ୍ରମିକ ପୋଡ଼ିହୋଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ କୋଲ୍ହପାଣ୍ଡୁଳି ଗ୍ରାମର ଦେଶ ମୁଣ୍ଡା(୩୦)। ତେବେ ଘଟଣାକୁ ଚପାଇ ଦେବାକୁ ପ୍ଲାଣ୍ଟ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରବିବାର ସକାଳେ କୌଣସି ସୂତ୍ରରୁ ଖବରପାଇ ବଲାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ପୋଲିସ ଅଧିକାରୀ ବିଦେଶୀ ବାଗ ସୂଚନା ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଜିଠୁ ବୁଷ୍ଟର...

ନାଗରିକଙ୍କୁ ଏହି ବୁଷ୍ଟର ଡୋଜ୍ ଟିକା ଦିଆଯିବ। ଡବଲ ଡୋଜ୍ ପରେ ବୁଷ୍ଟର ଡୋଜ୍ ଫଳପ୍ରଦ ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶା କରିଛନ୍ତି। ଓଡ଼ିଶାରେ ମଧ୍ୟ ଏହି ବୁଷ୍ଟର ଡୋଜ୍ ଟିକାକରଣ ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ପ୍ରସ୍ତୁତି କରିଥିବା ସୂଚନା ଦିଆଯାଇଛି। ପୂର୍ବଭଳି ଯେତୋଟି ଟିକାକରଣ କେନ୍ଦ୍ରରେ ଟିକାଦାନ କରାଯାଉଥିଲା ତାହା ବଳବତ୍ତର ରହିବ। ଏହି ଟିକା ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଦିଆଯିବ। ଦ୍ୱିତୀୟ ଡୋଜ୍ ଓ ବୁଷ୍ଟର ଡୋଜ୍ ମଧ୍ୟରେ ୯ ମାସର ବ୍ୟବଧାନ ରହିଥିବା ଜରୁରୀ। ବୁଷ୍ଟର ଡୋଜ୍ ପାଇଁ ଦ୍ୱିତୀୟ ଡୋଜ୍ ସାର୍ଟିଫିକେଟ୍ ଆବଶ୍ୟକ।

## ନିୟନ୍ତ୍ରଣ ବାହାରେ...

ସଂକ୍ରମିତଙ୍କ ସଂଖ୍ୟା ୫୦ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୭୦,୮୬୯କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଆଉ ୩୮୬ଜଣ ଆକ୍ରାନ୍ତ ସୁସ୍ଥ ହେବା ପରେ ଆରୋଗ୍ୟଙ୍କ ସଂଖ୍ୟା ୧୦,୪୬,୬୧୭ରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟରେ ୧୫,୭୩୧ଜଣ ସକ୍ରିୟ ରୋଗୀ ରହିଛନ୍ତି। ଏଥିମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୫,୫୬୩ଜଣ ରହିଛନ୍ତି। ସେହିପରି ସୁନ୍ଦରଗଡ଼ରେ ୨,୧୯୧, ସମ୍ବଲପୁର ୧,୨୭୯ ଓ କଟକରେ ଚତୁର୍ଥ ସର୍ବାଧିକ ୧,୧୪୯ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

ରାଜ୍ୟରେ କରୋନା ସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର କହିଛନ୍ତି, ଓଡ଼ିଶାରେ ଯେଉଁଭଳି ଭାବେ ସଂକ୍ରମଣ ବଢୁଛି ସେହିଭଳି ମଧ୍ୟ ଆଗକୁ ବଢ଼ିବ। ଯେ ପର୍ଯ୍ୟନ୍ତ ପ୍ଲାଟୋ ଷ୍ଟେଜ୍ ନ ଆସିଛି, ସେ ପର୍ଯ୍ୟନ୍ତ ସଂକ୍ରମଣ କେବେ କମିବ ତାହା ଆମେ କହିପାରିବା ନାହିଁ। ବର୍ତ୍ତମାନ ପ୍ଲାଟୋ ଷ୍ଟେଜ୍ ବି ଆକଳନ କରିବା କଷ୍ଟକର। ସେହିପରି ରାଜ୍ୟରେ ଶନିବାର ଚିହ୍ନଟ ହୋଇଥିବା ୧୪ ଓମିକ୍ରନ ଆକ୍ରାନ୍ତଙ୍କ ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇ କହିଛନ୍ତି, ୮ ଜଣଙ୍କର ଅନ୍ତର୍ଜାତୀୟ ଟ୍ରାଭେଲ ହିଷ୍ଟ୍ରି ରହିଛି। ଏମାନଙ୍କ ମଧ୍ୟରୁ ୭ ଜଣ ମହିଳା ଓ ୭ ଜଣ ପୁରୁଷ। ସମସ୍ତଙ୍କ ବୟସ ୧୧ ରୁ ୫୪ ବର୍ଷ ବୟସ ଭିତରେ ରହିଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଅଧିକାଂଶ କଣ୍ଟାକ୍ଟ ଟ୍ରେସିଙ୍ଗ ସରିଛି, ସମସ୍ତଙ୍କର ନେଗେଟିଭ ଆସିଛି।

## ୧୨ରୁ ଏନ୍ଇଇଟି-ପିଜି...

ଏନ୍ଇଇଟି-ପିଜି କାଉନ୍ସେଲିଂ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏଥିସହିତ ୪୫,୦୦୦ରୁ ଊର୍ଦ୍ଧ୍ୱ କନିଷ୍ଠ ଡାକ୍ତର ଏବେ କାର୍ଯ୍ୟରେ ଯୋଗଦେଇପାରିବେ। ଦେଶର ଶତାଧିକ ସରକାରୀ ଓ ଘରୋଇ ମେଡିକାଲ କଲେଜରେ ନାମଲେଖା ଲାଗି ଡାକ୍ତରୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଯୋଗ୍ୟତା ପରୀକ୍ଷା ଏନ୍ଇଇଟି-ପିଜି କରାଯାଇଥାଏ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ କାଉନ୍ସେଲିଂ ଦେବାକୁ ହୋଇଥାଏ। ଏହା ପରେ ସେମାନଙ୍କୁ ମାର୍କ ଏବଂ ସେମାନେ ଚୟନ କରିଥିବା ସ୍ୱତନ୍ତ୍ର ବିଷୟ ଆଧାରରେ ସେମାନଙ୍କୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜରେ ନାମ ଲେଖାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ। ଗତବର୍ଷ ଅକ୍ଟୋବରରେ କାଉନ୍ସେଲିଂ ହେବାକୁ ଥିବାବେଳେ ଓବିସି ଏବଂ ଇଡବ୍ଲ୍ୟୁଏସ୍ ଛାତ୍ରୀଛାତ୍ରଙ୍କ ନିମନ୍ତେ ସଂରକ୍ଷଣ ଘୋଷଣା କରି ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଫଳରେ କାଉନ୍ସେଲିଂ ଅଟକି ରହିଥିଲା ଏବଂ ୪୫,୦୦୦ରୁ ଊର୍ଦ୍ଧ୍ୱ କନିଷ୍ଠ ଡାକ୍ତର ନାମ ଲେଖାଇପାରି ନ ଥିଲେ। କରୋନା ମହାମାରୀ ବେଳେ ଏହି ଡାକ୍ତରମାନେ କାମରେ ଯୋଗ ନ ଦେବାରୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଶୀଘ୍ର କାଉନ୍ସେଲିଂ ଦାବିରେ ବିଭିନ୍ନ ମେଡିକାଲ କଲେଜର ରେସିଡେଣ୍ଟ ଡାକ୍ତରମାନେ ଗତମାସରେ ଆନ୍ଦୋଳନରେ ସାମିଲ ହେବା ସହ କାର୍ଯ୍ୟ ବର୍ଜନ କରିଥିଲେ।

## 'ସୁଲ୍ଲି ଡିଲ୍ସ'...

ନିକଟରେ ଗିଟ୍‌ହବ୍ ପ୍ଲାଟଫର୍ମରେ ଆଉ ଏକ ଆପ୍ ବୁଲ୍ଲି ବାଇକୁ ନେଇ ମାମଲା ରୁଜୁ ହୋଇଥିଲା। ସେଥିରେ ମଧ୍ୟ ସୁଲ୍ଲି ଡିଲ୍ସ ଆପ୍ ଭଳି ଜଣାଶୁଣା ମୁସଲମାନ ମହିଳାଙ୍କ ଫଟୋ ସେମାନଙ୍କ ଅଜାଣତରେ ବେଆଇନ ଭାବେ ସୋସିଆଲ ମିଡିଆରୁ ସଂଗ୍ରହ କରାଯାଇ ଅପ୍‌ଲୋଡ୍ କରାଯାଉଥିଲା। ପରେ ତାହାକୁ ନିଲାମ ପାଇଁ ବିଜ୍ଞାପନ ସହ ଅନେକେ ସମ୍ପୃକ୍ତ ମହିଳାଙ୍କ ପ୍ରତି ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ବୁଲ୍ଲି ବାଇ ଘଟଣାରେ ଏ ପର୍ଯ୍ୟନ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ବୁଲ୍ଲି ବାଇ ନିର୍ମାତା ନୀରଜ ବିଷ୍ଣୋଇଙ୍କୁ ପଚରାଉଚରା ପରେ ପୋଲିସ ଓମ୍ ଠାକୁରଙ୍କୁ ଗିରଫ କରିଛି।

## ରାଜ୍ୟ ଋଣ ଭାର...

ବାବଦରେ ସରକାର ଚଳିତ ଆର୍ଥିକ ବର୍ଷରେ ୫୫,୫୮୧.୯୨ କୋଟି ଟଙ୍କା ଖର୍ଚ୍ଚ କରିବେ। ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ଖର୍ଚ୍ଚ ୪୬,୨୦୭ କୋଟି ଟଙ୍କା ଥିଲା। ଅନ୍ୟ ପକ୍ଷରେ କେନ୍ଦ୍ରୀୟ ଟିକସରେ ମଧ୍ୟ ହ୍ରାସ ଘଟିଛି। ୨୦୧୯-୨୦ରେ ରାଜ୍ୟକୁ କେନ୍ଦ୍ରୀୟ ଟିକସ ବାବଦରେ ମୋଟ ୫୪,୬୦୫.୩୮ କୋଟି ଟଙ୍କା ମିଳିଥିବା ବେଳେ ୨୦୨୦-୨୧ରେ ତାହା ୫୦,୬୧୧.୦୧ କୋଟି ଟଙ୍କକୁ ହ୍ରାସ ପାଇଛି। ଖର୍ଚ୍ଚ ତୁଲାଇବା ପାଇଁ ରାଜ୍ୟ ସରକାର ଖୋଲା ବଜାରରୁ ଋଣ କରିବାକୁ ସଙ୍କେତ ଦେଇଛନ୍ତି। କୋଭିଡ୍ ଯୋଗୁ ଟିକସ କମିଥିବା ବେଳେ କେବଳ ଖଣି ରାଜସ୍ୱ ଉପରେ ସରକାର ଭରସା କରିଛନ୍ତି। ୨୦୨୦-୨୧ରେ ଖଣି ରାଜସ୍ୱ ୧୩,୭୯୧.୭୨ କୋଟି ଟଙ୍କା ଥିବାବେଳେ ୨୦୨୧-୨୨ ଅକ୍ଟୋବର ଶେଷ ଯାଏ ତାହା ୨୨,୦୫୨.୯୪ କୋଟି ଟଙ୍କାରେ ପହଞ୍ଚିଛି। ଏଥିସହିତ କୋଭିଡ୍-୧୯ ସମ୍ବନ୍ଧୀୟ ଖର୍ଚ୍ଚ ଭରଣା ପାଇଁ ରାଜ୍ୟ ସରକାର ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ପାଣ୍ଠି(ଓଏମ୍‌ବିଏଡିସି) ଏବଂ କାମ୍ପା ପାଣ୍ଠିରେ ଥିବା ରାଶିକୁ କମ୍ ସୁଧରେ ଋଣ ଆଣିବା ସହ ଖର୍ଚ୍ଚ ନ ହୋଇ ବ୍ୟାଙ୍କରେ ପଡିରହିଥିବା ଅର୍ଥ, ମକଦ୍ଦମା ଯୋଗୁ ପଡ଼ିରହିଥିବା ବକେୟା ଆଦାୟ କରିବା ପାଇଁ ସରକାର ଯୋଜନା କରିଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

## ଜୀବିକା ଯିବାରୁ...

ସେବେଠାରୁ ଅଜିତଙ୍କ ବେପାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଶୁକ୍ରବାର ମାର୍କେଟ ବିଲ୍ଡିଂ ଖୋଲିଥିଲେ ମଧ୍ୟ କୋର୍ଟଙ୍କ ନିର୍ଦ୍ଦେଶ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପଦକ୍ଷେପ ଯୋଗୁ ଉଠାଦୋକାନୀଙ୍କ ବ୍ୟବସାୟକୁ ବାରଣ କରାଯାଇଛି। ବ୍ୟବସାୟ ବନ୍ଦ ହୋଇଯିବା ପରେ ବାକି ଦେଇଥିବା ବଡ଼ ବ୍ୟବସାୟୀମାନେ ତାଙ୍କୁ ଉଧାର ଟଙ୍କା ମାଗିବା ଆରମ୍ଭ କରିଥିଲେ। ଏଥିସହ ବ୍ୟାଙ୍କ ଋଣ ଓ ପରିବାର ବୋଝ ଅଜିତଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଥିଲା। ସହରର ଆଉ କେଉଁଠି ଦୋକାନ ଖୋଲି ବେପାର କରିବେ ସେଥିପାଇଁ ସେ ଓ ପରିବାର ଲୋକେ ମଧ୍ୟ ଦେଖାଦେଖି କରୁଥିଲେ। ଅଜିତ ମାନସିକ ଭାରସାମ୍ୟ ହରାଉଥିବାରୁ ସ୍ତ୍ରୀ ରୀନା ତାଙ୍କୁ ବାରମ୍ବାର ବୁଝାଉଥିଲେ। ରବିବାର ସକାଳେ ଅଜିତ୍ ପୁଅ ସହ ବମିଖାଲ ଅଞ୍ଚଳକୁ ଆସି ବ୍ୟବସାୟ ପାଇଁ ସ୍ଥାନ ଦେଖି ଯାଇଥିଲେ। ସ୍ତ୍ରୀ ରୀନା ମଧ୍ୟ ମାର୍କେଟ ବିଲ୍ଡିଂ ଆଡେ ଦୋକାନ ପାଇଁ ବୁଝିବାକୁ ଯାଇଥିଲେ। ସେହି ସମୟରେ ସେ ତାଙ୍କ ପୁଅର ଫୋନ୍ କଲ୍ ପାଇ ହତବାକ ହୋଇଯାଇଥିଲେ। ବାପା ପଛ ଘର କବାଟ ଖୋଲୁ ନ ଥିବା ଶୁଣିବା ପରେ ରୀନା ସିଧା ଘରକୁ ଯାଇ ସ୍ୱାମୀଙ୍କ ଆତ୍ମହତ୍ୟା ସମ୍ପର୍କରେ ଜାଣିବାକୁ ପାଇଲେ। ଭିତରୁ କବାଟ ବନ୍ଦ ରହିଥିବାବେଳେ ଅଜିତ୍ ସ୍ତ୍ରୀଙ୍କ ଏକ ଲୁଗା ସାହାଯ୍ୟରେ ଝୁଲି ପଡିଥିଲେ। ରୀନା ଓ ପୁଅ ଉକ୍ତ କବାଟ ଭାଙ୍ଗି ଅଜିତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା।

ସୂଚନାଯୋଗ୍ୟ, ଉଠାଦୋକାନୀଙ୍କୁ ହଟାଇବା ପାଇଁ ମାର୍କେଟ ବିଲ୍ଡିଂ ବ୍ୟବସାୟୀ ସଂଘ ପକ୍ଷରୁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା। ମଙ୍ଗଳବାର ଜଣେ ମହିଳା ଉଠାଦୋକାନୀ ଜଣେ ବ୍ୟବସାୟୀଙ୍କୁ ଗାଳିଗୁଲଜ କରିବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଫଳରେ ସେଠାରେ ସ୍ଥାୟୀ ଦୋକାନ ଓ ବଡ଼ ମଲ୍ କରିଥିବା ବ୍ୟବସାୟୀମାନେ ମାର୍କେଟକୁ ବନ୍ଦ କରି ଆନ୍ଦୋଳନ କରିଥିଲେ। ଏଥିସହ ଉଠାଦୋକାନୀଙ୍କୁ ସେଠାରୁ ସମ୍ପୂର୍ଣ୍ଣ ଉଠାଇବା ଜିଦ୍‌ରେ ସଂଘ ଅଟଳ ରହିଥିଲା। ଏହାପରେ ମିଳିତ ବୈଠକ ବସି ମାର୍କେଟ ବିଲ୍ଡିଂରେ ଆଉ ଉଠାଦୋକାନୀ ବସି ବ୍ୟବସାୟ କରିପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଶୁକ୍ରବାର ମାର୍କେଟ ବିଲ୍ଡିଂ ଖୋଲିଥିଲା। ହେଲେ ଅଜିତଙ୍କ ପରି ଶତାଧିକ ଉଠାଦୋକାନୀ ଆଉ ବେପାର କରିପାରି ନ ଥିଲେ। ଫଳରେ ବହୁ ଉଠାଦୋକାନୀଙ୍କ ପରିବାର ଏବେ ଦୁର୍ଦ୍ଦଶାରେ କାଳାତିପାତ କରୁଥିବା ଜଣାପଡିଛି। ସେମାନେ ଅଜିତଙ୍କ ମୃତ୍ୟୁ ପାଇଁ ବିଏମ୍‌ସିକୁ ଦାୟୀ କରିବା ସହ ଥଇଥାନ ଦାବି କରିଛନ୍ତି।

ଘଟଣା ସମ୍ପର୍କରେ ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କୁହନ୍ତି, ମୃତ ବ୍ୟବସାୟୀଙ୍କ ପରିବାର ଲୋକ ଅଭିଯୋଗ କରିପାରିବେ। ଉଠାଦୋକାନୀଙ୍କ ପାଇଁ କେଉଁ ପ୍ରକାର ନିୟମ ରହିଛି ତାହା ଦେଖିବାକୁ ପଡିବ। ହଠାତ୍ ମୁଁ କିଛି କହିପାରିବି ନାହିଁ। ନିୟମ ଅନୁଯାୟୀ ମାର୍କେଟ ବିଲ୍ଡିଂରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ବିଏମ୍‌ସି ପକ୍ଷରୁ ସେମାନଙ୍କ ଥଇଥାନ ନେଇ ମୋ ପାଖରେ କିଛି ତଥ୍ୟ ନାହିଁ।


# ୧୧ରୁ ୧୪ ବର୍ଷା

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

ପଶ୍ଚିମା ଝଡ଼ର ଆଗମନ ସହ ପୂର୍ବ ଦିଗରୁ ବଙ୍ଗୋପସାଗର ଆଡୁ ଓଡ଼ିଶା ଭିତରକୁ ପ୍ରବଳ ମାତ୍ରାରେ ଉଷ୍ମ-ଜଳୀୟବାଷ୍ପର ପ୍ରବେଶ ପ୍ରଭାବରେ ରାଜ୍ୟରେ ଆସନ୍ତା ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ହେବ। ୧୦ ତାରିଖରୁ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ସମ୍ଭାବନା ଥିବାବେଳେ ପଶ୍ଚିମା ଝଡ଼ ଯୋଗୁ କୁଆପଥର ପଡ଼ିବାର ସମ୍ଭାବନା ରହିଛି। ଏଥିରେ କୃଷିକ୍ଷେତ୍ର ମୁଖ୍ୟତଃ ଫସଲ ଅମଳ ପ୍ରଭାବିତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା, ବଲାଙ୍ଗୀର, ସମ୍ବଲପୁର, ସୋନପୁର, ଦେବଗଡ଼ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ୧୧ ତାରିଖରେ ବରଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାର କିଛି ସ୍ଥାନରେ କୁଆପଥର ସହିତ ବର୍ଷା ହେବ। ୧୨ ତାରିଖରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ ଓ ନୟାଗଡ଼ର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ମଧ୍ୟ ହେବ। ସେହିଭଳି ୧୩ରୁ ୧୪ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ନୟାଗଡ଼ ଓ କନ୍ଧମାଳରେ ପ୍ରବଳ ବର୍ଷା ହେବ। ଏ ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେପଟେ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ସବୁ ଜିଲାପାଳ ଓ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ସତର୍କତାର ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାକୁ ନଜରରେ ରଖି ଅମଳ ଫସଲକୁ ସୁରକ୍ଷିତ ସ୍ଥାନକୁ ନେଇ ସାଇତି ରଖିବାକୁ ପରାମର୍ଶ ଦିଆଯାଇଛି। ସେହିପରି ରବି ଜାତୀୟ ଫସଲ ପାଇଁ ଏବେ ବିହନ ନ ବୁଣିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ଶୀଘ୍ର ବୁଣା ଯାଇଥିବା ଚିନାବାଦାମ ଏବଂ ସୋରିଷ ଫସଲର ଫୁଲ ଧରିବା ପର୍ଯ୍ୟାୟ। ସମ୍ଭାବ୍ୟ ବର୍ଷା ସେହି ଫସଲଗୁଡ଼ିକ ପାଇଁ ସହାୟକ ହେବ। ତେଣୁ କୃଷକଙ୍କୁ ସେହି ଫସଲରେ ପାଣି ନ ମଡ଼ାଇବା ପାଇଁ କୁହାଯାଇଛି।

### ଫସଲ ପ୍ରଭାବିତ ହେବା ଆଶଙ୍କା



ରବିବାର ଉତ୍ତୋଳିତ ସାଟେଲାଇଟ୍ ଚିତ୍ର।

## ଭୋଟର ତାଲିକାରେ ହେରଫେର ଅଭିଯୋଗ ଆଣିଲା ଭାଜପା

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

ଆଗାମୀ ପଞ୍ଚାୟତ ନିର୍ବାଚନରେ ଶାସକ ବିଜେଡି କ୍ଷମତା ଅପବ୍ୟବହାର କରି ଭୋଟର ତାଲିକା ବ୍ୟାପକ ମାତ୍ରାରେ ଚଞ୍ଚକତା କରିଥିବା ଭାଜପା ଅଭିଯୋଗ କରିଛି। ବହୁ ପ୍ରକୃତ ଭୋଟରଙ୍କ ନାମ ତାଲିକାରେ ପ୍ରକାଶ ପାଇନାହିଁ। ଏହା ନିର୍ବାଚନର ସ୍ୱଚ୍ଛତାକୁ ନେଇ ବିରାଟ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଗୋଲକ ଏପରି ଅଭିଯୋଗ ଆଣି ବିଜେଡି ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର ସର୍ବପ୍ରଥମେ ଗୋଟିଏ ଡ୍ରାଫ୍ଟ ଭୋଟର ଲିଷ୍ଟ ପ୍ରକାଶ କରି ସାଧାରଣ ଭୋଟରଙ୍କ ଦାବି, ଆପତ୍ତି, ଅଭିଯୋଗ ଆଦି ଶୁଣିବା ପରେ ଯାଇ ଚୂଡାନ୍ତ ଭୋଟର ତାଲିକା ଘୋଷଣା ହେବାକଥା। କିନ୍ତୁ ଅଭିଯୋଗ ତ' ଦୂରର କଥା ଗତ ଡିସେମ୍ବର ୧୪ରେ ଚୂଡାନ୍ତ ଭୋଟର ଲିଷ୍ଟ ପ୍ରକାଶ ପାଇବାର ଥିଲା। ସଂରକ୍ଷଣରେ ପରିବର୍ତ୍ତନ ହେଉଛି ବୋଲି କହି ଭୋଟର ତାଲିକା ପ୍ରକାଶକୁ ଘୁଞ୍ଚାଇ ଦିଆଗଲା। କେବଳ ଯାଜପୁର ଜିଲାକୁ ଛାଡିଲେ ଅନ୍ୟ କୌଣସି ଜିଲାରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରାଯାଇନାହିଁ। ସେହିପରି ଗୋଟିଏ ଜିଲା ପରିଷଦ ଜୋନ୍‌ରେ ୬ରୁ ୮ଟି ପଞ୍ଚାୟତ ଓ ୧୦୦ରୁ ୧୫୦ ପର୍ଯ୍ୟନ୍ତ ୱାର୍ଡ ରହିଛି। ଗୋଟିଏ ଭୋଟ ଗଣତି କେନ୍ଦ୍ରରେ ସମସ୍ତ ପଦ ପାଇଁ ସର୍ବନିମ୍ନ ୭୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଥିବାବେଳେ ସମାନ ସଂଖ୍ୟାରେ ତାଙ୍କ ଏଜେଣ୍ଟ ମଧ୍ୟ ଥିବେ। ଏହା ବ୍ୟତୀତ ଭୋଟ ଗଣତି କର୍ମଚାରୀ ଥିବେ। ଏଭଳି ଭିଡରେ ଭୋଟ ଗଣତି କିପରି ସ୍ୱଚ୍ଛ ହେବ? ଅଯଥା ଗହଳି କରାଯାଇ ଚଞ୍ଚକତା କରିବାର ଶାସକ ବିଜେଡି ପ୍ରୟାସ କରୁଛି ବୋଲି ମହାପାତ୍ର କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ବିଜେଡିର ମତାମତ ମିଳିପାରି ନାହିଁ।






## ଚିଲିକାରେ ଡଲ୍‌ଫିନ୍ ଗଣନା ସରିଲା

ବ୍ରହ୍ମଗିରି,୯।୧(ଡି.ଏନ୍.ଏ): ଚିଲିକାରେ ରବିବାର ଡଲ୍‌ଫିନ୍ ଗଣନା ଶେଷ ହୋଇଛି। ଚିଲିକାରେ ଥିବା ଇରାୱାଡ଼ି ଡଲ୍‌ଫିନ୍‌ଙ୍କ ସ୍ଥିତି ଜାଣିବା ପାଇଁ ବନ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ସହଯୋଗରେ ସକାଳ ୬ଟାରୁ ଏହି ଗଣନା କାର୍ଯ୍ୟ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ସରିଥିଲା। ଇରାୱାଡ଼ି ଡଲ୍‌ଫିନ୍ ଦେଖିବା ପାଇଁ ଏଠାକୁ ଦେଶବିଦେଶରୁ ପର୍ଯ୍ୟଟକମାନେ ଆସିଥାନ୍ତି। ଏହି ଡଲ୍‌ଫିନ୍‌ଙ୍କ ସୁରକ୍ଷା ଓ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ସରକାର ପ୍ରତିବର୍ଷ ଗଣନା କାର୍ଯ୍ୟ କରିଥାନ୍ତି। ଚଳିତ ବର୍ଷ ବାଲୁଗାଁ ୱାଇଲ୍ଡ ଲାଇଫ୍ ଡିଭିଜନ ତରଫରୁ ଗଣନା କାର୍ଯ୍ୟ କରାଯାଇଛି। ଏଥିରେ ବାଲୁଗାଁ ଡିଭିଜନରୁ ୧୦ଟି ଓ ସାତପଡ଼ା ଡିଭିଜନରୁ ୮ଟି ଦଳରେ ବନ ବିଭାଗ କର୍ମଚାରୀ, ଡଲ୍‌ଫିନ୍ ରିସର୍ଚ୍ଚ ପର୍ସନ, ଓୟୁଏଟି ଛାତ୍ର, ସିଡିଏ କର୍ମଚାରୀ ଏବଂ ସ୍ଥାନୀୟ ମୋଟର ବୋଟ୍ କର୍ମଚାରୀ ସାମିଲ ଥିଲେ। ପ୍ରତି ଦଳରେ ୬ ଜଣ ସଦସ୍ୟ ରହି ଟ୍ରାଞ୍ଜିଟ ପଦ୍ଧତି ଦ୍ୱାରା ଗଣନା କାର୍ଯ୍ୟ କରିଥିଲେ। ଗତ ବର୍ଷ ଚିଲିକାରେ ୧୮୫ଟି ଡଲ୍‌ଫିନ୍ ଥିଲା। ତେବେ ଚଳିତବର୍ଷ କମ୍ ସଂଖ୍ୟକ ଡଲ୍‌ଫିନ୍ ଦେଖାଯାଇଥିବା କେତେକ ଗଣନାକାରୀ ଦଳ କହିଛନ୍ତି। ସମସ୍ତ ଦଳର ତଥ୍ୟକୁ ନେଇ ଚୂଡ଼ାନ୍ତ ଫଳ ପ୍ରକାଶ ପାଇବ ବୋଲି ଏସିଏଫ୍ ଶରତ ମିଶ୍ର କହିଛନ୍ତି।

**ପୂର୍ବାପେକ୍ଷା ସଂଖ୍ୟା କମିଥିବା ଅନୁମାନ**

# ବାଧୁଛି ଅନ୍‌ଲାଇନ ପଢ଼ା ଖର୍ଚ୍ଚ

ଭୁବନେଶ୍ୱର,୯।୧(ବ୍ୟୁରୋ)



ରାଜ୍ୟରେ କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନ୍ ଯୋଗୁ ତୃତୀୟ ଲହର ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ବନ୍ଦ କରାଯାଇଛି। ଅଫ୍‌ଲାଇନ କ୍ଲାସ୍ ବଦଳରେ ଅନ୍‌ଲାଇନ କ୍ଲାସ୍ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ ଯାଉଥିବା ପିଲାମାନେ ପୁଣି ମୋବାଇଲକୁ ଭରସା କରି ପାଠ ପଢ଼ିବେ। ତେବେ ଅନ୍‌ଲାଇନ କ୍ଲାସ୍ କରିବାକୁ ହେଲେ ଇଣ୍ଟରନେଟ୍ ଅପରିହାର୍ଯ୍ୟ। କରୋନା ମହାମାରୀ ସମୟରେ ଲୋକମାନଙ୍କର ଜୀବନ ଜୀବିକା ବିପନ୍ନ ହେବା ସହ ଆର୍ଥିକ ସ୍ଥିତି ମଧ୍ୟ ବିପର୍ଯ୍ୟସ୍ତ ହୋଇଛି। ଏପରି ସ୍ଥଳେ ପିଲାଙ୍କ ପାଠପଢ଼ା ବାବଦରେ ଇଣ୍ଟରନେଟ୍ ଖର୍ଚ୍ଚ ମଧ୍ୟ ବଢ଼ି ଚାଲିଛି। ଗୋଟିଏ ପଟେ ଇଣ୍ଟରନେଟ୍ ଖର୍ଚ୍ଚ ବହନ କରି ଗରିବ ଅଭିଭାବକ ଅଣନିଃଶ୍ୱାସୀ ହେଉଥିବା ବେଳେ ଦର ବଢ଼ାଇ ଟେଲିକମ୍ କମ୍ପାନୀ ମାଲାମାଲ ହେଉଛନ୍ତି।

କୋଭିଡ୍‌ର ଦ୍ୱିତୀୟ ଲହର ପରେ ଘରୋଇ ଟେଲିକମ୍ ସଂସ୍ଥାଗୁଡ଼ିକ ଫୋନ୍ ଓ ଇଣ୍ଟରନେଟ୍ ଦର ବୃଦ୍ଧି କରିଛନ୍ତି। ଏଥିଯୋଗୁ ଅନ୍‌ଲାଇନ ପାଠପଢ଼ା କ୍ଷେତ୍ରରେ ଆଉ ଏକ ସମସ୍ୟା ଉଭା ହୋଇଛି।

ରାଷ୍ଟ୍ରାୟତ୍ତ କମ୍ପାନୀ ବିଏସ୍‌ଏନ୍‌ଏଲ୍‌କୁ ବାଦ୍ ଦେଲେ ଅନ୍ୟ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ସେମାନଙ୍କ ରିଚାର୍ଜ ପ୍ଲାନ୍‌ରେ ପ୍ରାୟ ୨୫% ଦରବୃଦ୍ଧି କରିଛନ୍ତି। ଓଡ଼ିଶାରେ ବିଏସ୍‌ଏନ୍‌ଏଲ୍ ସହିତ ଅନ୍ୟ ୩/୪ଟି ଘରୋଇ କମ୍ପାନୀ ସେବା ଯୋଗାଣ କରୁଛନ୍ତି। ପୂର୍ବରୁ ଏମାନଙ୍କ ଦର ବିଏସ୍‌ଏନ୍‌ଏଲ୍ ଦର ସହିତ ପ୍ରାୟତଃ ସମାନ ଥିଲା। ଘରୋଇ କମ୍ପାନୀଗୁଡ଼ିକର ଇଣ୍ଟରନେଟ୍ ଦର ବୃଦ୍ଧି ପାଇଥିବାରୁ ଗାଁ ଗହଳିର ସ୍ୱଳ୍ପ ରୋଜଗାରକ୍ଷମ ଲୋକଙ୍କୁ ବର୍ଦ୍ଧିତ ଦର ବାଧୁଛି।

ଏଭଳି ସ୍ଥିତିରେ ଗାଁରୁ ସହର ଯାଏ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ପଢ଼ିବାପାଇଁ କେତେ ଅର୍ଥ ବିନିଯୋଗ କରିବେ ତାହା ବଡ଼ ପ୍ରଶ୍ନବାଚୀ ହୋଇଛି। କୋଭିଡ୍‌ର ଦ୍ୱିତୀୟ ଲହର ସମୟରେ ସ୍କୁଲ ବନ୍ଦ ଥିବା ୨୦୨୦-୨୧ ଶିକ୍ଷାବର୍ଷ ନିମନ୍ତେ ପାଠ୍ୟକ୍ରମ ୩୦% ହ୍ରାସ ହୋଇଥିଲା। ସରକାର ପିଲାମାନଙ୍କୁ ୟୁଟ୍ୟୁବ୍ ଜରିଆରେ ପାଠ ପଢ଼ାଇଥିଲେ। ଶିକ୍ଷକମାନେ ମଧ୍ୟ ଗୁଗଲ କ୍ଲାସ, ହ୍ୱାଟ୍ସଆପ୍ ଜରିଆରେ ଭିଡିଓ କଲିଂ କରି ପାଠ ପଢାଇଥିଲେ।

ମୋବାଇଲ୍ କିମ୍ବା କମ୍ପ୍ୟୁଟରରେ ୟୁଟ୍ୟୁବ୍, ଭିଡିଓ କଲିଂ ଆଦି କଲେ ଅପେକ୍ଷାକୃତ ଭାବେ ଅଧିକ ଇଣ୍ଟରନେଟ୍ ଆବଶ୍ୟକ ହୋଇଥାଏ। ଏଥି ସହିତ ଇଣ୍ଟରନେଟ୍‌ର ବେଗ ଅଧିକ ରହିବା ଆବଶ୍ୟକ। ତେଣୁ ଲୋକମାନେ ନିଜ ପାଇଁ ଯେଉଁ ଡାଟା ଆବଶ୍ୟକ କରୁଥିଲେ ପିଲାଙ୍କ ଲାଗି ଅଧିକ ଡାଟା କିଣୁଛନ୍ତି। ଟେଲିକମ୍ କମ୍ପାନୀଗୁଡ଼ିକ ଯେଭଳି ଭାବେ ଦର ବୃଦ୍ଧି କରିଛନ୍ତି ତାହା ଅଭିଭାବକଙ୍କ ଉପରେ ଆର୍ଥିକ ବୋଝ ଲଦିଲାଣି। ୟୁଟ୍ୟୁବ୍ କିମ୍ବା ଅନ୍ୟ ଆପ୍ ଜରିଆରେ ସିଧାସଳଖ ପଢିବାପାଇଁ ଏବେ ଜଣେ ପିଲା ପାଇଁ ମାସକୁ ୩୦୦ ଟଙ୍କା ବ୍ୟୟ କରିବାକୁ ପଡ଼ିବ। ଏତିକି ପଇସାରେ ଘରୋଇ ଟେଲିକମ୍ କମ୍ପାନୀମାନେ ମାସକୁ ୫୦ଜିବି ଡାଟା ବି ଦେଉନାହାନ୍ତି। ମୋବାଇଲ ଖର୍ଚ୍ଚ ସହିତ ଘରୋଇ ସ୍କୁଲ ଫି' ମଧ୍ୟ ବୋଝ ଉପରେ ନଳିତା ବିଡା ହୋଇଛି।

### ଦର ବୃଦ୍ଧି ଚିନ୍ତା

ବର୍ତ୍ତମାନ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଗୋଟିଏ ପରେ ଗୋଟିଏ କଟକଣା ଜାରି କରୁଥିବାରୁ ଆଗାମୀ ଦିନରେ ଛୋଟ ଛୋଟ ବ୍ୟବସାୟୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ଘର ଚଳାଇବା କଷ୍ଟକର ହୋଇପଡୁଛି। ଏଭଳି ସ୍ଥିତିରେ ପିଲାଙ୍କୁ ବର୍ଦ୍ଧିତ ଦରରେ ଇଣ୍ଟରନେଟ୍ ଡାଟା ଖରିଦ କରି ଯୋଗାଇବା ଅଭିଭାବକଙ୍କ ପାଇଁ କଷ୍ଟକର ହୋଇପଡିଲାଣି।

ଏଭଳି ଡିରୋଟ ସମୟରେ ପିଲାମାନେ କିଭଳି ଅଳ୍ପ ଖର୍ଚ୍ଚ କିମ୍ବା ବିନା ଖର୍ଚ୍ଚରେ ପାଠ ପଢ଼ିବେ ସେ ଦିଗରେ ସରକାର ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି। ରାଜଧାନୀରେ ପରିବା ବ୍ୟବସାୟ କରି ପରିବାର ଚଳାଉଥିବା ଅଭିଭାବକ ସୁଦର୍ଶନ ବେଉରା କହିଛନ୍ତି, ଅଫ୍‌ଲାଇନ ପାଠପଢ଼ା ବନ୍ଦ ହେବା ପରେ ୨ ଜଣ ପିଲାଙ୍କ ପିଛା ଇଣ୍ଟରନେଟ୍ ବାବଦରେ ମାସକୁ ୬୦୦ରୁ ୭୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। କରୋନା ଯୋଗୁ ବେପାର ମାନ୍ଦା ଥିବା ବେଳେ ପିଲାଙ୍କ ଖର୍ଚ୍ଚ ବଢି ଯାଉଛି। ଟେଲିଫୋନ ରିଚାର୍ଜ ଦର ବୃଦ୍ଧି ହେବା ଯୋଗୁ ଆହୁରି ସମସ୍ୟା ବଢି ଯାଇଛି। ସରକାର ଏ ଦିଗରେ କିଛି ପଦକ୍ଷେପ ନେଲେ ଗରିବ, ମଧ୍ୟବିତ୍ତ ପରିବାରର ପିଲାମାନେ ଉପକୃତ ହୋଇପାରନ୍ତେ।


## ଦିନ ମଜୁରିଆ ଯୁବତୀଙ୍କଠୁ ୩୭ ହଜାର ଠକେଇ

### ମହଙ୍ଗା ପଡ଼ିଲା ଲକ୍ଷପତି ହେବା ନିଶା

ରାଉରକେଲା ଅଫିସ/ କୁଆଁରମୁଣ୍ଡା, ୯।୧

ଲକ୍ଷପତି ହେବା ନିଶା ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଅଞ୍ଚଳର ଜଣେ ଦିନ ମଜୁରିଆ ଯୁବତୀଙ୍କ ପାଇଁ ମହଙ୍ଗା ପଡିଛି। ଯୁବତୀ ଜଣକ କେବିସି ଲଟେରି ମାଧ୍ୟମରେ ୨୫ ଲକ୍ଷ ଟଙ୍କା ପାଇବେ ବୋଲି ୩୭ ହଜାର ୫୦୦ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ରବିବାର ରାଉରକେଲା ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, କୁଆଁରମୁଣ୍ଡା କଚାରୁ ସିଆରଜୋର ଗାଁର ସୁରେନ୍ଦ୍ର ସିଂଙ୍କ ଝିଅ ସାନିଆ ସିଂ(୨୭)। ସାନିଆ ଜଣେ ଦିନ ମଜୁରିଆ ଅଟନ୍ତି। ଗତ ୭ତାରିଖରେ ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ କୌନ ବନେଗା କୋରଡ଼ ପତି ନାମରେ ଅମିତାଭ ବଚ୍ଚନଙ୍କ ଫଟୋ ସହ ୱାଟ୍ସଆପ୍ ମେସେଜ ଆସିଥିଲା। ଏଥିରେ ସେ କେବିସି ଲଟେରିରେ ୨୫ ଲକ୍ଷ ଟଙ୍କା ଜିତିଥିବା ଉଲ୍ଲେଖ ରହିଥିଲା। ମେସେଜ ପଢିବା ପରେ ସାନିଆ ଉକ୍ତ ନମ୍ବରକୁ କଲ୍ କରିଥିଲେ। ଅଜ୍ଞାତ ବ୍ୟକ୍ତି ଜଣକ ୨୫ ଲକ୍ଷ ଟଙ୍କା ପଠାଇବା ପାଇଁ ସାନିଆଙ୍କୁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଫଟୋ ମାଗିଥିଲେ। ଲୋଭର ବଶବର୍ତ୍ତୀ ହୋଇ ସେ ଉକ୍ତ ହ୍ୱାଟ୍ସଆପ୍‌କୁ ନିଜର ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଫଟୋ ପଠାଇଥିଲେ। ପରେ ପଞ୍ଜୀକରଣ ପାଇଁ ପ୍ରଥମ କିସ୍ତିରେ ୧୨ ହଜାର ୫୦୦ ଓ ଦ୍ୱିତୀୟ କିସ୍ତିରେ ଅବଶିଷ୍ଟ ୨୫ ହଜାର ଟଙ୍କା ଦେବାକୁ ଠକ ଜଣକ ସାନିଆଙ୍କୁ କହିଥିଲେ। ସାନିଆ ଦୁଇଟି କିସ୍ତିରେ ମୋଟ ୩୭ ହଜାର ୫୦୦ ଟଙ୍କା ଫୋନ୍ ପେ ମାଧ୍ୟମରେ ପଠାଇଥିଲେ। ଟଙ୍କା ପାଇବା ପରେ ଅନ୍‌ଲାଇନ ଠକ ଜଣକ ତାଙ୍କ ଫୋନ ଆଉ ଉଠାଇ ନ ଥିଲେ। ସନ୍ଦେହ ହେବାରୁ ସାନିଆ ରବିବାର ଏ ନେଇ ରାଉରକେଲା ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ତଦନ୍ତ ଚାଲିଥିବା ସାଇବର ଥାନା ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ବାଣପୁରରେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ

ବାଣପୁର,୯।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଆୟତ୍ତପୁର ପଞ୍ଚାୟତ ଅଞ୍ଚଳର ଜଣେ ଯୁବକ ଓମିକ୍ରନ ଆକ୍ରାନ୍ତ ହୋଇଥିବା ନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ରମାକାନ୍ତ ନାୟକ କହିଛନ୍ତି। ସୂଚନା ମୁତାବକ, ଯୁବକ ଜଣଙ୍କ କାତାରରେ କାର୍ଯ୍ୟ କରୁଥିବା ବେଳେ ଘରକୁ ଫେରିଥିଲେ। ଗତ ୩ତାରିଖରେ ତାଙ୍କର ଆରଟିପିସିଆର ଟେଷ୍ଟ କରାଯିବା ସହ ଜିନମସିକ୍ୱେନସିଂ ପାଇଁ ନମୁନା ପଠାଯାଇଥିଲା। ଯୁବକ ଜଣଙ୍କ ଓମିକ୍ରନରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ପରେ ସମ୍ପୃକ୍ତ ଯୁବକଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଥିସହ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କ ନମୁନା ପରୀକ୍ଷା କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

### କାର୍-ବାଇକ୍ ମୁହାଁମୁହିଁ: ଚାଳକ ଗୁରୁତର

ବୋଲଗଡ଼,୯।୧(ଡି.ଏନ୍.ଏ.): ବୋଲଗଡ଼ ସେବା ସମବାୟ ସମିତି ସମ୍ମୁଖ ୫୭ନଂ. ଜାତୀୟ ରାଜପଥରେ ରବିବାର କାର-ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାଜସୁନାଖଳା ନିକଟ ପାନନଗର ଗ୍ରାମର ରବୀନ୍ଦ୍ର ସାହୁ କାରରେ ବିନୋଦପଡା ଅଞ୍ଚଳର ଏକ ପରିବାରକୁ ନେଇ ଦଶପଲ୍ଲାର ଏକ ବିବାହ ଉତ୍ସବରୁ ଫେରୁଥିଲେ। ଏହି ସମୟରେ ଇଟାମାଟି ଥାନା ବାଲିକୁଦିଆ ଗ୍ରାମର ଜଣେ ଯୁବକ ବାଇକ୍‌ରେ ଯାଉଥିବା ବେଳେ ବୋଲଗଡ଼ ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ନୟାଗଡ଼ ମେଡିକାଲ ପଠାଇଥିଲେ।

### ବାଇକ୍‌କୁ ପିଟିଲା ବାଇକ୍, ୪ ଆହତ

ଝାଁଳା,୯।୧(ଡି.ଏନ୍.ଏ.): ଝାଁଳା ଫାଣ୍ଡି ସମ୍ମୁଖ ୧୬ନଂ. ଜାତୀୟ ରାଜପଥରେ ବାଇକ୍‌କୁ ଅନ୍ୟ ଏକ ବାଇକ୍ ଧକ୍କା ଦେବାରୁ ୪ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ, ଝାଁଳା ପଞ୍ଚାୟତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମର ଅଭିଷେକ ମିଶ୍ର ଓ ତାଙ୍କ ଘରେ ଭଡାରେ ରହୁଥିବା ସାଧୁଚରଣ ବେହେରା ଗହମ ପେଷିବା ପାଇଁ ବାଇକରେ ଯାଉଥିବା ବେଳେ ୧୬ନଂ. ଜାତୀୟ ରାଜପଥ ଅତିକ୍ରମ କରିବା ପାଇଁ ଛିଡ଼ା ହୋଇଥିଲେ। ଏହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ତରାବୋଇ ଗ୍ରାମର ଶରିପ ମଲ୍ଲିକ ଓ ଆରିକ ମଲ୍ଲିକଙ୍କ ବାଇକ ସେମାନଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ୪ଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଗୁରୁତରଙ୍କୁ ମେଡିକାଲ ପଠାଇଥିଲା।

### ରକ୍ତଦାନ ଶିବିର

ନିରାକାରପୁର,୯।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ଏକ ଘରୋଇ ଚିକିତ୍ସା କେନ୍ଦ୍ରରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ଯୁବ ସଙ୍ଗଠକ ଶୁଭମ୍ ଦାସ, ଜିଲା ବିଜେଡି ଉପସଭାପତି ବିପିନ କୁମାର ଜୟସିଂହ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ରାମଚନ୍ଦ୍ର ମହାପାତ୍ର, ପ୍ରଭାତ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ପାତ୍ର ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ସଂଶୋଧନକୁ ବିରୋଧ

ଜଟଣୀ,୯।୧(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ରଥିପୁର ଗ୍ରାମସ୍ଥିତ ଗୋପୀନାଥ ମନ୍ଦିର ପରିସରରେ ବାପୁଜୀ-ଆମ୍ବେଡ଼କର ରୟତ ସୁରକ୍ଷା ମହାମଞ୍ଚର ଆବାହକ ପଦ୍ମଚରଣ ସୁବୁଦ୍ଧିଙ୍କ ଅଧକ୍ଷତାରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୫ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିଜମା ସମସ୍ୟା ସମାଧାନ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୫୪ ଧାରା ୧୬(୨) ସଂଶୋଧନ ପାଇଁ ନିଆଯାଇଥିବା କ୍ୟାବିନେଟ ନିଷ୍ପତ୍ତିକୁ ମହାମଞ୍ଚ ବିରୋଧ କରିଛି।

ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପତ୍ର ସଂଖ୍ୟା ୩୨୪୩୫/୨୦୨୧ ଅନୁଯାୟୀ, ରାଜସ୍ୱ ବିଭାଗ, ଆଇନ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ ତଥା ବନ୍ଦୋବସ୍ତ ବିଭାଗର ସମସ୍ତ ଅଧିକାରୀ ଅବଗତ ଥିଲେ ଯେ, ଏଖାରଜତ ମାହାଲର ସମସ୍ତ ଜମି ଅମୃତମଣୋହି ନୁହେଁ।



ଖବରଦାତା ସମ୍ମିଳନୀରେ ବାପୁଜୀ-ଆମ୍ବେଡ଼କର ରୟତ ସୁରକ୍ଷା ମହାମଞ୍ଚର କର୍ମକର୍ତ୍ତା।

### ଧାରା ୧୬(୨)କୁ ନେଇ ବିବାଦ

ଏହି ଜମିକୁ ରୟତମାନେ ବଂଶାନୁକ୍ରମେ ଭୋଗ ଦଖଲ କରିଆସୁଛନ୍ତି। ୧୯୭୪ ମସିହାରେ ଜମିଦାରି ଉଚ୍ଛେଦ ସମୟରେ ଶ୍ରୀମନ୍ଦିର ପ୍ରଶାସନ ୭୨,୧୫,୩୬୩.୭୨ ଟଙ୍କା କ୍ଷତିପୂରଣ ବାବଦକୁ ରାଜ୍ୟ ସରକାରଙ୍କଠାରୁ ନେଇଥିଲେ। ଫଳରେ ଜମିଦାରି ପ୍ରଥା ଉଚ୍ଛେଦ ହୋଇଥିଲା। ୨୦୧୩ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ଉକ୍ତ ଜମିକୁ ଅମୃତମଣୋହି ଦର୍ଶାଇ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ରେକର୍ଡ କରିଥିଲେ। ଫଳରେ ରୟତମାନେ ୧୦ବର୍ଷ ହେବ ବିଭିନ୍ନ ସରକାରୀ ସହାୟତାରୁ ବଞ୍ଚିତ ହେବା ସହ ହଇରାଣ ହେଉଛନ୍ତି। ବିଭିନ୍ନ ସମୟରେ ପ୍ରଭାବିତ ରୟତମାନେ ନିଜର ସ୍ଥିତିବାନ ଜମି ଫେରିପାଇବା ପାଇଁ ଆନ୍ଦୋଳନ ସହ ବିଭିନ୍ନ ଫୋରମରେ ଦାବି ରଖି ଆସିଛନ୍ତି। ତେବେ ୨୦୦୩-୦୪ ମସିହାରେ ସରକାର ୧୫୬ ମୌଜାରୁ ୧୨୦ଟି ମୌଜାର ରୟତଙ୍କୁ ସ୍ଥିତିବାନ ସ୍ୱତ୍ତ୍ୱ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ଯେଉଁ ଆଇନ ବଳରେ ସ୍ଥିତିବାନ ଜମି ପ୍ରଦାନ କରାଯାଇଛି ସେହି ଅନୁସାରେ ବଳକା ୩୬ଟି ମୌଜାର ରୟତଙ୍କୁ ସ୍ଥିତିବାନ ଜମି ଫେରାଇବାକୁ ଦାବି ହୋଇଛି। ବର୍ତ୍ତମାନର ସଂଶୋଧିତ ଅଧିନିୟମକୁ ମହାମଞ୍ଚ ବିରୋଧ କରି ନିଜର ସ୍ଥିତିବାନ ଜମିକୁ ପୁନଃ କାହିଁକି କିଣିବୁ ବୋଲି କହିଛନ୍ତି। ସରକାରଙ୍କ ନୂତନ ଅଧିନିୟମ ବଳରେ ସ୍ଥିତିବାନ ରୟତଙ୍କ ଲାଭ ହେଉ ନ ଥିବା ବେଳେ ଶ୍ମଶାନ, ଖେଳପଡିଆ, ନାଳ, ଅନାବାଦୀ ଜମି ଜବରଦଖଲ କରିଥିବା ବ୍ୟବସାୟୀଙ୍କ ଲାଭ ହେବ ହେବ ବୋଲି ମହାମଞ୍ଚ ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ ବୀରକିଶୋର ବାରିକ, ପଦ୍ମଚରଣ ସୁବୁଦ୍ଧି, ପ୍ରତାପ ସାମନ୍ତରାୟ, ଭଗବାନ ପାତ୍ର, ଦୁର୍ଗାପ୍ରସାଦ ସାହୁ, ବିବେକାନନ୍ଦ ବଡ଼ଜେନା, ଭରତ ଚନ୍ଦ୍ର ସାହୁ, ସୁରେନ୍ଦ୍ର ମିଶ୍ରଙ୍କ ସମେତ ଅନେକ ରୟତ ଯୋଗଦେଇ ସରକାର ଉକ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି।



ପୁରୀର ସତ୍ୟକାମୀ ଯୁବ ନାଟ୍ୟ ଚେତନା ପକ୍ଷରୁ ଶୀତ ଉତ୍ସବ ଅବସରରେ ରବିବାର ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ 'କ୍ୟାନ୍‌ସର'ର ଏକ ଦୃଶ୍ୟ।

## ଅଠରାଙ୍ଗରେ ଭାଗବତ ସମାରୋହ

ବେଗୁନିଆ,୯।୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମସ୍ଥିତ ରାଧାମୋହନ ଦେବଙ୍କ ପୀଠ ପରିସରରେ ରବିବାର ଭାଗବତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଧାମୋହନ ଦେବ ସତ୍ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ଏକ ସାଧାରଣ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କବି ଲକ୍ଷ୍ମୀଧର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚକ୍ରଧର ତ୍ରିପାଠୀ ମୁଖ୍ୟଅତିଥି, ଭାଗବତ ପ୍ରଚାର ସମିତି ଅଧକ୍ଷ ଲୋକନାଥ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଭାଗବତ ପାଠ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ସଙ୍ଗଠକ ଡ. ବନବିହାରୀ ମହାପାତ୍ର, ସଭାପତି ହରେକୃଷ୍ଣ ପଣ୍ଡା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନାରାୟଣ ଦାସ ପ୍ରମୁଖଙ୍କ ସଞ୍ଚାଳନରେ ସମାରୋହ ହୋଇଥିଲା। ସ୍ନିଗ୍ଧା ସୁଚରିତା ମହାପାତ୍ର, ଦାଶରଥି ସାମନ୍ତରାୟ ଭାଗବତ ବିଷୟ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ବଳରାମ ରଣସିଂହ, ନଗେନ ଦତ୍ତ, ତ୍ରିଲୋଚନ ବାଘସିଂହ, ପ୍ରଫୁଲ୍ଲ କୁମାର ଦାସ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ କଳାକାର, ସାମାଜିକ କର୍ମୀ, ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରବାଟୀର ସୋମନାଥ ବେହେରାଙ୍କ ଦ୍ୱାରା ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

# ଯୁବପିଢ଼ିଙ୍କୁ ଉତ୍ସାହିତ କରୁଛି ଭାଗବତ ପ୍ରତିଯୋଗିତା

ଖୋର୍ଦ୍ଧା ଅଫିସ,୯।୧

ବୋଲଗଡ଼ ବ୍ଲକ ଅଧୀନ ଅସରଳା ଗ୍ରାମର ଜଗନ୍ନାଥ ମନ୍ଦିର ପରିସରରେ ଭାଗବତ ପ୍ରତିଯୋଗିତା ଚାଲିଛି। ରବିବାର ଦ୍ୱିତୀୟ ଦିବସରେ ରଣପୁର ବ୍ଲକ୍‌ର ଲତା କୁଞ୍ଜବନ ମଣ୍ଡଳୀଠାରୁ ଅଧିକ ୨୧ ପଏଣ୍ଟ ହାସଲ କରି ବୋଲଗଡ଼ ବ୍ଲକର ଖଉରୁଣୀ ଭାଗବତ ମଣ୍ଡଳୀ ବିଜୟୀ ହୋଇଛି। ଲତା କୁଞ୍ଜବନ ଭାଗବତ ମଣ୍ଡଳୀ ୩୭ ପଏଣ୍ଟ ପାଇଥିବା ବେଳେ ଖଉରୁଣୀ ଭାଗବତ ମଣ୍ଡଳୀ ୫୮ ପଏଣ୍ଟ ହାସଲ କରିଛି। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ସୁକାନ୍ତ ନନ୍ଦ, ମାନସ ରଞ୍ଜନ ପଟ୍ଟନାୟକ ଓ ସାଧୁ ଚରଣ ବେହେରା ଯୋଗ ଦେଇଛନ୍ତି। ବିଚାରକଙ୍କ ଭାଗବତ ସମ୍ପର୍କିତ ପ୍ରଶ୍ନ ଅନୁସାରେ ସଂକୀର୍ତ୍ତନ ମଣ୍ଡଳୀ ଭାଗବତ ପରିବେଷଣ କରୁଛନ୍ତି। ଏହି ଆଧ୍ୟାତ୍ମିକଭିତ୍ତିକ ନିଆରା ପ୍ରତିଯୋଗିତା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଭାଗବତ ପ୍ରେମୀଙ୍କ ସମାଗମ ହେଉଛି। ଏହା ଯୁବପିଢିଙ୍କୁ ଆକୃଷ୍ଟ କରୁଛି। ଗାଁଗହଳିରୁ ଭାଗବତ ଟୁଙ୍ଗି ହଜିଯିବାକୁ ବସିଥିବାବେଳେ ଏହି ପରମ୍ପରା ତାହାକୁ ଉଜ୍ଜୀବିତ ରଖିବା ସହ ଯୁବପିଢିଙ୍କ ମଧ୍ୟରେ ଭାଗବତ ଚର୍ଚ୍ଚା, ଆଲୋଚନା ଓ ଜ୍ଞାନାରୋହଣ ପାଇଁ ସହାୟକ ହେଉଛି ବୋଲି ଆୟୋଜକ କମିଟି ସଦସ୍ୟ ବିଷ୍ଣୁ ପ୍ରସାଦ କର କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଘୁନାଥ ଷଡ଼ଙ୍ଗୀ, ଅତିଥି ଭାବେ ଯୁବନେତା ରୁଦ୍ରନାରାୟଣ ବାହିନୀପତି ଯୋଗଦେଇ ଥିଲେ। ଫାଇନାଲ ପ୍ରତିଯୋଗିତା ମହୁଲିଆ ଭାଗବତ ମଣ୍ଡଳୀ ଏବଂ ଖଉରୁଣୀ ଭାଗବତ ମଣ୍ଡଳୀ ମଧ୍ୟରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ କେଦାରନାଥ ପଟ୍ଟଯୋଶୀ ସଂଯୋଜନା କରିଥିବା ବେଳେ ମାଧବ ବେହେରା, ବିଜୟ ପାଟ୍ଟଯୋଶୀ, ବିଷ୍ଣୁପ୍ରସାଦ କର, ସୁରେଶ ଚନ୍ଦ୍ର ମିଶ୍ର ଏବଂ ଦିଲ୍ଲୁ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

# ରିୟଲ ଫାଇଟର ଟିମ୍ ଚାମ୍ପିୟନ

### ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଯାପିତ

ବୋଲଗଡ଼,୯।୧(ଡି.ଏନ୍.ଏ.)

ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ସପ୍ତମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାଇଜିଂ ଇଗଲ ଫାଇଟରକୁ ହରାଇ ରିୟଲ ଫାଇଟର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ରାଇଜିଂ ଇଗଲ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୪ ରନ ସଂଗ୍ରହ କରିଥିଲା। ଜବାବରେ ରିୟଲ ଫାଇଟର ଟିମ୍ ୭.୨ ଓଭରରେ ୫୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଚଗଲା ଦଳବେହେରା ମେମୋରିଆଲ କପ୍ ସହ ୬୦୦୦ ଏବଂ ରନର୍ସଅପ୍ ଟିମ୍‌କୁ କପ୍ ସହ ୪୦୦୦ ଟଙ୍କା ପ୍ରଦାନ କରିଥିଲେ। ବାନାମ୍ବର ମାଝି, ପ୍ରଫୁଲ୍ଲ ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ, ବୀର ଦାସ, ଦିଲୀପ ଦତ୍ତ, ବବିତା ସାହୁ, ଅସିତ୍ ପାଢ଼ୀ, ବିବେକ ଶତପଥୀ ଅତିଥି ଭାବେ ଯୋଗଦେଇଥିଲେ। ସିନେ କଳାକାର ସମ୍ମାନିତା ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରମୋଦ ସାହୁ, ଜୟ ଦଳବେହେରା, ବୁଲୁ ସାହୁ ପ୍ରମୁଖଙ୍କ ସମେତ ବୋଲଗଡ କ୍ରିକେଟ କ୍ଲବର କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।





ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଅନ୍ୟ ଅତିଥି।

## ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୋଲଗଡ଼,୯।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମ ମିନି ଷ୍ଟାଡିୟମରେ ରବିବାର ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାତ କୁମାର ପରିଡା ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ନବକିଶୋର ପଣ୍ଡା ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଖୋର୍ଦ୍ଧା ହାଟବସ୍ତର ସନ୍‌ସାଇନ କ୍ଲବକୁ ହରାଇ ଭୁବନେଶ୍ୱର ରସୁଲଗଡର ଏଲ୍‌ସିସି କ୍ଲବ ବିଜୟୀ ହୋଇଛି। ସନ୍‌ସାଇନ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭର ଖେଳି ୬ ଉଇକେଟ ବିନିମୟରେ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ଏଲସିସି କ୍ଲବ ୧୪ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ୧୫୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବବୁଲ କୁମାର ଓ ଗିରିଧାରୀ ସାହୁ ମ୍ୟାଚ ପରିଚାଳନା କରିଥିଲେ। ସୁଧିର ସୁନ୍ଦରାୟ, ଶ୍ରୀଧର ରାଉତ, ଦିଲୀପ ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କଳ୍ପନା



@ ଦେବାଶିଷ



@ ଯାଜ୍ଞସେନୀ



@ ଶକୁନ୍ତଳା



@ କୈଳାସ



@ ଓମ୍‌ଶକ୍ତି

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ବୈଠକ

ଭୁବନେଶ୍ୱର,୯।୧

ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଏବଂ ୟୁଏନ୍‌ଡିପି ସହଯୋଗରେ କ୍ୟାମ୍ପସ ପରିସରରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା' ଉପରେ ହିତାଧିକାରୀ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପୃକ୍ତ ହିତାଧିକାରୀଙ୍କଠାରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଥିବା ଆହ୍ୱାନ ଏବଂ ସୁଯୋଗ ବିଷୟରେ ବୁଝିବା ଏବଂ ଜାଣିବା ପାଇଁ ଏହା ୟୁଏନ୍‌ଡିପି ଏବଂ ସିୟୁଟିଏମ୍‌ର ମିଳିତ ଉଦ୍ୟୋଗରେ କରାଯାଉଛି। ଏକୀକୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ସିଷ୍ଟମ ଚିନ୍ତାଧାରା ସୃଷ୍ଟି କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ, ଯେଉଁଠାରେ ହିତାଧିକାରୀମାନେ ସରକାରୀ, ବ୍ୟବସାୟ, ଲୋକ, କମ୍ପାନୀ ଇତ୍ୟାଦି ପରସ୍ପର ସହ ଜଡିତ ରହି ଏବଂ ଏହା ଶିଳ୍ପ ଓ ମୂଲ୍ୟ ଶୃଙ୍ଖଳା ନେଟୱର୍କରେ ପ୍ରତିଯୋଗୀ ସହଯୋଗକୁ ସକ୍ଷମ ହେବ। ସମ୍ମିଳନୀରେ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି, ପ୍ରତ୍ୟେକ ସ୍ତରରେ ନିଷ୍ପତ୍ତି ନେଉଥିବା ବ୍ୟକ୍ତି ଅନ୍ତର୍ଜାତୀୟ, ଜାତୀୟ, ପୌରପାଳିକା, ସହର ଏବଂ ଜିଲା ସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ଉଦ୍ୟମ କରିବା ଆବଶ୍ୟକ। ଡାକ୍ତରୀ ଏବଂ ଘରୋଇ ଉତ୍ସକୁ ପ୍ରକୃତରେ ପ୍ରାଥମିକତା ଦେଇ ଏହି ସମ୍ଭାବ୍ୟ ବିପଜ୍ଜନକ ବର୍ଜ୍ୟବସ୍ତୁରୁ ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ପ୍ରଭାବର ସର୍ବନିମ୍ନତାକୁ ନିଶ୍ଚିତ ଆବଶ୍ୟକ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ କୀର୍ତ୍ତିମାନ ଷଡ଼ଙ୍ଗୀ, ଜଟଣୀ ପୌରପାଳିକାରୁ ଦିଲୀପ କୁମାର ମହାନ୍ତି, ଯାଜପୁର ପୌରପାଳିକାରୁ ଶିପ୍ରା ସାକ୍ସେନା ଏବଂ ନରେନ୍ଦ୍ର ଚୌହାନ, ୟୁନିସେଫରୁ ଦାମୋଦର ଜେନା, କିଟ୍‌ରୁ ପେପିନ୍, ଏକ୍ସଆଇଏମ୍‌ବିରୁ ସରୋଜ ମାନିଆ, ଆରଏସିରୁ ଅଞ୍ଜାନ ଜେନା, କୋର୍‌ରୁ ସୁଶାନ୍ତ ତ୍ରିପାଠୀ ଏବଂ ଓଡିଏମ୍‌ପିରୁ ପ୍ରତାପ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ଗ୍ରାମବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।





ଭୁବନେଶ୍ୱରସ୍ଥିତ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଭା ଭବନରେ ରବିବାର କବି ଫନୀ ମହାନ୍ତିଙ୍କ ଗ୍ରନ୍ଥ 'କାବ୍ୟଚର୍ଚ୍ଚା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।





ବୀଣାପାଣି ନାଟ୍ୟ ସଂସ୍ଥା ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଆୟୋଜିତ 'ମାଙ୍କୁ ସମ୍ମାନ ଦେଶକୁ ସମ୍ମାନ' ସମାରୋହରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।





ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା' ସଂକ୍ରାନ୍ତ ହିତାଧିକାରୀ ପରାମର୍ଶ ବୈଠକରେ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଓ ଅନ୍ୟ ଅତିଥି।

# ଏତଲା ପରେ ଛାତ୍ରନେତାଙ୍କୁ ଉଠାଇ ନେଲା ପୋଲିସ

ଭୁବନେଶ୍ୱର,୯।୧(ବ୍ୟୁରୋ)

କଂଗ୍ରେସ ଭବନ ପରିସରରେ ଶନିବାର ହୋଇଥିବା ଗଣ୍ଡଗୋଳ ଘଟଣାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ରବିବାର କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏତଲା ପରେ ଶହୀଦନଗର ଓ କ୍ୟାପିଟାଲ ଥାନା ପୋଲିସ ମିଳିତ ଚଢ଼ାଉ କରି ଜଣେ ଛାତ୍ର ନେତା ଓ ତାଙ୍କ ସହଯୋଗୀଙ୍କୁ ଉଠାଇ ନେଇଛି। ସେ ହେଲେ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଇତିଶ ପ୍ରଧାନ। ତାଙ୍କୁ କ୍ୟାପିଟାଲ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ କଂଗ୍ରେସ ଭବନ ପରିସରରେ ଗଣ୍ଡଗୋଳ ଘଟିଥିଲା। ଭଙ୍ଗାରୁଜା ସହ ଆକ୍ରମଣରେ ଜଣେ ଖବରଦାତା ଓ କେତେଜଣ କଂଗ୍ରେସ କର୍ମୀ ଆହତ ହୋଇଥିଲେ। ପରେ ବିଳମ୍ବିତ ରାତିରେ କଂଗ୍ରେସ ଭବନ ଝରକାରେ ନିଆଁ ଲାଗିଯାଇଥିଲା। ପେଟ୍ରୋଲ ବୋମା ମାଡ଼ ଯୋଗୁ ଏପରି ଘଟିଥିବା ଚର୍ଚ୍ଚା ହୋଇଥିଲା। ପୋଲିସ ପହଞ୍ଚି ଘଟଣାସ୍ଥଳରୁ ପେଟ୍ରୋଲ ଥିବା ଏକ ପ୍ଲାଷ୍ଟିକ ବୋତଲକୁ ଜବତ କରିଥିଲା। ତେବେ ଏସବୁ ଇତିଶଙ୍କ ଗୋଷ୍ଠୀର ହାତ ଥିବା ସନ୍ଦେହ କରୁଛି ଛାତ୍ର କଂଗ୍ରେସ। ରବିବାର ଏତଲା ପରେ କ୍ୟାପିଟାଲ ଥାନା ପୋଲିସ ଇତିଶଙ୍କୁ ଥାନାକୁ ଡାକିଥିଲା। ହେଲେ ରାତି ପ୍ରାୟ ସାଢ଼େ ୭ଟାବେଳେ ସେ ଓ ତାଙ୍କ ଗୋଷ୍ଠୀ ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବସିଥିବାବେଳେ ଶହୀଦନଗର ପୋଲିସ ସହାୟତାରେ କ୍ୟାପିଟାଲ ଥାନା ପୋଲିସ ସେମାନଙ୍କୁ ଧରି ନେଇଥିଲା। ଏ ସମ୍ପର୍କରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, କଂଗ୍ରେସ ଭବନ ପରିସର ଗଣ୍ଡଗୋଳକୁ ନେଇ ଥାନାରେ ଏତଲା ଦେଇଥିଲୁ। ଯାହାଙ୍କ ନାମରେ ଅଭିଯୋଗ ହୋଇଛି, ପୋଲିସ ସେମାନଙ୍କୁ ଉଠାଇ ନେଇଥିବା ସୂଚନା ପାଉଛୁ। ଅନ୍ୟପକ୍ଷରେ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ଇତିଶଙ୍କ ମତାମତ ମିଳିପାରି ନାହିଁ।



କଂଗ୍ରେସ ଭବନ ଗଣ୍ଡଗୋଳ ଘଟଣା

# ଭର୍ଚୁଆଲ ଶୁଣାଣି ପାଇଁ ବିଭିନ୍ନ ଓକିଲ ସଂଘର ନିବେଦନ

କଟକ ଅଫିସ,୯।୧

କୋଭିଡ୍‌କୁ ଦୃଷ୍ଟିରେ ରଖି କୋର୍ଟରେ କେବଳ ଭର୍ଚୁଆଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ଶୁଣାଣି କରାଯାଉ। ଏନେଇ ନିର୍ଦ୍ଦେଶ ଦିଆଯିବାକୁ ଗତ ୭ ତାରିଖରେ କଟକ ବାର୍ ଆସୋସିଏଶନ, କ୍ରିମିନାଲ କୋର୍ଟ ବାର୍, ଏମ୍‌ଭି ଲୟର୍ସ ଆସୋସିଏଶନ ଓ ବୋର୍ଡ ଅଫ ରେଭେନ୍ୟୁ ବାର୍ ଆସୋସିଏଶନ ପକ୍ଷରୁ ରିଜୋଲ୍ୟୁସନ କରାଯାଇଛି। କୋଭିଡ୍ ସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ଭର୍ଚୁଆଲ ଶୁଣାଣି କରାଯିବା ପାଇଁ ଜିଲା ଓ ସେସନ ଜଜ୍‌ଙ୍କୁ ନିବେଦନ କରାଯାଇଛି। ସୋମବାର ଜିଲା ଜଜ୍‌ଙ୍କ ପକ୍ଷରୁ ଏ ସମ୍ପର୍କରେ ଜଣାପଡ଼ିବ ବୋଲି କଟକ ବାର୍ ଆସୋସିଏଶନ ସମ୍ପାଦକ ବିଶ୍ୱଜିତ ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସୋମବାରଠାରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟରେ ଭର୍ଚୁଆଲ ଶୁଣାଣି ହେବ।

# ୩୦ କେଜି ଗଞ୍ଜେଇ ଜବତ: ୪ ଗିରଫ

ପିପିଲି, ୯।୧(ସ୍ୱ.ପ୍ର/ଡି.ଏନ୍.ଏ)

ପିପିଲି ପୋଲିସ ୩୦କେଜି ଗଞ୍ଜେଇ ସମେତ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଏହି ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ହଂସରାଡ଼ି ଗ୍ରାମର ପିଣ୍ଟୁ ଭୂୟାଁ, ବୁଗୁଡା ଥାନା ଅଧୀନ ଗୁଡ଼ିପାଲ୍ଲୀ ଗ୍ରାମର ବାବୁରାମ ବିଶ୍ୱାଳ, ଗୋଳାମୁଣ୍ଡୁଳା ଗ୍ରାମର ବାବୁଲା ନାୟକ ଏବଂ ବୁଗୁଡ଼ା ଅଞ୍ଚଳର ଟୁଲୁ ବଡତିଆ। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପିପିଲି ଥାନାରେ ଏକ କେସ୍ (ନଂ. ୯/୨୨) ରୁଜୁ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ରବିବାର ପିପିଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଦେବଦତ୍ତ ବରାଳ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ଶନିବାର ରାତିରେ ୪ଜଣ ପେସାଦାର ଗଞ୍ଜେଇ ବ୍ୟବସାୟୀ ଏକ ଜରିଅଖାରେ ୩୦କେଜି ଗଞ୍ଜେଇ ରଖି ବିକ୍ରି ନିମନ୍ତେ ପିପିଲି ଥାନା ଅଧୀନ ସମଲପୁର ଗ୍ରାମ ନିକଟରେ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ପୋଲିସ ଏହି ଖବର ପାଇବା ପରେ ଏସ୍‌ଡିପିଓ ବରାଳ ଓ ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ମିଳିତ ଉଦ୍ୟମରେ ଏକ ଟିମ୍ ଚଢ଼ାଉ କରିଥିଲା। ସେଠାରୁ ୪ଜଣଙ୍କୁ ଗିରଫ କରାଯାଇଥିଲା।


**ZILLA SWASTHYA SAMITI, NABARANGPUR**
**OFFICE OF CDM & PHO-CUM-DISTRICT MISSION DIRECTOR**
**NABARANGPUR**

Advt. No.116 Date: 06.1.22

**CONTRACTUAL APPOINTMENT**

Applications are invited from eligible candidates for filling up the following posts under Zilla Swasthya Samiti, Nabarangpur on contractual basis for a period of 11 months subject to renewal as per Society norms basing on the performance and subject to continuance of the scheme whichever is earlier.

| Sl. No. | Name of the post | No. of vacancy | Qualification | Consolidated remuneration | Age limit |
|---|---|---|---|---|---|
| 1 | Specialist in O&G | 1 | MD (O&G) | Negotiable | 70 years as on advertisement (Retired Doctors are encouraged to apply) |
| 2 | Specialist in Paediatric | 1 | MD (Paediatric) | Negotiable | |
| 3 | Specialist in Dermatology | 1 | MD (Skin & VD) | Negotiable | |
| 4 | Specialist in Ophthalmology | 1 | MD (Ophthalmogy) | Negotiable | |
| 5 | Specialist in Anesthesiology | 1 | MD (Anesthesiology) | Negotiable | |
| 6 | Specialist in Surgery | 1 | MD (Surgery) | Negotiable | |
| 7 | Specialist in Medicine | 1 | MD (Medicine) | Negotiable | |
| 8 | Specialist in Pathology | 1 | MD (Pathology) | Negotiable | |
| 9 | Specialist in Radiology | 1 | MD (Radiology) | Negotiable | |

Interested candidates can log to www.nabarangpur.nic.in & www.devnetjobsindia.org for details of vacancy, eligibility, age and application form. Last date for receipt of the application duly signed by the candidate along with self attested copies of all supportive documents is 15.01.2022 (by 5.00 P.M.) through Speed Post / Regd Post/ Courier. The undersigned reserves the right to cancel any or all the applications / positions at any stage of recruitment process without assigning any reason thereof.

Sd./- (Dr. Kali Prasad Behera)
Chief Dist. Medical & Public Health Officer, Nabarangpur


# ସାରସ୍ୱତ ସମାରୋହ, ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ



ଅତିଥିମାନେ ରାଜ କିଶୋର ପାଣିଗ୍ରାହୀଙ୍କ ରଚିତ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ବେଗୁନିଆ,୯।୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ରବିବାର ସାରସ୍ୱତ ସମାରୋହ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷା ଡ.ପ୍ରତିଭା ମହାରଥୀ, ବକ୍ତାଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଗୁରୁପ୍ରସାଦ ମହାପାତ୍ର, ଅତିଥିଭାବେ ପଣ୍ଡିତ ନୀରଜ ଚନ୍ଦ୍ର ଆର୍ଯ୍ୟ, କବି ରାଜ କିଶୋର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ 'ମୋ ଦୃଷ୍ଟିରେ ଶ୍ରୀ ଜଗନ୍ନାଥ'ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱରସୁଧା ରମେଶ ମହାପାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ରାଜ କିଶୋର ପାଣିଗ୍ରାହୀଙ୍କ ରଚିତ 'ସେ ପରା ଶ୍ରୀଜଗନ୍ନାଥ', 'ପାରିକର ଜଗନ୍ନାଥ', 'ଅନନ୍ୟ ଶ୍ରୀଜଗନ୍ନାଥ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ମିଳିତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ପୁରୀ, କଟକ, ଖୋର୍ଦ୍ଧା ଜିଲାର ବହୁ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସାମାଜିକ କର୍ମୀ ଦିଲୀପ ପାଣିଗ୍ରାହୀ, କାଶୀନାଥ ମହାପାତ୍ର, ମାନସ ରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଳମଣି ମିଶ୍ର, ଗଙ୍ଗାଧର ଓଝା, ବଂଶୀଧର ପାଣିଗ୍ରାହୀ, ଶ୍ରୀକାନ୍ତ ବାହିନୀପତି, ସନ୍ତୋଷ ମହାପାତ୍ର, ସବିତା ପଣ୍ଡା, ବଂଶୀଧର ପଣ୍ଡା, ନରୋତ୍ତମ ବେହେରା, ଯୁଧିଷ୍ଠିର ହୋତା ପ୍ରମୁଖ କର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। ଅଖିଳେଶ ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ। କାର୍ତ୍ତିକ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ହାଇୱା ଧକ୍କାରେ ବାଇକ୍ ଚାଳକ ଗୁରୁତର

ଖୋର୍ଦ୍ଧା ଅଫିସ,୯।୧

ଖୋର୍ଦ୍ଧା ଜିଲାପାଳ କାର୍ଯ୍ୟାଳୟ ଛକ ସମ୍ମୁଖରେ ରବିବାର ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳି ନାହିଁ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାଲିପାଟଣା ଅଞ୍ଚଳର ଏକ ହାଇୱା ସଦର ଥାନା ଅଧୀନ ଦଧିମାଛ ଗାଡିଆ ଅଞ୍ଚଳରୁ ମେଟାଲ ବୋଝେଇ କରି ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ଛକଠାରେ ଖୋର୍ଦ୍ଧା ଥାନା ଅନ୍ତର୍ଗତ ମୁକ୍ତାପୁର ଗ୍ରାମର ହାଇୱା ଡ୍ରାଇଭର ଭାରସାମ୍ୟ ହରାଇ ବାଇକକୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ ଚାଳକ ରାସ୍ତାକୁ ଛିଟିକି ପଡ଼ିଥିଲେ। ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲା।


**ODISHA STATE HOUSING BOARD**
**SACHIVALAYA MARG, BHUBANESWAR – 751001**
Phones EPABX: (0674) 2393524, 2390141, 2391542, 2393277, FAX: (0674) 2393952
Visit us at: http://www.oshb.org

No-290/OSHB Dated 06.01.2022
File no. EB-156/2022

**TENDER CALL NOTICE NO 02/CE/OSHB/2021-22**
No.CAD-2729:- **E-procurement notice for online bidding**
Chief Engineer, OSHB invites online tenders as per the following schedule.

| Sl. No. | Name of the work | BID Security to be transferred online only in Rs. | Cost of bid document to be transferred online only | Period of completion |
|---|---|---|---|---|
| 1 | Construction of Subhadra Enclave (A Residential Apartment) at Dumuduma Phase-III, Bhubaneswar, Odisha. | 1.5 Cr. | 10,000/- + (18% GST) = 11,800/- | 30 months |

1. Other details.

| Procurement Officer | Bid Identification No. | Availability of tenders for online bidding | |
|---|---|---|---|
| Chief Engineer, OSHB, Bhubaneswar | 02/CE/OSHB/2021-22 | From 12.01.2022 at 01.00 P.M. | To Dt.10.02.2022 upto 03.00 P.M. |

2. Place and date of opening of the bids : Office of the Chief Engineer, OSHB, Bhubaneswar at 12.30 P.M. on Dt.11.02.2022.
Further details can be seen from the website www.tendersorissa.gov.in.
OIPR-13030/11/0314/2122 Sd./- Chief Engineer



**CENTRAL PUBLIC WORKS DEPARTMENT**
**PRESS NOTICE**

All the contractor(s)/ firm(s)/ agencies intending to bid for works in Central Public Works Department (CPWD) are hereby informed that a new CPWD e-Tender & e-Auction website/portal is proposed to be made operational soon **in a phased manner.** All intending bidders are advised to **check both the existing website (http://www.tenderwizard.in/CPWD) as well as the new upcoming website** for participating in the tenders published on the respective websites till further notice.

To participate in the bidding process **for tenders to be hosted on the new website,** all intending contractor(s)/ firm(s)/ agencies are requested to register/update their profiles on the new e-Tendering and e-Auction websites: **https://etender.cpwd.gov.in** and **https://eauction.cpwd.gov.in** respectively. Information on updation of profiles is available on CPWD **Website https://www.cpwd.gov.in vide circular: https://www.cpwd.gov.in/WriteReadData/other_cir/50798.pdf.**

For any further assistance CPWD Helpdesk Team may be contacted **on 0120-6747214/4766312 or tendersupport@techmahindra.com.**


# ସରକାରୀ ଜମିକୁ କେନ୍ଦ୍ରକରି ଗଣ୍ଡଗୋଳ, ୧୧ ଗୁରୁତର

ବାଲିପାଟଣା,୯।୧(ଡି.ଏନ୍.ଏ.)

ବାଲିପାଟଣା ଥାନା ଆଇତଲଙ୍ଗ ଗ୍ରାମରେ ରବିବାର ସରକାରୀ ଜମିକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ୧୧ଜଣ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଉକ୍ତ ଜମିକୁ ନେଇ ଚିତ୍ତରଞ୍ଜନ ଜେନା ଓ କୈଳାସ ମହାନ୍ତିଙ୍କ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ରବିବାର ଏହି ବିବାଦ ଉଗ୍ରରୂପ ନେଇଥିଲା। ଉକ୍ତ ଜମିରୁ ଚିତ୍ତରଞ୍ଜନଙ୍କ ପରିବାର କଦଳୀ ଗଛ କାଟିବାରୁ ଏନେଇ କୈଳାସଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଦୁଇ ପରିବାର ମଧ୍ୟରେ ବଚସା ସହ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ବାଲିପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଉପସ୍ଥିତିରେ ଜଣେ ଯୁବକ ପୋଲିସ ବନ୍ଧୁକ ଛଡାଇବାକୁ ଉଦ୍ୟମ କରିଥିଲେ। ପୋଲିସ ଉକ୍ତ ଯୁବକଙ୍କୁ କାବୁ କରିବା ସହ ଆହତ ୧୧ଜଣଙ୍କୁ ଆମ୍ବୁଲାନ୍ସରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଆଇଆଇସି କୃପାସିନ୍ଧୁ ବରାଡ଼ ଓ ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ପୋଲିସ ମୁତୟନ ରହିଛନ୍ତି।

# ମା' ପାଦୁକାଇ କ୍ଲବ ଚାମ୍ପିୟନ

ନିରାକାରପୁର,୯।୧(ଡି.ଏନ୍.ଏ.)

ନିରାକାରପୁର ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡିଆରେ ଏକ ଦିବସୀୟ ସଟ୍ ଗ୍ରାଉଣ୍ଡ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ନିରାକାରପୁର ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ୮ଓଭର ବିଶିଷ୍ଟ ମ୍ୟାଚରେ ୮ଜଣ ଖେଳାଳିଙ୍କୁ ନେଇ ହୋଇଥିବା ବେଳେ ଏଥିରେ ୧୬ଟି ଟିମ୍ ଭାଗନେଇଥିଲେ। ଫାଇନାଲ ମ୍ୟାଚରେ ସୋରଢାପୁରର ବିକେସିସି ବୁଲସ୍‌କୁ ହରାଇ ପଦ୍ମପୁରର ମା' ପାଦୁକାଇ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସୋରଢାପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ସମସ୍ତ ଉଇକେଟ୍ ବିନିମୟରେ ୨୧ ରନ ସଂଗ୍ରହ କରିଥିଲା। ଜବାବରେ ମା ପାଦୁକାଇ ଟିମ୍ ୪.୨ଓଭରରେ ଗୋଟିଏ ଉଇକେଟ ବିନିମୟରେ ୨୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚ ହୃଷୀକେଶ ରାଉତରାୟ, ସୁକାନ୍ତ ବେହେରା, ମାନସ ରଞ୍ଜନ ପଟ୍ଟନାୟକ, ପ୍ରଭାତ ସ୍ୱାଇଁ, ପ୍ରଶାନ୍ତ ସାହୁ, ଆର୍ତ୍ତତ୍ରାଣ ରାଉତରାୟ, ରାଜେଶ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ଟନର୍ସ ଅପ ଟିମକୁ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ପ୍ରବୀଣ ରାଉତରାୟ, ମ୍ୟାନ ଅଫ୍ ଦି ସିରିଜ୍ ଦିଲୀପ କୁମାର ଓ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଶ୍ରୀମତ କୁମାର ସାମନ୍ତରା ହୋଇଥିଲେ। ଜୀବନ ରଶ୍ମି ମହାପାତ୍ର, ଅମରେନ୍ଦ୍ର ବାରିକ, ଆଦିତ୍ୟ ନାରାୟଣ ବେହେରା, ମନୋରଞ୍ଜନ ମଙ୍ଗରାଜ, ଅମୂଲ୍ୟ ସାହୁ, ବିଶ୍ୱ ରଞ୍ଜନ ସାମନ୍ତରାୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


CLASSIFIED DISPLAY
ALL EDITION - B/W (Everyday)
TARIFF MORE SPACE • SAME PRICE GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଳବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ ।
ପ୍ରେମବିବାହ, ବେପାର ବୃଦ୍ଧି, ସମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
ବାବା ହୁସେନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ ।
9560789896


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


DSPL-388
MOFPI MINISTRY OF FOOD PROCESSING INDUSTRIES GOVERNMENT OF INDIA
ଓଡ଼ିଶା ସରକାର
APICOL
PMFME

ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଙ୍ଗଠୀକରଣ ଯୋଜନା (ପି.ଏମ.ଏଫ୍.ଏମ୍.ଇ.)

ଅଣସଂଗଠିତ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ସୁସଂଗଠିତ କରିବା ନିମନ୍ତେ ଏକ ବ୍ୟାଙ୍କ୍ ଋଣ ସଂଯୁକ୍ତ ପୁଞ୍ଜି ରିହାତି ଯୋଜନା

ହିତାଧିକାରୀ
ଖାଦ୍ୟ ପ୍ରକ୍ରିୟାକରଣ ସହ ଜଡ଼ିତ ଥିବା:
ଏକକ ଉଦ୍ୟୋଗ
ସ୍ୱୟଂ ସହାୟକ ଗୋଷ୍ଠୀ
କୃଷକ ଉତ୍ପାଦକ ସଂଘ
ସମବାୟ ସଂଘ

ପାଉଥିବା ସୁବିଧା
୧. ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ସଦସ୍ୟାଙ୍କ ପାଇଁ ୪୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଳ ପୁଞ୍ଜି ସହାୟତା ।
୨. ଏକକ ଉଦ୍ୟୋଗମାନଙ୍କ ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି (ସର୍ବାଧିକ ୧୦ ଲକ୍ଷ ପର୍ଯ୍ୟନ୍ତ)।
୩. ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଘ, ସମବାୟ ଇତ୍ୟାଦି ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି ।
୪. କମନ୍ ଇନ୍ କ୍ୟୁବେଶନ ସେଣ୍ଟର୍ ସୁବିଧା ।
୫. ବ୍ରାଣ୍ଡିଂ ଓ ମାର୍କେଟିଂ ସହାୟତା ।

ବିଶେଷ ବିବରଣୀ ନିମନ୍ତେ ନିଜ ଜିଲ୍ଲାର ଜିଲ୍ଲା ଶିଳ୍ପ କେନ୍ଦ୍ରରେ ସମ୍ପର୍କ କରନ୍ତୁ।
ହିତାଧିକାରୀମାନେ ଉପରୋକ୍ତ ସୁବିଧା ଲାଭ କରିବା ପାଇଁ http://pmfme.mofpi.gov.in/pmfme/#/Home-Page ୱେବ୍ ସାଇଟ୍ ରେ ଅନ୍ ଲାଇନ୍ ଆବେଦନ କରିବା ଜରୁରୀ।
ବିଶେଷ ସୂଚନା ନିମନ୍ତେ ଆମକୁ odishapmfme@gmail.com ରେ ଇ-ମେଲ୍ ଲେଖନ୍ତୁ।
OIPR-01046/13/0007/2122

## ୩ ଦୋକାନରୁ ଚୋରି, ୨ ଅଟକ

କଣାସ,(ସ୍ୱ.ପ୍ର.): କଣାସ ଥାନା ଅନ୍ତର୍ଗତ ଗଡସାହି ବଜାରର ଏକ ଔଷଧ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଔଷଧ ଓ ନଗଦ ଟଙ୍କା ନେଇଯାଇଛନ୍ତି। ଏନେଇ ଦୋକାନ ମାଲିକ ଚାରୁଲତା ଜଗଦେବ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଏକ ବିଦ୍ୟୁତ ସାମଗ୍ରୀ ମରାମତି ଦୋକାନର ତାଲା ଭାଙ୍ଗି ପଶିଥିଲେ ମଧ କିଛି ନେଇପାରିନାହାନ୍ତି। ଗଡ଼ିଶାଗୋଡା ଥାନା ଅନ୍ତର୍ଗତ ବକୁ-ମଣିଜିପୁର ଛକରେ ଥିବା ସୁନାଦୋକାନ ତାଲାଭାଙ୍ଗି ଦୁର୍ବୃତ୍ତମାନେ ରୁପା ଅଳଙ୍କାର ଓ ନଗଦ ଟଙ୍କା ନେଇଯାଇଥିବା ଦୋକାନୀ ଅଭିଯୋଗ କରିଛନ୍ତି। ଗଡ଼ିଶାଗୋଡା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ଓ କଣାସ ଥାନା ଆଇଆଇସି ସୁଜିତ୍ ଦାସ ମିଳିତ ତଦନ୍ତ କରି ୨ ଜଣଙ୍କୁ ଅଟକ ରଖିବା ସହ ସେମାନେ ବ୍ୟବହାର କରୁଥିବା ଅଟୋରିକ୍ସାକୁ ଜବତ କରିଛନ୍ତି।

# ଅବହେଳିତ ଅବସ୍ଥାରେ ଦାଣ୍ଡମୁକୁନ୍ଦପୁର ଗୋପୀନାଥ ମନ୍ଦିର

ପିପିଲି,୯।୧(ଡି.ଏନ୍.ଏ.)

ପୁରୀ-ଭୁବନେଶ୍ୱର ୩୧୬ନଂ. ଜାତୀୟ ରାଜପଥ ନିକଟ ତଥା ରାଜଧାନୀରୁ ୨୪ କି.ମି. ଦୂର ପିପିଲିସ୍ଥିତ ଦାଣ୍ଡମୁକୁନ୍ଦପୁରରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଶ୍ରୀ ଗୋପୀନାଥ ଦେବ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ମନ୍ଦିରର କିଛି ଅଂଶ ଭାଙ୍ଗିରୁଜି ଯାଇଥିବାରୁ ତାହାର ପୁନଃ ନିର୍ମାଣ ସହ ପରିସର ମଧ୍ୟରେ ଥିବା ଏକ ପୁଷ୍କରିଣୀର ଉନ୍ନତୀକରଣ ପାଇଁ ଦାବି ହୋଇଛି। ଏ ନେଇ ଗୋପୀନାଥ ମନ୍ଦିର ପୁନଃନିର୍ମାଣ ସମିତିର ସଂଯୋଜକ ସନ୍ତୋଷ ମିଶ୍ର ଶନିବାର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧୀକ୍ଷକ ଅଶ୍ୱିନୀ କୁମାର ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଥାଉ କି, ରାଜା ମୁକୁନ୍ଦ ଦେବଙ୍କ ସମୟରେ ମନ୍ଦିର ପ୍ରତିଷ୍ଠା ଚାଲିଥିବା ବେଳେ ରାଜାଙ୍କ ନିଧନ ଘଟିଥିଲା। ଫଳରେ ମନ୍ଦିର ସେବେଠାରୁ ଅର୍ଦ୍ଧନିର୍ମିତ ହୋଇ ରହିଯାଇଥିଲା। ପରବର୍ତ୍ତୀ ସମୟରେ ପାଟରାଣୀ ମନ୍ଦିର ମୁଖଶାଳା ନିକଟରେ ଗୋପୀନାଥଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ସେବେଠାରୁ ରୀତିନୀତି ଅନୁଯାୟୀ ଠାକୁରଙ୍କ ପୂଜାର୍ଚ୍ଚନା କରାଯିବା ସହ ପର୍ବପର୍ବାଣି ସ୍ଥିରୀକୃତ ହୋଇଥିଲା। ତେବେ ମନ୍ଦିରକୁ ଦୀର୍ଘ ବର୍ଷ ବିତିଯାଇଥିବାରୁ ଅବସ୍ଥା ଜରାଜୀର୍ଣ୍ଣ ହୋଇପଡ଼ିଲାଣି। ସେହି ସମୟରେ ହୋଇଥିବା ମନ୍ଦିରର ମୁଖଶାଳା ସଂକୀର୍ଣ୍ଣ ଥିବାରୁ ବର୍ତ୍ତମାନ ଅଧିକ ପର୍ଯ୍ୟଟକ ପ୍ରବେଶ କରିବାରେ ଅସୁବିଧା ହେଉଛି। ଏଥିସହ ମନ୍ଦିରର ବିଭିନ୍ନ ଅଂଶ ଭାଙ୍ଗିଗଲାଣି। ଯେକୌଣସି ସମୟରେ ମନ୍ଦିରର ବାଡ଼ ଭାଙ୍ଗିଯାଇପାରେ। ଏଥିସହ ମନ୍ଦିର ପରିସରରେ ଥିବା ପୁଷ୍କରିଣୀ ଅପରିଷ୍କାର ହୋଇଯାଇଥିବା ବେଳେ ଚତୁଃପାର୍ଶ୍ୱକୁ ଜବରଦଖଲକାରୀ ମାଡ଼ି ବସିଥିବାରୁ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ଏହି ପୁଷ୍କରିଣୀ ନିକଟରେ ଏକ ପ୍ରମୋଦ ଉଦ୍ୟାନ ନିର୍ମାଣ କରାଗଲେ ପର୍ଯ୍ୟଟକ ଆକର୍ଷିତ ହୋଇପାରିବେ। ଏଥିପ୍ରତି ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗୋପୀନାଥ ପୁନଃନିର୍ମାଣ ସମିତି ଦାବି କରିଛି। ଦାବିପତ୍ର ପ୍ରଦାନବେଳେ ସାମାଜିକ କର୍ମୀ ମାନସ ପଟ୍ଟନାୟକ ଉପସ୍ଥିତ ଥିଲେ।

# ୩୦ କେଜି ଗଞ୍ଜେଇ ଜବତ: ୪ ଗିରଫ

ପିପିଲି,୯।୧(ସ୍ୱ.ପ୍ର/ଡି.ଏନ୍.ଏ): ପିପିଲି ପୋଲିସ ୩୦କେଜି ଗଞ୍ଜେଇ ସମେତ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଏହି ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ହଂସରାଡ଼ି ଗ୍ରାମର ପିଣ୍ଟୁ ଭୂୟାଁ, ବୁଗୁଡା ଥାନା ଅଧୀନ ଗୁଡିପାଲ୍ଲୀ ଗ୍ରାମର ବାବୁରାମ ବିଶ୍ୱାଳ, ଗୋଳାମୁଣ୍ଡୁଳା ଗ୍ରାମର ବାବୁଲା ନାୟକ ଏବଂ ବୁଗୁଡ଼ା ଅଞ୍ଚଳର ଟୁଲୁ ବଡତିଆ। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପିପିଲି ଥାନାରେ ଏକ କେସ୍ (ନଂ. ୯/୨୨) ରୁଜୁ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ରବିବାର ପିପିଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଦେବଦତ୍ତ ବରାଳ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ଶନିବାର ରାତିରେ ୪ଜଣ ଗଞ୍ଜେଇ ବ୍ୟବସାୟୀ ଏକ ଜରିଅଖାରେ ୩୦କେଜି ଗଞ୍ଜେଇ ରଖି ବିକ୍ରି ନିମନ୍ତେ ପିପିଲି ଥାନା ଅଧୀନ ସମଲପୁର ଗ୍ରାମ ନିକଟରେ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ପୋଲିସ ଏହି ଖବର ପାଇବା ପରେ ଏସ୍‌ଡିପିଓ ବରାଳ ଓ ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ମିଳିତ ଉଦ୍ୟମରେ ଏକ ଟିମ୍ ଚଢାଉ କରିଥିଲା। ସେଠାରୁ ୪ଜଣଙ୍କୁ ଗିରଫ କରାଯାଇଥିଲା।


**ZILLA SWASTHYA SAMITI, NABARANGPUR**
**OFFICE OF CDM & PHO-CUM-DISTRICT MISSION DIRECTOR**
**NABARANGPUR**

Advt. No.116 — Date: 06.1.22

**CONTRACTUAL APPOINTMENT**

Applications are invited from eligible candidates for filling up the following posts under Zilla Swasthya Samiti, Nabarangpur on contractual basis for a period of 11 months subject to renewal as per Society norms basing on the performance and subject to continuance of the scheme whichever is earlier.

| Sl. No. | Name of the post | No. of vacancy | Qualification | Consolidated remuneration | Age limit |
|---|---|---|---|---|---|
| 1 | Specialist in O&G | 1 | MD (O&G) | Negotiable | 70 years as on advertisement (Retired Doctors are encouraged to apply) |
| 2 | Specialist in Paediatric | 1 | MD (Paediatric) | Negotiable | |
| 3 | Specialist in Dermatology | 1 | MD (Skin & VD) | Negotiable | |
| 4 | Specialist in Ophthalmology | 1 | MD (Ophthalmogy) | Negotiable | |
| 5 | Specialist in Anesthesiology | 1 | MD (Anesthesiology) | Negotiable | |
| 6 | Specialist in Surgery | 1 | MD (Surgery) | Negotiable | |
| 7 | Specialist in Medicine | 1 | MD (Medicine) | Negotiable | |
| 8 | Specialist in Pathology | 1 | MD (Pathology) | Negotiable | |
| 9 | Specialist in Radiology | 1 | MD (Radiology) | Negotiable | |

Interested candidates can log to www.nabarangpur.nic.in & www.devnetjobsindia.org for details of vacancy, eligibility, age and application form. Last date for receipt of the application duly signed by the candidate along with self attested copies of all supportive documents is 15.01.2022 (by 5.00 P.M.) through Speed Post / Regd Post/ Courier. The undersigned reserves the right to cancel any or all the applications / positions at any stage of recruitment process without assigning any reason thereof.

Sd./- (Dr. Kali Prasad Behera)
Chief Dist. Medical & Public Health Officer, Nabarangpur


# ସାହାରା ଭଲିବଲ୍ ଟୁର୍ନାମେଣ୍ଟ: ଶ୍ରୀକ୍ଷେତ୍ର କ୍ଲବ ଚାମ୍ପିୟନ

ପୁରୀ ଅଫିସ, ୯।୧



ଚାମ୍ପିୟନ ଶ୍ରୀକ୍ଷେତ୍ର କ୍ଲବ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଶାସନଦାମୋଦରପୁର ପଞ୍ଚାୟତ ଅଧୀନ ରାମହରିନୋଡାଲ ବିଦ୍ୟାଳୟ ଖେଳପଡ଼ିଆରେ ସାହାରା କ୍ଲବ୍ ପକ୍ଷରୁ ଚାଲିଥିବା ୧୩ତମ ସାହାରା ଭଲିବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀକ୍ଷେତ୍ର କ୍ଲବ ଏବଂ ପୁରୀ ପୋଲିସ ଲାଇନ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ପୋଲିସ ଲାଇନ ଟିମ୍‌କୁ ୨-୧ ଗୋଲରେ ହରାଇ ଶ୍ରୀକ୍ଷେତ୍ର କ୍ଲବ୍ ବାସୁଦେବ ଟ୍ରଫି ହାସଲ କରିଛି। ଅତିଥି ଭାବେ ଜିଲା ଭଲିବଲ୍ ଆସୋସିଏଶନ୍ ସମ୍ପାଦକ ନାରାୟଣ ମହାସୁଆର, ଜିଲା ସ୍କୁଲ କ୍ରୀଡ଼ା ଶିକ୍ଷକ ଗୋପାଳ ଚନ୍ଦ୍ର ପରିଡ଼ା, ବୁଦ୍ଧିଆ ମୁଦୁଲି, ଅଜୟ କୁମାର ସାହୁ, ଅଜୟ କୁମାର ତ୍ରିପାଠୀ ଏବଂ ସୁଷମା ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜାତୀୟ ସ୍ତରର ରେଫରି ସୁବୋଧ କୁମାର ଜେନା, ପ୍ରିୟରଞ୍ଜନ ସାହୁ, ବିଶ୍ୱଜିତ ବରାଳ, ଅଶୋକ ସାମଲ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ମିଥୁନ ବିଶ୍ୱାଳଙ୍କୁ ବିବେଚନା କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ପାର୍ଥସାରଥି ମୁଦୁଲି ଏବଂ ସମ୍ପାଦକ ଦାମୋଦର ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୈବର୍ତ୍ତଙ୍କୁ ମିଳିଥିଲା ଶ୍ରୀରାମଙ୍କ ପଦଧୌତ ସୁଯୋଗ

**ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ**

ପୁରୀ ଅଫିସ, ୯।୧

ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଶାରଦା ଗାର୍ଡେନ ପରିସରରେ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବର ଚତୁର୍ଥ ଦିବସରେ ରବିବାର ପୁରୀ ଶ୍ରୀଜିୟର ସ୍ୱାମୀ ମଠର ମହନ୍ତ ଇନ୍ଦିରାରମଣ ରାମାନୁଜାଚାର୍ଯ୍ୟ ସ୍ୱାମୀ ଜୀ ମହାରାଜ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ଅନ୍ୟ ଏକ ରୂପ ବୋଲି ମୁଖ୍ୟ ଅତିଥି ସ୍ୱାମୀଜୀ କହିଛନ୍ତି। ପୁରୀରେ ପଣ୍ଡିତ ବିଷ୍ଣୁଙ୍କ ଭଳି ବୈଦିକ ବ୍ରାହ୍ମଣ ଗୋସେବା ନିମନ୍ତେ ନିର୍ମାଣ କରିଥିବା ଗୋବିନ୍ଦ ଗୋଧାମ ଗୋଶାଳାରେ ଉଚ୍ଚମାନର ଗୋମାତାଙ୍କ ସେବାକୁ ସେ ପ୍ରଶଂସା କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ସଭାପତିତ୍ୱ କରିଥିଲେ। ଅନ୍ତର୍ରାଷ୍ଟ୍ରୀୟ ରାମକଥା ବାଚକ ବ୍ୟାସ ସୁରେଶ ସାରଡ଼ା, ଶରତ ସାରଡ଼ା ରାମାୟଣ ପାଠର ଚତୁର୍ଥ ଦିବସରେ କୈବର୍ତ୍ତ ପ୍ରସଙ୍ଗ ଉପସ୍ଥାପନା କରି ଶ୍ରୀରାମଙ୍କ ପାଦ ଧୋଇବା ସୁଯୋଗ କିଭଳି କୈବର୍ତ୍ତ ପ୍ରାପ୍ତି କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଏହି ଅବସରରେ ମହୋତ୍ସବର ମାର୍ଗଦର୍ଶକ ତଥା ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରଜତ କୁମାର ପ୍ରତିହାରୀ ଓ ତାଙ୍କ ସହଧର୍ମିଣୀ ରାଜଲକ୍ଷ୍ମୀ ପ୍ରତିହାରୀଙ୍କୁ ସମ୍ମାନିତ କରାଯାଇଥିଲା।


**ODISHA STATE HOUSING BOARD**
**SACHIVALAYA MARG, BHUBANESWAR – 751001**
Phones EPABX: (0674) 2393524, 2390141, 2391542, 2393277, FAX: (0674) 2393952
Visit us at: http://www.oshb.org

No-290/OSHB — Dated 06.01.2022
File no. EB-156/2022

**TENDER CALL NOTICE NO 02/CE/OSHB/2021-22**
No.CAD-2729:- **E-procurement notice for online bidding**
Chief Engineer, OSHB invites online tenders as per the following schedule.

| Sl. No. | Name of the work | BID Security to be transferred online only in Rs. | Cost of bid document to be transferred online only | Period of completion |
|---|---|---|---|---|
| 1 | Construction of Subhadra Enclave (A Residential Apartment) at Dumuduma Phase-III, Bhubaneswar, Odisha. | 1.5 Cr. | 10,000/- + (18% GST) = 11,800/- | 30 months |

1. Other details.

| Procurement Officer | Bid Identification No. | Availability of tenders for online bidding | |
|---|---|---|---|
| Chief Engineer, OSHB, Bhubaneswar | 02/CE/OSHB/2021-22 | From 12.01.2022 at 01.00 P.M. | To Dt.10.02.2022 upto 03.00 P.M. |

2. Place and date of opening of the bids : Office of the Chief Engineer, OSHB, Bhubaneswar at 12.30 P.M. on Dt.11.02.2022.
Further details can be seen from the website www.tendersorissa.gov.in.
OIPR-13030/11/0314/2122 — Sd./- Chief Engineer


# ବିଦ୍ୟୁତ୍ ସଂସ୍କାର ନାମରେ ଅରାଜକତାକୁ ବିରୋଧ

ପୁରୀ ଅଫିସ, ୯।୧

**ବିଦ୍ୟୁତ କର୍ମଚାରୀ ସଂଘର ୪୯ତମ ବାର୍ଷିକ ଅଧିବେଶନ**

ପୁରୀ ବିଦ୍ୟୁତ କର୍ମଚାରୀ ସଂଘର ୪୯ତମ ବାର୍ଷିକ ଅଧିବେଶନ ଏବଂ ପ୍ରତିନିଧି ସମ୍ମିଳନୀ ରବିବାର ସ୍ଥାନୀୟ ୟୁଥ୍ ହଷ୍ଟେଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୈଳାସ ରାୟ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀକୁ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପାୱାର ଏମ୍ପ୍ଲୋଇଜ୍ ୟୁନିୟନର ସଭାପତି ଧୋବେଇ ସାହୁ ଯୋଗଦେଇଥିଲେ। ସଂଘର ସଙ୍ଗଠନ ସମ୍ପାଦକ ସତ୍ୟନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମିଳନୀରେ ଉଦ୍‌ବୋଧନ ଦେଇ ବକ୍ତାମାନେ ରାଜ୍ୟରେ ବିଦ୍ୟୁତ ସଂସ୍କାର ନାମରେ ସରକାର ଅରାଜକତା, ଶୋଷଣକୁ ପ୍ରୋତ୍ସାହିତ କରିଆସୁଥିବା ଅଭିଯୋଗ ଆଣି ଏହାର ନିନ୍ଦା କରିଥିଲେ। ଏହା ବିରୋଧରେ ଶ୍ରମିକ ଓ କର୍ମଚାରୀମାନେ ଏକାଠି ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ନିମାପଡ଼ା ବିଭାଜନ ସମ୍ପାଦକ ରାଧାକାନ୍ତ ମିଶ୍ର ମଧ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ଯତୀନ୍ଦ୍ର କୁମାର ରାୟ ଏବଂ ଶ୍ରମିକ ନେତା ସୌରୀବନ୍ଧୁ କରଙ୍କ ସ୍ମୃତିରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ରାଜକିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବି.ଜଗଦୀଶ ପଟ୍ଟନାୟକ, ଗଣେଶ ଚନ୍ଦ୍ର ବେହେରା, ଜୟକୃଷ୍ଣ ମଲ୍ଲିକ, ଅକ୍ଷୟ ମହାରଣା, ପାର୍ଥସାରଥୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


**CENTRAL PUBLIC WORKS DEPARTMENT**
**PRESS NOTICE**

All the contractor(s)/ firm(s)/ agencies intending to bid for works in Central Public Works Department (CPWD) are hereby informed that a new CPWD e-Tender & e-Auction website/portal is proposed to be made operational soon **in a phased manner.** All intending bidders are advised to **check both the existing website (http://www.tenderwizard.in/CPWD) as well as the new upcoming website** for participating in the tenders published on the respective websites till further notice.

To participate in the bidding process **for tenders to be hosted on the new website,** all intending contractor(s)/ firm(s)/ agencies are requested to register/update their profiles on the new e-Tendering and e-Auction websites: **https://etender.cpwd.gov.in** and **https://eauction.cpwd.gov.in** respectively. Information on updation of profiles is available on CPWD **Website https://www.cpwd.gov.in vide circular: https://www.cpwd.gov.in/WriteReadData/other_cir/50798.pdf.**

For any further assistance CPWD Helpdesk Team may be contacted **on 0120-6747214/4766312 or tendersupport@techmahindra.com.**


# ଅପହୃତା ନାବାଳିକା ଛାତ୍ରୀ ଉଦ୍ଧାର: ଅଭିଯୁକ୍ତ ଗିରଫ

**ଗୋପ,୯।୧(ଡି.ଏନ୍.ଏ.):** ପରୀକ୍ଷା ଦେବାକୁ ଆସିବାବେଳେ ବାଟରୁ ଅପହରଣ ହୋଇଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ରବିବାର ଗୋପ ପୋଲିସ ଅଭିଯୁକ୍ତ ପ୍ରସାଦ ବରାଳଙ୍କ ଘରୁ ଉଦ୍ଧାର କରିଛି। ଏହି ଘଟଣାରେ ପ୍ରସାଦଙ୍କୁ ଗିରଫ କରାଯାଇଛି। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ। ସୂଚନା ମୁତାବକ, ୫ତାରିଖ ସକାଳେ ଜଣେ ନାବାଳିକା ଛାତ୍ରୀ ପରୀକ୍ଷା ଦେବାକୁ ଘରୁ ବିଦ୍ୟାଳୟକୁ ଯାଉଥିଲେ। ମାତ୍ର ସ୍କୁଲରେ ପହଞ୍ଚିବା ପୂର୍ବରୁ ତାଙ୍କୁ ଅପହରଣ କରିନିଆଯାଇ ଥିବା ନେଇ ପରିବାର ପକ୍ଷରୁ ଗୋପ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ କେସ୍ (ନଂ. ୨/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପ୍ରସାଦ ସମ୍ପୃକ୍ତ ଛାତ୍ରୀଙ୍କୁ ଅପହରଣ କରି ନିଜ ଘରେ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା। ରବିବାର ସକାଳେ ପୋଲିସ ଗଣେଶ୍ୱରପୁରସ୍ଥିତ ହାଟସାହି ଗ୍ରାମର ପ୍ରସାଦଙ୍କ ଘରେ ଚଢ଼ାଉ କରି ଛାତ୍ରୀଙ୍କୁ ଉଦ୍ଧାର କରିଛି। ସେହିପରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କର ଓ ନାବାଳିକାଙ୍କ ଡାକ୍ତରୀ ମାଇନା କରାଇଛି। ତେବେ ଏହି ମାମଲାରେ ପୋଲିସ କୋହଳ ଦଫା ଲଗାଇଥିବା ଅଭିଯୋଗ ହେଉଛି।

# ନିମାପଡ଼ା ସ୍ୱର୍ଣ୍ଣକାର ସଂଘର ସମାବେଶ

**ନିମାପଡ଼ା,୯।୧(ଡି.ଏନ୍.ଏ.):** ନିମାପଡ଼ା ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ଜାତୀୟ ସଂହତି ଦିବସ ପାଳନ ଅବସରରେ ଏକ ସମାବେଶ, ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ମୁଦୁଲି ସାହିସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପଦ୍ମଚରଣ ସାହୁ, ସଦାଶିବ ସାହୁ, ଗଙ୍ଗାଧର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ହୃଦାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଣ୍ଣକାର କାରିଗରଙ୍କୁ ଶିଳ୍ପୀର ମାନ୍ୟତା, ସାଙ୍ଗଠନିକ ସ୍ଥିତିକୁ ଅଧିକ ମଜବୁତ ଓ କ୍ରିୟାଶୀଳ କରିବା, ବ୍ୟବସାୟୀ ଓ କାରିଗରଙ୍କୁ ଆବଶ୍ୟକ ଋଣ ଯୋଗାଇଦେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍ୱର୍ଣ୍ଣକାର କାରିଗର ଓ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟାର ପ୍ରତିକାର ଦିଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିସହ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, ଉପସଭାପତି ଭରତ ଚନ୍ଦ୍ର ସାହୁ, ସମ୍ପାଦକ ହୃଦାନନ୍ଦ ସାହୁ, ସହସମ୍ପାଦକ ସୂର୍ଯ୍ୟନାରାୟଣ ସେନାପତି, ସଙ୍ଗଠନ ସମ୍ପାଦକ ସଦାଶିବ ସାହୁ, କୋଷାଧ୍ୟକ୍ଷ ମନୋଜ କୁମାର ସାହୁ, ମୁଖ୍ୟ ପରାମର୍ଶଦାତା ପଦ୍ମଚରଣ ସାହୁ, ମୁଖ୍ୟ ଉପଦେଷ୍ଟା ଭାବେ ଗଙ୍ଗାଧର ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସଂଘ ପକ୍ଷରୁ ୨୧ଜଣିଆ କାର୍ଯ୍ୟକାରି କମିଟି ଗଠନ ହୋଇଛି। ନୂତନ ସଭାପତି ସାହୁ ସଂଘ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରି ଜାତୀୟ ସଂହତି ଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସମାରୋହରେ ନିମାପଡ଼ା ବ୍ଲକର ଶତାଧିକ ସ୍ୱର୍ଣ୍ଣକାର ବ୍ୟବସାୟୀ ଓ କାରିଗର ଯୋଗଦେଇଥିଲେ।

**ପୂର୍ଣ୍ଣଚନ୍ଦ୍ର ସଭାପତି, ହୃଦାନନ୍ଦ ସମ୍ପାଦକ**


**CLASSIFIED DISPLAY** — ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ ।
ପ୍ରେମ ବିବାହ, ବେପାର ବୃଦ୍ଧି, ସମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
ବାବା ହୁସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ ।
9560789896


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


DSPL-388

MOFPI — MINISTRY OF FOOD PROCESSING INDUSTRIES, GOVERNMENT OF INDIA — ଓଡ଼ିଶା ସରକାର — APICOL — PMFME

**ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଙ୍ଗଠୀକରଣ ଯୋଜନା (ପି.ଏମ.ଏଫ୍.ଏମ୍.ଇ.)**

ଅଣସଂଗଠିତ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡିକୁ ସୁସଂଗଠିତ କରିବା ନିମନ୍ତେ ଏକ ବ୍ୟାଙ୍କ୍ ଋଣ ସଂଯୁକ୍ତ ପୁଞ୍ଜି ରିହାତି ଯୋଜନା

**ହିତାଧିକାରୀ**
ଖାଦ୍ୟ ପ୍ରକ୍ରିୟାକରଣ ସହ ଜଡିତ ଥିବା:
- ଏକକ ଉଦ୍ୟୋଗ
- ସ୍ୱୟଂ ସହାୟକ ଗୋଷ୍ଠୀ
- କୃଷକ ଉତ୍ପାଦକ ସଂଘ
- ସମବାୟ ସଂଘ



**ପାଉଥିବା ସୁବିଧା**
୧. ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ସଦସ୍ୟାଙ୍କ ପାଇଁ ୪୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଳ ପୁଞ୍ଜି ସହାୟତା ।
୨. ଏକକ ଉଦ୍ୟୋଗମାନଙ୍କ ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି (ସର୍ବାଧିକ ୧୦ ଲକ୍ଷ ପର୍ଯ୍ୟନ୍ତ)।
୩. ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଘ, ସମବାୟ ଇତ୍ୟାଦି ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି ।
୪. କମନ୍ ଇନ୍ କ୍ୟୁବେଶନ ସେଣ୍ଟର୍ ସୁବିଧା ।
୫. ବ୍ରାଣ୍ଡିଂ ଓ ମାର୍କେଟିଂ ସହାୟତା ।

ବିଶେଷ ବିବରଣୀ ନିମନ୍ତେ ନିଜ ଜିଲ୍ଲାର ଜିଲ୍ଲା ଶିଳ୍ପ କେନ୍ଦ୍ରରେ ସମ୍ପର୍କ କରନ୍ତୁ।

ହିତାଧିକାରୀମାନେ ଉପରୋକ୍ତ ସୁବିଧା ଲାଭ କରିବା ପାଇଁ http://pmfme.mofpi.gov.in/pmfme/#/Home-Page ୱେବ୍ ସାଇଟ୍ ରେ ଅନ୍ ଲାଇନ୍ ଆବେଦନ କରିବା ଜରୁରୀ।

ବିଶେଷ ସୂଚନା ନିମନ୍ତେ ଆମକୁ odishapmfme@gmail.com ରେ ଇ-ମେଲ୍ ଲେଖନ୍ତୁ।

OIPR-01046/13/0007/2122

## ଅତ୍ୟଧିକ ଚିନ୍ତା ଓ ମେଦ ବୃଦ୍ଧି

**ମେ**ଦ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟିଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ଖାଦ୍ୟପେୟରେ ଅନିୟମିତତା, ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ଯଦି ଜଣେ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ଚିନ୍ତା କରନ୍ତି, ତେବେ ସେ ମେଦ ବୃଦ୍ଧି ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏପରି ସତର୍କବାଣୀ ଶୁଣାଇଛନ୍ତି ସିଡନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଅତ୍ୟଧିକ ଚିନ୍ତା କରିବା ଫଳରେ ବେଳେବେଳେ ତାହାର ପ୍ରଭାବ ଖାଦ୍ୟପେୟ ଉପରେ ପଡ଼ିଥାଏ। କେତେକ ଏଥିଯୋଗୁ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଥାଆନ୍ତି, ଯାହାଫଳରେ



ମେଦ ବୃଦ୍ଧି ହେବାର ଆଶଙ୍କା ସୃଷ୍ଟି ହୋଇଥାଏ। ତେଣୁ ଯଦି ଆପଣ ଅତ୍ୟଧିକ ଚିନ୍ତା କରୁଛନ୍ତି, ତେବେ ସେଥିରୁ ପ୍ରଥମେ ମୁକୁଳିବାକୁ ଚେଷ୍ଟା କରନ୍ତୁ। କାରଣ ଅଧିକ ଚିନ୍ତା କରିବା ଦ୍ୱାରା ତାହାର ପ୍ରଭାବ ମାନସିକତା ଉପରେ ପଡ଼ିଥାଏ। ଆମେ ସେଥିଯୋଗୁ ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଉ। ତେବେ ଏହି ସମୟରେ ନିଜର ଖାଦ୍ୟପେୟ ପ୍ରତି ସଚେତନ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ମନକୁ ନିୟନ୍ତ୍ରଣ କରିବ ରୋବୋ



**ଆ**ଜିକାଲି ରୋବୋକୁ ବିଭିନ୍ନ କାମରେ ଉପଯୋଗ କରାଯାଉଛି। ନିକଟରେ ୟୁନିଭର୍ସିଟି ଅଫ୍ ଟେକ୍ସାସର ବୈଜ୍ଞାନିକମାନେ ଏକ ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ରୋବୋ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହାକୁ ବ୍ୟବହାର କରାଯାଇ ଜଣେ ବ୍ୟକ୍ତିର ମାନସିକ ସ୍ଥିତି ବିଷୟରେ ଜାଣିହେବ। ଉକ୍ତ ରୋବୋ ମସ୍ତିଷ୍କର କାର୍ଯ୍ୟଧାରାକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ପରେ ଜଣେ ସଂପୃକ୍ତ ବ୍ୟକ୍ତିଙ୍କ ମାନସିକ ଅବସ୍ଥାକୁ ଅନୁଧ୍ୟାନ କରିପାରିବ। ଉକ୍ତ ୟୁନିଭର୍ସିଟିର ଇପିଏଫ୍ଏଲ ରିସର୍ଚ୍ଚ ଗ୍ରୁପ୍‌ର ମୁଖ୍ୟ ପ୍ରଫେସର ଆଡୋଇ ବିଲିୟାର୍ଡ କହନ୍ତି, 'ଏହି ନୂଆ ରୋବୋକୁ ପ୍ରସ୍ତୁତ କରିବାକୁ ପ୍ରାୟ ଚାରି ବର୍ଷ ସମୟ ଲାଗିଛି। ମସ୍ତିଷ୍କରେ ସୃଷ୍ଟି ହେଉଥିବା ତରଙ୍ଗକୁ ଏହା ଭଲ ଭାବରେ ତର୍ଜମା କରିପାରିବ। ଏହାଦ୍ୱାରା ଜଣେ ବ୍ୟକ୍ତିଙ୍କର ମାନସିକ ଅବସ୍ଥା କିପରି ଅଛି ସେ ସମ୍ପର୍କରେ ସୂଚନା ମିଳିପାରିବ। ପ୍ରାରମ୍ଭିକ ସ୍ତରରେ ଏପରି ରୋବୋକୁ ବ୍ୟବହାର କରି ସେଥିରୁ ସଫଳତା ମିଳିଛି।'

## ଉଚ୍ଚ ରକ୍ତଚାପ ଓ ଟାଇପ-୨ ଡାଇବେଟିସ୍

**ଉ**ଚ୍ଚ ରକ୍ତଚାପ ପରି ସମସ୍ୟା ଥିଲେ ତାହା ଟାଇପ-୨ ଡାଇବେଟିସ୍‌ର କାରଣ ସାଜିପାରେ। ଏପରି ସତର୍କ ସୂଚନା ଦେଇଛନ୍ତି ଇଂଲଣ୍ଡର ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ। ରକ୍ତଚାପ କରି ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କର ଶାରୀରିକ ସମସ୍ୟା ବିଷୟରେ ତର୍ଜମା କରାଯାଇଥିଲା। ଏହି ସମୟରେ ଉଚ୍ଚ ରକ୍ତଚାପ ସହ ଜଡିତ ଅଧିକାଂଶ ବ୍ୟକ୍ତିମାନଙ୍କଠାରେ ଟାଇପ-୨ ଡାଇବେଟିସ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ଟ୍ୟୁମର ଥିବା କେତେକ ବ୍ୟକ୍ତିଙ୍କ ଏପରି ଡାଇବେଟିସ୍‌ର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଏହି ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଟ୍ୟୁମର ଥିବା ପ୍ରାୟ ଦଶ ପ୍ରତିଶତ ବ୍ୟକ୍ତିଙ୍କଠାରେ ଟାଇପ-୨ ଡାଇବେଟିସ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଶୀତଦିନିଆ ଖାଦ୍ୟ



ଡା. ନିତ୍ୟାନନ୍ଦ ସ୍ୱାଇଁ







*''ଶାଗରେ ଥାଏ ବିଟା କାରୋଟିନ୍ ଭିଟାମିନ 'ସି', ଭିଟାମିନ୍ 'ଇ', ଚାକୋସାଇନୋଲେଟ୍, ଆଇସୋଥାୟୋସାୟିନେଟ୍ ଓ ଫ୍ଲାଭୋନଏଡସ ଜାତୀୟ ଆଣ୍ଟି ଅକ୍ସିଡାଣ୍ଟ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍ ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଏବଂ ବିଭିନ୍ନ ପ୍ରକାରର କ୍ୟାନ୍ସର ଜାତ ହେବାରେ ଆଶଙ୍କା ହ୍ରାସପାଏ। ଏହି ସବୁ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କଠାରେ ରୋଗର ଉପଶମ ମଧ୍ୟ ସୁଗମ ହୋଇଯାଏ।''*

**ଶୀ**ତଦିନ ଖାଇବାର ମଜା ନେବା ଋତୁ। ବଜାର ସାରା ଆକର୍ଷଣୀୟ, ପୁଷ୍ଟିକର, ସୁସ୍ୱାଦୁ ତଥା ଶସ୍ତା ଶାଗ ଓ ପନିପରିବା ଏବଂ ଭଳିକି ଭଳି ଫଳ ଯାହାକୁ ଯେତେ। ତେଣୁ ଏହି ଋତୁଟା ରସନା ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସ୍ୱତନ୍ତ୍ର। ହେଲେ, କେଉଁ ସବୁ ଶାଗ ଓ ପରିବାପତ୍ର ଅତି ସୁଲଭ ମୂଲ୍ୟରେ ମିଳିଥାଏ ଶୀତଦିନେ? ପୁଣି କେଉଁ ଦିଗରୁ ସେଗୁଡ଼ିକ ଆମ ପାଇଁ ହିତକର? ସେ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଉଛି।

**ଶାଗ :** ଶୀତଦିନେ ବେଶି ମିଳେ ପାଳଙ୍ଗ ଶାଗ, ମେଥିଶାଗ, ସୋରିଷ ଶାଗ ଓ ମୂଳା ଶାଗ। ଶାଗ ମାତ୍ରକେ ଭିଟାମିନ୍-'ଏ' (ବିଟା-ଭିଟାମିନ୍), ଭିଟାମିନ୍ 'ସି', ଭିଟାମିନ 'ଇ', ଫଲିକ୍ ଏସିଡ, ଲୌହ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଉପାଦାନରେ ସମୃଦ୍ଧ। ଶାଗରେ ତନ୍ତୁଜାତୀୟ ଉପାଦାନର ପରିମାଣ ବେଶି, କ୍ୟାଲୋରୀର ପରିମାଣ କମ୍। ଶାଗରୁ ମଧ୍ୟ ମିଳେ ଅତି ଉପକାରୀ 'ଓମେଗା ଥ୍ରୀ' ନାମକ ଫ୍ୟାଟ୍ ବା ସ୍ନେହସାର। ଶାଗରେ ଥାଏ ବିଟା କାରୋଟିନ୍ ଭିଟାମିନ 'ସି', ଭିଟାମିନ୍ 'ଇ', ଚାକୋସାଇନୋଲେଟ୍, ଆଇସୋଥାୟୋସାୟିନେଟ୍ ଓ ଫ୍ଲାଭୋନଏଡସ ଜାତୀୟ ଆଣ୍ଟି ଅକ୍ସିଡାଣ୍ଟ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍‌ରକ୍ତନଳୀରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଏବଂ ବିଭିନ୍ନ ପ୍ରକାର କ୍ୟାନ୍ସର ଜାତ ହେବାରେ ଆଶଙ୍କା ହ୍ରାସପାଏ। ଏହି ସବୁ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କଠାରେ ରୋଗର ଉପଶମ ମଧ୍ୟ ସୁଗମ ହୋଇଯାଏ। ଖୁବ୍ ସୀମିତ କ୍ଷେତ୍ରକୁ ଛାଡ଼ିଦେଲେ ଡାକ୍ତରମାନେ ଶାଗ ଖାଇବା ପାଇଁ ବାରଣ କରି ନ ଥାନ୍ତି ବରଂ ଉତ୍ସାହିତ କରନ୍ତି।

**ଗାଜର, ବିଟ୍ ଓ କନ୍ଦମୂଳ :** ଶୀତଦିନେ ଟଟକା ଗାଜର, ବିଟ୍ ଓ କନ୍ଦମୂଳ ପ୍ରଚୁର ପରିମାଣରେ ମିଳେ। ଗାଜରରୁ ମିଳେ ବିଟାକାରୋଟିନ୍ ଭିଟାମିନ୍ 'ସି', ସାଆନିଡିନ୍, ଲିଉଟିନ୍ ଜାତୀୟ ଆଣ୍ଟି ଅକ୍ସିଡାଣ୍ଟ। ବିଟ୍‌ରୁ ବେଶି ମିଳେ ଭିଟାମିନ୍ 'ଏ', 'ବି', 'ସି', 'କେ', ପୋଟାସିୟମ୍ ଓ ଫୋଲେଟ୍। ଜୁସ୍ ହିସାବରେ ଏହା ଖୁବ୍ ଉପଯୋଗୀ। କନ୍ଦମୂଳରେ ରହିଛି ବିଟା କାରୋଟିନ୍ ଓ ଭିଟାମିନ୍ 'ସି' ଭଳି ଆଣ୍ଟି ଅକ୍ସିଡାଣ୍ଟ ଓ ବେଶି ଖାଦ୍ୟତନ୍ତୁ। କନ୍ଦମୂଳ ଆଳୁଠାରୁ ମିଠା। କିନ୍ତୁ ଏଥିରେ ଗ୍ଲାଇସିମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହାକୁ ଖାଇଲେ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ବିଶେଷ ବଢ଼ି ନ ଥାଏ।

**ମୂଳା, ଫୁଲକୋବି, ବନ୍ଧାକୋବି, ଓଲ୍‌କୋବି ଓ ବ୍ରୋକୋଲି :** ମୂଳା ଓ କୋବି ହେଉଛି ବ୍ରାସିକା ପରିବାରର। ମୂଳା ଏକ ମୂଳଜାତୀୟ ପରିବା ଓ ଏହାକୁ ଶୀତଦିନେ ଖାଇବାକୁ ଭଲ ଲାଗେ। ମୂଳାରେ ରହିଥାଏ ଅଧିକ ଭିଟାମିନ୍, ଖଣିଜ ଲବଣ ଏବଂ କାଟେଚିନ୍, ପାଇରୋଗାଲ୍ଲୋଲ, ଭାନିଲିନ୍ ଏବଂ ଅନ୍ୟାନ୍ୟ ଫିନୋଲିକ୍ ଯୌଗିକ ଭଳି ଆଣ୍ଟି ଅକ୍ସିଡାଣ୍ଟ। ଏହାର କ୍ୟାଲୋରି ମାତ୍ରା ଓ ଶ୍ୱେତସାର ଏବଂ ସ୍ନେହସାର ମାତ୍ରା କମ୍। ତେଣୁ ଡାଇବେଟିସ୍ ଓ ପୃଥୁଳ ରୋଗୀମାନେ ଏହାକୁ ନିରାପଦରେ ଖାଇପାରିବେ। ଉଚ୍ଚ ରକ୍ତଚାପରୋଗୀ ଓ ହୃଦ୍ ରୋଗୀମାନଙ୍କ ପାଇଁ ଏହା ଉପକାରୀ ଏବଂ ସାଲାଡ ପାଇଁ ଉପଯୋଗୀ। ଏଗୁଡ଼ିକୁ ଟଟକା ଖାଇବା ଦରକାର। ଏଗୁଡ଼ିକରେ କ୍ୟାଲୋରି କମ୍, ଶ୍ୱେତସାର ଓ ସ୍ନେହସାର କମ୍ ରହୁଥିବାରୁ ହୃଦ୍‌ରୋଗୀ, ଡାଇବେଟିସ୍ ରୋଗୀ, ଉଚ୍ଚ ରକ୍ତଚାପ ରୋଗୀ ଓ ପୃଥୁଳତା ଆକ୍ରାନ୍ତ ରୋଗୀମାନେ ଏଗୁଡ଼ିକୁ ଯେତେଇଚ୍ଛା ସେତେ ଖାଇପାରିବେ। ଆଲଜିମର୍ସ ଓ ଡିମେନ୍‌ସିଆ ଆଶଙ୍କାକୁ ମଧ୍ୟ ଏହା କେତେକାଂଶରେ ହ୍ରାସ କରିଥାଏ।



**ଶିମ୍ବ, ବିନସ୍, ଟମାଟୋ :** ଶିମ୍ବରୁ ମିଳେ 'ଡେଡଜେନ୍' ଜାତୀୟ ବିଶେଷ ଧରଣର ଆଇସୋଫ୍ଲାଭୋନ୍, ଯାହା ବ୍ରେଷ୍ଟ କ୍ୟାନ୍ସର ବିରୋଧୀ। ଶିମ୍ବରେ ଥିବା ବିଟା ସାଇଟୋଷ୍ଟିରଲ ନିବାରଣ କରେ ଉଚ୍ଚ ରକ୍ତଚାପ ଏବଂ ଏଲ୍-ଡୋପା ନାମକ ଉପାଦାନଟି ପାର୍କିନ୍‌ସନ୍ ରୋଗ ପ୍ରତିରୋଧ କରିବା ସହ ମିଜାଜକୁ ଭଲ ରଖେ। ବିନ୍‌ସରେ ଅଛି ଅଧିକ ପରିମାଣର ଭିଟାମିନ୍ ସି, ଲିଉଟିନ୍, ଜିଜାନ୍‌ଥିନ୍ ଜାତୀୟ ଅତି ଫଳପ୍ରଦ ଆଣ୍ଟି ଅକ୍ସିଡାଣ୍ଟ। ଏଥିରୁ ମଧ୍ୟ ମିଳେ ବେଶି ଖାଦ୍ୟତନ୍ତୁ। ନିୟମିତ ଭାବରେ ବିନ୍‌ସ ଖାଇଲେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିପାଏ ଏବଂ ଡାଇବେଟିସ, ହୃଦ୍‌ରୋଗ, କାଟାରିକ୍ଟ ଆଦି ରୋଗ ଜାତ ହେବାର ଆଶଙ୍କା ହ୍ରାସ ପାଏ। ଲାଲ୍ ଟକ୍ ଟକ୍ ଟମାଟୋ ହେଉଛି ଶୀତ ଋତୁର ସୌନ୍ଦର୍ଯ୍ୟ, ଭିଟାମିନ୍ 'ସି', ଲାଇକୋପିନ୍, କାନ୍ଥାଜାନ୍ଥିନ୍, ବିଟା କାରୋଟିନ୍, କ୍ଲୋରୋଜେନିକ୍ ଏସିଡ ଓ କୋଲିନ୍ ଆଦି ଏହାର ଉପାଦାନ କ୍ୟାନ୍ସର ଆଶଙ୍କା ଦୂର କରିବାରେ ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଡାଇବେଟିସ୍, ପୃଥୁଳତା ଓ ମାନସିକ ଅବସାଦ ଇତ୍ୟାଦି ରୋଗରେ ଏହାକୁ ନିରାପଦରେ ଖିଆଯାଇପାରେ। ଟମାଟୋକୁ 'ଶୀତଋତୁର ଗର୍ବ' ବୋଲି କୁହାଯାଇଥାଏ। ଆମର ଅତି ପରିଚିତ ବାଇଗଣ ମିଳିଥାଏ ସବୁ ଋତୁରେ। ଏଥିରେ ଶ୍ୱେତସାର, ସ୍ନେହସାର ଓ କ୍ୟାଲୋରିର ମାତ୍ରା କମ୍। ଡାଇବେଟିସ୍, ହୃଦରୋଗୀ, ପୃଥୁଳକାୟ ରୋଗୀ ଓ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଏହା ଖୁବ୍ ଉପାଦେୟ। ଏଥିରେ ଥିବା ନାସୁନିନ୍ ଓ କ୍ଲୋରୋଜେନିକ୍ ଏସିଡ ଜାତୀୟ ଆଣ୍ଟି ଅକ୍ସିଡାଣ୍ଟ କ୍ୟାନ୍ସର ପ୍ରତିରୋଧୀ।

**ଫଳ :** ଶୀତଦିନେ ମିଳେ କମଳା, ଲେମ୍ବୁ, ଡାଳିମ୍ବ, ଆପଲ୍, ଅଙ୍ଗୁର, ଅଁଳା ଆଦି ଫଳ। କମଳାରେ ରହିଛି ଭିଟାମିନ୍ 'ସି' ଓ ଫଲିକ ଏସିଡ୍, ବିଟା କାରୋଟିନ୍, ଲିଉଟିନ ଏବଂ ଜିଜାନଥିନ୍ ଜାତୀୟ ଫ୍ଲାଭୋଏନଡସ୍। ଏଥିରୁ ମିଳୁଥିବା ହେସପରିଡିନ୍ ନାମକ ଫ୍ଲାଭୋଏନଡସ୍ ଏଲ୍‌ଡିଏଲ୍ କୋଲେଷ୍ଟରଲ ଭଳି କ୍ଷତିକାରୀ କୋଲେଷ୍ଟରଲର ମାତ୍ରା ହ୍ରାସ କରିଥାଏ। ମୁସାମ୍ବି ଓ ଲେମ୍ବୁରୁ ମିଳୁଥିବା ଭିଟାମିନ୍ 'ସି' ଓ ଲିମୋନିନ୍ କ୍ୟାନ୍ସର ବିରୋଧୀ। ଡାଳିମ୍ବରେ ଥିବା ଲାଇକୋପିନ୍ ଏବଂ ପୁନିସିକ ଏସିଡ୍ ଜାତୀୟ ପଲିଫିଲନସ୍ ଆନ୍ଥୋସିଆନିନ୍, ଏଲ୍ଲଜିକ୍ ଏସିଡ ଇତ୍ୟାଦି ହୃଦରୋଗ, ଉଚ୍ଚ ରକ୍ତଚାପ, କ୍ୟାନ୍ସର, ଆଲଜିମର୍ସ ଓ ପାର୍କିନ୍‌ସନ ରୋଗ ପ୍ରତିରୋଧରେ ଖୁବ୍ ସହାୟକ। ରୋଗ ପ୍ରତିରୋଧ କରିବାରେ ଆପଲ୍‌ର ନାଁ ତ ଏକ କିମ୍ବଦନ୍ତୀ। ଯେପରିକି 'ୱାନ ଆପଲ୍ ଏ ଡେ, କିପସ୍ ଦ ଡକ୍ଟର ଆୱେ'। ଆପଲ୍‌ରୁ ମିଳେ ବେଶି ପରିମାଣର ଖାଦ୍ୟତନ୍ତୁ ଏବଂ ଅତି ଉଚ୍ଚମାନର ପଲିଫିନଲସ୍। ଏହା ହୃଦରୋଗ, ଉଚ୍ଚ ରକ୍ତଚାପ, ଫୁସ୍‌ଫୁସ ରୋଗ ଏବଂ କ୍ୟାନ୍ସର ଆଦି ନିବାରଣ କରିବା ସଙ୍ଗେ ସଙ୍ଗେ ଏଥିରେ ଥିବା କୋୟେରସେଟିନ୍ ଏକାଗ୍ରତା ସ୍ମୃତିଶକ୍ତି ବୃଦ୍ଧି କରିଥାଏ। ଅଙ୍ଗୁରରେ ରହିଛି ବାୟୋଫ୍ଲାଭୋନଏଡସ୍, ପଲିଫିଲନସ, ରେସଭେରାଟ୍ରଲ, ଆନ୍ଥୋସିଆନିନ୍‌ସ, ଟେରୋଷ୍ଟିବିଲିନ୍ ଭଳି ଫ୍ଲାଭୋନଏଡସ୍। ପୁଣି ଶାଗୁଆ ଅଙ୍ଗୁର ଅପେକ୍ଷା କଳା ଅଙ୍ଗୁରର ରୋଗ ନିବାରଣ ଗୁଣ ଅଧିକ। ହୃଦ୍‌ରୋଗ, ଉଚ୍ଚରକ୍ତଚାପ ଏବଂ ଆଲଜିମର୍ସ ନିବାରଣରେ ଏହା ଖୁବ୍ ଫଳପ୍ରଦ।

ଏବେ ଲୋକପ୍ରିୟ ହୋଇଉଠିଛି 'ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଦିନକୁ ପାଞ୍ଚ ଥର' ବା 'ଫାଇଭ୍ ଏ ଡେ ଫର୍ ବେଟର ହେଲ୍‌ଥ' ନାମକ ସ୍ଲୋଗାନ। ଖାଦ୍ୟ ବିଶେଷଜ୍ଞମାନଙ୍କର ପରାମର୍ଶ ଯେ ଦିନମାନ ଭିତରେ ୨ଥର କୌଣସି ନା କୌଣସି ଫଳ ଓ ୩ଥର ବିଭିନ୍ନ ଶାଗ ଓ ପନିପରିବା ଖାଇଲେ ବହୁ ଗୁରୁତର ବ୍ୟାଧି ନିବାରିତ ହୋଇ ସୁଗମ ହୋଇଯିବ ଉତ୍ତମ ସ୍ୱାସ୍ଥ୍ୟପ୍ରାପ୍ତି। ସୁତରାଂ ଏହି ପରାମର୍ଶ ମାନିବା ଆମର ସ୍ୱାର୍ଥ ଅନୁକୂଳ।

-'ଅଭୀପ୍ସା', ସେକ୍ଟର-୬
ପ୍ଲଟ୍ ନଂ-୧୧୩୧, ସିଡିଏ, କଟକ
ମୋ: ୮୩୨୮୯୭୫୧୧୮

## ଉପକାରୀ ଜଳ

**ଆ**ମ ଶରୀର ପାଇଁ ଜଳ କେତେ ଉପକାରୀ, ତାହା ତ ସମସ୍ତେ ଜାଣିଥିବେ। କାରଣ ଜୀବନ ଧାରଣ ପାଇଁ ଅମ୍ଳଜାନ ପରେ ଯେଉଁ ଜିନିଷର ଅଧିକ ଆବଶ୍ୟକତା ରହିଛି ତାହା ହେଉଛି ଜଳ। ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକ ଭାଗ କମିଗଲେ ଜଳୀୟ ଶୁଷ୍କତା (ଡିହାଇଡ୍ରେଶନ) ପରି ସମସ୍ୟା ସୃଷ୍ଟି ହୋଇଥାଏ। ଏହାର ଲକ୍ଷଣ ଦେଖିବା ମାତ୍ରେ ତାହାର ଚିକିତ୍ସା କରାଇନେବା ଉଚିତ। ନ ହେଲେ ସଂପୃକ୍ତ ବ୍ୟକ୍ତିଙ୍କର ଜୀବନ ସଙ୍କଟାପନ୍ନ ହୋଇପଡ଼େ ଓ ବେଳେବେଳେ ମୃତ୍ୟୁର ଆଶଙ୍କା ମଧ୍ୟ ଥାଏ। ତେଣୁ ଆମକୁ ଆବଶ୍ୟକ ମୁତାବକ ଜଳ ପିଇବା ଦରକାର। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଏହା ଶରୀରରେ ହେଉଥିବା ଜୈବ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ତଥା କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ୍ୟ କାମ କରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ବି ଏହାର ଅନ୍ୟତମ କାର୍ଯ୍ୟ। ଏହା ସହ ଉଚ୍ଚ ରକ୍ତଚାପ, ହାର୍ଟ ଆଟାକ୍, କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ବହୁ ମାତ୍ରାରେ କମାଇଦିଏ। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଯଥା ହାର୍ଟ, ଲିଭର୍ ଆଦିକୁ ସୁରକ୍ଷା ପ୍ରଦାନ କରିବା ସହ ଶରୀରର ଓଜନ କମାଇବାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ଶରୀରରେ ଜଳୀୟ ଅଂଶ କମିଗଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ଖାଦ୍ୟ ଠିକ୍ ଭାବରେ ହଜମ ହୋଇ ନ ଥାଏ। ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୩-୪ ଲିଟର ଜଳ ପିଇବା ଦରକାର। ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ଜଳ ପିଅନ୍ତୁ ନାହିଁ। ଏହାର ପାଖାପାଖି ଦୁଇ ଘଣ୍ଟା ପରେ ଜଳ ପିଇଲେ ଖାଇଥିବା ଖାଦ୍ୟ ଠିକ୍ ଭାବରେ ହଜମ ହୋଇଥାଏ।



## ଖାଇବା ପରେ...

**ଆ**ମେ ଖାଇବା ପରେ କେତେକ ଜିନିଷ ପ୍ରତି ନଜର ଦେବା ଜରୁରୀ। ଖାଇବା ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଠିକ୍ ଖାଇବା ପରେ ଚା', କଫି, କୋଲଡ୍ରିଙ୍କ୍ସ, ନିଶାଦ୍ରବ୍ୟ ସେବନ ଶରୀର ପାଇଁ କ୍ଷତିକାର ସାବ୍ୟସ୍ତ ହୋଇଥାଏ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସିଡିଟିର ମାତ୍ରା ବଢ଼ାଇଥାଏ। ଖାଇବା ପରେ ଗାଧୋଇବା ବି କେତେକଙ୍କର ଅଭ୍ୟାସ ଥାଏ। ଖାଇବା ପରେ ଗାଧୋଇଲେ ଶରୀରରେ ରକ୍ତର ପ୍ରବାହ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୁଏ, ଯାହା ଶରୀର ପାଇଁ କ୍ଷତିକାରକ। ସବୁବେଳେ ଭିଟାମିନଯୁକ୍ତ ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ରାତ୍ରଭୋଜନ ପରେ କିଛିସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ଭଲ ଭାବରେ ହଜମ ହୋଇଥାଏ। ଖାଇବାର ଅଧଘଣ୍ଟାଏ ପୂର୍ବରୁ ଅଳ୍ପ ପାଣି ପିଅନ୍ତୁ, ଯାହାକି ଖାଦ୍ୟ ହଜମରେ ସାହାଯ୍ୟ କରିବ। ଖାଇବା ପରେ କିଛି ଲୋକ ସାଙ୍ଗେ ସାଙ୍ଗେ ଶୋଇ ପଡ଼ନ୍ତି। ଏହାଦ୍ୱାରା ମେଦ ବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି।



## ଘୁଙ୍ଗୁଡ଼ି ମାରୁଥିଲେ...

*ସାଧାରଣତଃ ଅନେକେ ଶୋଇବା ସମୟରେ ଘୁଙ୍ଗୁଡ଼ି ମାରିଥାଆନ୍ତି। ତେବେ ଏହାର କାରଣ ଏବଂ କିପରି ଏହାଠାରୁ ନିଜକୁ ଦୂରେଇ ରଖିବେ ଜାଣନ୍ତୁ ସେ ସମ୍ପର୍କରେ...*

- ଯଦି ଆପଣଙ୍କ ଶରୀରର ଓଜନ ଅସନ୍ତୁଳିତ ରହିଲା ତେବେ ଆପଣ ଏପରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।
- ଶୋଇବା ସମୟରେ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହେଲେ ଘୁଙ୍ଗୁଡ଼ି ସୃଷ୍ଟି ହୋଇଥାଏ।
- ରାତିସାରା ଅନିଦ୍ରା ରହିବା ଯୋଗୁ ମଧ୍ୟ ଏଭଳି ସମସ୍ୟା ଦେଖାଦେଇଥାଏ।
- ଆଲର୍ଜିଥିଲେ କିମ୍ବା ଖାଦ୍ୟପେୟରେ ଅନିୟମିତତା ହେଲେ ଜଣେ ବ୍ୟକ୍ତିଙ୍କଠାରେ ଏପରି ସମସ୍ୟା ଦେଖାଦେଇପାରେ।
- ଅଧିକ ତେଲଯୁକ୍ତ ଏବଂ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ କେତେକାଂଶରେ ଏଥିପାଇଁ ଦାୟୀ।
- ଯଦି ନିଶାଦ୍ରବ୍ୟ ସେବନ କରୁଛନ୍ତି ତେବେ ଘୁଙ୍ଗୁଡ଼ି ମାରିବାର ଯଥେଷ୍ଟ ଆଶଙ୍କା ରହିଛି।
- ଶୋଇବା ସମୟରେ ନିଜକୁ ଆରାମ ଲାଗିଲା ଭଳି ଗୋଟିଏ କଡ଼ ଦେଇ ଶୁଅନ୍ତୁ।
- ଶୋଇବା ସମୟରେ ଏପରି ତକିଆ ବ୍ୟବହାର କରନ୍ତୁ ଯେମିତି ମୁଣ୍ଡ ଠିକ୍ ଭାବରେ ରହିବ। ଏହାଦ୍ୱାରା ଆପଣଙ୍କର ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହେବ ନାହିଁ।
- ଘୁଙ୍ଗୁଡ଼ିଠାରୁ ନିଜକୁ ଦୂରେଇ ରଖିବାକୁ ହେଲେ ନିୟମିତ ବ୍ୟାୟାମ କରିବା ସହିତ ସନ୍ତୁଳିତ ଓ ସୁଷମ ଖାଦ୍ୟ ଖାଆନ୍ତୁ।
- ଗରିଷ୍ଠ ତଥା ଅତ୍ୟଧିକ ଆମିଷ ଭୋଜନଠାରୁ ଦୂରେଇ ରୁହନ୍ତୁ।
- ନିଶାଦ୍ରବ୍ୟ କରନ୍ତୁ ନାହିଁ।
- ଖାଇବା ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

- ଖଜୁରି କୋଳି ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଯଦି ଆପଣ କିଛିଦିନ ଧରି ଥଣ୍ଡାରେ ଆକ୍ରାନ୍ତ ତେବେ ଏହାକୁ ଖାଇଲେ ଥଣ୍ଡା ନିୟନ୍ତ୍ରଣକୁ ଆସିଥାଏ।
- ପ୍ରତିଦିନ ଜଳଖିଆରେ ଗଜାମୁଗ ଓ ବୁଟର ସାଲାଡ ସାମିଲ୍ କରନ୍ତୁ। ଏହି ତାଲିକାରେ କାଜୁ ଓ ପେସ୍ତାବାଦାମକୁ ସାମିଲ କରିପାରନ୍ତି।
- ପ୍ରତିଦିନ ଶିଡି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି ଆଣ୍ଠୁ ଗଣ୍ଠି ଦରଜ ହେଉଛି, ତେବେ ଶିଡି ଜମାରୁ ଚଢ଼ନ୍ତୁ ନାହିଁ, ଏହା ଶରୀର ପାଇଁ ଅଧିକ ବିପଦ ସୃଷ୍ଟି କରିବ।
- ଛୋଟ ଛୋଟ କଥାକୁ ନେଇ ଚିନ୍ତା ପ୍ରକଟ କରିବା ଏବେ ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଛି। ତେଣୁ ଏହାକୁ ଦୂରେଇବା ପାଇଁ ଆପଣ କିଛି କିଛି ସମୟ ଯୋଗ କିମ୍ବା ପ୍ରାଣାୟାମ କରନ୍ତୁ, ଯାହା ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବ।
- ଆଖିକୁ ସୁସ୍ଥ ରଖିବାକୁ ଚାହୁଁଥିଲେ, ରାତିରେ ଶୋଇବା ପୂର୍ବରୁ ମୁହଁକୁ ଭଲ ଭାବେ ଧୁଅନ୍ତୁ।



- ଯଦି ପାରିବେ ଉଷୁମ ପାଣିରେ ବି ଧୋଇବେ, ଅଧିକ ଆରାମ ମିଳିବ।
- ବେଳେବେଳେ ମୋଟାପଣ ଯୋଗୁ ହୃଦ୍‌ରୋଗ ହେବାର ଅଧିକ ସମ୍ଭାବନା ଥାଏ। ତେଣୁ ଯଥାସମ୍ଭବ ନିଜ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ।

**ଆହୁରି ବଢ଼ିବ କଞ୍ଜୁମର ପ୍ରଡକ୍ଟ ମୂଲ୍ୟ**

ଚଳିତବର୍ଷ ପ୍ରଥମ ମାସରୁ ହିଁ କଞ୍ଜୁମର ଉତ୍ପାଦଗୁଡ଼ିକର ଦର ବୃଦ୍ଧି ଘଟିଛି। ବିଶେଷ କରି ଏୟାର କଣ୍ଡିଶନର ଏବଂ ରେଫ୍ରିଜରେଟରଗୁଡ଼ିକର ମୂଲ୍ୟ ବୃଦ୍ଧି ଘଟିଛି। ଦେଶର ପ୍ରମୁଖ ସାମଗ୍ରୀ ନିର୍ମାତା ସଂସ୍ଥାଗୁଡ଼ିକ ନିରୁପାୟ ବୋଲି ସେମାନେ କହିଛନ୍ତି। କାରଣ କଞ୍ଚାମାଲର ମୂଲ୍ୟ ବୃଦ୍ଧି ଏବଂ ଅଧିକ ମାଲ ପରିବହନ ଶୁଳ୍କ ଯୋଗୁ ଏଭଳି କରିବାକୁ ପଡୁଛି। ଫଳରେ ଗ୍ରାହକମାନଙ୍କ ଉପରେ ଅଧିକ ଚାପ ପଡ଼ିବ ବୋଲି କମ୍ପାନୀଗୁଡ଼ିକ ମତ ଦେଇଛନ୍ତି। ଏହି ମାସ ଶେଷ ସୁଦ୍ଧା କିମ୍ବା ମାର୍ଚ୍ଚ ମାସରେ ୱାଶିଂମେଶିନ୍ ଭଳି ଘରୋଇ ଉପକରଣଗୁଡ଼ିକ ଉପରେ ୫ରୁ ୧୦% ମୂଲ୍ୟ ବୃଦ୍ଧି ପାଇପାରେ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ତୀବ୍ର ହେଉଛି ଫ୍ୟୁଚର ଡିଲ୍ ମାମଲା

**ନୂଆଦିଲ୍ଲୀ, ୯।୧:** ଦେଶର ସବୁଠାରୁ ଚର୍ଚ୍ଚାର ମାମଲା ହେଉଛି ଫ୍ୟୁଚର ଗ୍ରୁପ ଡିଲ୍। ୨୦୧୯ରେ ହୋଇଥିବା ଡିଲ୍ ଚୁକ୍ତିନାମାକୁ ସ୍ଥଗିତ ରଖିବା ପାଇଁ ଆମାଜନ ନ୍ୟାଶନାଲ କମ୍ପାନୀ ଲ' ଆପିଲ ଟ୍ରିବ୍ୟୁନାଲରେ (ଏନ୍‌ସିଏଲ୍‌ଏଟ) ପ୍ରତିଯୋଗିତା ଆୟୋଗର ଭାରତ (ସିସିଆଇ) ସ୍ଥଗିତା ଦେଶ ବିରୋଧରେ ଏକ ଆଇନଗତ ଚ୍ୟାଲେଞ୍ଜ ଦାଖଲ କରିଛି। କମ୍ପାନୀ ଅନ୍ତତଃ ପକ୍ଷେ ପାଞ୍ଚଟି ଆଧାରରେ ସିସିଆଇର ଆଦେଶକୁ ଚ୍ୟାଲେଞ୍ଜ କରିଛି ଏବଂ ସୂତ୍ର ଅନୁଯାୟୀ ଏହି ମାମଲା ତାଲିକାଭୁକ୍ତ ହେବାର ସମ୍ଭାବନା ରହିଛି। ଗତ ବର୍ଷ ଡିସେମ୍ବରରେ ସିସିଆଇ ଆମାଜନର ୨୦୧୯ ଚୁକ୍ତିରେ ଫ୍ୟୁଚର ରିଟେଲ ସହିତ ୧୫୦୦ କୋଟି ଟଙ୍କା କାରବାରକୁ ସ୍ଥଗିତ ରଖିଥିଲା।

### ଏସଟିପିଆଇରେ ୫ ଲକ୍ଷ କୋଟି କାରବାର ଲକ୍ଷ୍ୟ

**ନୂଆଦିଲ୍ଲୀ,୯।୧:** ଓମିକ୍ରନ୍ ଭାରିଆଣ୍ଟ କାରବାର ବୃଦ୍ଧିର ପ୍ରତିବନ୍ଧକ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ହେଲେ ସଫ୍ଟୱେର୍ ଟେକ୍ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସ୍‌ଟିପିଆଇ)ର ଜଣେ ଉଚ୍ଚ ପଦାଧିକାରୀଙ୍କ ସୂଚନା ଅନୁଯାୟୀ ଏସଟିପିଆଇ ସ୍କିମ୍ ଅଧୀନରେ ପଞ୍ଜୀକୃତ ୟୁନିଟ୍ ଗୁଡିକର କାର୍ଯ୍ୟଦକ୍ଷତାକୁ ବାଧା ଦେବ ନାହିଁ। ଏହାର ଇଣ୍ଡିଆ ୟୁନିଟ୍‌ଗୁଡ଼ିକର ସଫ୍ଟୱେର୍ ରପ୍ତାନିର ମୂଲ୍ୟ ୨୨ ଆର୍ଥିକ ବର୍ଷରେ ୫ ଲକ୍ଷ କୋଟିରୁ ଅଧିକ ହେବ ବୋଲି ଆଶା କରାଯାଉଛି ବୋଲି ଏସଟିପିଆଇର ମହାନିର୍ଦ୍ଦେଶକ ଅରବିନ୍ଦ କୁମାର କହିଛନ୍ତି। କୋଭିଡ୍‌ର ପୂର୍ବ ଲହରଗୁଡ଼ିକ ସମୟରେ ସକ୍ରିୟ ହୋଇଥିବା ସୁରକ୍ଷା ପ୍ରୋଟୋକଲଗୁଡ଼ିକ ଏକ ପ୍ରଭାବଶାଳୀ ରିମୋଟ୍ ୱାର୍କିଂ ମଡେଲ୍ ଗ୍ରହଣ କରିଛି ଏବଂ କାର୍ଯ୍ୟର ଡିଜିଟାଲ୍ ପ୍ରକୃତି ଏସଟିପିଆଇ ୟୁନିଟ୍‌ଗୁଡ଼ିକୁ ବ୍ୟାଘାତ ବିନା ସେବାଗୁଡ଼ିକର ନିରନ୍ତରତା ବଜାୟ ରଖିବାରେ ସକ୍ଷମ କରିଛି। ଏସ୍‌ଟିପିଆଇ ଅଧୀନରେ ପଞ୍ଜୀକୃତ ୟୁନିଟ୍‌ଗୁଡ଼ିକରୁ ସଫ୍ଟୱେର୍ ରପ୍ତାନି ପ୍ରାୟ ୫ ଲକ୍ଷ କୋଟିରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଏହା ୨୧ ଆର୍ଥିକ ବର୍ଷରେ ପ୍ରାୟ ୪.୯୬ ଲକ୍ଷ କୋଟି ଟଙ୍କା ହେବ ବୋଲି କୁମାର କହିଛନ୍ତି।

# ଜନଧନରେ ୧.୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସଞ୍ଚୟ

**ନୂଆଦିଲ୍ଲୀ,୯।୧**




■ ୭ ବର୍ଷରେ ୪୪ କୋଟି ଟପିଲା ବ୍ୟାଙ୍କ ଖାତା

■ ଆକାଉଣ୍ଟକୁ ଡିବିଟି ହେଉଛି ସରକାରୀ ସହାୟତା

ଗତ ୭ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଜନ ଧନ ଯୋଜନା' ନିକଟରେ ଏକ ବିରଳ ରେକର୍ଡ ହାସଲ କରିଛି। ଏହି ଯୋଜନାରେ ଖୋଲାଯାଇଥିବା ଆକାଉଣ୍ଟଗୁଡ଼ିକରେ ବର୍ତ୍ତମାନ ୧.୫ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜମା ରାଶି ବ୍ୟାଙ୍କରେ ସଞ୍ଚୟ ହୋଇଥିବା ସୂଚନା ମିଳିଛି। ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ଉକ୍ତ ଯୋଜନାରେ ୪୪.୨୩ କୋଟିରୁ ଅଧିକ ହିତାଧିକାରୀ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା (ପିଏମ୍‌ଜେଡିୱାଇ) ଆକାଉଣ୍ଟରେ ମୋଟ ୧,୫୦,୯୩୯.୩୬ କୋଟି ଟଙ୍କାର ଅର୍ଥ ରାଶି ଗଚ୍ଛିତ ରଖିଛନ୍ତି। ୨୦୧୪ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ଅଭିଭାଷଣରେ ଦେଶବାସୀଙ୍କୁ ସମ୍ବୋଧିତ କରି ଏହି ଯୋଜନା ସମ୍ପର୍କରେ କହିଥିଲେ। ଅର୍ଥ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ମୋଟ ୪୪.୨୩ କୋଟି ଆକାଉଣ୍ଟ ମଧ୍ୟରୁ ୩୪.୯ କୋଟି ଖାତା ସରକାରୀ (ପିଏସବି) ବ୍ୟାଙ୍କ, ୮.୦୫ କୋଟି ଖାତା ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଏବଂ ବଳକା ୧.୨୮ କୋଟି ଖାତା ଘରୋଇ ବ୍ୟାଙ୍କରେ ରହିଛି। ସେହିଭଳି ଏହି ଯୋଜନା ଜରିଆରେ ୩୧.୨୮ କୋଟି ପିଏମ୍‌ଜେଡିୱାଇ ହିତାଧିକାରୀଙ୍କୁ ରୁପେ ଡେବିଟ୍ କାର୍ଡ ମଧ୍ୟ ଦିଆଯାଇଛି। ସେହିପରି ସରକାରୀ ସୂଚନା ଅନୁଯାୟୀ ଦେଶର ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳଗୁଡ଼ିକର ବ୍ୟାଙ୍କ ଶାଖାରେ ୨୯.୫୪ କୋଟି ଜନ ଧନ ଆକାଉଣ୍ଟ ରହିଥିବା ବେଳେ ୨୦୨୧ ଡିସେମ୍ବର ୨୯ ସୁଦ୍ଧା ପ୍ରାୟ ୨୪.୬୧ କୋଟି ଆକାଉଣ୍ଟଧାରୀ କେବଳ ମହିଳା ଖାତାଧାରୀ ଅଛନ୍ତି। ଏହି ଯୋଜନାର ପ୍ରଥମ ବର୍ଷରେ ୧୭.୯୦ କୋଟି ପିଏମ୍‌ଜେଡିୱାଇ ଖାତା ଖୋଲା ଯାଇଥିଲା। ଅପରପକ୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଗାଇଡ୍‌ଲାଇନ ଅନୁଯାୟୀ ଜନ ଧନ ଆକାଉଣ୍ଟ ସମେତ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା (ବିଏସବିଡି) ଆକାଉଣ୍ଟରେ ମଧ୍ୟ ସର୍ବନିମ୍ନ ବାଲାନ୍ସ ବଜାୟ ରଖିବାର କୌଣସି ଆବଶ୍ୟକତା ନାହିଁ। ସେହିଭଳି ୨୦୨୧ ଡିସେମ୍ବର ୮ ସୁଦ୍ଧା ଜିରୋ ଆକାଉଣ୍ଟରେ ମୋଟ ସଂଖ୍ୟା ୩.୬୫ କୋଟି ଥିଲା, ଯାହା ଜନ ଧନ ଖାତାର ପ୍ରାୟ ୮.୩ % ଅଟେ ବୋଲି ସରକାର ଗତ ଶୀତ ଅଧିବେଶନରେ ସଂସଦକୁ ଜଣାଇଥିଲେ। ଏହି ଯୋଜନାର ହିତାଧିକାରୀଙ୍କ ଖାତାକୁ ବିଭିନ୍ନ ସମୟରେ ସରକାରଙ୍କ ଛାତ୍ର ବୃତ୍ତି, ସବ୍‌ସିଡି, ପେନ୍‌ସନ ଏବଂ କୋଭିଡ୍ ରିଲିଫ୍ ପାଣ୍ଠିର ସହାୟତା ଆଦି ସିଧାସଳଖ ଲାଭ ଟ୍ରାନ୍ସଫର (ଡିବିଟି) ଜରିଆରେ ଜନ ଧନ ଆକାଉଣ୍ଟ ସମେତ ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ପଠା (କ୍ରେଡିଟ୍) ଯାଇଥାଏ।

# ୟୁକୋ ବ୍ୟାଙ୍କରେ ଯୋଗଦେଲେ ସୋମ ଶଙ୍କର ପ୍ରସାଦ

**ଭୁବନେଶ୍ୱର, ୯।୧**


ସୋମ ଶଙ୍କର ପ୍ରସାଦ

ୟୁକୋ ବ୍ୟାଙ୍କର ନୂତନ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ସୋମ ଶଙ୍କର ପ୍ରସାଦ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ)ର ଉପପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୫ ମସିହାରେ ପ୍ରସାଦ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ପ୍ରୋବେଶନାରୀ ଅଫିସର ରୂପେ ଯୋଗଦେଇ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେ ତାଙ୍କର ଦୀର୍ଘ ୩୫ ବର୍ଷର କ୍ୟାରିୟର ମଧ୍ୟରେ ଦେଶର ବିଭିନ୍ନ ସ୍ଥାନ ଏବଂ ଦେଶ ବାହାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ରିଟେଲ୍, ଇଣ୍ଟରନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଏବଂ କ୍ରେଡିଟ୍ କ୍ଷେତ୍ରରେ ବିଭିନ୍ନ ପଦପଦବୀରେ ରହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ସେ ସିଙ୍ଗାପୁରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ମୁଖ୍ୟ ମହାପ୍ରବନ୍ଧକ ଏବଂ ଦେଶର ମୁଖ୍ୟ ରୂପେ କାର୍ଯ୍ୟ କରିଥିଲେ। ସେ ଡିସେମ୍ବର ୨୦୧୩ରୁ ଅକ୍ଟୋବର ୨୦୧୪ ପର୍ଯ୍ୟନ୍ତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପେନ୍‌ସନ ଫଣ୍ଡରେ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ନେତୃତ୍ୱ ନେଇଥିଲେ। ୟୁକୋ ବ୍ୟାଙ୍କରେ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ବ୍ୟାଙ୍କିଙ୍ଗ୍ ସେବାକୁ ମଜଭୁତ କରିବା, ଲାଭରେ ଅଭିବୃଦ୍ଧି ଏବଂ ସମସ୍ତ ମୁଖ୍ୟ ବ୍ୟବସାୟିକ ଦିଗଗୁଡ଼ିକରେ କ୍ରମାଗତ ଭାବେ ବୃଦ୍ଧି କରାଇବା ଉପରେ ଧ୍ୟାନ ଦେବେ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

# ଗିୟର ସହ ବେଦାନ୍ତର ରାଜିନାମା




**ଭୁବନେଶ୍ୱର, ୯।୧**

ବେଦାନ୍ତ ଆଲୁମିନିୟମ ବିଜିନେସ ଭାରତର ବୃହତ୍ତମ ଆଲୁମିନିୟମ ଓ ମୂଲ୍ୟଯୁକ୍ତ ସାମଗ୍ରୀ ଉତ୍ପାଦକ ଗିୟର (ଜେମିନି ଇକ୍ୟୁପମେଣ୍ଟ ଆଣ୍ଡ ରେଂଟାଲସ ପ୍ରା.ଲି.) ଭାରତ ସହ ଅନ୍ୟତମ ବୃହତ୍ ଲିଥିୟମ ଆୟନ ବ୍ୟାଟେରି ପାୱାରଯୁକ୍ତ ଇଲେକ୍ଟ୍ରିକ ଫର୍କଲିଫ୍ଟ ନିୟୋଜିତ କରିବା ଲାଗି ଏକ ଚୁକ୍ତି ସଂପାଦନ କରିଛି। ଏପ୍ରକାର ପଦକ୍ଷେପ ଗ୍ରହଣ କରିବାରେ ବେଦାନ୍ତ ପ୍ରଥମ। ଆସନ୍ତା କିଛିମାସ ମଧ୍ୟରେ ଓଡ଼ିଶାର ଝାରସୁଗୁଡ଼ାର କମ୍ପାନୀରେ ଏହିପରି ୨୩ଟି ଫର୍କଲିଫ୍ଟ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ଏହି ସବୁଜ ଫ୍ଲିଟସ୍ ସହ ଡିଜେଲ ଇନ୍ଧନଯୁକ୍ତ ଫର୍କଲିଫ୍ଟ ବଦଳାଇବା ଦ୍ୱାରା ଡିଜେଲ ବ୍ୟବହାର ବର୍ଷକୁ ୨.୫ ଲକ୍ଷ ଲିଟରରୁ ଅଧିକ ହ୍ରାସ ପାଇବ, ଯାହାଦ୍ୱାରା ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ସଞ୍ଚୟ ପ୍ରାୟ ୬୯୦ ଟନ ଅର୍ଥାତ ସିଓ୨ ସହ ସମାନ ହୋଇପାରିବ। ବେଦାନ୍ତ ଆଲୁମିନିୟମ ସଂପ୍ରତି ସାମଗ୍ରୀ ପରିଚାଳନା, ସାମଗ୍ରିକ କାର୍ଯ୍ୟରେ ଏହାକୁ ବ୍ୟବହାର କରିବ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ-ଆଲୁମିନିୟମ ବିଜିନେସ, ରାହୁଲ ଶର୍ମା କହିଛନ୍ତି ଯେ, ବେଦାନ୍ତ ଲିମିଟେଡ ୨୦୫୦ ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ପ୍ରତିଶ୍ରୁତି ଦେଇଥାଏ। ଆମର କାର୍ଯ୍ୟକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଲାଗି ନବ ସୃଜନ ଓ ପ୍ରଯୁକ୍ତି ଶକ୍ତିର ଉପଯୋଗ କରିବା ପ୍ରୟାସ ଜାରି ରହିଛି। ଆମର ଏହି ଉନ୍ନତ ଇଲେକ୍ଟ୍ରିକ ଫର୍କଲିଫ୍ଟ ଫ୍ଲିଟ କାର୍ବନ ନିର୍ଗମନକୁ ହ୍ରାସ କରିବା ସହିତ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ।

## ଡିସ୍‌କମ୍ କର୍ମଚାରୀଙ୍କ ପାଇଁ ଗ୍ରୁପ ଏଚ୍‌ଆଇଏସ୍ ଲାଗୁ

**ଭୁବନେଶ୍ୱର, ୯।୧**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ସ୍ଥାପନ ହୋଇଥିବା ଓଡ଼ିଶାର ସମସ୍ତ ଚାରି ଯୌଥ ଉଦ୍ୟୋଗ ବିତରଣ କମ୍ପାନୀ (ଡିସ୍‌କମ୍) ଟିପିସିଓଡିଏଲ୍, ଟିପିଡବ୍ଲୁଓଡିଏଲ୍, ଟିପିଏସ୍‌ଓଡିଏଲ୍ ଓ ଟିପିଏନ୍‌ଓଡିଏଲ୍‌ର କର୍ମଚାରୀମାନଙ୍କ ଲାଗି ଗ୍ରୁପ୍ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ସ୍କିମ୍ (ଏଚ୍‌ଆଇଏସ୍) ଲାଗୁ କରିବାକୁ ଯାଉଛନ୍ତି। କର୍ମଚାରୀମାନଙ୍କ କଲ୍ୟାଣକୁ ନଜରରେ ରଖି କର୍ମଚାରୀ ଗ୍ରୁପ୍ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ସ୍କିମ୍‌ର ଶୁଭାରମ୍ଭ କରିବା ଲାଗି ୪ ଡିସ୍‌କମ୍‌ର ବ୍ୟୟ ଆବେଦନକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ କର୍ତ୍ତୃପକ୍ଷ (ଓଇଆର୍‌ସି) ମଞ୍ଜୁର କରିବା ପରେ ଏହା ସମ୍ଭବପର ହୋଇଛି। ଏ ସମ୍ପର୍କରେ ଟାଟା ପାୱାର୍‌ର ସଭାପତି ସଞ୍ଜୟ ବାଂଗା କହିଛନ୍ତି, ଓଡ଼ିଶାରେ ଆମ କର୍ମଚାରୀମାନଙ୍କ ଲାଗି ନୂଆ ସ୍ୱାସ୍ଥ୍ୟ ବୀମା ସ୍କିମ୍‌କୁ ମଞ୍ଜୁରି ପ୍ରଦାନ କରିଥିବାରୁ ଆମେ ଓଇଆର୍‌ସି ଅଧ୍ୟକ୍ଷ ୟୁ.ଏନ୍. ବେହେରାଙ୍କ ନିକଟରେ କୃତଜ୍ଞ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ହିରୋ ମୋଟୋକର୍ପର ନୂଆ ବୈଷୟିକ ଅଫିସର ନିଯୁକ୍ତ

**ଭୁବନେଶ୍ୱର, ୯।୧**

ଦେଶର ପ୍ରମୁଖ ମୋଟରସାଇକେଲ ଏବଂ ସ୍କୁଟର ନିର୍ମାତା ହିରୋ ମୋଟୋକର୍ପ ପକ୍ଷରୁ ଏହାର ଲିଡରଶିପ୍‌କୁ ସୁଦୃଢ଼ କରିବା ଲାଗି ଅଭିଜ୍ଞ ଡ. ଅରୁଣ ଜୌରାଙ୍କୁ ମୁଖ୍ୟ ବୈଷୟିକ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଗତ ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅରୁଣ ବିଶ୍ୱସ୍ତରରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ହିରୋ ମୋଟୋକର୍ପର ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଟିମ୍‌ର ମୁଖ୍ୟ ବୈଷୟିକ ଅଫିସର ଭାବେ ନିଯୁକ୍ତ ହୋଇଛନ୍ତି। ଜୌରା ହିରୋ ମୋଟୋକର୍ପ ଅଧ୍ୟକ୍ଷ ତଥା ସିଇଓ ଡ.ପୱନ ମୁଞ୍ଜାଲଙ୍କୁ ରିପୋର୍ଟ କରିବେ। ବିଗତ ଅଢ଼େଇ ବର୍ଷ ଧରି ହିରୋ ମୋଟୋକର୍ପରେ କାର୍ଯ୍ୟର ନେତୃତ୍ୱ ନେଉଥିବା ବିକ୍ରମ କାସବେକର ଜୌରାଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବେ। ହିରୋ ମୋଟୋକର୍ପରେ ଯୋଗଦେବା ପୂର୍ବରୁ ଜୌରା ୨୦୧୭ ମସିହାରୁ ମିସେଲିନ ଇଣ୍ଡିଆ ଟେକ୍ନୋଲୋଜି ସେଣ୍ଟରର ପରିଚାଳନା ନିର୍ଦ୍ଦେଶକ ଥିଲେ। ଜୌରା ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ମାଡ୍ରାସରେ ଏମ୍. ଟେକ୍ ପାଠ୍ୟକ୍ରମରେ ଅଧ୍ୟୟନ କରିବା ପରେ ୧୯୯୨ରୁ ୧୯୯୬ ପର୍ଯ୍ୟନ୍ତ ମନଂଟ୍ରୋଲାର କୋନକର୍ଡ଼ିଆ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ହାସଲ କରିଥିଲେ। ହିରୋ ମୋଟୋକର୍ପର କମ୍ପାନୀ ସଚିବ ତଥା ମୁଖ୍ୟ ଅନୁପାଳନ ଅଧିକାରୀ ନୀରଜା ଶର୍ମା ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ହିରୋ ମୋଟୋକର୍ପ ସହିତ ଥିବାବେଳେ, ନୀରଜା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। କମ୍ପାନୀର ବ୍ୟବସାୟର କର୍ପୋରେଟ ଗଭର୍ନାନ୍ସ, ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି।

## ଫୁରସତ୍

# ସୃଜନଶୀଳତାର ପରିପ୍ରକାଶ କରେ ଭାଷା




## ବିଶ୍ୱ ହିନ୍ଦୀ ଦିବସ

ସଭ୍ୟତାର ଆରମ୍ଭରେ ମଣିଷ ନିଜ ମନର ଆବେଗ ତଥା ସୃଜନଶୀଳତାର ପରିପ୍ରକାଶରେ ଅଙ୍ଗଭଙ୍ଗୀର ବ୍ୟବହାର କରିଥିଲା। ଏହା ମାଧ୍ୟମରେ ମନର ଭାବାବେଗ ପ୍ରକାଶ କରିବା କଷ୍ଟକର ଥିଲା। ପରବର୍ତ୍ତୀ ସମୟରେ ଧୀରେ ଧୀରେ ଶବ୍ଦ ଏବଂ ଏହା ପରେ ଭାଷାର ସୃଷ୍ଟି ମଣିଷର କ୍ରମ ବିକାଶ ସହିତ ସମ୍ପନ୍ନ ହୋଇଥିଲା। ସଭ୍ୟତାର ବିକାଶ ସହିତ ସମାଜରରେ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଥିଲା। ଅଧିକ ସଂଖ୍ୟକ ଲୋକ ବୁଝି ପାରୁଥିବା ଭାଷା ଦ୍ୱାରା ଏବେ ସରକାର ବିଭିନ୍ନ ନୀତି ପ୍ରଣୟନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଯାହାଦ୍ୱାରା ଅଧିକ ଲୋକ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇପାରିବେ। ଭାରତରେ ରାଷ୍ଟ୍ରଭାଷା ଭାବେ ହିନ୍ଦୀକୁ ଗ୍ରହଣ କରାଯାଇଛି। ହିନ୍ଦୀ ଭାଷା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୧୦ ଜାନୁୟାରୀରେ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଇଥାଏ। ଏହାର ଉଦ୍ଦେଶ୍ୟ ହେଉଛି ହିନ୍ଦୀକୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଏକ ଅନ୍ତର୍ଜାତୀୟ ଭାଷା ଭାବରେ ଉପସ୍ଥାପନ କରିବା ପାଇଁ ସଚେତନତା ସୃଷ୍ଟି କରିବା। ବିଶ୍ୱରେ ହିନ୍ଦୀର ବିକାଶ ଏବଂ ପ୍ରସାର ଲକ୍ଷ୍ୟରେ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆରମ୍ଭ ହୋଇଥିଲା ଏବଂ ୧୯୭୫ ଜାନୁୟାରୀ ୧୦ରେ ନାଗପୁରରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ତେଣୁ ଏହି ଦିନଟିକୁ ସ୍ମରଣ କରି ପ୍ରତିବର୍ଷ ଜାନୁୟାରୀ ୧୦ରେ 'ବିଶ୍ୱ ହିନ୍ଦୀ ଦିବସ' ଭାବରେ ପାଳନ କରାଯାଇଥାଏ। ୧୪ ସେପ୍ଟେମ୍ବର ୧୯୪୯ରେ ଭାରତ ସରକାରଙ୍କ ପକ୍ଷରୁ ହିନ୍ଦୀକୁ ସରକାରୀ ଭାଷା ଭାବରେ ଘୋଷଣା କରାଯାଇଥିଲା। ଏହା ପରେ, ୧୯୫୩ରେ ରାଷ୍ଟ୍ର ଭାଷା ପ୍ରସାର ସମିତିର ସୁପାରିସ କ୍ରମେ ଏହି ଦିନକୁ ହିନ୍ଦୀ ଦିବସ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧୦ ଜାନୁୟାରୀ ୨୦୦୬ରେ ପ୍ରତିବର୍ଷ ବିଶ୍ୱ ହିନ୍ଦୀ ଦିବସ ପାଳନ କରିବାକୁ ଘୋଷଣା କରିଥିଲେ। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୧୦ ଜାନୁୟାରୀ ୨୦୦୬ରେ ପ୍ରଥମ ଥର ପାଇଁ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ସେବେଠାରୁ ଏହି ଦିବସଟି ପାଳିତ ହୋଇ ଆସୁଛି। ବିଦେଶରେ ଥିବା ଭାରତୀୟ ଦୂତାବାସରେ ଏହି ଦିନକୁ ବିଶେଷ ଭାବେ ପାଳନ କରାଯାଇଥାଏ।

## ଶ୍ରୀକାନ୍ତଙ୍କ ବାୟୋପିକ୍‌ରେ ରାଜକୁମାର



**ମୁମ୍ବାଇ:** ନିଜର ଦମଦାର ଅଭିନୟକୁ ନେଇ ବଲିଉଡରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତା ରାଜକୁମାର ରାଓ । ଶହୀଦ, ନ୍ୟୁଟନ ଭଳି ଫିଲ୍ମରେ ସେ ତାଙ୍କ ଅଭିନୟର ଛାପ ଛାଡିଛନ୍ତି । ସେ ଖୁବଶୀଘ୍ର ଏକ ବାୟୋପିକରେ ନଜର ଆସିବେ। ରିପୋର୍ଟ ଅନୁସାରେ, ଦୃଷ୍ଟିବାଧିତ ବିଜନେସ୍‌ମ୍ୟାନ ଶ୍ରୀକାନ୍ତ ବୋଲାଙ୍କ ବାୟୋପିକରେ ରାଜକୁମାରଙ୍କୁ ଦେଖିବାକୁ ମିଳିବ। ଶ୍ରୀକାନ୍ତ ବୋଲା ଜନ୍ମରୁ ହିଁ ତାଙ୍କର ଦୁଇଟି ଯାକ ଆଖି ହରାଇଛନ୍ତି। ନିକଟରେ ରାଜକୁମାର ରାଓ ଟି-ସିରିଜ ପ୍ରଡକ୍ସନରେ ଏକ ବାୟୋପିକ ସାଇନ କରିଛନ୍ତି। ଯାହାର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ତୁଷାର ହିରାନନ୍ଦାନି। ରାଜକୁମାର ରାଓଙ୍କ ଏହି ବହୁ ଚର୍ଚ୍ଚିତ ଫିଲ୍ମ ନାମୀ ବ୍ୟବସାୟୀ ଶ୍ରୀକାନ୍ତ ବୋଲାଙ୍କ ଜୀବନି ଉପରେ ଆଧାରିତ। ଶ୍ରୀକାନ୍ତ ବୋଲା ଆନ୍ଧ୍ରପ୍ରଦେଶ ମଛଲିପଟ୍ଟନମର ଏକ ଛୋଟିଆ ଗାଁ ସୀତାରାମପୁରରେ ରୁହନ୍ତି। ଶ୍ରୀକାନ୍ତ ହେଉଛନ୍ତି ବୋଲାଣ୍ଟ ଇଣ୍ଡଷ୍ଟ୍ରିଜର ମାଲିକ । ତାଙ୍କର ବାର୍ଷିକ ଟର୍ନ ଓଭର କୋଟି କୋଟି ଟଙ୍କା ବୋଲି ଜଣାପଡିଛି । ବହୁ ସଂଘର୍ଷ ଦେଇ ଗତି କରିଥିବା ଶ୍ରୀକାନ୍ତ ସାଇନ୍ସ ଷ୍ଟ୍ରିମରେ ପାଠ ପଢିବାକୁ ଆଇନର ସାହାଯ୍ୟ ଲୋଡିଥିଲେ । ଆଉ ଏଥିରେ ସଫଳତା ମିଳିଥିଲା ଶ୍ରୀକାନ୍ତଙ୍କୁ । ଏମିତି ଏକ ସଂଘର୍ଷ ଓ ସଫଳତାର କାହାଣୀକୁ ନେଇ ନିର୍ମାଣ କରାଯିବ ଶ୍ରୀକାନ୍ତ ବୋଲାଙ୍କ ବାୟୋପିକ। ରାଜକୁମାର ରାଓ ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ।

# ଚଳିତ ବର୍ଷ ଆସିବ ସଞ୍ଜୟଙ୍କ ୩ ସିନେମା

**ମୁମ୍ବାଇ:** ଚଳିତ ବର୍ଷ ସଞ୍ଜୟ ଦତ୍ତଙ୍କ ୩ଟି ମୁଭି ବଡ ପରଦାରେ ରିଲିଜ ହେବ। ଏ ନେଇ ସେ ବହୁତ ଆଶାବାଦୀ ଅଛନ୍ତି। ଏକ ସାକ୍ଷାତକାରରେ 'ମୁନ୍ନା ଭାଇ ଏମ୍‌ବିବିଏସ୍'ର ନାୟକ ସଞ୍ଜୟ କହିଛନ୍ତି, ତାଙ୍କ ଆଗାମୀ ୩ଟି ଫିଲ୍ମ 'ଶମଶେରା', 'କେଜିଏଫ୍-୨' ଏବଂ 'ପୃଥ୍ୱୀରାଜ' ବହୁତ ସୁନ୍ଦର ମୁଭି। ଫିଲ୍ମ ରିଲିଜକୁ ନେଇ ସେ ବହୁତ ଉତ୍ସାହିତ ଥିଲେ, ହେଲେ କରୋନା ପାଇଁ ତାଙ୍କ ମୁଭି ମୁକ୍ତିଲାଭରେ ଅସୁବିଧା ହୋଇଥିଲା। ଏହା ପୂର୍ବରୁ ୨ ବର୍ଷରେ ସଞ୍ଜୟଙ୍କ ୩ଟି ସିନେମା 'ସଡକ-୨' 'ତୋରବାଜ' ଏବଂ 'ଭୁଜ: ଦ ପ୍ରାଇଡ ଅଫ୍ ଇଣ୍ଡିଆ' ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭକୁ ନେଇ ସେ ଓଟିଟିକୁ ଧନ୍ୟବାଦ ଦେଇଛନ୍ତି। ଏହାସହ ସେ କ୍ୟାନ୍ସରରୁ ମୁକ୍ତି ପାଇଥିବା ନେଇ ପରିବାର, ଡାକ୍ତର ଏବଂ ଶୁଭ ଚିନ୍ତକଙ୍କୁ ମଧ୍ୟ ସାକ୍ଷାତକାର ମାଧ୍ୟମରେ ଧନ୍ୟବାଦ ଦେଇଛନ୍ତି।



## ବୃଦ୍ଧଙ୍କୁ ହତ୍ୟା ପ୍ରଥା

**ନୂଆଦିଲ୍ଲୀ**

ଭାରତରେ ବୃଦ୍ଧାବୃଦ୍ଧମାନଙ୍କୁ ସମ୍ମାନ ଦିଆଯାଇଥାଏ। କିନ୍ତୁ ଭାରତର ଏପରି ଏକ ସ୍ଥାନ ରହିଛି ଯେଉଁଠିକି ବୃଦ୍ଧାବୃଦ୍ଧମାନଙ୍କୁ ନିଜ ପରିବାର ଲୋକ ହତ୍ୟାକରିବାର ଏକ ପ୍ରଥା ରହିଛି। ଏହା ପ୍ରଥା ପଛରେ ରହିଛି ଏକ ବିଚିତ୍ର ରହସ୍ୟ। ତାମିଲନାଡୁର ଦକ୍ଷିଣ- ପଶ୍ଚିମ ଅଞ୍ଚଳରେ ଥାଲାଇକୁଥଲ ନାମକ ଏକ ପ୍ରଥାକୁ ସେଠାକାର ଲୋକେ ବହୁ ବର୍ଷ ତଳୁ ମାନି ଆସୁଛନ୍ତି। ଏ ପ୍ରଥାରେ ଏକ ନିୟମ ରହିଛି। ବୃଦ୍ଧାବୃଦ୍ଧ ଯଦି କୋଣସି ଅସାଧ୍ୟ ରୋଗରେ ପୀଡିତ ଥିବେ ତେବେ ତାଙ୍କୁ ହତ୍ୟା କରାଯାଏ। ଏ ବିଷୟରେ ପରିବାର ବା ପାଖ ପଡୋଶୀ ନିଷ୍ପତ୍ତି ନେଇଥାନ୍ତି। ସେମାନଙ୍କୁ ମାରିବାକୁ ୩ ପ୍ରକାରର ଉପାୟ ଅବଲମ୍ବନ କରାଯାଇଥାଏ। ରିପୋର୍ଟ ମୁତାବକ ଯେତେବେଳେ ଉପାୟ ପ୍ରୟୋଗ କରାଯାଇଥାଏ, ସେତେବେଳେ ହିଁ ତାଙ୍କ ଅନ୍ତିମ ଯାତ୍ରାର ପ୍ରସ୍ତୁତି ଆରମ୍ଭ କରାଯାଏ। ସେଠାରେ ପୋଲିସକୁ ଏ ବିଷୟରେ ଜଣାଯାଇ ନ ଥାଏ। ଡାକ୍ତର ମଧ୍ୟ ମୃତ୍ୟୁ ପ୍ରମାଣପତ୍ରରେ ଦସ୍ତଖତ କରିଦେଇଥାନ୍ତି।

# ପ୍ଲାଷ୍ଟିକ ଡ୍ରମ୍‌ରୁ ୱାଶିଂ ମେଶିନ

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ପ୍ରତିଦିନ କିଛି ନା କିଛି ନୂଆ କୌଶଳ ଦେଖିବାକୁ ମିଳିଥାଏ। ଏବେ ସୋସିଆଲ ମିଡିଆରେ ସେମିତି ଏକ ଭିଡିଓ ଭାଇରାଲ ହେଉଛି। ଏଥିରେ ଏକ ଦେଶୀ କୌଶଳ ଦେଖିବାକୁ ମିଳିଛି। ଭିଡିଓରେ ଜଣେ ବ୍ୟକ୍ତି ଡ୍ରମ୍‌ରୁ ୱାଶିଂ ମେଶିନ ତିଆରି କରିଛନ୍ତି। ଭିଡିଓରେ ଏକ ନୀଳ ରଙ୍ଗର ଡ୍ରମ ଦେଖିବାକୁ ମିଳିଛି, ଯାହାକି ଜଳ ସଂରକ୍ଷଣ ପାଇଁ ବ୍ୟବହୃତ ହୁଏ। କିନ୍ତୁ ବ୍ୟକ୍ତି ଜଣକ ଏହାକୁ ଏକ ସୁନ୍ଦର ୱାଶିଂ ମେଶିନରେ ପରିଣତ କରିଛନ୍ତି। ଡ୍ରମ୍‌ରେ ଏକ ପାଇପ ଏବଂ ଇଲେକ୍ଟ୍ରିକ ମୋଟର ବ୍ୟବହାର କରି ଏହି ସ୍ୱଦେଶୀ ମେଶିନ ସେ ତିଆରି କରିଛନ୍ତି। ଭିଡିଓଟି ଇନ୍‌ଷ୍ଟାଗ୍ରାମରେ the.funny.us ନାମକ ଏକ ପେଜ୍‌ରେ ଶେୟାର କରାଯାଇଛି। ଅନେକ ୟୁଜର୍ସ ଏପରି ଦେଶୀ କୌଶଳକୁ ପ୍ରଶଂସା କରୁଛନ୍ତି। ଜଣେ ୟୁଜର ଲେଖିଛନ୍ତି, ଆମ ଦେଶୀ ଯୁଗାଡ଼ ବାହାରକୁ ଯିବା ଉଚିତ ନୁହେଁ। ସେହିପରି ଅନ୍ୟ ଜଣେ ୟୁଜର ଲେଖିଛନ୍ତି, ଇଞ୍ଜିନିୟରମାନେ ବି ଫେଲ ହୋଇଯିବେ।



## କୁକୁର ଜନ୍ମଦିନରେ ଖର୍ଚ୍ଚ କଲେ ୭ ଲକ୍ଷ

**ଅହମ୍ମଦାବାଦ:** ଅହମ୍ମଦାବାଦର ଏକ ପରିବାର ପୋଷା କୁକୁର 'ଏବି'ର ଜନ୍ମଦିନ ପାଇଁ ୭ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚର୍ଚ୍ଚାକୁ ଆସିଛନ୍ତି। ଏଥିପାଇଁ ସେମାନେ ଭବ୍ୟ ପାର୍ଟିର ଆୟୋଜନ କରିଥିଲେ। ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ କୁକୁର ଜନ୍ମଦିନ ପାଳିବାକୁ ଯାଇ କୋଭିଡ କଟକଣା ଉଲ୍ଲଂଘନ କରାଯାଇଥିବା ପୋଲିସ କହିଛି। ଏହି ମାମଲାରେ ୩ ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି। ଗୁଜରାଟର ଅହମ୍ମଦାବାଦ ନିକୋଲ ଅଞ୍ଚଳରେ ପୋଷା କୁକୁର 'ଏବି'ର ଜନ୍ମଦିନ ବେଶ ଆଡମ୍ବରର ସହ ପାଳନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଲୋକ ଯୋଗଦେଇଥିଲେ। କୁକୁରକୁ ମଧ୍ୟ ସ୍ୱତନ୍ତ୍ର ଭାବେ ସାଜସଜ୍ଜା କରଯାଇ ନୂଆ ପୋଷାକ ପିନ୍ଧାଯାଇଥିଲା। ଏତେ ବଡ ଗ୍ରାଣ୍ଡ ପାର୍ଟି ପାଇଁ କୁକୁରର ମାଲିକ ପାଖାପାଖି ୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ।

## ସଂକ୍ଷେପରେ

### ନେଟ୍ସରେ କୋହଲି, ତୃତୀୟ ଟେଷ୍ଟ ଖେଳିପାରନ୍ତି

**କେପ୍‌ଟାଉନ୍, ୯।୧ (ପି.ଟି.):** ଭାରତ ଟେଷ୍ଟ ଅଧିନାୟକ ବିରାଟ କୋହଲି ରବିବାର ନେଟ୍ସରେ ଅଭ୍ୟାସ କରିଥିବାରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଟେଷ୍ଟ ମ୍ୟାଚରେ ସେ ଖେଳିପାରନ୍ତି ବୋଲି ଅନୁମାନ କରାଯାଉଛି। ପିଠିରେ ଯନ୍ତ୍ରଣା ଯୋଗୁ ସେ ଦ୍ୱିତୀୟ ଟେଷ୍ଟରେ ଖେଳିପାରି ନ ଥିଲେ। ଏହି ମ୍ୟାଚରେ ଭାରତ ପରାଜିତ ହୋଇଥିଲା। ତୃତୀୟ ଟେଷ୍ଟ ଜାନୁୟାରୀ ୧୧ରୁ ୧୫ ନ୍ୟୁଲାଣ୍ଡ୍ସ ଷ୍ଟାଡିୟମରେ ଖେଳାଯିବ। ଭ୍ରମଣକାରୀ ଦଳର ଖେଳାଳିମାନେ ଏଥିପାଇଁ ଅଭ୍ୟାସ ଆରମ୍ଭ କରିଛନ୍ତି। ମ୍ୟାଚ ପାଇଁ କୋହଲି ଯଦି ଫିଟ୍ ଘୋଷିତ ହୁଅନ୍ତି ତେବେ ଦଳରୁ ହନୁମା ବିହାରୀ ବାଦ୍ ପଡ଼ିବେ। ଦକ୍ଷିଣ ଆଫ୍ରିକାରେ ପ୍ରଥମ ଥର ସିରିଜ ବିଜୟ ହାସଲ କରିବା ଲକ୍ଷ୍ୟରେ ଥିବା ଭାରତର ଆରମ୍ଭ ଉତ୍ସାହଜନକ ରହିଥିଲା। ଦଳ ସେଞ୍ଚୁରିଅନରେ ଏହାର ଓପନିଂ ମ୍ୟାଚ ୧୧୩ ରନରେ ଜିତିଥିଲା। ତେବେ ପରେ ଜୋହାନ୍ସବର୍ଗଠାରେ ଦ୍ୱିତୀୟ ଟେଷ୍ଟ ୭ ଉଇକେଟରେ ପରାଜିତ ହୋଇଥିଲା। ୱାଣ୍ଡରର୍ସଠାରେ ଖେଳାଯାଇଥିବା ଏହି ମ୍ୟାଚରେ କୋହଲି ଖେଳି ନ ଥିଲେ। ସିରିଜର ନିର୍ଣ୍ଣାୟକ ଟେଷ୍ଟରେ ସେ ଦଳକୁ ଫେରିବେ ବୋଲି ମ୍ୟାଚ ପରେ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ସୂଚନା ଦେଇଥିଲେ। ଦୁଇଟି ନେଟ୍ସ ସେସନ ପରେ ଭାରତୀୟ ଟେଷ୍ଟ ଅଧିନାୟକ ଠିକ୍ ହୋଇଯିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ପ୍ରଗତି-ଭାର୍ଗବଙ୍କୁ ରୌପ୍ୟ ପଦକ



**ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି):** ହରିୟାଣାର ପଞ୍ଚକୁଲାଠାରେ ଅନୁଷ୍ଠିତ ଅଶ୍ୱିନୀ ଗୁପ୍ତା ମେମୋରିଆଲ ସର୍ବଭାରତୀୟ ସବ୍‌ଜୁନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାର ପ୍ରଗତି ପରିଡ଼ା ଓ ଭାର୍ଗବ ରାମ୍ ମିକ୍ସଡ ଡବଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ଓଡ଼ିଶା ସାଇ ବ୍ୟାଡ୍‌ମିଣ୍ଟନ ଏକାଡେମୀର ଏହି ଦୁଇ ଖେଳାଳି ୧୭ ବର୍ଷରୁ କମ୍ ବର୍ଗରେ ରନର୍ସଅପ୍ ହୋଇଥିଲେ। ଓଡ଼ିଶା ଖେଳାଳିଙ୍କ ଏହି ପ୍ରଦର୍ଶନ ଆମ ରାଜ୍ୟ ପାଇଁ ଗୌରବର ବିଷୟ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ଶାସନ ସଚିବ ତଥା ସାଇ ବ୍ୟାଡ୍‌ମିଣ୍ଟନ ଏକାଡେମୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି।

# କବୀର, ସୋହିନୀଙ୍କୁ ଡବଲ୍ ଟାଇଟଲ



ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ କବୀର ହଂସ ଓ ସୋହିନୀ ମହାନ୍ତି ଡବଲ୍ ଟାଇଟଲ ହାସଲ କରିଛନ୍ତି। କବୀର ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ସେ ସିଙ୍ଗଲ୍ସ ଫାଇନାଲରେ ୬-୦, ୬-୩ ସେଟ୍‌ରେ କୁମାର ଅନୁରାଗ ସରନଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସରେ ଆଦିତ୍ୟ ଶତପଥୀଙ୍କୁ ପାର୍ଟନର କରି ସେ ଫାଇନାଲରେ କୁମାର ଅନୁରାଗ ଓ ଅଭିଲାଷ ମିଶ୍ର ଯୋଡ଼ିଙ୍କୁ ୬-୨, ୬-୦ ସେଟ୍‌ରେ ହରାଇଛନ୍ତି। ସେହିପରି ମହିଳା ବିଭାଗରେ ସୋହିନୀ ୨ଟି ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଏମ୍. ଦୀକ୍ଷା ରାଉତଙ୍କୁ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳିକା ବର୍ଗର ଫାଇନାଲରେ ଆହାନଙ୍କୁ ୬-୨, ୬-୩ ସେଟ୍‌ରେ ହରାଇ

### ଉତ୍କଳ ଓପନ ଟେନିସ ଉଦ୍‌ଯାପିତ

ନିଜ କ୍ୟାରିୟରକୁ ବୃଦ୍ଧିମନ୍ତ କରିଛନ୍ତି। ମହିଳା ଓ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ଏବଂ ଡବଲ୍ସ ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୫,୦୦୦ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

୧୪ ବର୍ଷରୁ କମ୍ ବାଳକ ବର୍ଗ ଫାଇନାଲରେ ୱାକ୍‌ଓଭର ପାଇ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଚାମ୍ପିୟନ ଘୋଷିତ ହୋଇଥିଲେ। ତାଙ୍କୁ ଟ୍ରଫି ସହ ୫,୦୦୦ ଓ ଅନ୍ୟତମ ଫାଇନାଲିଷ୍ଟ ଅନିକେତ ସାହୁଙ୍କୁ ୩,୦୦୦ ଟଙ୍କା ଦିଆଯାଇଥିଲା। ୪୦ ବର୍ଷରୁ ଊର୍ଦ୍ଧ୍ୱ ସିନିୟର ପୁରୁଷ ଡବଲ୍ସ ଫାଇନାଲରେ ହିମାଦ୍ରି କାନୁନ୍‌ଗୋ-ଶାଶ୍ୱତ ଜେନା ଯୋଡ଼ି ୯-୬ରେ ଡି. ପାନ୍‌ମେଇ ଓ କମଲେଶ ସୋନୀ ଯୋଡ଼ିଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନ ଡବଲ୍ସ ଫାଇନାଲରେ ରବୀନ୍ଦ୍ର ସେନାପତି-ଝାଡ଼େଶ୍ୱର ଦାସ ଯୋଡ଼ି ୯-୭ରେ ଜିତେନ ମହାନ୍ତି ଓ ସ୍ନେହାଶିଷ ବେହେରାଙ୍କୁ ପରାସ୍ତ କରିଥିଲେ। ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନ ଡବଲ୍ସ ଫାଇନାଲରେ ବି.ଏନ. ମହାନ୍ତି-ଜେ.ଏନ୍ ପଟ୍ଟନାୟକ ଯୋଡ଼ି ମାନସ ରଞ୍ଜନ ଦାସ ଓ ଅନୁପ ନାୟକ ଯୋଡ଼ିଙ୍କୁ ୯-୪ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଭେଟେରାନ ଡବଲ୍ସରେ ଚାମ୍ପିୟନଙ୍କୁ ଟ୍ରଫି ସହ ୧୦,୦୦୦, ରନର୍ସଅପ୍‌ଙ୍କୁ ୫,୦୦୦, ସେମିଫାଇନାଲିଷ୍ଟଙ୍କୁ ୩,୦୦୦ ଏବଂ କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୧,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।

ଏସ୍.ପି. ନନ୍ଦ ଓ ପ୍ରଭାତ କୁମାର ବକ୍ସି (ଉଭୟଙ୍କୁ ୫,୦୦୦ ଟଙ୍କା ଲେଖାଏ)ଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ଦିଆଯାଇଥିବାବେଳେ ରବୀନ୍ଦ୍ର ସେନାପତି ସ୍ପୋର୍ଟ୍ସମ୍ୟାନ ସ୍ପିରିଟ୍ ଏବଂ ଯଶରାଜ ନାୟକ (ଉଭୟଙ୍କୁ ୨,୦୦୦)ଙ୍କୁ ବେଷ୍ଟ ଡ୍ରେସ୍‌ଡ ପୁରସ୍କାର ପ୍ରଦାନ କରାଯାଇଥିଲା। ଆହାନ (୫,୦୦୦) ଉଦୀୟମାନ ଖେଳାଳି ଏବଂ ଅଜୟ ନିଶଙ୍କ (୫,୦୦୦) ଶ୍ରେଷ୍ଠ କୋଚ୍ ପୁରସ୍କାର ହାସଲ କରିଥିଲେ। ଏହା ବ୍ୟତୀତ ଗ୍ରାଉଣ୍ଡ୍ସମ୍ୟାନ ବିପିନ (୩୫୦୦), ଦିଗଲ (୩୫୦୦) ଏବଂ ଅମ୍ପାୟର ସୁଶାନ୍ତ ଦାସ (୩୦୦୦), ବିକ୍ରମ ଦାସ (୧୦୦୦), ନରୋତ୍ତମ ଜେନା (୧୦୦୦), ଅନୁପ ଦାସ (୧୦୦୦) ଓ ରେଫରି ଯତିନ ବୈଶ୍ୟ (୧୦,୦୦୦)ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖଣି ବିଭାଗ ନିର୍ଦ୍ଦେଶକ ଦେବୀଦତ୍ତ ବିଶ୍ୱାଳ, ଉତ୍କଳ ବିଲ୍ଡର୍ସ ଗ୍ରୁପ୍ ଫାଉଣ୍ଡର ଭଓ୍ୱରଲାଲ ବୈଦ, ଏସ୍ ଟେନିସ୍ କ୍ଲବର ଆୟୋଜନ କମିଟି ଅଧ୍ୟକ୍ଷ ଡ. ବିଶ୍ୱଜିତ ମିଶ୍ର, ଏସ୍ ଟେନିସ କ୍ଲବ ସମ୍ପାଦକ ନବରତନ ବୋଥ୍ରା ଓ ଟୁର୍ନାମେଣ୍ଟ ରେଫରି ଯତିନ ବୈଶ୍ୟ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ।

# ଧୋବାନୀ, ନିପୁନ ଚାମ୍ପିୟନ

**ଭୁବନେଶ୍ୱର, ୯।୧ (କ୍ରୀଡ଼ା ପ୍ରତିନିଧି)**

ପଳାସପଲ୍ଲୀସ୍ଥିତ ଓଏଡି ପରିସରରେ ୨୩ତମ ରାଜ୍ୟ ସିନିୟର ମହିଳା ଓ ପୁରୁଷ ବଧିର ଚେସ୍ ଉଦ୍‌ଯାପିତ ହୋଇଯାଇଛି। ଏହାର ମହିଳା ବିଭାଗରେ ଖୋର୍ଦ୍ଧାର ଧୋବାନୀ ପାତ୍ର ୪ ରାଉଣ୍ଡରୁ ୪ ଓ ପୁରୁଷରେ ନିପୁନ ଆଦିତ୍ୟ ମହାନ୍ତି ୫ରୁ ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ରାଜ୍ୟ ବଧିର କ୍ରୀଡ଼ା ପରିଷଦ ଭୁବନେଶ୍ୱର ଦ୍ୱାରା ଆୟୋଜିତ ତଥା ଖୋର୍ଦ୍ଧା ଜିଲା ବଧିର ସଂଘ ପ୍ରାୟୋଜିତ ଉକ୍ତ ୩ ଦିନିଆ ମନୋନୟନ ପ୍ରତିଯୋଗିତାରେ ଦଳଗତଭାବେ ଖୋର୍ଦ୍ଧା ଚାମ୍ପିୟନ ଓ ବ୍ରହ୍ମପୁର ରନର୍ସଅପ୍ ହୋଇଛି। ଏହି ପ୍ରତିଯୋଗିତାରୁ ପ୍ରଦର୍ଶନ ଭିତ୍ତିରେ ଖେଳାଳିମାନେ ହାଇଦ୍ରାବାଦରେ ହେବାକୁଥିବା ୨୩ତମ ଜାତୀୟ ସିନିୟର ବଧିର ଚେସ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି ବୋଲି ଆୟୋଜକ ସଂଘ ସମ୍ପାଦକ ନିରଞ୍ଜନ ଜୋଷୀ ପ୍ରକାଶ କରିଛନ୍ତି। ମହିଳା ବିଭାଗରେ ଧୋବାନୀ ପାତ୍ର, ପ୍ରମିଳା ଦଳାଇ, ରଜନୀ ସାହୁ ଏବଂ ପୁରୁଷ ବିଭାଗରେ ନିପୁନ ଆଦିତ୍ୟ ମହାନ୍ତି, ସୁଶାନ୍ତ କୁମାର ସାହୁ, ରମେଶ କୁମାର ପଟ୍ଟନାୟକ, ମନୋରଞ୍ଜନ

### ରାଜ୍ୟ ବଧିର ଚେସ୍ ଉଦ୍‌ଯାପିତ

ପାଣିଗ୍ରାହୀ, ହେମନ୍ତ କୁମାର ଆଚାର୍ଯ୍ୟ ଓ କାହ୍ନୁ ଚରଣ ମହାପାତ୍ର ଜାତୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ସଭାପତି ତଥା ଅନ୍ତର୍ଜାତୀୟ ଭିନ୍ନକ୍ଷମ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସିତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅନ୍ତର୍ଜାତୀୟ ଚେସ୍ ପ୍ରଶିକ୍ଷକ ତଥା ଏସ୍‌ଆର୍ ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ମାନପତ୍ର ଓ ପଦକ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ବଧିର କ୍ରୀଡ଼ା ପରିଷଦ ସଭାପତି ଏସ.ଏନ୍ ବହିରଦାର, ସାଧାରଣ ସମ୍ପାଦକ ନିରଞ୍ଜନ ଜୋଷୀ, ପ୍ରତିଷ୍ଠାତା ସଦସ୍ୟ ବିଜୟ କୁମାର ପରିଡ଼ା, ଖୋର୍ଦ୍ଧାଜିଲା ସାଧାରଣ ସମ୍ପାଦକ ପ୍ରଦୀପ୍ତ ହୋତା ଏବଂ ଓଏଡିର ସାଧାରଣ ସମ୍ପାଦକ ଆଲୋକ ଜେନା ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ପ୍ରମୋଦ କୁମାର ମହାପାତ୍ର, ଯୋଗେଶ ବହିଦାର, ରାଜେଶ କୁମାର ସାହୁ ଓ ଜ୍ୟୋତିପ୍ରକାଶ ନାୟକ ପରିଚାଳନା କରିଥିଲେ।





ରାଜ୍ୟ ସିନିୟର ବଧିର ଚେସ୍ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଖେଳାଳିଙ୍କ ସହ ଅତିଥି।

# ହର୍ଷିତ ଚାମ୍ପିୟନ, ସୌମ୍ୟ ରନର୍ସଅପ୍

**ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ସୋନୁ ଅଗ୍ରୱାଲ ସ୍ମାରକୀ ଓପନ ଚେସ୍ ଟୁର୍ନାମେଣ୍ଟରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ଓ

### ସୋନୁ ଅଗ୍ରୱାଲ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍

ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ରନର୍ସଅପ୍ ହୋଇଛନ୍ତି। ୮ ରାଉଣ୍ଡବିଶିଷ୍ଟ ଟୁର୍ନାମେଣ୍ଟରେ ହର୍ଷିତ ୭ ପଏଣ୍ଟ ହାସଲ କରିଥିବାବେଳେ ସୌମ୍ୟ ଓ ସତ୍ୟମ୍ ସର୍ବଜିତ ମିଶ୍ର ୬.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅମରେନ୍ଦ୍ର ଖମାରୀ, ସଞ୍ଜୀବନ ନାୟକ, ଜ୍ଞାନରଞ୍ଜନ



ହର୍ଷିତ ରଞ୍ଜନ ସାହୁ

ସେଠୀ, ରବୀନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ଓଝା, ଦାଶରଥି ସାହୁ, ଭୀମସେନ ପ୍ରଧାନ, ଆଶୁତୋଷ ବିଶ୍ୱାଳ, ମାନସ ସାହୁ ପ୍ରମୁଖ ଟପ୍-୧୨ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଭିନିତ ମହାପାତ୍ର, ଅକ୍ଷଜ ନାୟକ, ଭିନିତ ନାୟକ, ପି. ନନ୍ଦିନୀ, ସାନ୍‌ଭୀ ମହାନ୍ତି, ଶୁଭ ସିଂ ସଇନୀ, ସିଦ୍ଧାର୍ଥ ମିଶ୍ର, ଦକ୍ଷଜ ସଦାନନ ବୋଲେ, ଅଦିତି ଉପାସନା ପଟ୍ଟନାୟକ, ସାହାନା ଲେଙ୍କା ଓ ଭୀମସେନ ପ୍ରଧାନଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟ ଗୁଗ୍‌ଲ ମିଟ୍‌ରେ ଉଦ୍‌ଘାଟିତ ହୋଇଥିଲା। ଆଣ୍ଡାମାନ ଓ ନିକୋବରସ୍ଥିତ ନାଭାଲ ହେଡ୍‌କ୍ୱାର୍ଟର୍ସର ଚିଫ୍ ଷ୍ଟାଫ୍ ଅଫିସର କ୍ୟାପ୍‌ଟେନ ଅମୂଲ୍ୟ ରତ୍ନ ମିଶ୍ର ମୁଖ୍ୟଅତିଥି, ବେଙ୍ଗାଲୁରୁସ୍ଥିତ ଜେଡ୍‌ଓ୍ୱାଇଏମ୍‌ଇର ସିନିୟର ପ୍ରୋଗ୍ରାମ ମ୍ୟାନେଜର ମାନିଲା ପାତ୍ରୋ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ସ୍ମୃତିରଞ୍ଜନ ଦାସ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ଉପସ୍ଥିତ ଥିଲେ।

### ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନରୁ ଓହରିଲେ ଇଂଲଣ୍ଡ ଖେଳାଳି

**ନୂଆଦିଲ୍ଲୀ, ୯।୧ (ପି.ଟି.):** ଆଗାମୀ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରୁ ସମଗ୍ର ଇଂଲଣ୍ଡ ଟିମ୍ ଓହରିଯାଇଛି। ଦେଶର ଡବଲ୍ସ ସ୍ପେଶାଲିଷ୍ଟ ସିନ୍ ଭେଣ୍ଡି ଓ କୋଚ୍ ନାଥାନ ରବର୍ଟସନ କୋଭିଡ୍ ପଜିଟିଭ ଚିହ୍ନଟ ପରେ ଇଂଲଣ୍ଡ ଏହି ନିଷ୍ପତ୍ତି ନେଇଛି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ତରଫରୁ ରବିବାର ଏ ବିଷୟରେ ସୂଚନା ଦିଆଯାଇଛି। ରବିବାର ସକାଳେ କିନ୍ତୁ ଯେଉଁ ସମସ୍ତ ଖେଳାଳିଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା ସେମାନଙ୍କ ଫଳାଫଳ ନେଗେଟିଭ ଆସିଥିବା ଆୟୋଜକଗଣ ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀରେ ଇଣ୍ଡିଆନ ଓପନ୍ ଜାନୁୟାରୀ ୧୧ରୁ ୧୬ ପର୍ଯ୍ୟନ୍ତ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ପୁରୁଷ ଡବଲ୍ସରେ ଭେଣ୍ଡି ଓ ତାଙ୍କ ପାର୍ଟନର ବେନ୍ ଲେନ୍‌ଙ୍କୁ ଚତୁର୍ଥ ସିଡ୍ ମାନ୍ୟତା ମିଳିଥିଲା।

### ଗୌତମ ସିଙ୍ଗଲ୍ସ, ଦାଦୁ-ବାପି ଡବଲ୍ସ ବିଜେତା

**ଭୁବନେଶ୍ୱର, ୯।୧ (କ୍ରୀଡ଼ା ପ୍ରତିନିଧି):** ମା' କାଳିଆଶନୀ କ୍ୟାରମ୍ ସଂଘ (ଏମ୍‌କେସିଏ) ଆନୁକୂଲ୍ୟରେ ଆୟୋଜିତ ଏମ୍‌କେସିଏ ଅଲ୍ ଓଡ଼ିଶା କ୍ୟାରମ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ତିନି ଦିନିଆ ପ୍ରତିଯୋଗିତାର ସିଙ୍ଗଲ୍ସବର୍ଗରେ କଣାସର ଗୌତମପ୍ରସାଦ ଭୋଳ ଚାମ୍ପିୟନ ଏବଂ ପୁରୁଣା ଭୁବନେଶ୍ୱରର ଜୟପ୍ରକାଶ ଦାସ ରନର୍ସଅପ୍ ହୋଇଛନ୍ତି। ଗୌତମ ଏକାଥରକେ ଦୁଇଟି ସ୍ଲାମ୍ କରିବା ସିଙ୍ଗଲ୍ସ ଫାଇନାଲର ମୁଖ୍ୟ ଆକର୍ଷଣ ଥିଲା। ସେହିଭଳି ଡବଲ୍‌ସ ବିଭାଗରେ ଏସ୍‌ଆର ସାମନ୍ତରାୟ ଓ ତ୍ରିନାଥ ବେହାରାଙ୍କୁ ପରାସ୍ତ କରି କଟକର ଦାଦୁ-ବାପି ଯୋଡ଼ି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ସିଦ୍ଧାର୍ଥ ନାୟକ ଓ ମନୋଜ ବଟୁ ପ୍ରତିଯୋଗିତାରେ ରେଫରି ଦାୟିତ୍ୱ ତୁଲାଇଥିଲେ। କପିଳପ୍ରସାଦ ଗ୍ରାମ୍ୟ କମିଟିର ସଭାପତି ଗଙ୍ଗାଧର ପ୍ରଧାନ, ପୂର୍ବତନ କର୍ପୋରେଟର ଦେବୀପ୍ରସାଦ ନନ୍ଦ, ଏୟାର ଫିଲ୍ଡ ଥାନା ଆଇଆଇସି ରତିକାନ୍ତ ସାହୁ, ଭେଟେରାନ୍ ଆଥଲେଟ୍ ନରେନ୍ଦ୍ର ସେଠୀ, ଯୁବ ସଙ୍ଗଠକ ନିହାର ଚମ୍ପତି, ସୁରେନ୍ଦ୍ର ପ୍ରଧାନ, ଏମକେସିଏ ସଭାପତି ପ୍ରଲିପ୍ତ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଓ ବହୁ କ୍ୟାରମ୍ ପ୍ରେମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାକୁ ଏମ୍‌କେସିଏ ଗତ ତିନି ବର୍ଷ ହେବ ସଫଳତାର ସହ ଆୟୋଜିତ କରି ଆସୁଛି।

### ଗ୍ରୀନ୍ସ ଏକାଡେମୀ ସେମିରେ

**ଭୁବନେଶ୍ୱର, ୯।୧ (କ୍ରୀଡ଼ା ପ୍ରତିନିଧି):** ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୪ର୍ଥ ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ରାମେଶ୍ୱର କପ୍ (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ଗ୍ରୀନ୍ସ ଏକାଡେମୀ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପୁଲ୍-ବିର ପ୍ରଥମ କ୍ୱାର୍ଟର ଫାଇନାଲରେ ରାମେଶ୍ୱର 'ବି'କୁ ଗ୍ରୀନ୍ସ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର 'ବି' ୩୬ ଓଭରରେ ୧୫୩ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ପ୍ରୀୟାଂଶୁ ପ୍ରସାଦ ୧୩ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୧୫୩ ରନ କରିଥିଲେ। ବିପକ୍ଷ ଦଳର ଅଭିଷେକ ସେନାପତି ୪ଟି ଉଇକେଟ ନେଇଥିଲେ। ଗ୍ରୀନ୍ସ ଏକାଡେମୀ ୨୮ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ନେଇଥିଲା। ମୟଙ୍କ ପଟ୍ଟନାୟକ ୭୩ (୧୩ ଚୌକା, ୧ ଛକା) ଓ ଆୟୁଷ ଚାନ୍ଦ ୫୬ (୧୦ ଚୌକା, ୧ ଛକା) ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। କୋଚ୍ ନିର୍ମଳ ବିଶ୍ୱାଳ ଓ ଅରବିନ୍ଦ ପ୍ରସାଦ ବଳ ଅତିଥିଭାବେ ଯୋଗଦେଇ ମୟଙ୍କ ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ପୂର୍ଣ୍ଣ ମହାରଣା ଓ ରମଣି ଜେନା ମ୍ୟାଚ ପରିଚାଳନା କରିଥିଲେ। ଶୁଭ୍ରକାନ୍ତ ପରିଡ଼ା ସ୍କୋରର ଥିଲେ। ସୋମବାର ପାରାମାଉଣ୍ଟ ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ପୁଲ୍-ବି'ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ଗୌରୀ, ଭାଲେଣ୍ଟିନା, ହରିପ୍ରସାଦଙ୍କୁ ଜାତୀୟ ଦାୟିତ୍ୱ



ଗୌରୀ ମହାନ୍ତି



ଭାଲେନା ଭାଲେଣ୍ଟିନା



ହରିପ୍ରସାଦ ପଟ୍ଟନାୟକ

**ଭୁବନେଶ୍ୱର, ୯।୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କରାଟେ ପାଇଁ ଆସିଛି ଖୁସି ଖବର। ରାଜ୍ୟ ଆସୋସିଏଶନର ୩ ବରିଷ୍ଠ ସଦସ୍ୟ ଜାତୀୟ ଆସୋସିଏଶନର ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରିଛନ୍ତି। ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ତଥା ପୂର୍ବତନ ଜାତୀୟ ଚାମ୍ପିୟନ ଡ. ଗୌରୀ ମହାନ୍ତି ଜାତୀୟ କରାଟେ ସଙ୍ଗଠନ ମହିଳା କମିଶନର ଅଧ୍ୟକ୍ଷା ଭାବେ ମନୋନୀତ ହୋଇଛନ୍ତି। ସେହିପରି ଓଡ଼ିଶାର ଅନ୍ତର୍ଜାତୀୟ କରାଟେ ଖେଳାଳି ଭାଲେନା ଭାଲେଣ୍ଟିନା ଜାତୀୟ କରାଟେ ସଂଘର ଆଥ୍‌ଲେଟିକ୍ସ କମିଶନ ସଦସ୍ୟ ମନୋନୀତ ହୋଇଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟ କରାଟେ ସଂଘର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଜାତୀୟ କରାଟେ ସଙ୍ଗଠନର ଟ୍ରେନିଂ ଆଣ୍ଡ ଡେଭେଲପ୍‌ମେଣ୍ଟ ଅଧ୍ୟକ୍ଷ ହୋଇଛନ୍ତି। ଓଡ଼ିଶା ରାଜ୍ୟ କରାଟେ ସଂଘର ସମସ୍ତ ସଦସ୍ୟ ଏବଂ ଖେଳାଳି ଜାତୀୟ ସଂଘ ପାଇଁ ମନୋନୀତ ଗୌରୀ, ଭାଲେଣ୍ଟିନା ଓ ହରିପ୍ରସାଦଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଜାତୀୟ କରାଟେ ସଂଘକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଗୌରୀ ମହାନ୍ତି ଟିମ୍ କାଟାରେ ଜାତୀୟ ଚାମ୍ପିୟନ ହେବାସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫାଇଟିଂରେ ସେ ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ଗତ ତିନି ଦଶନ୍ଧି ଧରି ରାଜ୍ୟ କରାଟେରେ ଖେଳାଳି, ପ୍ରଶିକ୍ଷକ ଓ ପ୍ରଶାସକ ଭାବେ ଜଡ଼ିତ ରହି ବର୍ତ୍ତମାନ ସମ୍ପାଦକ ଦାୟିତ୍ୱ ତୁଲାଉଛନ୍ତି। ସେ ଜାପାନରେ ଅନୁଷ୍ଠିତ ବିଶ୍ୱ ସୁକୋକାଇ କରାଟେ ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଥିଲେ।

### ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ

# ପାରାମାଉଣ୍ଟ ଚାମ୍ପିୟନ

**ଭୁବନେଶ୍ୱର, ୯।୧ (କ୍ରୀଡ଼ା ପ୍ରତିନିଧି)**

ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ୧୩ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ପ୍ରଗତି ସ୍ପୋର୍ଟିଂକୁ ୭୨ ରନରେ ହରାଇ ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୫ ଓଭରରେ ୭ ଉଇକେଟ ହରାଇ ୧୫୬ ରନ କରିଥିଲା। ଦଳ ପକ୍ଷରୁ ସିଦ୍ଧାନ୍ତ ଶଙ୍କର ବେହେରା ସର୍ବାଧିକ ୭୦ ରନ କରିଥିଲେ। ବିପକ୍ଷ ଦଳର ଅନମୋଲ ପଟ୍ଟନାୟକ ୩ଟି ଓ ଅସୀମ ବାରାଦ ୨ଟି ଉଇକେଟ ନେଇଥିଲେ। ୧୫୭ ରନ ବିଜୟ ଲକ୍ଷ୍ୟ ନେଇ ପ୍ରଗତି ପୂରା ୩୫ ଓଭର ଖେଳିଥିଲେ ହେଁ ସମସ୍ତ ଉଇକେଟ ହରାଇ ୮୪ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ସେକ୍ ନକିବ ସରବର ୩ଟି ଏବଂ ଶିବ୍ ସାଇ ଓ ସାତ୍ତ୍ୱିକ ସୁବୁଦ୍ଧି ୨ଟି ଲେଖାଏ ଉଇକେଟ ନେଇଥିଲେ। ଅର୍ଦ୍ଧଶତକୀୟ ଇନିଂସ ପାଇଁ ସିଦ୍ଧାନ୍ତ ଶଙ୍କର ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉନ୍ନତ ମାନର ଫିଲ୍ଡିଂ ପାଇଁ ନକିବ୍ ସରବର ଫାଇନାଲ ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ହାସଲ କରିଥିଲେ। ପ୍ରଗତିର ଅସୀମ ବାରାଦ ମ୍ୟାନ୍ ଅଫ୍ ଦି ସିରିଜ, ପାରାମାଉଣ୍ଟର ସିଦ୍ଧାର୍ଥ ଶଙ୍କର ବେହେରା ଶ୍ରେଷ୍ଠ ବ୍ୟାଟର, ସାତ୍ତ୍ୱିକ ସିଦ୍ଧିକ ଶ୍ରେଷ୍ଠ ବୋଲର ଓ ସମରଜିତ ସାହୁ ଶ୍ରେଷ୍ଠ ଉଇକେଟ କିପର ପୁରସ୍କାର ପାଇଥିଲେ। ବିସିସିଆଇ ଟୁର୍ନାମେଣ୍ଟ ଭିନୁମଙ୍କଡ଼ ଓ କୁଚ୍‌ବିହାର ଟ୍ରଫିରେ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିଥିବା ପାରାମାଉଣ୍ଟର ଅଂଶୁମାନ ସାହୁ, ରିତେଶ ପ୍ରିୟରଞ୍ଜନ, ସାଇ ଶୁଭମ୍ ଓ ସୁଦର୍ଶନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଜ୍ଞାନ, କାରିଗରି ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଏବଂ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ବିଜେବି ନଗର ପିପୁଲ୍ସ ଆସୋସିଏଶନ ସଭାପତି ରଘୁନାଥ ମିଶ୍ର, ପୂର୍ବତନ ଡେପୁଟି ମେୟର କେ. ଶାନ୍ତି, ପାରାମାଉଣ୍ଟ ସମ୍ପାଦକ ଅଶୋକ ପାତ୍ର, ଦିଗନ୍ତ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।





ଚାମ୍ପିୟନ ପାରାମାଉଣ୍ଟ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

### ପୁନେରୀ ପଲଟନ ବିଜୟୀ

**ବେଙ୍ଗାଲୁରୁ, ୯।୧ (ପି.ଟି.):** ପ୍ରୋ କବାଡି ଲିଗ୍‌ର ରବିବାର ମ୍ୟାଚରେ ପୁନେରୀ ପଲ୍‌ଟନ ଗତଥରର ଚାମ୍ପିୟନ ବେଙ୍ଗଲ ୱାରିୟର୍ସକୁ ୩୯-୨୭ରେ ପରାସ୍ତ କରିଛି। ଦଳକୁ ଜିତାଇବାରେ ରେଡର ଆସ୍‌ଲାମ ଇନାମଦାରଙ୍କ ବିଶେଷ ଭୂମିକା ରହିଥିଲା। ସେ ପଲ୍‌ଟନ ପାଇଁ ଏକ ସୁପର ୧୦ (୧୭ ପଏଣ୍ଟ) ସ୍କୋର କରିଥିବାବେଳେ ଅବିନେଶ ନାଦରାଜନ ୫ ଟ୍ୟାକଲ ପଏଣ୍ଟ ଅର୍ଜନ କରିଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଜାନୁୟାରୀ, ୨୦୨୨



**କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ କବିତା ଆସର**

ଭୁବନେଶ୍ୱର, (ବ୍ୟୁରୋ): କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ରବିବାର ଏକ କବିତା ଆସର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକା ଡ. ସୁଷମା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ତଥା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ହୁସେନ ରବି ଗାନ୍ଧୀ ଯୋଗଦେଇ ନୂତନ ପିଢ଼ିକୁ କେତେକ ପରାମର୍ଶ ଦେଇଥିଲେ। ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର, କବି ପ୍ରଦୀପ୍ତ କୁମାର ସାହୁ, ମମତା ବାରିକ, ଡ. ଶଶୀଭୂଷଣ ମହାପାତ୍ର, ସାବିତ୍ରୀ ସାମନ୍ତରାୟ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରି ଥିଲେ। ଶିକ୍ଷା ପରାମର୍ଶ ଦାତା ଜ୍ଞାନଚାନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ମେଡିଆ ପକ୍ଷରୁ ପ୍ରେମ୍ ଆନନ୍ଦ ଗଜଲ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଆଜି ପ୍ରେମ ଆନନ୍ଦ ଗଜଲ ସନ୍ଧ୍ୟା

## ଯୋଗଦେବେ ବଲିଉଡ୍ ଗୀତିକାର ସମୀର ଅଞ୍ଜାନ

ଭୁବନେଶ୍ୱର, ୯।୧ (ବ୍ୟୁରୋ): ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ଲିଖିତ ତଥା ନିର୍ଦ୍ଦେଶିତ ୮ଟି ମନଛୁଆଁ ଗଜଲଧର୍ମୀ ସଙ୍ଗୀତକୁ ନେଇ ଓଡ଼ିଆ ମିଡିଆ ପକ୍ଷରୁ ସୋମବାର ଅନୁଷ୍ଠିତ ହେବ 'ପ୍ରେମ ଆନନ୍ଦ ଗଜଲ ସନ୍ଧ୍ୟା'। ରବୀନ୍ଦ୍ର ମଣ୍ଡପ ପରିସରରେ ହେବାକୁ ଥିବା ଏହି ଉତ୍ସବରେ ହିନ୍ଦୀ ସିନେମା ଜଗତର ଜଣାଶୁଣା ଗୀତିକାର ସମୀର ଅଞ୍ଜାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି ଓଡ଼ିଆ ମିଡିଆର ନିର୍ଦ୍ଦେଶକ ତଥା କଥାକାର ଶୁଭ୍ରାଂଶୁ ପଣ୍ଡା ସୂଚନା ଦେଇଛନ୍ତି। ସିନେମା ସମେତ ଅପେରା, ଆଲବମ୍, ଭଜନ ଓ ବିଜ୍ଞାପନ ଦୁନିଆରେ ନିଜର ନିଆରା ନିପୁଣତା ଦେଖାଇଥିବା ପ୍ରେମ ଆନନ୍ଦ ପ୍ରଥମଥର ପାଇଁ ଗଜଲ ଶୈଳୀରେ ଓ ଗୀତକୁ ନେଇ 'ଅନ୍ତଃସ୍ୱର' ଶୀର୍ଷକ ଏକ ଆଲବମ୍ ପ୍ରସ୍ତୁତ କରୁଛନ୍ତି। କାର୍ଯ୍ୟକ୍ରମରେ ଏହି ଆଲବମ୍ ଗୀତ ସବୁକୁ ରାଜ୍ୟର ପ୍ରସିଦ୍ଧ କଣ୍ଠଶିଳ୍ପୀ ଦୀପ୍ତିରେଖା, ସୌରଭ, ସମୀକ୍ଷା, ଅରୋଶିଷ, ଅଭିଜିତ, ଶଶାଙ୍କ ଶେଖର, ଶ୍ରୀଚରଣ ଓ ବିଶ୍ୱଜିତ ପରିବେଷଣ କରିବେ। କାର୍ଯ୍ୟକ୍ରମକୁ ଗୀତିକାର ବିଜୟ ମଲ୍ଲ ପରିଚାଳନା କରିବେ। ଅତିଥି ଭାବେ ନାଲ୍କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଜୟ ଭାରତ ସ୍ପାଇସେସ୍ ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡା ଓ ଟିମ ଆଡ୍‌ମାର୍କ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ଉପସ୍ଥିତ ରହିବେ। କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନ ପୂର୍ବକ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ଶୁଭ୍ରାଂଶୁ କହିଛନ୍ତି।

## ଜାତୀୟ ଜ୍ୟୋତିଷ ସମ୍ମିଳନୀ

ଭୁବନେଶ୍ୱର,୯।୧(ବ୍ୟୁରୋ): ଇଣ୍ଡିଆନ ବାସ୍ତୁ ଆଣ୍ଡ୍ ଆଷ୍ଟ୍ରୋଲୋଜି ରିସର୍ଚ୍ଚ ସେଣ୍ଟର(ଆଇଭିଏଆର୍‌ସି) ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଦୁଇଦିନିଆ ଜାତୀୟ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର କୋଣ ଅନୁକୋଣରୁ ଜ୍ୟୋତିଷ ଓ ପଣ୍ଡିତମାନେ ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ପୀୟୂଷ ପିପାସୁ ଦାସ, ଡ. ଅଶ୍ୱଜିତ ଧଳ, ପ୍ରଫେସର ଡ. ହୃଦାନନ୍ଦ ବଳ ପରିଚାଳନା କରିଥିଲେ।

## ନାରୀ ହିଁ କବିତା କଳାର ସମ୍ରାଜ୍ଞୀ

ବାଲିପାଟଣା,୯।୧(ଡି.ଏନ୍.ଏ.): କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଫନୀ ମହାନ୍ତିଙ୍କ ପୁସ୍ତକ 'କାବ୍ୟଚର୍ଚ୍ଚା' ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ(ଓୟୁଜେ) ସଭା ଭବନରେ ରବିବାର ଉନ୍ମୋଚିତ ହୋଇଯାଇଛି। ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଅତିଥିଭାବେ ଯୋଗଦେଇ କହିଥିଲେ, କବି ଫନୀ ମହାନ୍ତି କବିତାରେ ନାରୀଙ୍କୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ କବିତାରେ ନାରୀ କଳାର ସମ୍ରାଜ୍ଞୀ। ସେହିପରି ସାହିତ୍ୟିକ ହରିଶ୍ଚନ୍ଦ୍ର ବେହେରା କହିଥିଲେ, କାବ୍ୟଚର୍ଚ୍ଚାରେ କବିତା ସମାଜକୁ ସ୍ୱତନ୍ତ୍ର ବାର୍ତ୍ତା ପ୍ରଦାନ କରିଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ଡ. ଚିତ୍ତରଞ୍ଜନ ଭୋଇ, ଇଞ୍ଜିନିୟର ସରୋଜ ମହାପାତ୍ର, ପ୍ରକାଶକ ସେକ୍ ସୁମନ ମତବ୍ୟକ୍ତ କରିଥିଲେ। ଡ. ଗୀତାଶ୍ରୀ ପ୍ରିୟମ୍ବଦା ସଭା ସଞ୍ଚାଳନ କରିଥିଲେ। କବି ବିପିନ ମହାନ୍ତି ସହଯୋଗ କରିଥିଲେ।

# ଏତଲା ପରେ ଛାତ୍ରନେତାଙ୍କୁ ଉଠାଇ ନେଲା ପୋଲିସ

ଭୁବନେଶ୍ୱର,୯।୧(ବ୍ୟୁରୋ)

କଂଗ୍ରେସ ଭବନ ପରିସରରେ ଶନିବାର ହୋଇଥିବା ଗଣ୍ଡଗୋଳ ଘଟଣାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ରବିବାର କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏତଲା ପରେ ଶହୀଦନଗର ଓ କ୍ୟାପିଟାଲ ଥାନା ପୋଲିସ ମିଳିତ ଚଢ଼ାଉ କରି ଜଣେ ଛାତ୍ର ନେତା ଓ ତାଙ୍କ ସହଯୋଗୀଙ୍କୁ ଉଠାଇ ନେଇଛି। ସେ ହେଲେ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଇତିଶ ପ୍ରଧାନ। ତାଙ୍କୁ କ୍ୟାପିଟାଲ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ କଂଗ୍ରେସ ଭବନ ପରିସରରେ ଗଣ୍ଡଗୋଳ ଘଟିଥିଲା। ଭଙ୍ଗାରୁଜା ସହ ଆକ୍ରମଣରେ ଜଣେ ଖବରଦାତା ଓ କେତେଜଣ କଂଗ୍ରେସ କର୍ମୀ ଆହତ ହୋଇଥିଲେ। ପରେ



ଏତଲା ଦେବାକୁ ଆସୁଥିବା ଛାତ୍ର କଂଗ୍ରେସ ନେତା ଓ କର୍ମୀ।

ବିଳମ୍ବିତ ରାତିରେ କଂଗ୍ରେସ ଭବନ ଝରକାରେ ନିଆଁ ଲାଗିଯାଇଥିଲା। ପେଟ୍ରୋଲ ବୋମା ମାଡ଼ ଯୋଗୁ ଏପରି ଘଟିଥିବା ଚର୍ଚ୍ଚା ହୋଇଥିଲା। ପୋଲିସ ପହଞ୍ଚି ଘଟଣାସ୍ଥଳରୁ ପେଟ୍ରୋଲ ଥିବା ଏକ ପ୍ଲାଷ୍ଟିକ ବୋତଲକୁ ଜବତ କରିଥିଲା। ତେବେ ଏସବୁ ଇତିଶଙ୍କ ଗୋଷ୍ଠୀର ହାତ ଥିବା ସନ୍ଦେହ କରୁଛି ଛାତ୍ର କଂଗ୍ରେସ। ରବିବାର ଏତଲା ପରେ କ୍ୟାପିଟାଲ ଥାନା ପୋଲିସ ଇତିଶଙ୍କୁ ଥାନାକୁ ଡାକିଥିଲା। ହେଲେ ରାତି ପ୍ରାୟ ସାଢ଼େ ୭ଟାବେଳେ ସେ ଓ ତାଙ୍କ ଗୋଷ୍ଠୀ ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବସିଥିବାବେଳେ ଶହୀଦନଗର ପୋଲିସ ସହାୟତାରେ କ୍ୟାପିଟାଲ ଥାନା ପୋଲିସ ସେମାନଙ୍କୁ ଧରି ନେଇଥିଲା।

### କଂଗ୍ରେସ ଭବନ ଗଣ୍ଡଗୋଳ ଘଟଣା

ଏ ସମ୍ପର୍କରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, କଂଗ୍ରେସ ଭବନ ପରିସର ଗଣ୍ଡଗୋଳକୁ ନେଇ ଥାନାରେ ଏତଲା ଦେଇଥିଲୁ। ଯାହାଙ୍କ ନାମରେ ଅଭିଯୋଗ ହୋଇଛି, ପୋଲିସ ସେମାନଙ୍କୁ ଉଠାଇ ନେଇଥିବା ସୂଚନା ପାଉଛୁ। ଇତିଶ ପ୍ରଧାନ କଂଗ୍ରେସରେ ନ ଥାଇ ମଧ୍ୟ ସେ ତା'ର ଗୋଷ୍ଠୀ ସହ କଂଗ୍ରେସ ଭବନକୁ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ପୂର୍ବରୁ ମଧ୍ୟ ଏଭଳି ବିଶୃଙ୍ଖଳା ନେଇ ପୋଲିସକୁ ଅବଗତ କରାଯାଇଥିଲା। ଅନ୍ୟପକ୍ଷରେ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ଇତିଶଙ୍କ ମତାମତ ମିଳିପାରି ନାହିଁ।


ପୁରୀର ସତ୍ୟକାମୀ ଯୁବ ନାଟ୍ୟ ଚେତନା ପକ୍ଷରୁ ଶୀତ ଉତ୍ସବ ଅବସରରେ ରବିବାର ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ 'କ୍ୟାନ୍‌ସର'ର ଏକ ଦୃଶ୍ୟ।

## ଓପିଏସ୍‌ସି ଲିଖିତ ପରୀକ୍ଷା ବାତିଲ ପାଇଁ ଦାବି

ଭୁବନେଶ୍ୱର, ୯।୧(ବ୍ୟୁରୋ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଲିଖିତ ପରୀକ୍ଷା ଆସନ୍ତା ୨୦ ତାରିଖରୁ ଆରମ୍ଭ ହେଇ ଫେବୃୟାରୀ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଭିଡ୍ ସ୍ଥିତି ପାଇଁ ଏହି ପରୀକ୍ଷାକୁ ବାତିଲ କରିବାକୁ ଏବିଭିପି ପକ୍ଷରୁ ଦାବି କରାଯାଇଛି। ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ କୋଭିଡ୍‌ର ଯେଉଁଭଳି ସ୍ଥିତି ରହିଛି, ତାହାକୁ ଦେଖିଲେ ଆଗକୁ ଆହୁରି ଖରାପ ହେବ ବୋଲି ଆକଳନ କରାଯାଉଛି। ସବୁ ଶିକ୍ଷାନୁଷ୍ଠାନକୁ ରାଜ୍ୟ ସରକାର ବନ୍ଦ କରି ଦେଇଥିବାବେଳେ ଓପିଏସ୍‌ସି ଏ ପର୍ଯ୍ୟନ୍ତ ପ୍ରବେଶିକା ପତ୍ର ବାହାର କରୁଛି ନା ଆଭିମୁଖ୍ୟ ସ୍ପଷ୍ଟ କରୁଛି। ତେଣୁ ଛାତ୍ରୀଛାତ୍ରମାନେ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ରାଜ୍ୟ ସରକାର ଓପିଏସ୍‌ସି ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ତରବରିଆ ଭାବେ ନ କରି ଓଡ଼ିଶାର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି କୋଭିଡ୍ ସ୍ଥିତିରେ ସୁଧାର ଆସିଲେ ପୁନଃ ପରୀକ୍ଷା କରିବାକୁ ଯୋଜନା କରନ୍ତୁ ବୋଲି ସେ କହିଛନ୍ତି।

## ଓଡ଼ିଶାରେ ଜୈବିକଶକ୍ତି କେନ୍ଦ୍ର ପ୍ରତିଷ୍ଠା ହେବା ଆବଶ୍ୟକ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

### ଓଡ଼ିଶା ପରିବେଶ ସମିତି ପକ୍ଷରୁ ୱେବିନାର

ଶିଳ୍ପବିପ୍ଳବ ପରଠାରୁ ଆଜି ପର୍ଯ୍ୟନ୍ତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଭଳି ଜୀବାଶ୍ମ ଇନ୍ଧନ ଶକ୍ତିର ପ୍ରମୁଖ ଉତ୍ସ ରୂପେ କୋଇଲା ଉଭା ହୋଇଛି। ଏହା ବିଭିନ୍ନ କ୍ଷେତ୍ରରେ ଆମର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ପାଇଁ ମୁଖ୍ୟ ଭୂମିକା ନିର୍ବାହ କରୁଛି। ବର୍ତ୍ତମାନ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏଥିମଧ୍ୟରେ ସୌର ଶକ୍ତି, ପବନ ଶକ୍ତି, ଜୈବଇନ୍ଧନ, ଆଣବିକ ଏବଂ ଭୂତାପଜ ଶକ୍ତି ଅନ୍ତର୍ଭୁକ୍ତ, ଯାହାକି ପ୍ରାକୃତିକ ଭାବରେ ପରିପୂର୍ଣ୍ଣ ଏବଂ ଅବଧିରେ ପ୍ରାୟତଃ ଅକ୍ଷୟ। ଜୈବ ଡିଜେଲ ଏବଂ ଜୈବ ଇଥାନଲ ପରି ଜୈବଇନ୍ଧନ ସବୁର ଅଧିକ ଉନ୍ନତି ସାଧନ ଏବଂ ଲୋକପ୍ରିୟତା ପାଇଁ ଉଭୟ ସରକାରୀ ତଥା ଗୋଷ୍ଠୀ ସ୍ତରରେ ପ୍ରୟାସ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶା ପରିବେଶ ସମିତି (ଓଇଏସ) ପକ୍ଷରୁ 'ବିକଳ୍ପ ଶକ୍ତି ଉତ୍ସ ରୂପେ ଜୈବଇନ୍ଧନ' ବିଷୟବସ୍ତୁ ଉପରେ ଆୟୋଜିତ ଏକ ୱେବିନାର ଅନୁଷ୍ଠିତ ହୋଇଥିଲା। ନୂଆଦିଲ୍ଲୀ ଶକ୍ତି ଏବଂ ସମ୍ବଳ ପ୍ରତିଷ୍ଠାନ (ଟେରି)ର ଅଣୁଜୀବ ଜୈବଇନ୍ଧନ ଏବଂ ବାୟୋକେମିକାଲ୍ସ ଗ୍ରୁପ୍‌ର ବରିଷ୍ଠ ଫେଲୋ ତଥା କ୍ଷେତ୍ର ଆବାହକ ଡ. ସଞ୍ଜୁକ୍ତା ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଗବେଷଣା ନିମନ୍ତେ ଏକ ଜୈବିକଶକ୍ତି କେନ୍ଦ୍ର ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଆଖୁ, ଗହମ, ମକା, ଖାଇବା ତେଲ ମଞ୍ଜି ଓ ତେଲ ଏବଂ ଅନ୍ୟାନ୍ୟ ଫସଲ ଭଳି ଜୈବଇନ୍ଧନଯୁକ୍ତ ଫସଲ ଚାଷକୁ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଓଇଏସ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଶାସକ ବିବେକ ପଟ୍ଟନାୟକ, ପୂର୍ବତନ ପିସିସିଏଫ ଡ. ବିଜୟ କେତନ ପଟ୍ଟନାୟକ, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ପ୍ରଫେସର କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଆଲୋଚ୍ୟ ବିଷୟର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଓଇଏସ୍ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ, ଉପସଭାପତି ଡ. ଲାଲା ଏ.କେ. ସିଂହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟର ବୈଜ୍ଞାନିକ ଦେବୀ ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

## ଇଞ୍ଜଣାରେ ସଙ୍କୀର୍ତ୍ତନ ମହୋତ୍ସବ

ବାରଙ୍ଗ,୯।୧(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ଇଞ୍ଜଣା ପଞ୍ଚାୟତର ଇଞ୍ଜଣା ଗ୍ରାମ ଦୁଲାଦେଈ ମନ୍ଦିର ପରିସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ୫୨ମଣ୍ଡଳ ପକ୍ଷରୁ ସଙ୍କୀର୍ତ୍ତନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଇଞ୍ଜଣା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ଦିନିକିଆ ମହୋତ୍ସବରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମବାସୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ମହୋତ୍ସବରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଗ୍ରାମ କମିଟି ସଭାପତି ଉଦ୍ଧବ ସାମଲ, ୫୨ମଣ୍ଡଳ ଅଧିକାରୀ ବିଷ୍ଣୁଚରଣ ପରିଡା, ଅର୍ଜୁନ ପରିଡା, ପ୍ରଦୀପ ଦାସ, ଶରତ ବେହେରା, ସଞ୍ଜୟ କୁମାର ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମବାସୀଙ୍କ ସହ ଆଖପାଖ ଗ୍ରାମର ମୁରବିମାନେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

## କନ୍ୟାର ଯତ୍ନ, ମା'କୁ ସମ୍ମାନ ଦେଲେ ଦେଶ ଆଗେଇବ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଆଜାଦିକା ଅମୃତ ମହୋତ୍ସବ ଅବସରରେ ବୀଣାପାଣି ନାଟ୍ୟ ସଂସ୍ଥା ପକ୍ଷରୁ ରବିବାର ସୂଚନା ଭବନରେ 'ମା'କୁ ସମ୍ମାନ ଦେଶକୁ ସମ୍ମାନ' ସମାରୋହ ଅନୁଷ୍ଠିତ ହୋଇଯାଇଛି। କନ୍ୟାର ଯତ୍ନ ନେବା ସହ ମା'କୁ ସମ୍ମାନ ଦେଲେ ଆମ ଦେଶ ଆଗେଇବ। ଏଥିପାଇଁ ସବୁ ବର୍ଗର ଲୋକ ଆଗେଇ ଆସିବା ଉଚିତ ବୋଲି ଅତିଥିମାନେ ମତ ରଖିଛନ୍ତି। ନାଟ୍ୟ ସଂସ୍ଥାର ସମ୍ପାଦକ କଳାକାର ବିଚିତ୍ର ମଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ କମଳାକାନ୍ତ କର, ଡ. ବିପିନ ମିଶ୍ର, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ସଭାପତି ସୁକାନ୍ତି ମିଶ୍ର, ଲୟର୍ସ ଗ୍ରୁପ୍‌ର ଆବାହକ ଲିଙ୍ଗରାଜ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଡ. ବୁଦ୍ଧଦେବ ବେହେରା ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ 'କନ୍ୟା ରତନ କର ଯତନ' ସ୍ମରଣିକା ଉନ୍ମୋଚିତ ହେବା ସହ ଏକ ପ୍ରଦର୍ଶନୀ କରାଯାଇଥିଲା। କନ୍ୟା ରତ୍ନଙ୍କ ଚିନ୍ତା, ବ୍ୟଥା, ଓ କୃତିତ୍ୱର ବାର୍ତ୍ତାକୁ ନେଇ 'ସେଭ୍ ଗର୍ଲ ସେଭ୍ ଇଣ୍ଡିଆ' ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିସହ ଚିତ୍ର, ନୃତ୍ୟ, ସଂଗୀତ, ଅଭିନୟ ଓ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ କଳ୍ପନା


@ ଦେବାଶିଷ


@ ଯାଜ୍ଞସେନୀ


@ ଶକୁନ୍ତଳା


@ କୈଳାସ


@ ଓମ୍‌ଶକ୍ତି

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ବୈଠକ

ଭୁବନେଶ୍ୱର,୯।୧

ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଏବଂ ୟୁଏନ୍‌ଡିପି ସହଯୋଗରେ କ୍ୟାମ୍ପସ ପରିସରରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା' ଉପରେ ହିତାଧିକାରୀ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପୃକ୍ତ ହିତାଧିକାରୀଙ୍କଠାରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଥିବା ଆହ୍ୱାନ ଏବଂ ସୁଯୋଗ ବିଷୟରେ ବୁଝିବା ଏବଂ ଜାଣିବା ପାଇଁ ଏହା ୟୁଏନ୍‌ଡିପି ଏବଂ ସିୟୁଟିଏମ୍‌ର ମିଳିତ ଉଦ୍ୟୋଗରେ କରାଯାଉଛି। ଏକୀକୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ସିଷ୍ଟମ ଚିନ୍ତାଧାରା ସୃଷ୍ଟି କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ, ଯେଉଁଠାରେ ହିତାଧିକାରୀମାନେ ସରକାରୀ, ବ୍ୟବସାୟ, ଲୋକ, କମ୍ପାନୀ ଇତ୍ୟାଦି ପରସ୍ପର ସହ ଜଡିତ ରହି ଏବଂ ଏହା ଶିଳ୍ପ ଓ ମୂଲ୍ୟ ଶୃଙ୍ଖଳା ନେଟୱର୍କରେ ପ୍ରତିଯୋଗୀ ସହଯୋଗକୁ ସକ୍ଷମ ହେବ। ସମ୍ମିଳନୀରେ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି, ପ୍ରତ୍ୟେକ ସ୍ତରରେ ନିଷ୍ପତ୍ତି ନେଉଥିବା ବ୍ୟକ୍ତି ଅନ୍ତର୍ଜାତୀୟ, ଜାତୀୟ, ପୌରପାଳିକା, ସହର ଏବଂ ଜିଲା ସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ଉଦ୍ୟମ କରିବା ଆବଶ୍ୟକ। ଡାକ୍ତରୀ ଏବଂ ଘରୋଇ ଉତ୍ସକୁ ପ୍ରକୃତରେ ପ୍ରାଥମିକତା ଦେଇ ଏହି ସମ୍ଭାବ୍ୟ ବିପଜ୍ଜନକ ବର୍ଜ୍ୟବସ୍ତୁରୁ ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ପ୍ରଭାବର ସର୍ବନିମ୍ନତାକୁ ନିଶ୍ଚିତ ଆବଶ୍ୟକ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ କୀର୍ତ୍ତିମାନ ଷଡ଼ଙ୍ଗୀ, ଜଟଣୀ ପୌରପାଳିକାରୁ ଦିଲୀପ କୁମାର ମହାନ୍ତି, ଯାଜପୁର ପୌରପାଳିକାରୁ ଶିପ୍ରା ସାକ୍ସେନା ଏବଂ ନରେନ୍ଦ୍ର ଚୌହାନ, ୟୁନିସେଫରୁ ଦାମୋଦର ଜେନା, କିଟ୍‌ରୁ ପେପିନ୍, ଏକ୍ସଆଇଏମ୍‌ବିରୁ ସରୋଜ ମାନିଆ, ଆରଏସିରୁ ଅଞ୍ଜାନ ଜେନା, କୋର୍‌ରୁ ସୁଶାନ୍ତ ତ୍ରିପାଠୀ ଏବଂ ଓଡିଏମ୍‌ପିରୁ ପ୍ରତାପ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ଗ୍ରାମବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।



ଭୁବନେଶ୍ୱରସ୍ଥିତ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଭା ଭବନରେ ରବିବାର କବି ଫନୀ ମହାନ୍ତିଙ୍କ ଗ୍ରନ୍ଥ 'କାବ୍ୟଚର୍ଚ୍ଚା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ବୀଣାପାଣି ନାଟ୍ୟ ସଂସ୍ଥା ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଆୟୋଜିତ 'ମାକୁ ସମ୍ମାନ ଦେଶକୁ ସମ୍ମାନ' ସମାରୋହରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା' ସଂକ୍ରାନ୍ତ ହିତାଧିକାରୀ ପରାମର୍ଶ ବୈଠକରେ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଓ ଅନ୍ୟ ଅତିଥି।

## ଆଜି କ'ଣ କେଉଁଠି

କଟକ

- ୫୨ନଂ.ୱାର୍ଡ ଗୋଷ୍ଠୀକେନ୍ଦ୍ର ସମସ୍ୟାକୁ ନେଇ ମୋ କଟକ ସୁରକ୍ଷା ମଞ୍ଚର ପ୍ରତିନିଧି ଦଳ ସିଏମ୍‌ସି କମିଶନରଙ୍କୁ ଭେଟିବେ, ସିଏମ୍‌ସି କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା ୩୦।

## ଭର୍ଚୁଆଲ ଶୁଣାଣି ପାଇଁ ବିଭିନ୍ନ ଓକିଲ ସଂଘର ନିବେଦନ

**କଟକ ଅଫିସ,୯।୧:** କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି କୋର୍ଟରେ କେବଳ ଭର୍ଚୁଆଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡିକର ଶୁଣାଣି କରାଯାଉ। ଏନେଇ ନିର୍ଦ୍ଦେଶ ଦିଆଯିବାକୁ ଗତ ୭ ତାରିଖରେ କଟକ ବାର୍ ଆସୋସିଏଶନ, କ୍ରିମିନାଲ କୋର୍ଟ ବାର୍, ଏମ୍‌ଭି ଲୟର୍ସ ଆସୋସିଏଶନ ଓ ବୋର୍ଡ ଅଫ ରେଭେନ୍ୟୁ ବାର୍ ଆସୋସିଏଶନ ପକ୍ଷରୁ ରିଜୋଲ୍ୟୁସନ କରାଯାଇଛି। କୋଭିଡ୍ ସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ଭର୍ଚୁଆଲ ଶୁଣାଣି କରାଯିବା ପାଇଁ ଜିଲା ଓ ସେସନ ଜଜ୍‌ଙ୍କୁ ନିବେଦନ କରାଯାଇଛି। ସୋମବାର ଜିଲା ଜଜ୍‌ଙ୍କ ପକ୍ଷରୁ ଏ ସମ୍ପର୍କରେ ଜଣାପଡିବ ବୋଲି କଟକ ବାର୍ ଆସୋସିଏଶନ ସମ୍ପାଦକ ବିଶ୍ୱଜିତ ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସୋମବାରଠାରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟରେ ଭର୍ଚୁଆଲ ଶୁଣାଣି ହେବ। ହାଇକୋର୍ଟଙ୍କ କାର୍ଯ୍ୟାଳୟ ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ ବୋଲି ଜଣାପଡିଛି।

## ଚକ୍ଷୁ ଚିକିତ୍ସା ଶିବିର

**ତିଗିରିଆ,୯।୧( ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ କୁମ୍ଭୀପୁଟଠାରେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସ୍ମୃତିରେ ରବିବାର ତାଙ୍କ ବାସଭବନରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀସ୍ଥିତ ରୋଶନ ଆଇକେୟାର ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ୧୦୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସନ୍ତୋଷ ସିଂ ସାମନ୍ତ, ପ୍ରଭାତ କୁମାର ବେହେରା, ରମାକାନ୍ତ ବେହେରା, ମାନସ ରଞ୍ଜନ ଦାଶ ଓ ରଜତ କୁମାର ଦାଶ ଶିବିର ପରିଚାଳନା କରିଥିଲେ।

## ବିଜେଡି କର୍ମୀ ସମ୍ମିଳନୀ

**କଣ୍ଟାପଡା,୯।୧(ଡି.ଏନ୍.ଏ.):** ଆସନ୍ତା ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କଣ୍ଟାପଡା ବ୍ଲକ ଅଧୀନ ବ୍ରାହ୍ମଣବାଟୀ ପଞ୍ଚାୟତ ବିଜେଡି ପକ୍ଷରୁ ସ୍ଥାନୀୟ ଯାତ୍ରାପଡିଆରେ ରବିବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୋଲେଖ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ପଞ୍ଚାୟତ ନିର୍ବାଚନରେ ସମିତିସଭ୍ୟ ପାଇଁ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ହେଲେ ସରପଞ୍ଚ ପଦବୀ ପାଇଁ ଏକାଧିକ ଦାବିଦାର ଥିବାରୁ କାହାରି ନାମ ଘୋଷଣା ନ କରିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହି ସମ୍ମିଳନୀରେ କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ଆମ୍ବାର ଅଧକ୍ଷ ନକୁଳ ରାଉତ, ଜିଲା ବିଜେଡି ଉପସଭାପତି ବଳରାମ ପାତ୍ର, ବିରଞ୍ଚି ସୁପକାର, ନାରୀନେତ୍ରୀ ସରଳା ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

## ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ଚୌଦ୍ୱାର,୯।୧(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁର ବେରେଣା ଗ୍ରାମସ୍ଥିତ ଡମଡମଣୀ ପୀଠରେ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଚାରବାଟିଆ ହାଉସିଂବୋର୍ଡସ୍ଥିତ ଗାୟତ୍ରୀ ପରିବାରର ସଦସ୍ୟମାନେ ଉକ୍ତ ପୀଠରୁ ପ୍ଲାଷ୍ଟିକ ଓ ଜରି ସଂଗ୍ରହ କରି ପୋଡିଥିଲେ। ଏଥିସହ ପୀଠକୁ ଆସିଥିବା ପର୍ଯ୍ୟଟକଙ୍କୁ ପ୍ଲାଷ୍ଟିକ୍ ବର୍ଜନ ସମ୍ପର୍କରେ ସଚେତନ କରିଥିଲେ। ଏଥିରେ ସଭାପତି ନିରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମୁରଲୀଧର ବରାଳ, କବିତା ବେହେରା, ସରିତା ନାୟକ, ଦୁର୍ଗା ଅଗ୍ରୱାଲ, ମୀନାକ୍ଷୀ ରାଉତରାୟ, ଜୟନ୍ତ ପାତ୍ର,ରବୀନ୍ଦ୍ର ରାଉତ, ଈପ୍‌ସିତା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ସଂଶୋଧନକୁ ବିରୋଧ

**ପୁରୀ ଅଫିସ,୯।୧**

ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ରାଜସ୍ୱ ବିଭାଗ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନରେ ଆଇନ ବିଭାଗ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୫୪ ଧାରା ୧୬(୨) ସଂଶୋଧନ ଉପରେ ଆଲୋଚନା ହେବ। ତେବେ ୧୯୫୪ ଧାରା ୧୬(୨) ସଂଶୋଧନକୁ ନେଇ ସାଧାରଣରେ ବିରୋଧ ଆରମ୍ଭ ହେଲାଣି। ଏହି ଅଧିନିୟମର ସଂଶୋଧନ ଆବଶ୍ୟକ ନାହିଁ ଓ ଏହାର ସଂଶୋଧନ ହେଲେ ପରିଚାଳନା କମିଟିର ଗୁରୁତ୍ୱ ଶେଷ ହୋଇଯିବ ବୋଲି ଅନେକେ ମତ ଦେଉଛନ୍ତି।

ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଧାରା ୧୬(୨) ଅନୁଯାୟୀ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ଜଗନ୍ନାଥ ମହାପ୍ରଭୁଙ୍କ

### ଧାରା ୧୬ (୨)କୁ ନେଇ ବିବାଦ

ସମ୍ପତ୍ତି ବିକ୍ରି, ବନ୍ଧକ କିମ୍ବା ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲିଜ୍‌ରେ ଦିଆଯାଇପାରିବ ନାହିଁ। ମାତ୍ର ସରକାର ଏହାକୁ ସଂଶୋଧନ କରି ପ୍ରଶାସନିକ ଅଧିକାରୀଙ୍କୁ ସର୍ବସ୍ୱ କ୍ଷମତା ଦେବାକୁ ଚାହୁଁଛନ୍ତି। ତେବେ ଏଥିଲାଗି ୧୯୬୦ ରୁଲ୍ ୧୧କୁ ମଧ୍ୟ ପରିବର୍ତ୍ତନ କରିବାକୁ ପଡ଼ିବ। ରୁଲ୍ ୧୧ ଅନୁଯାୟୀ, ଶ୍ରୀମନ୍ଦିର ସମ୍ପତ୍ତି ବିକ୍ରି, ବନ୍ଧକ କିମ୍ବା ଲିଜ୍ ପାଇଁ ପରିଚାଳନା କମିଟିର ଅନୁମୋଦନ ଆବଶ୍ୟକତା ପଡ଼ିଥାଏ। ପୂର୍ବରୁ ଶ୍ରୀମନ୍ଦିର ସମ୍ପତ୍ତିର ବିକ୍ରିବଟା କିମ୍ବା ଲିଜ୍ ପାଇଁ ପରିଚାଳନା କମିଟିର ଅନୁମୋଦନ ହୋଇ କାର୍ଯ୍ୟ କରାଯାଇଛି। ୧୬(୨)କୁ ସଂଶୋଧନ ନ କରି ମଧ୍ୟ ୨-୩ ବର୍ଷ ମଧ୍ୟରେ ୫ଶହ ଏକର ସ୍ଥାନ ବିକ୍ରି ହୋଇଛି। ପରିଚାଳନା କମିଟି ଶୃଙ୍ଖଳିତ ଭାବେ ଅନୁମୋଦନ କରି ଆଇନ ବିଭାଗର ଅନୁମତି କ୍ରମେ ମହାପ୍ରଭୁଙ୍କ ସମ୍ପତ୍ତି ବିକ୍ରି କରିଛନ୍ତି। ତେବେ ବର୍ତ୍ତମାନ ସରକାର ଏକଚାଟିଆ ଭାବେ ପରିଚାଳନା କମିଟିର କ୍ଷମତାକୁ କମାଇ ପ୍ରଶାସନିକ ଅଧିକାରୀଙ୍କୁ ବିକ୍ରିବଟା ଦାୟିତ୍ୱ ଦେବାର ଆବଶ୍ୟକତା କ'ଣ ବୋଲି ବରାଳ ପ୍ରଶ୍ନ କରିଛନ୍ତି। ଏଭଳି ହେବା ଦ୍ୱାରା ପରିଚାଳନା କମିଟିର ଗୁରୁତ୍ୱ କମିବ ଓ ପ୍ରଶାସନିକ ଅଧିକାରୀମାନେ ଜମିମାଫିଆ ଓ ବିଲ୍ଡରମାନଙ୍କୁ ଜମି ବିକି ଲାଭବାନ ହେବାର ଆଶଙ୍କା ରହୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସମ୍ପତ୍ତିକୁ ନେଇ ଥିବା ଦୁଇ ବଡ଼ ସମସ୍ୟା ଦିଗରେ ଧ୍ୟାନ ନ ଦେଇ ଅଯଥା ୧୬(୨)କୁ ସଂଶୋଧନ କରିବାର ଚେଷ୍ଟା କରାଯାଉଛି ବୋଲି କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା କହିଛନ୍ତି। ସେ କହିଛନ୍ତି, ପୁରୀ ସମେତ ଅନେକ ଜିଲାରେ ଲୋକେ ମହାପ୍ରଭୁଙ୍କ ଜମିରେ ରହୁଥିବା ବେଳେ ଏକ ୟୁନିଫର୍ମ ପଲିସିକୁ ଅପେକ୍ଷା କରିଥିଲେ। ସରକାର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ ଲୋକେ ମହାପ୍ରଭୁଙ୍କ ଜମି ଠିକ ମୂଲ୍ୟ ଦେଇ ନିଜ ନାମକୁ କରାଇପାରିଥାଆନ୍ତେ। ମାତ୍ର ରାଜ୍ୟ ସରକାର ଏ ଦିଗରେ ଧ୍ୟାନ ଦେଇନାହାନ୍ତି। ସେହିଭଳି ମହାପ୍ରଭୁ ଜଗନ୍ନାଥଙ୍କର ୬୦,୪୨୬.୯୪୩ ଏକର ଜମିରୁ ୩୪,୮୭୬.୯୮୩ ଏକର ଜମି ରେକର୍ଡଭୁକ୍ତ ଅଟେ। ନିକଟ ଅତୀତରେ ୩୧୫.୩୩ ଏକର ଜମି ବିକ୍ରି ହୋଇଛି। ଅବଶିଷ୍ଟ ଜମିର ରେକର୍ଡ ଶ୍ରୀମନ୍ଦିର ପ୍ରଶାସନ ପାଖରେ ନାହିଁ। ରାଜ୍ୟ ସରକାର ଏହାକୁ ତୁରନ୍ତ ରେକର୍ଡଭୁକ୍ତ କରି ମହାପ୍ରଭୁଙ୍କ ସମ୍ପତ୍ତିକୁ ସୁରକ୍ଷିତ କରିବା ଦରକାର। ରାଜ୍ୟ ସରକାର ସରଳୀକରଣ କରିବା କଥା କହି ସାଧାରଣ ଲୋକଙ୍କ ଦାବିକୁ ଅଣଦେଖା କରନ୍ତୁ ନାହିଁ କିମ୍ବା ମୁଖ୍ୟ ପ୍ରସଙ୍ଗରୁ ହଟନ୍ତୁ ନାହିଁ ବୋଲି ପଣ୍ଡା ମତବ୍ୟକ୍ତ କରିଛନ୍ତି।



ପୁରୀର ସତ୍ୟକାମୀ ଯୁବ ନାଟ୍ୟ ଚେତନା ପକ୍ଷରୁ ଶୀତ ଉତ୍ସବ ଅବସରରେ ରବିବାର ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ 'କ୍ୟାନ୍‌ସର'ର ଏକ ଦୃଶ୍ୟ।

## ପେଟ୍ରୋଲ ପମ୍ପରୁ ଚୋରି, ଅଭିଯୁକ୍ତ ଗିରଫ

**ଫୁଲନଖରା, ୯।୧ (ଡି.ଏନ.ଏ.)**

କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ବଜାର ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରୁ ଟଙ୍କା ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ବ୍ରହ୍ମପୁର କେ. ନୂଆଗାଁ ଥାନା ଅଧୀନ ଚିଙ୍କିଟି ଗ୍ରାମର ତ୍ରିନାଥ ରାଉତ(୩୭)। ତାଙ୍କଠାରୁ ୧ ଲକ୍ଷ ୧୨ ହଜାର ଟଙ୍କା ଓ ଏକ ମୋବାଇଲ ଫୋନ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ତ୍ରିନାଥ କିଛିଦିନ ହେବ ଏହି ପେଟ୍ରୋଲ ପମ୍ପରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ଗତ ୫ ତାରିଖ ବିଳମ୍ବିତ ରାତିରେ ପେଟ୍ରୋଲ ପମ୍ପ ମାଲିକ ବିଜ୍ଞାନ କୁମାର ସ୍ୱାଇଁଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତ୍ରିନାଥ କ୍ୟାଶବାକ୍ସ ଭାଙ୍ଗି ୨ଲକ୍ଷ ୭୭ ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ସ୍ୱାଇଁ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୯/୨୨) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ସୋନପୁର ଜିଲାରୁ ଗିରଫ କରିଥିଲା।

## ଲାଲ ବାବା ପୀଠ ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

**ନିଶ୍ଚିନ୍ତକୋଇଲି,୯।୧ (ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ କୁଳଗାଁଇଶାଳୋ ଗ୍ରାମରେ ଥିବା ପ୍ରସିଦ୍ଧ ଲାଲ ବାବା ପୀଠର ରୌପ୍ୟ ଜୟନ୍ତୀ ପାଇଁ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଜୟନ୍ତୀ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଲୋଗୋ ଉନ୍ମୋଚିତ ହୋଇଯାଇଛି। ଏହି ପୀଠର ରୌପ୍ୟ ଜୟନ୍ତୀ ଉତ୍ସବ ଏପ୍ରିଲ ୬ ରୁ ଆରମ୍ଭ ହୋଇ୧୪ ତାରିଖରେ ଉଦ୍‌ଯାପିତ ହେବ। ଏନେଇ ଆୟୋଜିତ ସମୀକ୍ଷା ବୈଠକରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ପାଦକ ଅନୁପ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ମନ୍ତ୍ରୀ ଜେନାଙ୍କ ସମେତ ବ୍ଲକ ଅଧ୍ୟକ୍ଷା ସବିତା ଓଝା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଜିଲା ପରିଷଦ ସଭ୍ୟ ସେକ ଜାହିର ମହମ୍ମଦ ଓ ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରୌପ୍ୟ ଜୟନ୍ତୀ ସମ୍ପର୍କରେ ଆଲୋଚନା କରିଥିଲେ। ଜୟନ୍ତୀ ଅବସରରେ ଗଜପତି ମହାରାଜ ଦିବ୍ୟ ସିଂ ଦେବଙ୍କ ଆଗମନ, ସନ୍ଥ ସମ୍ମିଳନୀ ସହ ଓରମାସ ଷ୍ଟଲ ଖୋଲିବା ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସଭାପତି ଗୋପୀନାଥ ପଣ୍ଡା, ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ, ଆଶିଷ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସହରରେ ଉପରମୁହାଁ କରୋନା ଗ୍ରାଫ

**କଟକ ଅଫିସ, ୯।୧**

କଟକ ସହରରେ କରୋନା ଗ୍ରାଫ ଉପରମୁହାଁ ରହିଛି। ଏଠାରେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ବଢିଛି। ଅନ୍ୟପକ୍ଷରେ ଶନିବାର ୨୬୨ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ରବିବାର ତାହା କମିଯାଇ ୨୨୭ରେ ପହଞ୍ଚିଛି। ସହରରେ ସର୍ବାଧିକ ୧୩ ଜଣ ସିଡିଏ ସେକ୍ଟର-୭ ଅଞ୍ଚଳରୁ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୩୯ଜଣ ଇନ୍‌ଷ୍ଟିଚ୍ୟୁଶନ ସଙ୍ଗରୋଧରୁ ରହିଥିବା ବେଳ, ୮୯ ଜଣ ଗୃହ ସଙ୍ଗରୋଧ ଓ ୯୯ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି।

### ବଢୁଛି ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟା

ସେହିପରି ଶୁକ୍ରବାର ୬୯ ଓ ଶନିବାର ୫୯ ଜଣ ସ୍ଥାନୀୟ ସଂକ୍ରମିତ ଥିବା ଜଣାପଡିଛି। ତେବେ ୩ଦିନ ମଧ୍ୟରେ ରବିବାର ସର୍ବାଧିକ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

### ଆଜିଠୁ ବୁଷ୍ଟର ଡୋଜ୍

କରୋନାକୁ ପ୍ରତିରୋଧ କରିବା ପାଇଁ ଟିକାକରଣକୁ ବ୍ୟାପକ କରାଯାଉଛି। ଏହି କ୍ରମରେ ସୋମବାରଠାରୁ ଜିଲାରେ ବୁଷ୍ଟର ଡୋଜ୍ ଟିକା ଦିଆଯିବ। ତେବେ ପ୍ରଥମ ଦିନରେ ପ୍ରାୟ ୫୦୦୦ ଲୋକଙ୍କୁ ବୁଷ୍ଟର ଡୋଜ ଦିଆଯିବ ବୋଲି କୋଭିଡ୍ ନୋଡାଲ ଅଫିସର ଡା. ଉମେଶ ରାୟ ସୂଚନା ଦେଇଛନ୍ତି। ଅନ୍‌ଲାଇନ୍ ଓ ଅଫଲାଇନ୍‌ରେ ରେଜିଷ୍ଟ୍ରେଶନ କରି ଲୋକମାନେ ଟିକା ନେଇପାରିବେ। ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା, ବରିଷ୍ଠ ନାଗରିକମାନଙ୍କୁ ଏହି ଟିକା ଦିଆଯିବ। ଦ୍ୱିତୀୟ ଡୋଜ୍ ନେବାର ୯ ମାସ ପରେ ବୁଷ୍ଟର ଡୋଜ ନେଇପାରିବେ। ଦ୍ୱିତୀୟ ଡୋଜର ସାର୍ଟିଫିକେଟ ଦେଖାଇ ଟିକା ନେବାକୁ କୁହାଯାଇଛି।

# ଠକେଇ: ପୂର୍ବତନ ସହକାରୀ ପରିଚାଳକ ଗିରଫ

**କଟକ ଅଫିସ,୯।୧**

ଠକେଇ ଅଭିଯୋଗରେ ବିଡାନାସୀ ପୋଲିସ ଏସ୍‌ବିଆଇ ଚଣ୍ଡୀଛକ ଶାଖାର ପୂର୍ବତନ ସହକାରୀ ପରିଚାଳକଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଲାଲବାଗ ଥାନା ଅଧୀନ ରାମଗଡ ଅଞ୍ଚଳର ଚନ୍ଦ୍ରଭାନୁ ରାଉତ(୪୨)। ତାଙ୍କଠାରୁ ଗୋଟିଏ କାର୍ ଓ ସ୍କୁଟି ଜବତ କରାଯାଇଛି। ଆଇଆଇସି ପ୍ରଦୀପ୍ତ ନାୟକଙ୍କ ସୂଚନା ଅନୁଯାୟୀ, ଚନ୍ଦ୍ରଭାନୁ ଠକେଇ କରିଥିବା ସମ୍ପର୍କରେ ଏସ୍‌ବିଆଇ ଚଣ୍ଡୀଛକ ଶାଖା ପରିଚାଳିକା ସଙ୍ଗୀତା କ୍ଲିଟସ ବିଡାନାସୀ ଥାନାରେ ୨୦୨୦ ନଭେମ୍ବର ୨୧ରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୫୮/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ଚୌଦ୍ୱାର ଥାନା ଅଧୀନ ମଣ୍ଡାପଡା ଗ୍ରାମର ଗୀତାଞ୍ଜଳି ଦାସଙ୍କର ଗୋଟିଏ ସଞ୍ଚୟ ଖାତା ଓ ୭ ଲକ୍ଷର ଫିକ୍ସଡ ଡିପୋଜିଟ୍ ଓ ତାଙ୍କ ମା'ସୁଦାସିନିଙ୍କର ୭ ଲକ୍ଷର ଫିକ୍ସଡ୍ ଡିପୋଜିଟ୍ ରହିଥିବା ଜାଣିବାକୁ ପାଇଥିଲା। ସେହି ସମୟରେ ଚନ୍ଦ୍ରଭାନୁ ଉକ୍ତ ବ୍ୟାଙ୍କର କର୍ମଚାରୀ ଥିବାବେଳେ ଚତୁରତାର ସୁଦାସିନିଙ୍କ ଫିକ୍ସଡ୍ ଡିପୋଜିଟ୍ ଅର୍ଥ ସହିତ ଗୀତାଞ୍ଜଳିଙ୍କ ଫିକ୍ସଡ ଡିପୋଜିଟ୍ ଓ ମାଚ୍ୟୁରିଟି ବାବଦ ମୋଟ୍ ୧୬ଲକ୍ଷ ୧୫ହଜାର ଟଙ୍କାକୁ ନିଜ ଓ ତାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିନେଇଥିଲେ। ଉକ୍ତ ଟଙ୍କାରେ ଅଭିଯୁକ୍ତ ଗୋଟିଏ କାର ଓ ସ୍କୁଟି କିଣିଥିଲେ ବୋଲି ଆଇଆଇସି ନାୟକ କହିଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ କାର,ସ୍କୁଟି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କଳ୍ପନା



@ ଦେବାଶିଷ



@ ଯାଜ୍ଞସେନୀ



@ ଶକୁନ୍ତଳା



@ କୈଳାସ



@ ଓମ୍‌ଶକ୍ତି

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ବୈଠକ

**ଭୁବନେଶ୍ୱର,୯।୧**

ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଏବଂ ୟୁଏନ୍‌ଡିପି ସହଯୋଗରେ କ୍ୟାମ୍ପସ ପରିସରରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା' ଉପରେ ହିତାଧିକାରୀ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପୃକ୍ତ ହିତାଧିକାରୀଙ୍କଠାରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଥିବା ଆହ୍ୱାନ ଏବଂ ସୁଯୋଗ ବିଷୟରେ ବୁଝିବା ଏବଂ ଜାଣିବା ପାଇଁ ଏହା ୟୁଏନ୍‌ଡିପି ଏବଂ ସିୟୁଟିଏମ୍‌ର ମିଳିତ ଉଦ୍ୟୋଗରେ କରାଯାଉଛି। ଏକୀକୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ସିଷ୍ଟମ ଚିନ୍ତାଧାରା ସୃଷ୍ଟି କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ, ଯେଉଁଠାରେ ହିତାଧିକାରୀମାନେ ସରକାରୀ, ବ୍ୟବସାୟ, ଲୋକ, କମ୍ପାନୀ ଇତ୍ୟାଦି ପରସ୍ପର ସହ ଜଡିତ ରହି ଏବଂ ଏହା ଶିଳ୍ପ ଓ ମୂଲ୍ୟ ଶୃଙ୍ଖଳା ନେଟୱର୍କରେ ପ୍ରତିଯୋଗୀ ସହଯୋଗକୁ ସକ୍ଷମ ହେବ। ସମ୍ମିଳନୀରେ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି, ପ୍ରତ୍ୟେକ ସ୍ତରରେ ନିଷ୍ପତ୍ତି ନେଉଥିବା ବ୍ୟକ୍ତି ଅନ୍ତର୍ଜାତୀୟ, ଜାତୀୟ, ପୌରପାଳିକା, ସହର ଏବଂ ଜିଲା ସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ଉଦ୍ୟମ କରିବା ଆବଶ୍ୟକ। ଡାକ୍ତରୀ ଏବଂ ଘରୋଇ ଉତ୍ସକୁ ପ୍ରକୃତରେ ପ୍ରାଥମିକତା ଦେଇ ଏହି ସମ୍ଭାବ୍ୟ ବିପଜ୍ଜନକ ବର୍ଜ୍ୟବସ୍ତୁରୁ ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ପ୍ରଭାବର ସର୍ବନିମ୍ନତାକୁ ନିଶ୍ଚିତ ଆବଶ୍ୟକ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ କୀର୍ତ୍ତିମାନ ଷଡ଼ଙ୍ଗୀ, ଜଟଣୀ ପୌରପାଳିକାରୁ ଦିଲୀପ କୁମାର ମହାନ୍ତି, ଯାଜପୁର ପୌରପାଳିକାରୁ ଶିପ୍ରା ସାକ୍ସେନା ଏବଂ ନରେନ୍ଦ୍ର ଚୌହାନ, ୟୁନିସେଫରୁ ଦାମୋଦର ଜେନା, କିଟ୍‌ରୁ ପେପିନ୍, ଏକ୍ସଆଇଏମ୍‌ବିରୁ ସରୋଜ ମାନିଆ, ଆରଏସିରୁ ଅଞ୍ଜାନ ଜେନା, କୋର୍‌ରୁ ସୁଶାନ୍ତ ତ୍ରିପାଠୀ ଏବଂ ଓଡିଏମ୍‌ପିରୁ ପ୍ରତାପ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ଗ୍ରାମବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।




ଭୁବନେଶ୍ୱରସ୍ଥିତ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଭା ଭବନରେ ରବିବାର କବି ଫନୀ ମହାନ୍ତିଙ୍କ ଗ୍ରନ୍ଥ 'କାବ୍ୟଚର୍ଚ୍ଚା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।




ବୀଣାପାଣି ନାଟ୍ୟ ସଂସ୍ଥା ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଆୟୋଜିତ 'ମା'କୁ ସମ୍ମାନ ଦେଶକୁ ସମ୍ମାନ' ସମାରୋହରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।




ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା' ସଂକ୍ରାନ୍ତ ହିତାଧିକାରୀ ପରାମର୍ଶ ବୈଠକରେ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଓ ଅନ୍ୟ ଅତିଥି।

## ସଂକ୍ଷେପରେ

### ସତ୍ୟବାଦୀ କଳାମନ୍ଦିରର ବାର୍ଷିକ ଉତ୍ସବ

ତିଗିରିଆ,୯।୧ (ଡି.ଏନ.ଏ.) ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣାସ୍ଥିତ ସତ୍ୟବାଦୀ କଳାମନ୍ଦିରର ୨୭ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଣ୍ଡୁଆ ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ବିଜୟ ମଲ୍ଲ ଓ ସମ୍ମାନିତ ଅତିଥିଭାବେ ଓଡିଶା କଳାକାର ସଂଘ ସମ୍ପାଦକ ଅଜୟ କୁମାର କର ଯୋଗ ଦେଇଥିଲେ। ଉତ୍ସବରେ ଭାଗୀରଥି ନନ୍ଦ ସଭାପତିତ୍ୱ କରିଥିବାବେଳେ ସତ୍ୟବାଦୀ କଳାମନ୍ଦିର ସମ୍ପାଦକ ପ୍ରକାଶ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କଣ୍ଠଶିଳ୍ପୀ ଶୈଳବାଳା ମହାପାତ୍ର, ଅଭିନେତ୍ରୀ ଇଶା ବିବର୍ତ୍ତା, ସଂଳାପକ ବିଜୟ ମଲ୍ଲ ଓ ଗୀତିକାର ବାପୁ ଗୋସ୍ୱାମୀଙ୍କ ସମେତ ସ୍ଥାନୀୟ କଳାକାରଙ୍କୁ ଖଣ୍ଡୁଆ ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ଉତ୍ସବରେ ସତ୍ୟବାଦୀ କଳାମନ୍ଦିରର ଅଧକ୍ଷ ଭାଗୀରଥି ବେହେରା ଏବଂ ଓଡ଼ିଶା ସଂଗୀତ ସଂଘ ସମ୍ପାଦକ ଜିତୁ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପାଗା ଚାମ୍ପିୟନ

କଟକ ସଦର, ୯।୧(ଡି.ଏନ.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର କ୍ରିକେଟ କ୍ଲବ ଆନୁକୂଲ୍ୟରେ ରବିବାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏମ୍‌ସିଏ ପାଗା ଟିମ୍ ଓ ଅଭିପୁର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ଅଭିପୁର କ୍ରିକେଟ କ୍ଲବର ଖେଳାଳିମାନେ ବ୍ୟାଟିଂ କରି ୧୦ ଓଭରରେ ୮୨ ରନ୍ କରିଥିଲେ। ଏହାର ଜବାବରେ ପାଗା ଟିମ୍ ୭ ଓଭରରେ ୫ ଉଇକେଟ୍ ହରାଇ ୮୩ ରନ୍ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସୁଜାତା ସେଠୀ, ପ୍ରଶାନ୍ତ ଦାସ, ପ୍ରମୋଦ କୁମାର ସେଠୀ ଓ ପ୍ରଭାତ କୁମାର ବେହେରା ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। କିଶୋରନଗର କ୍ରିକେଟ କ୍ଲବର ତପସ୍ୱିନ ମଣ୍ଡଳ, ଦେବାଶିଷ ରାଉତ, ଅଙ୍କିତ ସାହୁ, ସତ୍ୟଜିତ୍ ସେଠୀ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।



ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ସାରଳା ଭବନରେ କଟକ ମହୋତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କଳାକାରମାନେ।

# କଟକ ମହୋତ୍ସବ ଉଦ୍‌ଯାପିତ

କଟକ ଅଫିସ, ୯।୧

ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ସାରଳା ଭବନରେ ଅନୁଷ୍ଠିତ ୧୩ତମ କଟକ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଚିତ୍ରା ସୁକୁମାରାନ ଓ ମାୟାରାଣୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କଟକର ଉତ୍କଳ ପାହାଡସିଂହଙ୍କ ଗ୍ରୁପ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ମା' ତାରିଣୀ କଳାକେନ୍ଦ୍ର ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ଅୟୁସି ହାଇଦର, ଆହାନା ନନ୍ଦୀ, ଡୋନା ସିକଦାର, ସିଉଲି ସରକାର, ଆରତି ସରକାର, ସ୍ୱନ୍ଦିତା ଚକ୍ରବର୍ତ୍ତୀ, କନିକା ରାୟ ପ୍ରମୁଖ କଳାକାର ନୃତ୍ୟ ପରିବେଷଣ କରିଥିଲେ। ଅପରପକ୍ଷେ ଶ୍ରୀରାମଙ୍କ ଜନ୍ମ, ବନବାସ ଓ ସୀତା ହରଣକୁ ନେଇ ଏକ ନାଟକ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଡ. ଜୟନ୍ତ ପଣ୍ଡା, ଅନୁରୂପ ରଥ, ଦୀପ୍ତିରଞ୍ଜନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି ପ୍ରତିବାଦରେ ଧାରଣା

କଟକ ଅଫିସ, ୯।୧

ପଞ୍ଜାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷାରେ ତ୍ରୁଟିକୁ ନେଇ ରବିବାର କଟକ ନଗର ଭାଜପା କର୍ମୀମାନେ ସ୍ଥାନୀୟ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ନୀରବ ଧାରଣାରେ ବସିଥିଲେ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ରାଜ୍ୟ ପ୍ରବକ୍ତା ସଜନ ଶର୍ମା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାସ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ସୁକାନ୍ତ ବିଶ୍ୱାଳ, ଲକ୍ଷ୍ମୀଧର ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ବିଶ୍ୱରଞ୍ଜନ ମିଶ୍ର, ବୈଦେଶ୍ୱର ପଣ୍ଡା, ଦେବାଶିଷ ରାୟ ଓ ଜୟକୃଷ୍ଣ ସ୍ୱାଇଁଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ପଛରୁ ଧକ୍କାଦେଲା ଟ୍ରକ୍, ୨ ବାଇକ୍ ଆରୋହୀ ମୃତ

ଭୁବନେଶ୍ୱର,୯।୧(ବ୍ୟୁରୋ)

ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ସମ୍ମୁଖ ଜାତୀୟ ରାଜପଥରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଧକ୍କା ଦେବାରୁ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ନୟାପଲ୍ଲୀ ଥାନା ସାଲିଆସାହି ଅଞ୍ଚଳର ଅର୍ମାନ ଖାନ୍ ଓରଫ ପପୁ ଓ ପପୁ ସୁଲୋ ବୋଲି ଜଣାପଡିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଉଭୟ ଯୁବକ ଏକ ବାଇକ୍‌ରେ ରସୁଲଗଡ଼ରୁ ଆଚାର୍ଯ୍ୟ ବିହାର ଆଡ଼କୁ ଯାଉଥିଲେ। ବାଣୀବିହାର ଓଭରବ୍ରିଜ ଆରମ୍ଭରୁ ସେମାନେ ଜାତୀୟ ରାଜପଥରୁ ସର୍ଭିସ୍ ରୋଡ୍‌କୁ ଯାଉଥିବାବେଳେ ଦ୍ରୁତଗତିରେ ସେମାନଙ୍କୁ ପଛରୁ ଧକ୍କା ଦେଇ ପଳାଇଥିଲା। ଫଳରେ ଉଭୟ ଛିଟିକି ପଡ଼ିଥିଲେ। ସେମାନଙ୍କ ମୁଣ୍ଡ ମାଡ ହୋଇଯିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ବ୍ରାଉନ୍‌ସୁଗାର ଜବତ, ବାପ-ପୁଅ ଗିରଫ

କଟକ ଅଫିସ,୯।୧

ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ଅଭିଯୁକ୍ତ ବାପ-ପୁଅଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ଅଧୀନ ଇଟାପଡା ଅଞ୍ଚଳର ପବିତ୍ର କୁମାର ମହାନ୍ତି(୨୩) ଓ ତାଙ୍କ ବାପା ନିରଞ୍ଜନ ମହାନ୍ତି। ସେମାନଙ୍କଠାରୁ ୧୨୦ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସୂଚନା ଅନୁଯାୟୀ, ଶନିବାର ସ୍ଥାନୀୟ କନ୍ୟୁକ୍ଷ୍ନ ଅଫିସ ନିକଟରେ ବ୍ରାଉନ୍‌ସୁଗାର କାରବାର ନେଇ ପୋଲିସ ଖବର ପାଇଥିଲା। ସନ୍ଧ୍ୟା ସାଢେ ୬ଟାରେ ଗୋଟିଏ ବାଇକରେ ଅଭିଯୁକ୍ତ ଦ୍ୱୟ ସେଠାରେ ପହଞ୍ଚିଥିଲେ। ପରେ ପୋଲିସ ଚଢାଉ କରି ସେମାନଙ୍କୁ ଯାଞ୍ଚ କରିବାରୁ ଦୁଇ ପ୍ୟାକେଟ୍ ବ୍ରାଉନ୍‌ସୁଗାର ରଖିଥିବା ଦେଖିବାକୁ ପାଇଥିଲା। ସେମାନେ ଏହାକୁ ସ୍ଥାନୀୟ ବ୍ୟବସାୟୀଙ୍କୁ ହସ୍ତାନ୍ତର କରିବାକୁ ଆସିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ।


**ZILLA SWASTHYA SAMITI, NABARANGPUR**
**OFFICE OF CDM & PHO-CUM-DISTRICT MISSION DIRECTOR**
**NABARANGPUR**

Advt. No.116 Date: 06.1.22

**CONTRACTUAL APPOINTMENT**

Applications are invited from eligible candidates for filling up the following posts under Zilla Swasthya Samiti, Nabarangpur on contractual basis for a period of 11 months subject to renewal as per Society norms basing on the performance and subject to continuance of the scheme whichever is earlier.

| Sl. No. | Name of the post | No. of vacancy | Qualification | Consolidated remuneration | Age limit |
|---|---|---|---|---|---|
| 1 | Specialist in O&G | 1 | MD (O&G) | Negotiable | 70 years as on advertisement (Retired Doctors are encouraged to apply) |
| 2 | Specialist in Paediatric | 1 | MD (Paediatric) | Negotiable | |
| 3 | Specialist in Dermatology | 1 | MD (Skin & VD) | Negotiable | |
| 4 | Specialist in Ophthalmology | 1 | MD (Ophthalmogy) | Negotiable | |
| 5 | Specialist in Anesthesiology | 1 | MD (Anesthesiology) | Negotiable | |
| 6 | Specialist in Surgery | 1 | MD (Surgery) | Negotiable | |
| 7 | Specialist in Medicine | 1 | MD (Medicine) | Negotiable | |
| 8 | Specialist in Pathology | 1 | MD (Pathology) | Negotiable | |
| 9 | Specialist in Radiology | 1 | MD (Radiology) | Negotiable | |

Interested candidates can log to www.nabarangpur.nic.in & www.devnetjobsindia.org for details of vacancy, eligibility, age and application form. Last date for receipt of the application duly signed by the candidate along with self attested copies of all supportive documents is 15.01.2022 (by 5.00 P.M.) through Speed Post / Regd Post/ Courier. The undersigned reserves the right to cancel any or all the applications / positions at any stage of recruitment process without assigning any reason thereof.

Sd./- (Dr. Kali Prasad Behera)
Chief Dist. Medical & Public Health Officer, Nabarangpur



**ODISHA STATE HOUSING BOARD**
**SACHIVALAYA MARG, BHUBANESWAR – 751001**
Phones EPABX: (0674) 2393524, 2390141, 2391542, 2393277, FAX: (0674) 2393952
Visit us at: http://www.oshb.org

No-290/OSHB Dated 06.01.2022
File no. EB-156/2022

**TENDER CALL NOTICE NO 02/CE/OSHB/2021-22**
**E-procurement notice for online bidding**

No.CAD-2729:- Chief Engineer, OSHB invites online tenders as per the following schedule.

| Sl. No. | Name of the work | BID Security to be transferred online only in Rs. | Cost of bid document to be transferred online only | Period of completion |
|---|---|---|---|---|
| 1 | Construction of Subhadra Enclave (A Residential Apartment) at Dumuduma Phase-III, Bhubaneswar, Odisha. | 1.5 Cr. | 10,000/- + (18% GST) = 11,800/- | 30 months |

1. Other details.

| Procurement Officer | Bid Identification No. | Availability of tenders for online bidding | |
|---|---|---|---|
| Chief Engineer, OSHB, Bhubaneswar | 02/CE/OSHB/2021-22 | From 12.01.2022 at 01.00 P.M. | To Dt.10.02.2022 upto 03.00 P.M. |

2. Place and date of opening of the bids : Office of the Chief Engineer, OSHB, Bhubaneswar at 12.30 P.M. on Dt.11.02.2022.
Further details can be seen from the website www.tendersorissa.gov.in.

OIPR-13030/11/0314/2122 Sd./- Chief Engineer



**CENTRAL PUBLIC WORKS DEPARTMENT**
**PRESS NOTICE**

All the contractor(s)/ firm(s)/ agencies intending to bid for works in Central Public Works Department (CPWD) are hereby informed that a new CPWD e-Tender & e-Auction website/portal is proposed to be made operational soon in a **phased manner.** All intending bidders are advised to **check both the existing website (http://www.tenderwizard.in/CPWD) as well as the new upcoming website** for participating in the tenders published on the respective websites till further notice.

To participate in the bidding process **for tenders to be hosted on the new website,** all intending contractor(s)/ firm(s)/ agencies are requested to register/update their profiles on the new e-Tendering and e-Auction websites: **https://etender.cpwd.gov.in** and **https://eauction.cpwd.gov.in** respectively. Information on updation of profiles is available on CPWD Website **https://www.cpwd.gov.in vide circular: https://www.cpwd.gov.in/WriteReadData/other_cir/50798.pdf.**

For any further assistance CPWD Helpdesk Team may be contacted **on 0120-6747214/4766312 or tendersupport@techmahindra.com.**


# ଗାଇନାଳ ସେତୁ ଲୋକାର୍ପିତ

ତିରିଆ,୯।୧(ଡି.ଏନ୍.ଏ.)

ତିଗିରିଆ ବ୍ଲକ ବିଣ୍ଡାଣିମା-ଖଣ୍ଡହତା ପୂର୍ତ୍ତବିଭାଗ ରାସ୍ତାର ଗାଇନାଳଠାରେ ନିର୍ମିତ ସେତୁ ରବିବାର ଲୋକାର୍ପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସେତୁର ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଗୁପା ଦଳେଇ, ଜିଲା ପରିଷଦ ସଭ୍ୟ ବିଜୟଲକ୍ଷ୍ମୀ ସାହୁ, ଶିବଶକ୍ତି କନ୍‌ଷ୍ଟ୍ରକ୍ସନ ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ଦାଶ, ସରପଞ୍ଚ ଅଜିତ ରାଉତ ଓ ସମିତିସଭ୍ୟ ବିଚିତ୍ର ଭୂଷଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ମନ୍ତ୍ରୀ ସ୍ୱାଇଁ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ରେଙ୍ଗାଲି ଦକ୍ଷିଣ ଜଳସେଚନ ପ୍ରକଳ୍ପ ଅଧୀନ ନରସିଂହପୁର ଶାଖା କେନାଲର ଭେଲିଆ ଠାରୁ ଗୋବର୍ଦ୍ଧନଖାଲ ପର୍ଯ୍ୟନ୍ତ ଖନନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଦଳେଇଙ୍କ ସମେତ ଭୋଗଡ଼ା ସରପଞ୍ଚ ଶର୍ମିଳା ନାୟକ, ସମିତିସଭ୍ୟ ଝରଣା ଜେନା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ଓଡ଼ିଶାରେ ଜୈବିକଶକ୍ତି କେନ୍ଦ୍ର ପ୍ରତିଷ୍ଠା ହେବା ଆବଶ୍ୟକ

ଭୁବନେଶ୍ୱର, ୯।୧ (ବ୍ୟୁରୋ): ଶିଳ୍ପବିପ୍ଳବ ପରଠାରୁ ଆଜି ପର୍ଯ୍ୟନ୍ତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଭଳି ଜୀବାଶ୍ମ ଇନ୍ଧନ ଶକ୍ତିର ପ୍ରମୁଖ ଉତ୍ସ ରୂପେ କୋଇଲା ଉଭା ହୋଇଛି। ଏହା ବିଭିନ୍ନ କ୍ଷେତ୍ରରେ ଆମର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ପାଇଁ ମୁଖ୍ୟ ଭୂମିକା ନିର୍ବାହ କରୁଛି। ବର୍ତ୍ତମାନ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏଥିମଧ୍ୟରେ ସୌର ଶକ୍ତି, ପବନ ଶକ୍ତି, ଜୈବଇନ୍ଧନ, ଆଣବିକ ଏବଂ ଭୂତାପଜ ଶକ୍ତି ଅନ୍ତର୍ଭୁକ୍ତ, ଯାହାକି ପ୍ରାକୃତିକ ଭାବରେ ପରିପୂର୍ଣ୍ଣ ଏବଂ ଅବ୍ୟାହତ ପ୍ରାୟତଃ ଅକ୍ଷୟ। ଜୈବ ଡିଜେଲ ଏବଂ ଜୈବ ଇଥାନଲ ପରି ଜୈବଇନ୍ଧନ ସବୁର ଅଧିକ ଉନ୍ନତି ସାଧନ ଏବଂ ଲୋକପ୍ରିୟତା ପାଇଁ ଉଭୟ ସରକାରୀ ତଥା ଗୋଷ୍ଠୀ ସ୍ତରରେ ପ୍ରୟାସ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ମତ ପ୍ରକାଶ ପାଉଛି। ଓଡ଼ିଶା ପରିବେଶ ସମିତି (ଓଇଏସ) ପକ୍ଷରୁ 'ବିକଳ୍ପ ଶକ୍ତି ଉତ୍ସ ରୂପେ ଜୈବଇନ୍ଧନ' ବିଷୟବସ୍ତୁ ଉପରେ ଆୟୋଜିତ ଏକ ୱେବିନାର ଅନୁଷ୍ଠିତ ହୋଇଥିଲା। ନୂଆଦିଲ୍ଲୀ ଶକ୍ତି ଏବଂ ସମ୍ବଳ ପ୍ରତିଷ୍ଠାନ (ଟେରି)ର ଅଣୁଜୀବ ଜୈବଇନ୍ଧନ ଏବଂ ବାୟୋକେମିକାଲ୍ ଗ୍ରୁପ୍‌ର ବରିଷ୍ଠ ଫେଲୋ ତଥା କ୍ଷେତ୍ର ଆବାହକ ଡ. ସଞ୍ଜୁକ୍ତା ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଗବେଷଣା ନିମନ୍ତେ ଏକ ଜୈବିକଶକ୍ତି କେନ୍ଦ୍ର ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଆଖୁ, ଗହମ, ମକା, ଖାଇବା ତେଲ ମଞ୍ଜି ଓ ଜେଲ ଏବଂ ଅଖାଦ୍ୟ ଫସଲ ଭଳି ଜୈବଇନ୍ଧନଯୁକ୍ତ ଫସଲ ଚାଷକୁ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଥିରେ ଓଇଏସ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଅଧକ୍ଷତା କରିଥିଲେ।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କେଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ବାବା ଆଜମ ଖାନ୍
8882703236
9717049785

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ବାବା ହସନ୍ ଅଲ୍ଲି
9560789896

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ ଲେବେଲ୍ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖାଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



DSPL-388

MOFPI
MINISTRY OF FOOD PROCESSING INDUSTRIES GOVERNMENT OF INDIA
APICOL
PMFME

ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଙ୍ଗଠୀକରଣ ଯୋଜନା (ପି.ଏମ.ଏଫ୍.ଏମ୍.ଇ.)

ଅଣସଂଗଠିତ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ସୁସଂଗଠିତ କରିବା ନିମନ୍ତେ ଏକ ବ୍ୟାଙ୍କ ଋଣ ସଂଯୁକ୍ତ ପୁଞ୍ଜି ରିହାତି ଯୋଜନା

ହିତାଧିକାରୀ
ଖାଦ୍ୟ ପ୍ରକ୍ରିୟାକରଣ ସହ ଜଡ଼ିତ ଥିବା:
ଏକକ ଉଦ୍ୟୋଗ
ସ୍ୱୟଂ ସହାୟକ ଗୋଷ୍ଠୀ
କୃଷକ ଉତ୍ପାଦକ ସଂଘ
ସମବାୟ ସଂଘ



ପାଉଥିବା ସୁବିଧା
୧. ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ସଦସ୍ୟାଙ୍କ ପାଇଁ ୪୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଳ ପୁଞ୍ଜି ସହାୟତା।
୨. ଏକକ ଉଦ୍ୟୋଗମାନଙ୍କ ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି (ସର୍ବାଧିକ ୧୦ ଲକ୍ଷ ପର୍ଯ୍ୟନ୍ତ)।
୩. ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଘ, ସମବାୟ ଇତ୍ୟାଦି ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି।
୪. କମନ୍ ଇନ୍‌କ୍ୟୁବେସନ ସେଣ୍ଟର୍ ସୁବିଧା।
୫. ବ୍ରାଣ୍ଡିଂ ଓ ମାର୍କେଟିଂ ସହାୟତା।

ବିଶେଷ ବିବରଣୀ ନିମନ୍ତେ ନିଜ ଜିଲ୍ଲାର ଜିଲ୍ଲା ଶିଳ୍ପ କେନ୍ଦ୍ରରେ ସମ୍ପର୍କ କରନ୍ତୁ।

ହିତାଧିକାରୀମାନେ ଉପରୋକ୍ତ ସୁବିଧା ଲାଭ କରିବା ପାଇଁ http://pmfme.mofpi.gov.in/pmfme/#/Home-Page ୱେବ୍ ସାଇଟ୍ ରେ ଅନ୍ ଲାଇନ୍ ଆବେଦନ କରିବା ଜରୁରୀ।

ବିଶେଷ ସୂଚନା ନିମନ୍ତେ ଆମକୁ odishapmfme@gmail.com ରେ ଇ-ମେଲ୍ ଲେଖନ୍ତୁ।

OIPR-01046/13/0007/2122

**ଏକାମ୍ରରେ ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ**

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ): ଏକାମ୍ର ନିର୍ବାଚନ ମଣ୍ଡଳୀରେ ରବିବାର ୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ପଣ୍ଡା ୱାର୍ଡ ନଂ. ୫୪ ଅନ୍ତର୍ଗତ ଜ୍ଞାନନଗର ଅନ୍ତେବାସୀଙ୍କ ଗୃହର ନବୀକରଣ କାର୍ଯ୍ୟ, ୱାର୍ଡ ନଂ. ୫୯ରେ ନୂଆଗାଁ ଗୋଷ୍ଠୀ ଗୃହ, ୱାର୍ଡ ନଂ. ୬୫ ଏମ୍ସ ରାସ୍ତାରେ ଗୋଷ୍ଠୀ ଗୃହ, କପିଳେଶ୍ୱର କେନାଲ ବନ୍ଧ ଗାର୍ଡ ୱାଲ ଭିତ୍ତିପ୍ରସ୍ତରର ଉଦ୍‌ଘାଟନ କରିଥିଲେ। ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ରାଜେନ୍ଦ୍ର ସମର୍ଥା, ସାମାଜିକ କର୍ମୀ ଦାଶରଥି ଗରାବଡୁ, ରଶ୍ମିରଞ୍ଜନ ପାଟଶାଣୀ, ଚନ୍ଦ୍ରଶେଖର ମଲିଆ ପ୍ରମୁଖ ଉପସ୍ଥିତ ଥିଲେ।



# ୩୧ ହଜାରରୁ ଊର୍ଦ୍ଧ୍ୱ କିଶୋର ନେଲେ ପ୍ରଥମ ଡୋଜ୍

**ଭୁବନେଶ୍ୱର, ୯।୧ (ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ୩ ତାରିଖରୁ ୧୫ରୁ ୧୮ ବର୍ଷ ବୟସ୍କ କିଶୋର ବର୍ଗ ଟିକାକରଣ ଆରମ୍ଭ ହୋଇଛି। ସପ୍ତାହକରେ ୩୧ ହଜାର ୮୫୩ ଜଣ କିଶୋର ପ୍ରଥମ ଡୋଜ୍ ଟିକା ନେଇଥିବା ବିଏମସି ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ରାଜଧାନୀରେ ମୋଟ ୨୮ଲକ୍ଷ ୨୧ ହଜାର ୩୫୨ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୧୪ ଲକ୍ଷ ୯୩ ହଜାର ୭୮୦ଜଣଙ୍କୁ ପ୍ରଥମ ଡୋଜ୍ ଓ ୧୩ ଲକ୍ଷ ୨୭ ହଜାର, ୫୭୨ ଜଣଙ୍କୁ ଦ୍ୱିତୀୟ ଡୋଜ୍ ପ୍ରଦାନ କରାଯାଇଛି। ୩୬ ହଜାର ୧୧୦ ଜଣ ସ୍ୱାସ୍ଥ୍ୟକର୍ମୀ ପ୍ରଥମ ଡୋଜ୍ ଓ ୩୩ ହଜାର ୫୦୨ ଜଣ ଉଭୟ ଡୋଜ୍ ନେଇଛନ୍ତି। ଅନ୍ୟପଟେ ୫୬ ହଜାର ୩୨୯ ଜଣ ସମ୍ମୁଖ ଯୋଦ୍ଧା ପ୍ରଥମ ଡୋଜ୍ ଓ ୫୧ ହଜାର ୧୩୮ ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ୧୮ରୁ ୪୫ ବର୍ଷ ବୟସ୍କଙ୍କ ମଧ୍ୟରେ ୮ ଲକ୍ଷ ୭୫ ହଜାର ୫୦ ଜଣ ପ୍ରଥମ ଡୋଜ୍ ଓ ୭ ଲକ୍ଷ ୯୪ ହଜାର ୯୦୮ ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ସେହିପରି ୪୫ରୁ ୫୯ ବର୍ଷ ବୟସ୍କଙ୍କ ମଧ୍ୟରେ ୩ଲକ୍ଷ ୨୧ହଜାର ୩୬୬ ଜଣ ପ୍ରଥମ ଡୋଜ୍ ଓ ୨ଲକ୍ଷ ୯୫ ହଜାର ୫୧୬ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ୧ଲକ୍ଷ ୫୯ ହଜାର ୫୧୭ ଜଣ ପ୍ରଥମ ଓ ୧ଲକ୍ଷ ୪୪ ହଜାର ୫୦୮ ଜଣ ଉଭୟ ଡୋଜ୍ ନେଇଥିବା ସୂଚନା ମିଳିଛି।

# ୫ ଦିନରେ ୭୨ କଣ୍ଟେନମେଣ୍ଟ

**ଭୁବନେଶ୍ୱର, ୯।୧(ବ୍ୟୁରୋ)**



**ଆଉ ୧୩ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ, ୬ ମାଇକ୍ରୋ କଣ୍ଟେନ୍‌ମେଣ୍ଟ କଲା ବିଏମ୍‌ସି**

ଭୁବନେଶ୍ୱରରେ କରୋନା ସଂକ୍ରମଣ ହୁହୁ ହୋଇ ବଢୁଥିବାବେଳେ ଏଥିରେ ରୋକ୍ ଦେବାକୁ ବିଏମ୍‌ସି କଣ୍ଟେନମେଣ୍ଟ ଜୋନ୍ କଟକଣାକୁ ଆପଣାଇଛି। ରବିବାର ସହରର ୧୯ଟି ସ୍ଥାନରୁ ୧୩ଟି କଣ୍ଟେନ୍‌ମେଣ୍ଟ ଓ ୬ଟି ଅଞ୍ଚଳକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣ କରିଛି। ୫ଦିନରେ ମୋଟ ୭୨ଟି ଅଞ୍ଚଳକୁ କଣ୍ଟେନମେଣ୍ଟ ଓ ମାଇକ୍ରୋ କଣ୍ଟେନମେଣ୍ଟ କରାଯାଇଛି। ବୁଧବାର ସହରର ୧୦ଟି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ କରାଯାଇଥିବାବେଳେ ଗୁରୁବାର ୯ଟି, ଶୁକ୍ରବାର ୧୧ଟି ଓ ଶନିବାର ୨୩ଟି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ କରାଯାଇଥିଲା। ରବିବାର ଦକ୍ଷିଣ-ପୂର୍ବ ଜୋନର ୭ଟି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ କରାଯାଇଛି। ସେଗୁଡିକ ହେଉଛି, ଗୌରୀ ନଗରର ପ୍ଲଟ୍ ନଂ. ୩୨୬୯, କଳ୍ପନା ସରକାରୀ କ୍ୱାଟରର୍ସର କ୍ୱାର୍ଟର ନଂ. ୨ଆର୍‌ବି/୨୧୨, ଝାରପଡା ମାଜେଷ୍ଟି ଆପାର୍ଟମେଣ୍ଟର ଫ୍ଲାଟ ନଂ.୬୬୬, ବୁଦ୍ଧେଶ୍ୱରୀ କଲୋନୀର ପ୍ଲଟ ନଂ. ୮୧୬, ୟୁନିଟ୍-୨ସ୍ଥିତ କଂଗ୍ରେସ ଭବନ ନିକଟ କ୍ୱାର୍ଟର ନଂ. ଭିଏ-୩୪/୧, ଝାରପଡ଼ାର ପ୍ଲଟ ନଂ.୫୧୬ ଏବଂ ବାଲାଜୀ କମ୍ପ୍ଲେକ୍ସର ଫ୍ଲାଟ ନଂ. ୧୨୭କୁ କଣ୍ଟେନ୍‌ମେଣ୍ଟ କରାଯାଇଛି।

ସେହିପରି ଉତ୍ତର ଜୋନ୍‌ର ୬ଟି ଅଞ୍ଚଳ ଯଥା ନିଳାଦ୍ରୀ ବିହାରର ପ୍ଲଟ ନଂ.୧୯୯, ସେକ୍ଟର୨ର ପ୍ଲଟ ନଂ.୬୬୬, ଶୈଳଶ୍ରୀ ବିହାରର ଏଚ୍‌ଆଇଜି ୧୨୭, ଗଜପତି ନଗରର ପ୍ଲଟ ନଂ. ୧୦/୫୨, ପଟିଆ ନନ୍ଦନ ବିହାର ନାଗେଶ୍ୱର ରେସିଡେନ୍ସିର ପ୍ଲଟ ନଂ.ଏ-୨୦୫ ଏବଂ ପଟିଆ ପ୍ରଶାନ୍ତି ବିହାରର ପ୍ଲଟ ନଂ. ଏଲ୍‌ପି ୩୧କୁ କଣ୍ଟେନମେଣ୍ଟ କରାଯାଇଛି। ଅପରପକ୍ଷେ ଦକ୍ଷିଣପଶ୍ଚିମ ଜୋନ୍‌ର ୬ଟି ଅଞ୍ଚଳକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ସେଗୁଡିକ ହେଉଛି କଳିଙ୍ଗ ନଗର ତ୍ରାଇଡେଣ୍ଟ ଗାଲାକ୍ସି ଫ୍ଲାଟ ନଂ. ୪୧୦, ନୟାପଲ୍ଲୀ ଭିଆଇପି କଲୋନୀର ପ୍ଲଟ ନଂ. ୧୨୫, ସିଆର୍‌ପିଏଫ୍ କ୍ୟାମ୍ପସ ଟ୍ରେନିଂ ସେଣ୍ଟର, ପୋଖରୀପୁଟର ଏମ୍‌ଆଇଜି-୧୧ର ପ୍ଲଟ ନଂ. ୪୯, ବରମୁଣ୍ଡା ବିଡିଏ ଡ୍ୟୁପ୍ଲେକ୍ସର ପ୍ଲଟ ନଂ. ୨୫୮ ଏବଂ ଜଗମୋହନ ନଗର ଲେନ୍ ଏଲ୍-୬ର ପ୍ଲଟ ନଂ. ୧୭୩୪/୩୪୮୫। ଏହି ସମସ୍ତ ଅଞ୍ଚଳଗୁଡିକରେ ଏକାଧିକ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ବିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କ ଯିବା ଆସିବା ଉପରେ ରୋକ ଲଗାଯାଇଛି। କଣ୍ଟେନ୍‌ମେଣ୍ଟ ସମୟରେ ଲୋକଙ୍କୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ସମ୍ପୃକ୍ତ ୱାର୍ଡ ଅଫିସରଙ୍କ ଜରିଆରେ ବିଏମ୍‌ସି ପ୍ରଦାନ କରିବ।

# ପ୍ରିକଶନ ଡୋଜ୍ ପାଇଁ ସ୍ଲଟ୍ ବୁକିଂ ଆରମ୍ଭ

**ଭୁବନେଶ୍ୱର, ୯।୧ (ବ୍ୟୁରୋ)**

- ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନରେ ହୋଇପାରେ ଟିକାକରଣ
- କିଶୋରଙ୍କ ତାଲିକା ଦେବେ କର୍ତ୍ତୃପକ୍ଷ

ସୋମବାରଠାରୁ ସମ୍ମୁଖ ଯୋଦ୍ଧା, ସ୍ୱାସ୍ଥ୍ୟକର୍ମୀ ଓ ବରିଷ୍ଠ ନାଗରିକଙ୍କୁ ପ୍ରିକସନ ଡୋଜ ବା ବୁଷ୍ଟର ଡୋଜ୍ ଦିଆଯିବ। ଏଥିପାଇଁ ରବିବାର ରାତିରୁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ଭୁବନେଶ୍ୱରରେ ରହିଥିବା ଟିକାକେନ୍ଦ୍ରରେ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଟିକା ଦିଆଯିବ। ଦ୍ୱିତୀୟ ଡୋଜ ଓ ପ୍ରିକସନ ଡୋଜ ମଧ୍ୟରେ ୯ମାସର ବ୍ୟବଧାନ ଜରୁରୀ। ସେହିପରି ଦ୍ୱିତୀୟ ଡୋଜ ସାର୍ଟିଫିକେଟ ଆବଶ୍ୟକ ବୋଲି ବିଏମ୍‌ସିର ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ (ଏଡିୟୁପିଏଚ୍‌ଓ) ଅନ୍ତର୍ଯ୍ୟାମୀ ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷେ ଜାନୁଆରୀ ୧ରୁ ଆରମ୍ଭ ହୋଇଥିବା ପିଲାଙ୍କ ଟିକାକରଣ ପାଇଁ ବିଭିନ୍ନ ସ୍କୁଲ, କଲେଜ ଓ ଅନୁଷ୍ଠାନର କର୍ତ୍ତପକ୍ଷ ଚାହିଁଲେ ୧୯୨୯କୁ ଫୋନ କରି ରେଜିଷ୍ଟର କରିବା ସହ ସେମାନଙ୍କ ଅନୁଷ୍ଠାନର କିଶୋରଙ୍କ ତାଲିକା ପ୍ରଦାନ କରିପାରିବେ। ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ଟିକାକରଣ କରାଯିବ ବୋଲି ସୂଚନା ଦିଆଯାଇଛି।


**ZILLA SWASTHYA SAMITI, NABARANGPUR**
**OFFICE OF CDM & PHO-CUM-DISTRICT MISSION DIRECTOR**
**NABARANGPUR**

Advt. No.116 Date: 06.1.22

**CONTRACTUAL APPOINTMENT**

Applications are invited from eligible candidates for filling up the following posts under Zilla Swasthya Samiti, Nabarangpur on contractual basis for a period of 11 months subject to renewal as per Society norms basing on the performance and subject to continuance of the scheme whichever is earlier.

| Sl. No. | Name of the post | No. of vacancy | Qualification | Consolidated remuneration | Age limit |
|---|---|---|---|---|---|
| 1 | Specialist in O&G | 1 | MD (O&G) | Negotiable | 70 years as on advertisement (Retired Doctors are encouraged to apply) |
| 2 | Specialist in Paediatric | 1 | MD (Paediatric) | Negotiable | |
| 3 | Specialist in Dermatology | 1 | MD (Skin & VD) | Negotiable | |
| 4 | Specialist in Ophthalmology | 1 | MD (Ophthalmogy) | Negotiable | |
| 5 | Specialist in Anesthesiology | 1 | MD (Anesthesiology) | Negotiable | |
| 6 | Specialist in Surgery | 1 | MD (Surgery) | Negotiable | |
| 7 | Specialist in Medicine | 1 | MD (Medicine) | Negotiable | |
| 8 | Specialist in Pathology | 1 | MD (Pathology) | Negotiable | |
| 9 | Specialist in Radiology | 1 | MD (Radiology) | Negotiable | |

Interested candidates can log to www.nabarangpur.nic.in & www.devnetjobsindia.org for details of vacancy, eligibility, age and application form. Last date for receipt of the application duly signed by the candidate along with self attested copies of all supportive documents is 15.01.2022 (by 5.00 P.M.) through Speed Post / Regd Post/ Courier. The undersigned reserves the right to cancel any or all the applications / positions at any stage of recruitment process without assigning any reason thereof.

Sd./- (Dr. Kali Prasad Behera)
Chief Dist. Medical & Public Health Officer, Nabarangpur


# ୨୪ ଘଣ୍ଟାରେ ୫୭୪ ଆକ୍ରାନ୍ତ, କଡ଼ାକଡ଼ି ହେଲା ଏନ୍‌ଫୋର୍ସମେଣ୍ଟ

**ଭୁବନେଶ୍ୱର, ୯।୧ (ବ୍ୟୁରୋ)**

ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ଆଉ ୫୭୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୬୩ଜଣ ସଙ୍ଗରୋଧରୁ ଓ ୫୧୧ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ତେବେ ଆରୋଗୀ ସଂଖ୍ୟା କମ୍ ଥିବାରୁ ସକ୍ରିୟ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ୨୮୨୩ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବାବେଳେ ସ୍ଥିତିକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚିନ୍ତା ବଢ଼ିଛି। ସ୍ଥିତି ନିୟନ୍ତ୍ରଣ ପାଇଁ କଟକଣା କଡ଼ାକଡ଼ି କରିଯବା ସହ ଏନ୍‌ଫୋର୍ସମେଣ୍ଟକୁ ତ୍ୱରାନ୍ୱିତ କରାଯାଉଛି।

ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆରୁ ସର୍ବାଧିକ ୩୪ଜଣ ଥିବାବେଳେ ପୁରୁଣା ଭୁବନେଶ୍ୱରରୁ ୨୬ଜଣ, ନୀଳାଦ୍ରୀବିହାରରୁ ୨୧ଜଣ, ପୋଖରୀପୁଟରୁ ୧୮ଜଣ, ଚନ୍ଦ୍ରଶେଖରପୁର ଓ ଶହୀଦନଗରରୁ ୧୭ଜଣ ଲେଖାଏ, ମଞ୍ଚେଶ୍ୱର ଓ ନୟପଲ୍ଲୀରୁ ୧୬ଜଣ ଲେଖାଏ, ଶୈଳଶ୍ରୀବିହାରରୁ ୧୫ଜଣ, ଡୁମୁଡୁମା, ଝାରପଡ଼ା ଓ ୟୁନିଟ୍-୪ରୁ ୧୨ଜଣ ଲେଖାଏ, ବରମୁଣ୍ଡା, ସୁନ୍ଦରପଦା, ୟୁନିଟ୍-୮ ଓ ୟୁନିଟ୍-୯ରୁ ୧୧ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ସହରରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୨୬ ହଜାର ୬୪୭ରେ ପହଞ୍ଚିଛି। ସେହିପରି ୨୪ଘଣ୍ଟାରେ ୧୧୪ ଜଣ ସୁସ୍ଥ ହୋଇଥିବାରୁ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୧ ଲକ୍ଷ ୨୨ ହଜାର ୭୦୦କୁ ବୃଦ୍ଧି ପାଇଛି। ତେବେ ଗତ ୪ ଦିନ ଧରି କରୋନାରେ କାହାର ମୃତ୍ୟୁ ଘଟି ନ ଥିବାବେଳେ ଏହି ସଂଖ୍ୟା ୧୧୦୩ରେ ସ୍ଥିର ରହିଛି।

ଅନ୍ୟପକ୍ଷରେ ସଂକ୍ରମଣ ବୃଦ୍ଧିକୁ ଦେଖି ବିଏମ୍‌ସି ଏବଂ ପୋଲିସ କମିଶନରେଟର ମିଳିତ ଭାବେ ସହରରେ ମୋଟ୍ ୫ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ନିୟୋଜିତ କରିଛି। ୩ଟି ଜୋନ୍‌ରେ ୩ଟି ଟିମ୍ ଥିବାବେଳେ ସ୍ମାର୍ଟସିଟିର ଗୋଟିଏ ଟିମ୍ ଏବଂ ବିଏମ୍‌ସି ହେଡ୍‌କ୍ୱାର୍ଟରର ଗୋଟିଏ ଟିମ୍ ରହିଛି। ରବିବାର ଛୁଟିଦିନ ଥିବାରୁ ସହରର ବିଭିନ୍ନ ସ୍ଥାନରେ ଗହଳି ପରିଲକ୍ଷିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ପାର୍କ, ମନ୍ଦିର, ହୋଟେଲ୍, ରେଷ୍ଟୁରାଣ୍ଟ ଓ ପିକ୍‌ନିକ୍ ସ୍ପଟ ବୁଲିବା ସହ ଲୋକମାନଙ୍କୁ ସଚେତନ କରିଥିଲେ। ତେବେ କାହାଠାରୁ ଜରିମାନା ଆଦାୟ କରାଯାଇ ନ ଥିବା ଜଣାପଡିଛି। କେବଳ କରୋନାକୁ ନେଇ ସଚେତନତା ସୃଷ୍ଟି କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ଡେପୁଟି କମିଶନର କମଳଜିତ୍ ଦାସ ସୂଚନା ଦେଇଛନ୍ତି।

# ନନ୍ଦନକାନନ: ଫରେଷ୍ଟର କରୋନା ସଂକ୍ରମିତ

**ବାରଙ୍ଗ,୯।୧(ଡି.ଏନ୍.ଏ.)**

ପ୍ରାଣୀଉଦ୍ୟାନ ନନ୍ଦନକାନନର ଜନ୍ତୁ ବିଭାଗ ଫରେଷ୍ଟର ଅରୁପ ରାଉତ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଫଳରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ସେ ସଙ୍ଗରୋଧରେ ଥିବା ବେଳେ ଉଦ୍ୟାନର ସମସ୍ତ କର୍ମଚାରୀ, ଅଧିକାରୀ ସତର୍କ ରହିବାକୁ ଉପନିର୍ଦ୍ଦେଶକ ଡ. ସଞ୍ଜିତ୍ କୁମାର ପରାମର୍ଶ ଦେଇଛନ୍ତି।


**ODISHA STATE HOUSING BOARD**
**SACHIVALAYA MARG, BHUBANESWAR – 751001**
Phones EPABX: (0674) 2393524, 2390141, 2391542, 2393277, FAX: (0674) 2393952
Visit us at: http://www.oshb.org

No-290/OSHB Dated 06.01.2022
File no. EB-156/2022

**TENDER CALL NOTICE NO 02/CE/OSHB/2021-22**
No.CAD-2729:- **E-procurement notice for online bidding**
**Chief Engineer, OSHB invites online tenders as per the following schedule.**

| Sl. No. | Name of the work | BID Security to be transferred online only in Rs. | Cost of bid document to be transferred online only | Period of completion |
|---|---|---|---|---|
| 1 | Construction of Subhadra Enclave (A Residential Apartment) at Dumuduma Phase-III, Bhubaneswar, Odisha. | 1.5 Cr. | 10,000/- + (18% GST) = 11,800/- | 30 months |

1. Other details.

| Procurement Officer | Bid Identification No. | Availability of tenders for online bidding | |
|---|---|---|---|
| Chief Engineer, OSHB, Bhubaneswar | 02/CE/OSHB/2021-22 | From 12.01.2022 at 01.00 P.M. | To Dt.10.02.2022 upto 03.00 P.M. |

2. Place and date of opening of the bids : Office of the Chief Engineer, OSHB, Bhubaneswar at 12.30 P.M. on Dt.11.02.2022.
Further details can be seen from the website www.tendersorissa.gov.in.
OIPR-13030/11/0314/2122 Sd./- Chief Engineer



**CENTRAL PUBLIC WORKS DEPARTMENT**
**PRESS NOTICE**

All the contractor(s)/ firm(s)/ agencies intending to bid for works in Central Public Works Department (CPWD) are hereby informed that a new CPWD e-Tender & e-Auction website/portal is proposed to be made operational soon **in a phased manner.** All intending bidders are advised to **check both the existing website (http://www.tenderwizard.in/CPWD) as well as the new upcoming website** for participating in the tenders published on the respective websites till further notice.

To participate in the bidding process **for tenders to be hosted on the new website,** all intending contractor(s)/ firm(s)/ agencies are requested to register/update their profiles on the new e-Tendering and e-Auction websites: **https://etender.cpwd.gov.in** and **https://eauction.cpwd.gov.in** respectively. Information on updation of profiles is available on CPWD **Website https://www.cpwd.gov.in vide circular: https://www.cpwd.gov.in/WriteReadData/other_cir/50798.pdf.**

For any further assistance CPWD Helpdesk Team may be contacted **on 0120-6747214/4766312 or tendersupport@techmahindra.com.**


# ପଛରୁ ଧକ୍କାଦେଲା ଟ୍ରକ୍, ୨ ବାଇକ୍ ଆରୋହୀ ମୃତ

**ଭୁବନେଶ୍ୱର,୯।୧(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ସମ୍ମୁଖ ଜାତୀୟ ରାଜପଥରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଧକ୍କା ଦେବାରୁ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ନୟାପଲ୍ଲୀ ଥାନା ସାଲିଆସାହି ଅଞ୍ଚଳର ଅର୍ମାନ ଖାନ୍ ଓରଫ ପପୁ ଓ ପପୁ ସୁଲୋ ବୋଲି ଜଣାପଡିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଉଭୟ ଯୁବକ ଏକ ବାଇକ୍‌ରେ ରସୁଲଗଡରୁ ଆଚାର୍ଯ୍ୟ ବିହାର ଆଡକୁ ଯାଉଥିଲେ। ବାଣୀବିହାର ଓଭରବ୍ରିଜ ଆରମ୍ଭରୁ ସେମାନେ ଜାତୀୟ ରାଜପଥରୁ ସର୍ଭିସ୍ ରୋଡ୍‌କୁ ଯାଉଥିବାବେଳେ ଦ୍ରୁତଗତିରେ ସେମାନଙ୍କୁ ପଛରୁ ଧକ୍କା ଦେଇ ପଳାଇଥିଲା। ଫଳରେ ଉଭୟ ଛିଟିକି ପଡିଥିଲେ। ସେମାନଙ୍କ ମୁଣ୍ଡ ମାଡ ହୋଇଯିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ସରକାରୀ ଜମିକୁ କେନ୍ଦ୍ରକରି ଗଣ୍ଡଗୋଳ, ୧୧ ଗୁରୁତର

**ବାଲିପାଟଣା,୯।୧ (ଡି.ଏନ୍.ଏ.)**

ବାଲିପାଟଣା ଥାନା ଆଇତଲଙ୍ଗ ଗ୍ରାମରେ ରବିବାର ସରକାରୀ ଜମିକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି । ଏଥିରେ ୧୧ଜଣ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଉକ୍ତ ଜମିକୁ ନେଇ ଚିତ୍ତରଞ୍ଜନ ଜେନା ଓ କୈଳାସ ମହାନ୍ତିଙ୍କ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ରବିବାର ଏହି ବିବାଦ ଉଗ୍ରରୂପ ନେଇଥିଲା। ଉକ୍ତ ଜମିରୁ ଚିତ୍ତରଞ୍ଜନଙ୍କ ପରିବାର କଦଳୀ ଗଛ କାଟିବାରୁ ଏନେଇ କୈଳାସଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଦୁଇ ପରିବାର ମଧ୍ୟରେ ବଚସା ସହ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ବାଲିପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଉପସ୍ଥିତିରେ ଜଣେ ଯୁବକ ପୋଲିସ ବନ୍ଧୁକ ଛଡାଇବାକୁ ଉଦ୍ୟମ କରିଥିଲେ। ପୋଲିସ ଉକ୍ତ ଯୁବକଙ୍କୁ କାବୁ କରିବା ସହ ଆହତ ୧୧ଜଣଙ୍କୁ ଆମ୍ବୁଲାନ୍ସରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଆଇଆଇସି କୃପାସିନ୍ଧୁ ବରାଡ଼ ଓ ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ପୋଲିସ ମୁତୟନ ରହିଛନ୍ତି।


**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
**Mudra Finance**
Mob. 8987604637
Whatsapp: 8902923601

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ଆଜମ ଖାନ୍**
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ ।
ପ୍ରେମବିବାହ, ବେପାରବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
**ବାବା ହସନ୍ ଅଲ୍ଲି**
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ ।
9560789896



**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


DSPL-388

MINISTRY OF FOOD PROCESSING INDUSTRIES GOVERNMENT OF INDIA — MoFPI · ଓଡ଼ିଶା ସରକାର · APICOL · PMFME

**ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଙ୍ଗଠୀକରଣ ଯୋଜନା (ପି.ଏମ.ଏଫ୍.ଏମ୍.ଇ.)**

ଅଣସଂଗଠିତ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡିକୁ ସୁସଂଗଠିତ କରିବା ନିମନ୍ତେ ଏକ ବ୍ୟାଙ୍କ୍ ଋଣ ସଂଯୁକ୍ତ ପୁଞ୍ଜି ରିହାତି ଯୋଜନା



**ହିତାଧିକାରୀ**
ଖାଦ୍ୟ ପ୍ରକ୍ରିୟାକରଣ ସହ ଜଡିତ ଥିବା:
- ଏକକ ଉଦ୍ୟୋଗ
- ସ୍ୱୟଂ ସହାୟକ ଗୋଷ୍ଠୀ
- କୃଷକ ଉତ୍ପାଦକ ସଂଘ
- ସମବାୟ ସଂଘ

**ପାଉଥିବା ସୁବିଧା**
୧. ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ସଦସ୍ୟାଙ୍କ ପାଇଁ ୪୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଳ ପୁଞ୍ଜି ସହାୟତା ।
୨. ଏକକ ଉଦ୍ୟୋଗମାନଙ୍କ ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି (ସର୍ବାଧିକ ୧୦ ଲକ୍ଷ ପର୍ଯ୍ୟନ୍ତ)।
୩. ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଘ, ସମବାୟ ଇତ୍ୟାଦି ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି ।
୪. କମନ୍ ଇନ୍ କ୍ୟୁବେଶନ ସେଣ୍ଟର୍ ସୁବିଧା ।
୫. ବ୍ରାଣ୍ଡିଂ ଓ ମାର୍କେଟିଂ ସହାୟତା ।

ବିଶେଷ ବିବରଣୀ ନିମନ୍ତେ ନିଜ ଜିଲ୍ଲାର ଜିଲ୍ଲା ଶିଳ୍ପ କେନ୍ଦ୍ରରେ ସମ୍ପର୍କ କରନ୍ତୁ।

ହିତାଧିକାରୀମାନେ ଉପରୋକ୍ତ ସୁବିଧା ଲାଭ କରିବା ପାଇଁ http://pmfme.mofpi.gov.in/pmfme/#/Home-Page ୱେବ୍ ସାଇଟ୍ ରେ ଅନ୍ ଲାଇନ୍ ଆବେଦନ କରିବା ଜରୁରୀ।

ବିଶେଷ ସୂଚନା ନିମନ୍ତେ ଆମକୁ odishapmfme@gmail.com ରେ ଇ-ମେଲ୍ ଲେଖନ୍ତୁ।

OIPR-01046/13/0007/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଜାନୁୟାରୀ, ୨୦୨୨



## ୩ ଦୋକାନରୁ ଚୋରି, ୨ ଅଟକ

କଣାସ,(ସ୍ୱ.ପ୍ର.): କଣାସ ଥାନା ଅନ୍ତର୍ଗତ ଗଡସାହି ବଜାରର ଏକ ଔଷଧ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଔଷଧ ଓ ନଗଦ ଟଙ୍କା ନେଇଯାଇଛନ୍ତି। ଏନେଇ ଦୋକାନ ମାଲିକ ଚାରୁଲତା ଜଗଦେବ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଏକ ବିଦ୍ୟୁତ ସାମଗ୍ରୀ ମରାମତି ଦୋକାନର ତାଲା ଭାଙ୍ଗି ପଶିଥିଲେ ମଧ କିଛି ନେଇପାରିନାହାନ୍ତି। ଗଡ଼ିଶାଗୋଡା ଥାନା ଅନ୍ତର୍ଗତ ବଙ୍କୁ-ମଣିଜିପୁର ଛକରେ ଥିବା ସୁନାଦୋକାନ ତାଲାଭାଙ୍ଗି ଦୁର୍ବୃତ୍ତମାନେ ରୁପା ଅଳଙ୍କାର ଓ ନଗଦ ଟଙ୍କା ନେଇଯାଇଥିବା ଦୋକାନୀ ଅଭିଯୋଗ କରିଛନ୍ତି। ଗଡ଼ିଶାଗୋଡା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ଓ କଣାସ ଥାନା ଆଇଆଇସି ସୁଜିତ୍ ଦାସ ମିଳିତ ତଦନ୍ତ କରି ୨ ଜଣଙ୍କୁ ଅଟକ ରଖିବା ସହ ସେମାନେ ବ୍ୟବହାର କରୁଥିବା ଅଟୋରିକ୍ସାକୁ ଜବତ କରିଛନ୍ତି।

# ଅବହେଳିତ ଅବସ୍ଥାରେ ଦାଣ୍ଡମୁକୁନ୍ଦପୁର ଗୋପୀନାଥ ମନ୍ଦିର

ପିପିଲି,୯।୧(ଡି.ଏନ୍.ଏ.)

ପୁରୀ-ଭୁବନେଶ୍ୱର ୩୧୬ନଂ. ଜାତୀୟ ରାଜପଥ ନିକଟ ତଥା ରାଜଧାନୀରୁ ୨୪ କି.ମି. ଦୂର ପିପିଲିସ୍ଥିତ ଦାଣ୍ଡମୁକୁନ୍ଦପୁରରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଶ୍ରୀ ଗୋପୀନାଥ ଦେବ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ମନ୍ଦିରର କିଛି ଅଂଶ ଭାଙ୍ଗିରୁଜି ଯାଇଥିବାରୁ ତାହାର ପୁନଃ ନିର୍ମାଣ ସହ ପରିସର ମଧ୍ୟରେ ଥିବା ଏକ ପୁଷ୍କରିଣୀର ଉନ୍ନତୀକରଣ ପାଇଁ ଦାବି ହୋଇଛି। ଏ ନେଇ ଗୋପୀନାଥ ମନ୍ଦିର ପୁନଃନିର୍ମାଣ ସମିତିର ସଂଯୋଜକ ସନ୍ତୋଷ ମିଶ୍ର ଶନିବାର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧୀକ୍ଷକ ଅଶ୍ୱିନୀ କୁମାର ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଥାଉ କି, ରାଜା ମୁକୁନ୍ଦ ଦେବଙ୍କ ସମୟରେ ମନ୍ଦିର ପ୍ରତିଷ୍ଠା ଚାଲିଥିବା ବେଳେ ରାଜାଙ୍କ ନିଧନ ଘଟିଥିଲା। ଫଳରେ ମନ୍ଦିର ସେବେଠାରୁ ଅର୍ଦ୍ଧନିର୍ମିତ ହୋଇ ରହିଯାଇଥିଲା। ପରବର୍ତ୍ତୀ ସମୟରେ ପାଟରାଣୀ ମନ୍ଦିର ମୁଖଶାଳା ନିକଟରେ ଗୋପୀନାଥଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ସେବେଠାରୁ ରୀତିନୀତି ଅନୁଯାୟୀ ଠାକୁରଙ୍କ ପୂଜାର୍ଚ୍ଚନା କରାଯିବା ସହ ପର୍ବପର୍ବାଣି ସ୍ଥିରୀକୃତ ହୋଇଥିଲା। ତେବେ ମନ୍ଦିରକୁ ଦୀର୍ଘ ବର୍ଷ ବିତିଯାଇଥିବାରୁ ଅବସ୍ଥା ଜରାଜୀର୍ଣ୍ଣ ହୋଇପଡ଼ିଲାଣି। ସେହି ସମୟରେ ହୋଇଥିବା ମନ୍ଦିରର ମୁଖଶାଳା ସଂକୀର୍ଣ୍ଣ ଥିବାରୁ ବର୍ତ୍ତମାନ ଅଧିକ ପର୍ଯ୍ୟଟକ ପ୍ରବେଶ କରିବାରେ ଅସୁବିଧା ହେଉଛି। ଏଥିସହ ମନ୍ଦିରର ବିଭିନ୍ନ ଅଂଶ ଭାଙ୍ଗିଗଲାଣି। ଯେକୌଣସି ସମୟରେ ମନ୍ଦିରର ବାଡ଼ ଭାଙ୍ଗିଯାଇପାରେ। ଏଥିସହ ମନ୍ଦିର ପରିସରରେ ଥିବା ପୁଷ୍କରିଣୀ ଅପରିଷ୍କାର ହୋଇଯାଇଥିବା ବେଳେ ଚତୁଃପାର୍ଶ୍ୱକୁ ଜବରଦଖଲକାରୀ ମାଡ଼ି ବସିଥିବାରୁ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ଏହି ପୁଷ୍କରିଣୀ ନିକଟରେ ଏକ ପ୍ରମୋଦ ଉଦ୍ୟାନ ନିର୍ମାଣ କରାଗଲେ ପର୍ଯ୍ୟଟକ ଆକର୍ଷିତ ହୋଇପାରିବେ। ଏଥିପ୍ରତି ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗୋପୀନାଥ ପୁନଃନିର୍ମାଣ ସମିତି ଦାବି କରିଛି। ଦାବିପତ୍ର ପ୍ରଦାନବେଳେ ସାମାଜିକ କର୍ମୀ ମାନସ ପଟ୍ଟନାୟକ ଉପସ୍ଥିତ ଥିଲେ।

# ୩୦ କେଜି ଗଞ୍ଜେଇ ଜବତ: ୪ ଗିରଫ

ପିପିଲି,୯।୧(ସ୍ୱ.ପ୍ର/ଡି.ଏନ୍.ଏ): ପିପିଲି ପୋଲିସ ୩୦କେଜି ଗଞ୍ଜେଇ ସମେତ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଏହି ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ହଂସରାଡ଼ି ଗ୍ରାମର ପିଣ୍ଟୁ ଭୂୟାଁ, ବୁଗୁଡା ଥାନା ଅଧୀନ ଗୁଡିପାଲ୍ଲୀ ଗ୍ରାମର ବାବୁରାମ ବିଶ୍ୱାଳ, ଗୋଳାମୁଣ୍ଡୁଳା ଗ୍ରାମର ବାବୁଲା ନାୟକ ଏବଂ ବୁଗୁଡ଼ା ଅଞ୍ଚଳର ଟୁଲୁ ବଡତିଆ। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପିପିଲି ଥାନାରେ ଏକ କେସ୍ (ନଂ. ୯/୨୨) ରୁଜୁ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ରବିବାର ପିପିଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଦେବଦତ୍ତ ବରାଳ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ଶନିବାର ରାତିରେ ୪ଜଣ ଗଞ୍ଜେଇ ବ୍ୟବସାୟୀ ଏକ ଜରିଅଖାରେ ୩୦କେଜି ଗଞ୍ଜେଇ ରଖି ବିକ୍ରି ନିମନ୍ତେ ପିପିଲି ଥାନା ଅଧୀନ ସମଲପୁର ଗ୍ରାମ ନିକଟରେ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ପୋଲିସ ଏହି ଖବର ପାଇବା ପରେ ଏସ୍‌ଡିପିଓ ବରାଳ ଓ ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ମିଳିତ ଉଦ୍ୟମରେ ଏକ ଟିମ୍ ଚଢାଉ କରିଥିଲା। ସେଠାରୁ ୪ଜଣଙ୍କୁ ଗିରଫ କରାଯାଇଥିଲା।


ZILLA SWASTHYA SAMITI, NABARANGPUR
OFFICE OF CDM & PHO-CUM-DISTRICT MISSION DIRECTOR
NABARANGPUR

Advt. No.116 Date: 06.1.22

CONTRACTUAL APPOINTMENT

Applications are invited from eligible candidates for filling up the following posts under Zilla Swasthya Samiti, Nabarangpur on contractual basis for a period of 11 months subject to renewal as per Society norms basing on the performance and subject to continuance of the scheme whichever is earlier.

| Sl. No. | Name of the post | No. of vacancy | Qualification | Consolidated remuneration | Age limit |
|---|---|---|---|---|---|
| 1 | Specialist in O&G | 1 | MD (O&G) | Negotiable | 70 years as on advertisement (Retired Doctors are encouraged to apply) |
| 2 | Specialist in Paediatric | 1 | MD (Paediatric) | Negotiable | |
| 3 | Specialist in Dermatology | 1 | MD (Skin & VD) | Negotiable | |
| 4 | Specialist in Ophthalmology | 1 | MD (Ophthalmogy) | Negotiable | |
| 5 | Specialist in Anesthesiology | 1 | MD (Anesthesiology) | Negotiable | |
| 6 | Specialist in Surgery | 1 | MD (Surgery) | Negotiable | |
| 7 | Specialist in Medicine | 1 | MD (Medicine) | Negotiable | |
| 8 | Specialist in Pathology | 1 | MD (Pathology) | Negotiable | |
| 9 | Specialist in Radiology | 1 | MD (Radiology) | Negotiable | |

Interested candidates can log to www.nabarangpur.nic.in & www.devnetjobsindia.org for details of vacancy, eligibility, age and application form. Last date for receipt of the application duly signed by the candidate along with self attested copies of all supportive documents is 15.01.2022 (by 5.00 P.M.) through Speed Post / Regd Post/ Courier. The undersigned reserves the right to cancel any or all the applications / positions at any stage of recruitment process without assigning any reason thereof.

Sd./- (Dr. Kali Prasad Behera)
Chief Dist. Medical & Public Health Officer, Nabarangpur


# ସାହାରା ଭଲିବଲ୍ ଟୁର୍ନାମେଣ୍ଟ: ଶ୍ରୀକ୍ଷେତ୍ର କ୍ଲବ ଚାମ୍ପିୟନ

ପୁରୀ ଅଫିସ, ୯।୧

ଶାସନଦାମୋଦରପୁର ପଞ୍ଚାୟତ ଅଧୀନ ରାମହରିନୋଡାଲ ବିଦ୍ୟାଳୟ ଖେଳପଡ଼ିଆରେ ସାହାରା କ୍ଲବ୍ ପକ୍ଷରୁ ଚାଲିଥିବା ୧୩ତମ ସାହାରା ଭଲିବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀକ୍ଷେତ୍ର କ୍ଲବ ଏବଂ ପୁରୀ ପୋଲିସ ଲାଇନ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ପୋଲିସ ଲାଇନ ଟିମ୍‌କୁ ୨-୧ ଗୋଲରେ ହରାଇ ଶ୍ରୀକ୍ଷେତ୍ର କ୍ଲବ୍ ବାସୁଦେବ ଟ୍ରଫି ହାସଲ କରିଛି। ଅତିଥି ଭାବେ ଜିଲା ଭଲିବଲ୍ ଆସୋସିଏଶନ୍ ସମ୍ପାଦକ ନାରାୟଣ ମହାସୁଆର, ଜିଲା ସ୍କୁଲ କ୍ରୀଡ଼ା ଶିକ୍ଷକ ଗୋପାଳ ଚନ୍ଦ୍ର ପରିଡ଼ା, ବୁଦ୍ଧିଆ ମୁଦୁଲି, ଅଜୟ କୁମାର ସାହୁ, ଅଜୟ କୁମାର ତ୍ରିପାଠୀ ଏବଂ ସୁଷମା ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜାତୀୟ ସ୍ତରର ରେଫରି ସୁବୋଧ କୁମାର ଜେନା, ପ୍ରିୟରଞ୍ଜନ ସାହୁ, ବିଶ୍ୱଜିତ ବରାଳ, ଅଶୋକ ସାମଲ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ମିଥୁନ ବିଶ୍ୱାଳଙ୍କୁ ବିବେଚନା କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ପାର୍ଥସାରଥି ମୁଦୁଲି ଏବଂ ସମ୍ପାଦକ ଦାମୋଦର ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାମ୍ପିୟନ ଶ୍ରୀକ୍ଷେତ୍ର କ୍ଲବ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# କୈବର୍ତ୍ତଙ୍କୁ ମିଳିଥିଲା ଶ୍ରୀରାମଙ୍କ ପଦଧୌତ ସୁଯୋଗ

**ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ**

ପୁରୀ ଅଫିସ, ୯।୧

ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଶାରଦା ଗାର୍ଡେନ ପରିସରରେ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବର ଚତୁର୍ଥ ଦିବସରେ ରବିବାର ପୁରୀ ଶ୍ରୀଜିୟର ସ୍ୱାମୀ ମଠର ମହନ୍ତ ଇନ୍ଦିରାରମଣ ରାମାନୁଜାଚାର୍ଯ୍ୟ ସ୍ୱାମୀ ଜୀ ମହାରାଜ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ଅନ୍ୟ ଏକ ରୂପ ବୋଲି ମୁଖ୍ୟ ଅତିଥି ସ୍ୱାମୀଜୀ କହିଛନ୍ତି। ପୁରୀରେ ପଣ୍ଡିତ ବିଷ୍ଣୁଙ୍କ ଭଳି ବୈଦିକ ବ୍ରାହ୍ମଣ ଗୋସେବା ନିମନ୍ତେ ନିର୍ମାଣ କରିଥିବା ଗୋବିନ୍ଦ ଗୋଧାମ ଗୋଶାଳାରେ ଉଚ୍ଚମାନର ଗୋମାତାଙ୍କ ସେବାକୁ ସେ ପ୍ରଶଂସା କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ସଭାପତିତ୍ୱ କରିଥିଲେ। ଅନ୍ତର୍ଜାତୀୟ ରାମକଥା ବାଚକ ବ୍ୟାସ ସୁରେଶ ସାରଡ଼ା, ଶରତ ସାରଡ଼ା ରାମାୟଣ ପାଠର ଚତୁର୍ଥ ଦିବସରେ କୈବର୍ତ୍ତ ପ୍ରସଙ୍ଗ ଉପସ୍ଥାପନା କରି ଶ୍ରୀରାମଙ୍କ ପାଦ ଧୋଇବା ସୁଯୋଗ କିଭଳି କୈବର୍ତ୍ତ ପ୍ରାପ୍ତି କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଏହି ଅବସରରେ ମହୋତ୍ସବର ମାର୍ଗଦର୍ଶକ ତଥା ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରଜତ କୁମାର ପ୍ରତିହାରୀ ଓ ତାଙ୍କ ସହଧର୍ମିଣୀ ରାଜଲକ୍ଷ୍ମୀ ପ୍ରତିହାରୀଙ୍କୁ ସମ୍ମାନିତ କରାଯାଇଥିଲା।

# ବିଦ୍ୟୁତ୍ ସଂସ୍କାର ନାମରେ ଅରାଜକତାକୁ ବିରୋଧ

ପୁରୀ ଅଫିସ, ୯।୧

**ବିଦ୍ୟୁତ କର୍ମଚାରୀ ସଂଘର ୪୯ତମ ବାର୍ଷିକ ଅଧିବେଶନ**

ପୁରୀ ବିଦ୍ୟୁତ କର୍ମଚାରୀ ସଂଘର ୪୯ତମ ବାର୍ଷିକ ଅଧିବେଶନ ଏବଂ ପ୍ରତିନିଧି ସମ୍ମିଳନୀ ରବିବାର ସ୍ଥାନୀୟ ୟୁଥ୍ ହଷ୍ଟେଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୈଳାସ ରାୟ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀକୁ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପାୱାର ଏମ୍ପ୍ଲୋଇଜ୍ ୟୁନିୟନର ସଭାପତି ଧୋବେଇ ସାହୁ ଯୋଗଦେଇଥିଲେ। ସଂଘର ସଙ୍ଗଠନ ସମ୍ପାଦକ ସତ୍ୟନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମିଳନୀରେ ଉଦ୍‌ବୋଧନ ଦେଇ ବକ୍ତାମାନେ ରାଜ୍ୟରେ ବିଦ୍ୟୁତ ସଂସ୍କାର ନାମରେ ସରକାର ଅରାଜକତା, ଶୋଷଣକୁ ପ୍ରୋତ୍ସାହିତ କରିଆସୁଥିବା ଅଭିଯୋଗ ଆଣି ଏହାର ନିନ୍ଦା କରିଥିଲେ। ଏହା ବିରୋଧରେ ଶ୍ରମିକ ଓ କର୍ମଚାରୀମାନେ ଏକାଠି ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ନିମାପଡ଼ା ବିଭାଜନ ସମ୍ପାଦକ ରାଧାକାନ୍ତ ମିଶ୍ର ମଧ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ଯତୀନ୍ଦ୍ର କୁମାର ରାୟ ଏବଂ ଶ୍ରମିକ ନେତା ସୌରୀବନ୍ଧୁ କରଙ୍କ ସ୍ମୃତିରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ରାଜକିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବି.ଜଗଦୀଶ ପଟ୍ଟନାୟକ, ଗଣେଶ ଚନ୍ଦ୍ର ବେହେରା, ଜୟକୃଷ୍ଣ ମଲ୍ଲିକ, ଅକ୍ଷୟ ମହାରଣା, ପାର୍ଥସାରଥୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ODISHA STATE HOUSING BOARD
SACHIVALAYA MARG, BHUBANESWAR – 751001
Phones EPABX: (0674) 2393524, 2390141, 2391542, 2393277, FAX: (0674) 2393952
Visit us at: http://www.oshb.org

No-290/OSHB Dated 06.01.2022
File no. EB-156/2022

TENDER CALL NOTICE NO 02/CE/OSHB/2021-22
No.CAD-2729:-
E-procurement notice for online bidding
Chief Engineer, OSHB invites online tenders as per the following schedule.

| Sl. No. | Name of the work | BID Security to be transferred online only in Rs. | Cost of bid document to be transferred online only | Period of completion |
|---|---|---|---|---|
| 1 | Construction of Subhadra Enclave (A Residential Apartment) at Dumuduma Phase-III, Bhubaneswar, Odisha. | 1.5 Cr. | 10,000/- + (18% GST) = 11,800/- | 30 months |

1. Other details.

| Procurement Officer | Bid Identification No. | Availability of tenders for online bidding | |
|---|---|---|---|
| Chief Engineer, OSHB, Bhubaneswar | 02/CE/OSHB/2021-22 | From 12.01.2022 at 01.00 P.M. | To Dt.10.02.2022 upto 03.00 P.M. |

2. Place and date of opening of the bids : Office of the Chief Engineer, OSHB, Bhubaneswar at 12.30 P.M. on Dt.11.02.2022.
Further details can be seen from the website www.tendersorissa.gov.in.
OIPR-13030/11/0314/2122 Sd./- Chief Engineer



CENTRAL PUBLIC WORKS DEPARTMENT
PRESS NOTICE

All the contractor(s)/ firm(s)/ agencies intending to bid for works in Central Public Works Department (CPWD) are hereby informed that a new CPWD e-Tender & e-Auction website/portal is proposed to be made operational soon **in a phased manner.** All intending bidders are advised to **check both the existing website (http://www.tenderwizard.in/CPWD) as well as the new upcoming website** for participating in the tenders published on the respective websites till further notice.

To participate in the bidding process **for tenders to be hosted on the new website,** all intending contractor(s)/ firm(s)/ agencies are requested to register/update their profiles on the new e-Tendering and e-Auction websites: **https://etender.cpwd.gov.in** and **https://eauction.cpwd.gov.in** respectively. Information on updation of profiles is available on CPWD **Website https://www.cpwd.gov.in vide circular: https://www.cpwd.gov.in/WriteReadData/other_cir/50798.pdf.**

For any further assistance CPWD Helpdesk Team may be contacted **on 0120-6747214/4766312 or tendersupport@techmahindra.com.**


# ଅପହୃତା ନାବାଳିକା ଛାତ୍ରୀ ଉଦ୍ଧାର: ଅଭିଯୁକ୍ତ ଗିରଫ

**ଗୋପ,୯।୧(ଡି.ଏନ୍.ଏ.):** ପରୀକ୍ଷା ଦେବାକୁ ଆସିବାବେଳେ ବାଟରୁ ଅପହରଣ ହୋଇଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ରବିବାର ଗୋପ ପୋଲିସ ଅଭିଯୁକ୍ତ ପ୍ରସାଦ ବରାଳଙ୍କ ଘରୁ ଉଦ୍ଧାର କରିଛି। ଏହି ଘଟଣାରେ ପ୍ରସାଦଙ୍କୁ ଗିରଫ କରାଯାଇଛି। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ। ସୂଚନା ମୁତାବକ, ୫ତାରିଖ ସକାଳେ ଜଣେ ନାବାଳିକା ଛାତ୍ରୀ ପରୀକ୍ଷା ଦେବାକୁ ଘରୁ ବିଦ୍ୟାଳୟକୁ ଯାଉଥିଲେ। ମାତ୍ର ସ୍କୁଲରେ ପହଞ୍ଚିବା ପୂର୍ବରୁ ତାଙ୍କୁ ଅପହରଣ କରିନିଆଯାଇ ଥିବା ନେଇ ପରିବାର ପକ୍ଷରୁ ଗୋପ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ କେସ୍ (ନଂ. ୨/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପ୍ରସାଦ ସମ୍ପୃକ୍ତ ଛାତ୍ରୀଙ୍କୁ ଅପହରଣ କରି ନିଜ ଘରେ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା। ରବିବାର ସକାଳେ ପୋଲିସ ଗଣେଶ୍ୱରପୁରସ୍ଥିତ ହାଟସାହି ଗ୍ରାମର ପ୍ରସାଦଙ୍କ ଘରେ ଚଢ଼ାଉ କରି ଛାତ୍ରୀଙ୍କୁ ଉଦ୍ଧାର କରିଛି। ସେହିପରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କର ଓ ନାବାଳିକାଙ୍କ ଡାକ୍ତରୀ ମାଇନା କରାଇଛି। ତେବେ ଏହି ମାମଲାରେ ପୋଲିସ କୋହଳ ଦଫା ଲଗାଇଥିବା ଅଭିଯୋଗ ହେଉଛି।


CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ।
ପ୍ରେମବିବାହ, ବେପାର ବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶୀକରଣ, ସ୍ୱାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି
ବାବା ହସନ୍ ଅଲ୍ଲି
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ।
9560789896


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନିମାପଡ଼ା ସ୍ୱର୍ଣ୍ଣକାର ସଂଘର ସମାବେଶ

**ପୂର୍ଣ୍ଣଚନ୍ଦ୍ର ସଭାପତି, ହୃଦାନନ୍ଦ ସମ୍ପାଦକ**

**ନିମାପଡ଼ା,୯।୧(ଡି.ଏନ୍.ଏ.):** ନିମାପଡ଼ା ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ଜାତୀୟ ସଂହତି ଦିବସ ପାଳନ ଅବସରରେ ଏକ ସମାବେଶ, ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ମୁଦୁଲି ସାହିସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପଦ୍ମଚରଣ ସାହୁ, ସଦାଶିବ ସାହୁ, ଗଙ୍ଗାଧର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ହୃଦାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଣ୍ଣକାର କାରିଗରଙ୍କୁ ଶିଳ୍ପୀର ମାନ୍ୟତା, ସାଙ୍ଗଠନିକ ସ୍ଥିତିକୁ ଅଧିକ ମଜବୁତ ଓ କ୍ରିୟାଶୀଳ କରିବା, ବ୍ୟବସାୟୀ ଓ କାରିଗରଙ୍କୁ ଆବଶ୍ୟକ ଋଣ ଯୋଗାଇଦେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍ୱର୍ଣ୍ଣକାର କାରିଗର ଓ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟାର ପ୍ରତିକାର ଦିଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିସହ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, ଉପସଭାପତି ଭରତ ଚନ୍ଦ୍ର ସାହୁ, ସମ୍ପାଦକ ହୃଦାନନ୍ଦ ସାହୁ, ସହସମ୍ପାଦକ ସୂର୍ଯ୍ୟନାରାୟଣ ସେନାପତି, ସଙ୍ଗଠନ ସମ୍ପାଦକ ସଦାଶିବ ସାହୁ, କୋଷାଧ୍ୟକ୍ଷ ମନୋଜ କୁମାର ସାହୁ, ମୁଖ୍ୟ ପରାମର୍ଶଦାତା ପଦ୍ମଚରଣ ସାହୁ, ମୁଖ୍ୟ ଉପଦେଷ୍ଟା ଭାବେ ଗଙ୍ଗାଧର ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସଂଘ ପକ୍ଷରୁ ୨୧ଜଣିଆ କାର୍ଯ୍ୟକାରି କମିଟି ଗଠନ ହୋଇଛି। ନୂତନ ସଭାପତି ସାହୁ ସଂଘ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରି ଜାତୀୟ ସଂହତି ଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସମାରୋହରେ ନିମାପଡ଼ା ବ୍ଲକର ଶତାଧିକ ସ୍ୱର୍ଣ୍ଣକାର ବ୍ୟବସାୟୀ ଓ କାରିଗର ଯୋଗଦେଇଥିଲେ।


DSPL-388
MOFPI
MINISTRY OF FOOD PROCESSING INDUSTRIES
GOVERNMENT OF INDIA
ଓଡ଼ିଶା ସରକାର
APICOL
PMFME

ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଙ୍ଗଠିକରଣ ଯୋଜନା
(ପି.ଏମ.ଏଫ୍.ଏମ୍.ଇ.)

ଅଣସଂଗଠିତ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡିକୁ ସୁସଂଗଠିତ କରିବା ନିମନ୍ତେ ଏକ ବ୍ୟାଙ୍କ୍ ଋଣ ସଂଯୁକ୍ତ ପୁଞ୍ଜି ରିହାତି ଯୋଜନା

ହିତାଧିକାରୀ
ଖାଦ୍ୟ ପ୍ରକ୍ରିୟାକରଣ ସହ ଜଡିତ ଥିବା:
ଏକକ ଉଦ୍ୟୋଗ
ସ୍ୱୟଂ ସହାୟକ ଗୋଷ୍ଠୀ
କୃଷକ ଉତ୍ପାଦକ ସଂଘ
ସମବାୟ ସଂଘ

ପାଉଥିବା ସୁବିଧା
୧. ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ସଦସ୍ୟାଙ୍କ ପାଇଁ ୪୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଳ ପୁଞ୍ଜି ସହାୟତା।
୨. ଏକକ ଉଦ୍ୟୋଗମାନଙ୍କ ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି (ସର୍ବାଧିକ ୧୦ ଲକ୍ଷ ପର୍ଯ୍ୟନ୍ତ)।
୩. ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଘ, ସମବାୟ ଇତ୍ୟାଦି ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି।
୪. କମନ୍ ଇନ୍ କ୍ୟୁବେଶନ ସେଣ୍ଟର୍ ସୁବିଧା।
୫. ବ୍ରାଣ୍ଡିଂ ଓ ମାର୍କେଟିଂ ସହାୟତା।

ବିଶେଷ ବିବରଣୀ ନିମନ୍ତେ ନିଜ ଜିଲ୍ଲାର ଜିଲ୍ଲା ଶିଳ୍ପ କେନ୍ଦ୍ରରେ ସମ୍ପର୍କ କରନ୍ତୁ।
ହିତାଧିକାରୀମାନେ ଉପରୋକ୍ତ ସୁବିଧା ଲାଭ କରିବା ପାଇଁ http://pmfme.mofpi.gov.in/pmfme/#/Home-Page ୱେବ୍ ସାଇଟ୍ ରେ ଅନ୍ ଲାଇନ୍ ଆବେଦନ କରିବା ଜରୁରୀ।
ବିଶେଷ ସୂଚନା ନିମନ୍ତେ ଆମକୁ odishapmfme@gmail.com ରେ ଇ-ମେଲ୍ ଲେଖନ୍ତୁ।
OIPR-01046/13/0007/2122